


ବିଦେଶରେ ଜ୍ଞାନ କଥା, ଦେଶରେ ପାଟି ଚୁପ୍
ପୃଷ୍ଠା ୫


# ସଂଚାର THE SANCHAR


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 160 ଭାଗ ୩୪ | ସଂଖ୍ୟା ୧୬୦ | Monday 31 August 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର, ୩୧ ଅଗଷ୍ଟ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




## ପ୍ରଧାନମନ୍ତ୍ରୀଙ୍କୁ ଉଜ୍‌ବେକିସ୍ତାନର ସର୍ବୋଚ୍ଚ ସମ୍ମାନ

### ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ ୫୦୦ କୋଟି ଡଲାର ଛୁଇଁବା ଲକ୍ଷ୍ୟ

ତାସକେଣ୍ଟ,୩୦।୮ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରବିବାର ଉଜବେକିସ୍ତାନର ସମ୍ମାନଜନକ ସର୍ବୋଚ୍ଚ ନାଗରିକ ପୁରସ୍କାର 'ଓଲି ଦାରାଜାଲି ଦୁସ୍ତଲିକ' ସମ୍ମାନରେ ସମ୍ମାନୀତ କରାଯାଇଛି। ଦୁଇଦେଶ ମଧ୍ୟରେ ରଣନୈତିକ ସମ୍ପର୍କକୁ ମଜବୁତ କରିବା ଓ ଦ୍ୱିପାକ୍ଷିକ ବନ୍ଧୁତାକୁ ସୁଦୃଢ଼ କରିବାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଉଜବେକ୍‌ର ରାଷ୍ଟ୍ରପତି ଶଭକତ୍ ମିର୍ଜିୟୋୟେଭ୍ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ସର୍ବୋଚ୍ଚ ସମ୍ମାନ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ଏହାକୁ ଦୁଇ ଦେଶର ଶତାବ୍ଦୀ ପୁରୁଣା ବନ୍ଧୁତା ଓ ଭାରତର ୧୪୦ କୋଟି ଜନତାଙ୍କୁ ସମର୍ପଣ କରିଛନ୍ତି। ଏହି ସମ୍ମାନଜନକ ପୁରସ୍କାର ସହିତ ପ୍ରଧାନମନ୍ତ୍ରୀଙ୍କୁ ବିଭିନ୍ନ ବିଦେଶୀ ରାଷ୍ଟ୍ର ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ସମ୍ମାନର ସଂଖ୍ୟା ୩୫ରେ ପହଞ୍ଚିଛି। ପୁରସ୍କାର ପ୍ରଦାନ ପୂର୍ବରୁ ଦୁଇ ଦେଶର ନେତାଙ୍କ ମଧ୍ୟରେ ପୃଷ୍ଠା-୬

### ସମବାୟ ଇତିହାସରେ ଯୋଡ଼ି ହେବ ନୂତନ ଅଧ୍ୟାୟ

# ଘରେ ଘରେ ପହଞ୍ଚିବ ସମବାୟ ସେବା

- ମେଗା ଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ
- ପ୍ରତି ଗ୍ରାମୀଣ ପରିବାରରୁ ଜଣଙ୍କୁ ସମବାୟ ସଦସ୍ୟ କରିବା ଲକ୍ଷ୍ୟ
- ପ୍ରଥମ ଥର ପାକ୍ସ ଓ ଲ୍ୟାମ୍ପ୍ସ ଚାଷୀ ସଦସ୍ୟଙ୍କୁ ଲାଭାଂଶ ଦେବେ

ଭୁବନେଶ୍ୱର,୩୦।୮ (ସଂଚାର ବ୍ୟୁରୋ)ଃ ରାଜ୍ୟ ସମବାୟ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ଆସନ୍ତା ମଙ୍ଗଳବାର ଅର୍ଥାତ୍ ସେପ୍ଟେମ୍ବର ୧ ତାରିଖରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସମବାୟ କ୍ଷେତ୍ରର ସମ୍ପ୍ରସାରଣ ପାଇଁ ଏକ ମେଗା ସମବାୟ ସଦସ୍ୟତା ଅଭିଯାନ 'ସମ୍ବନ୍ଧ'ର ଶୁଭାରମ୍ଭ କରିବେ। ମେଗା ସଦସ୍ୟତା ଅଭିଯାନ 'ସମ୍ବନ୍ଧ' ଆରମ୍ଭ କରାଯିବା ସହ ଡିଜିଟାଲ ମାଧ୍ୟମରେ ସଦସ୍ୟତା ପଞ୍ଜିକରଣକୁ ସହଜ ଓ ସ୍ୱଚ୍ଛ କରିବା ପାଇଁ ନୂତନ ମୋବାଇଲ ଆପ୍ଲିକେସନ୍‌ର ମଧ୍ୟ ଶୁଭାରମ୍ଭ ହେବ। ସର୍ବୋପରି ଏହି ସଦସ୍ୟତା ଅଭିଯାନ ମାଧ୍ୟମରେ ସମବାୟ ବିଭାଗ ଗ୍ରାମାଞ୍ଚଳର ସମସ୍ତ ଘରୁ ଅତି କମ୍‌ରେ ଜଣଙ୍କୁ ସଦସ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହାକି ସମବାୟ ସେବାକୁ ସମସ୍ତ ଘରେ ଘରେ ପହଞ୍ଚାଇବାର ପଥ ସୁଗମ କରିବ ଓ ଗ୍ରାମୀଣ ଜୀବନ ଶୈଳୀକୁ ସହଜ ଓ ଉନ୍ନତ କରିବାରେ ସହାୟକ ହେବ। ଏହି ଅବସରରେ ସମବାୟ କ୍ଷେତ୍ରରେ ଏକାଧିକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ।



ଏଥିସହ ଓଡ଼ିଶା ସମବାୟ ଇତିହାସରେ ପ୍ରଥମ ଥର ପାଇଁ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଏବଂ ବୃହଦାକାର ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପ୍ସ)ଗୁଡ଼ିକ ଚାଷୀ ସଦସ୍ୟମାନଙ୍କୁ ଲାଭାଂଶ ପ୍ରଦାନ କରାଯିବା ନେଇ କାର୍ଯ୍ୟକ୍ରମ ରହିଛି। ପ୍ରଥମ ପର୍ଯ୍ୟାୟରେ ୧୮୦ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସର ପାଖାପାଖି ୩ ଲକ୍ଷରୁ ଅଧିକ ହିତାଧିକାରୀ ୧୪ କୋଟି ଟଙ୍କା ଲାଭାଂଶ ପାଇବେ। ସେହିପରି ରାଜ୍ୟ ସରକାର ମଧ୍ୟ ଅଂଶୀଦାର ଭାବେ ୪ କୋଟି ୨୨ ଲକ୍ଷ ଟଙ୍କା ପାଇବେ, ଯାହା ପୁନର୍ବାର ସମବାୟ କ୍ଷେତ୍ରର ବିକାଶ ପାଇଁ ବିନିଯୋଗ ହେବ। ଗ୍ରାମାଞ୍ଚଳର ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ଦୁଗ୍ଧ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବର୍ତ୍ତମାନ ୭୬ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସ ଦୁଗ୍ଧ ସଂଗ୍ରହ କେନ୍ଦ୍ର ଭାବେ କାର୍ଯ୍ୟ କରୁଥିବା ବେଳେ ଆସନ୍ତା ୧ରେ ଆଭାସୀ ମାଧ୍ୟମରେ ଆଉ ୨୧ଟି ପ୍ୟାକ୍ସ ଓ ଲ୍ୟାମ୍ପ୍ସରେ ନୂତନ ଦୁଗ୍ଧ ସଂଗ୍ରହ କେନ୍ଦ୍ରର ଉଦ୍‌ଘାଟନ କରାଯିବ।

ସେହିପରି କ୍ଷୁଦ୍ର ଓ ନାମମାତ୍ର ଚାଷୀମାନେ ଯେପରି କମ୍ ମୂଲ୍ୟରେ ଭଡ଼ା ସୂତ୍ରରେ ଆଧୁନିକ କୃଷି ଯନ୍ତ୍ରପାତି ବ୍ୟବହାର କରି ଚାଷକାର୍ଯ୍ୟ କରିପାରିବେ, ସେଥିପାଇଁ ପ୍ୟାକ୍ସ ଓ ଲ୍ୟାମ୍ପ୍ସଗୁଡ଼ିକୁ କୃଷି ସେବା କେନ୍ଦ୍ର ରୂପେ ବିକଶିତ କରାଯାଉଛି ଏବଂ ଏଭଳି ୫୦ଟି କୃଷି ସେବା କେନ୍ଦ୍ରର ଶୁଭାରମ୍ଭ ହେବ। ଏଥିସହ ଗ୍ରାମାଞ୍ଚଳର ଖାଉଟିମାନଙ୍କୁ ସୁଲଭ ମୂଲ୍ୟରେ ଦ୍ରବ୍ୟ ଯୋଗାଇଦେବା ପାଇଁ ୪୬ଟି ଖାଉଟି କେନ୍ଦ୍ର ଓ ଗ୍ରାମାଞ୍ଚଳର ଲୋକମାନଙ୍କୁ ବିଭିନ୍ନ ଅତ୍ୟାବଶ୍ୟକ ସରକାରୀ ଓ ବେସରକାରୀ ସେବା ସହଜରେ ଯୋଗାଇଦେବା ଉଦ୍ଦେଶ୍ୟରେ ୨୦୦ଟି ଜନସେବା କେନ୍ଦ୍ରର ମଧ୍ୟ ଶୁଭାରମ୍ଭ କରାଯିବ। ସ୍ୱଚ୍ଛତା ଓ ପୃଷ୍ଠା-୬

### କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠି

## ଜିଏମ୍ ବିଶ୍ୱବିଦ୍ୟାଳୟରେ ସି-ଡିଏସି କେନ୍ଦ୍ର ପ୍ରତିଷ୍ଠା ପାଇଁ ଅନୁରୋଧ

- ସମ୍ବଲପୁର ହେବ ଟେକ୍ନୋଲୋଜି ଓ ଇନୋଭେସନର ପ୍ରମୁଖ ପେଣ୍ଠସ୍ଥଳୀ
- ଯୁବବର୍ଗ ପାଇଁ ଉଚ୍ଚମାନର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ



ସମ୍ବଲପୁର,୩୦।୮ (ସଂଚାର ବ୍ୟୁରୋ)ଃ ଓଡ଼ିଶାର ଶିକ୍ଷା, ଆଇଟି ଓ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମକୁ ଅଧିକ ସୁଦୃଢ଼ କରିବା ପାଇଁ ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦୁଇଟି ପୃଥକ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ଅନୁରୋଧ କରିଛନ୍ତି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ 'ସେଣ୍ଟର ଫର ଡେଭଲପମେଣ୍ଟ ଅଫ ଆଡଭାନ୍ସଡ କମ୍ପ୍ୟୁଟିଂ' (ସି-ଡିଏସି)ର ଏକ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅନୁରୋଧ କରିବା ସହ ସମ୍ବଲପୁରସ୍ଥିତ 'ସଫ୍ଟୱେର ଟେକ୍ନୋଲୋଜି ପାର୍କସ ଅଫ ଇଣ୍ଡିଆ' (ଏସ୍‌ଟିପିଆଇ) କେନ୍ଦ୍ରର ସମ୍ପ୍ରସାରଣ କରିବା ପାଇଁ ଶ୍ରୀ ପ୍ରଧାନ ଆଗ୍ରହ ପ୍ରକାଶ କରିଛନ୍ତି।

ଶ୍ରୀ ପ୍ରଧାନ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ 'ସେଣ୍ଟର ଫର ଡେଭଲପମେଣ୍ଟ ଅଫ ଆଡଭାନ୍ସଡ କମ୍ପ୍ୟୁଟିଂ' ହେଉଛି ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ଅଗ୍ରଣୀ ଗବେଷଣା ଓ ବିକାଶ ସଂସ୍ଥା। ଏହା 'ପରମ' ସୁପର କମ୍ପ୍ୟୁଟର ଶୃଙ୍ଖଳା, ଭାରତୀୟ ଭାଷା କମ୍ପ୍ୟୁଟିଂ, ସାଇବର ସୁରକ୍ଷା, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଓ ହାଇ-ପରଫରମାନ୍ସ କମ୍ପ୍ୟୁଟିଂ (ଏଚପିସି) କ୍ଷେତ୍ରରେ ଦେଶକୁ ସ୍ୱାବଲମ୍ବୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ କହିଛନ୍ତି ଯେ ସମ୍ବଲପୁର ହେଉଛି ପଶ୍ଚିମ ଓଡ଼ିଶାର ପୃଷ୍ଠା-୬

## ସରକାରୀ କର୍ମଚାରୀଙ୍କ ଦରମାରୁ କଟିବ ଭରଣପୋଷଣ ଟଙ୍କା

- ଅବହେଳା କରୁଥିବା ସରକାରୀ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନାଲିଆଖି
- ପତ୍ନୀ ବା ସନ୍ତାନସନ୍ତତିଙ୍କ ଆକାଉଣ୍ଟକୁ ପୋଷଣ ଖର୍ଚ୍ଚ ପଠାଇବାକୁ ନିର୍ଦ୍ଦେଶ
- ଏଭଳି ୨-୩ଟି କେସ୍ ପ୍ରତି ଅଭିଯୋଗ ଶୁଣାଣିରେ ଆସୁଛି

ଭୁବନେଶ୍ୱର,୩୦।୮ (ସଂଚାର ବ୍ୟୁରୋ)ଃ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସ୍ୱାମୀଙ୍କଠାରୁ ଭରଣପୋଷଣ ପାଉ ନ ଥିବା ମହିଳା ଏବଂ ସନ୍ତାନସନ୍ତତିଙ୍କ ଚିନ୍ତା ଏବେ ଦୂର ହୋଇଛି। ଏଭଳି ପୁରୁଷ ସରକାରୀ କର୍ମଚାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରାଜ୍ୟ ସରକାରଙ୍କ ଅନେକ ପୁରୁଷ କର୍ମଚାରୀ ସେମାନଙ୍କର ସ୍ତ୍ରୀ ବା ସନ୍ତାନସନ୍ତତିଙ୍କୁ ଭରଣପୋଷଣ ସହାୟତା ଦେଉନାହାନ୍ତି। ଛାଡ଼ପତ୍ର ସମ୍ପର୍କିତ ପୋଷଣ ଖର୍ଚ୍ଚ ମଧ୍ୟ ସେମାନେ ଦେଉନାହାନ୍ତି। ଏଥିପାଇଁ ବିଭିନ୍ନ କୋର୍ଟରେ ବିଚାର ହୋଇ କୋର୍ଟଙ୍କ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶ ଥିବା ସତ୍ତ୍ୱେ ପୁରୁଷ କର୍ମଚାରୀ ଏହି ଭରଣପୋଷଣ ଦେବାରେ ଅବହେଳା କରୁଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ପ୍ରତ୍ୟେକ ଅଭିଯୋଗ ଶୁଣାଣି ସମୟରେ ହାରାହାରି ୨-୩ଟି ମାମଲା ଅଭିଯୋଗ ପ୍ରକୋଷ୍ଠକୁ ଆସୁଛି। ତେଣୁ ମୁଖ୍ୟମନ୍ତ୍ରୀ ଏହା ଉପରେ କଡ଼ା ଆଭିମୁଖ୍ୟ ନେଇ ଏହି ଅର୍ଥକୁ ସମ୍ପୃକ୍ତ କର୍ମଚାରୀଙ୍କ ଦରମାରୁ କାଟି ପ୍ରଦାନ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସରକାରୀ କର୍ମଚାରୀ ହୋଇ ଅଦାଲତର ଅବମାନନା କରିବା ଏବଂ ତା'ସହ ପତ୍ନୀ ଓ ପିଲାମାନଙ୍କ ପ୍ରତି ଏଭଳି ଅବିଚାର କରିବା ରାଜ୍ୟ ସରକାରଙ୍କ ପକ୍ଷେ ଆଦୌ ଗ୍ରହଣୀୟ ନୁହେଁ।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାଜ୍ୟ ସରକାର ସଂପୃକ୍ତ ମହିଳା ଓ ସନ୍ତାନସନ୍ତତିଙ୍କ ଭରଣପୋଷଣ ପାଇଁ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶନାମା ଅନୁଯାୟୀ ଭରଣପୋଷଣ ପ୍ରଦାନ ପାଇଁ ଅଦାଲତଙ୍କ ନିର୍ଦ୍ଦେଶନାମା ପାଇବା ପରେ ବିଭାଗୀୟ ଡ୍ରଇଂ ଆଣ୍ଡ ଡିସବର୍ସମେଣ୍ଟ ଅଫିସର ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ମାସିକ ଦରମା ବିଲ୍ ପ୍ରସ୍ତୁତ କରିବା ସମୟରେ ଭରଣପୋଷଣ ପାଇଁ ପୃଷ୍ଠା-୬

### ଗୋଟିଏ ରାଷ୍ଟ୍ର-ଗୋଟିଏ ସମୟ

## ଆସନ୍ତାବର୍ଷରୁ ଆଇଏସଟି ବାଧ୍ୟତାମୂଳକ




ନୂଆଦିଲ୍ଲୀ,୩୦।୮ଃ ସମଗ୍ର ଦେଶରେ 'ଗୋଟିଏ ରାଷ୍ଟ୍ର-ଗୋଟିଏ ସମୟ' ନୀତି ପ୍ରଚଳନ କରିବାର ଆଭିମୁଖ୍ୟ ନେଇ କେନ୍ଦ୍ର ସରକାର ଆସନ୍ତା ୨୦୨୭ ମସିହା ମାର୍ଚ୍ଚ ମାସଠାରୁ ଭାରତୀୟ ମାନକ ସମୟ (ଆଇଏସଟି) ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଆଇନ୍‌ଗତ, ଡିଜିଟାଲ, ବାଣିଜ୍ୟିକ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ସମ୍ପାଦିତ ହେଉଥିବା ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡ଼ିକରେ ବାଧ୍ୟତାମୂଳକ ଲାଗୁ କରାଯିବ। ଏଥିପାଇଁ କେନ୍ଦ୍ର ସରକାର ଖାଉଟି ବ୍ୟାପାର ମନ୍ତ୍ରଣାଳୟ ଅଧୀନସ୍ଥ ଲିଗାଲ ମେଟ୍ରୋଲୋଜି (ଆଇଏସଟି) ନିୟମ-୨୦୨୬କୁ ଅଧିସୂଚୀତ କରିଛନ୍ତି।

ଏହି ନୂତନ ନିୟମ ଅନୁଯାୟୀ, ସାରା ଦେଶରେ ସମସ୍ତ ଆଇନଗତ, ପ୍ରାଶାସନିକ, ବାଣିଜ୍ୟିକ ଓ ସରକାରୀ କାର୍ଯ୍ୟ ପାଇଁ ଭାରତୀୟ ମାନକ ସମୟ (ଆଇଏସଟି)କୁ ଏକମାତ୍ର ସାଧାରଣ ସମୟ ସୂଚକ (କମନ୍ ଟାଇମ୍ ରେଫେରେନ୍ସ) ଭାବେ ବାଧ୍ୟତାମୂଳକ କରାଯାଇଛି। ଏହା ସରକାରୀ ଗେଜେଟରେ ପ୍ରକାଶ ପାଇବାର ୧୮୦ ଦିନ ପରେ କାର୍ଯ୍ୟକାରୀ ହେବ ଓ ଆଇଏସଟିକୁ ବାଧ୍ୟତାମୂଳକ କରିବ। ଏଥିରେ କୌଣସି ପ୍ରକାର ଉଲ୍ଲଂଘନ କଲେ ଏହି ଆଇନରେ ଦଣ୍ଡବିଧାନର ବ୍ୟବସ୍ଥା ରହିଛି।

ଗୁରୁତ୍ୱପୂର୍ଣ୍ଣ ପ୍ରୟୋଗଗୁଡ଼ିକ ପାଇଁ 'ଜିପିଏସ୍' ପରି ଅନ୍ତର୍ଜାତୀୟ ସମୟ ଉତ୍ସ ଉପରେ ନିର୍ଭର ନକରି ଏକ ନିରାପଦ ଓ ଏକକ ରାଷ୍ଟ୍ରୀୟ ପୃଷ୍ଠା-୬

## 'ମନ୍ କୀ ବାତ୍'ରେ ମୈଥିଲିଙ୍କୁ ମୋଦିଙ୍କ ପ୍ରଶଂସା

ଭୁବନେଶ୍ୱର,୩୦।୮ (ସଂଚାର ବ୍ୟୁରୋ)ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତାଙ୍କର ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ'ର ୧୩୭ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। କାର୍ଯ୍ୟକ୍ରମରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ କେତେକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି। ଓଡ଼ିଶାର ମୈଥିଲି ଭୁଏଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଡେବ୍ରିଗଡ଼ରେ କେନ୍ଦୁପତ୍ର ଓ ମହୁ ସଂଗ୍ରହ ସହ ଜଙ୍ଗଲ ସଂରକ୍ଷଣ କରି ପ୍ରଶଂସା ସାଉଁଟିଛନ୍ତି ମୈଥିଲି। ମୈଥିଲିଙ୍କର ଏହି କାର୍ଯ୍ୟରେ ଏବେ ପ୍ରାୟ ୬୦ ମହିଳା ସାମିଲ ହୋଇଛନ୍ତି।



ମୈଥିଲିଙ୍କୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ବରଗଡ଼ ଜିଲ୍ଲା ଅନ୍ତର୍ଗତ ଡେବ୍ରିଗଡ଼ର ଧୋଡ୍ରୋକୁସୁମ ଗାଁର ମୈଥିଲି ଭୁଏ କିଛି ବର୍ଷ ତଳେ ପ୍ରାୟ ପ୍ରତିଦିନ ଜଙ୍ଗଲକୁ ଯାଉଥିଲେ। ସେ ଜାଳେଣି କାଠ ହେଉ କିମ୍ବା ମହୁଲ ଫୁଲ ସଂଗ୍ରହ ହେଉ, ମୈଥିଲୀ ଏହାକୁ ତାଙ୍କ ପରିବାରର ଏକ ଆୟର ପୃଷ୍ଠା-୬

### ବିଧାୟକ ଓ ମନ୍ତ୍ରୀଙ୍କ ଦରମା ଭତ୍ତା ବୃଦ୍ଧି ପ୍ରସଙ୍ଗ

## ପୁଣି ସରକାର ଆଣିବେ ସଂଶୋଧିତ ପ୍ରସ୍ତାବ

- ସଂସଦୀୟ ଯୁଗ୍ମ କମିଟି ସହ ଆଲୋଚନାରୁ ସଂକେତ

ଭୁବନେଶ୍ୱର,୩୦।୮ (ସଂଚାର ବ୍ୟୁରୋ)ଃ ପୁଣି ବିଧାନସଭାରେ ଆସିବ ବିଧାୟକ ଓ ମନ୍ତ୍ରୀଙ୍କ ଦରମା ଓ ଭତ୍ତା ବୃଦ୍ଧ ବିଲ୍। ସରକାରୀ ସ୍ତରରେ ଏନେଇ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। କିଛିଦିନ ତଳେ ପୂର୍ବତନ ବିଧାୟକମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସେମାନଙ୍କ ଦରମା ଓ ଭତ୍ତା ବୃଦ୍ଧି ନେଇ ଦାବି କରିଥିବା ବେଳେ ଆଜି ବିଧାୟକ ଓ ସାଂସଦଙ୍କ ଦରମା ଓ ଭତ୍ତା ସମ୍ପର୍କିତ



ସଂସଦୀୟ ଯୁଗ୍ମ କମିଟି ସହ ବାଚସ୍ପତି ଓ ସଂସଦୀୟ ମନ୍ତ୍ରୀ ଆଲୋଚନା କରିଛନ୍ତି।

ପାର୍ଲାମେଣ୍ଟ ଯୁଗ୍ମ କମିଟି ଭୁବନେଶ୍ୱର ଗସ୍ତରେ ଆସିଥିବା ବେଳେ ଆଜି ପ୍ରଥମେ ବାଚସ୍ପତି ସୁରମା ପାଢ଼ୀ ଓ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଓ ଅଧିକାରୀମାନଙ୍କ ସହ ପୃଥକ ପୃଥକ ଭାବେ ଓଡ଼ିଶା ବିଧାନସଭା ସଦସ୍ୟମାନଙ୍କର ଦରମା ପୃଷ୍ଠା-୬

## ଲଗାଣ ବର୍ଷା, ବୈତରଣୀରେ ଆସୁଛି ୭ମ ବନ୍ୟା

ଦଶରଥପୁର,୩୦।୮ (ସଂଚାର ବ୍ୟୁରୋ)ଃ ଲଘୁଚାପ ପ୍ରଭାବରେ ଗତକାଲି କେନ୍ଦୁଝରରେ ବର୍ଷା ହେବାରୁ ବୈତରଣୀ ନଦୀ ଜଳସ୍ତର ବଢ଼ିବାରେ ଲାଗିଛି। ଆଜି ଦିନ ୧୨ ଟାରେ ଆଖୁଆପଦା ଠାରେ ବୈତରଣୀ ନଦୀ

- ଗତ ୩୪ ଦିନ ହେଲା ଘରକୁ ଫେରିନାହାନ୍ତି ଲୋକେ
- ବର୍ଷାରେ ଭଦ୍ରକର ପୌରପାଳିକାରେ କୃତ୍ରିମ ବନ୍ୟା ସ୍ଥିତି

ବିପଦ ସଂକେତ ୧୮. ୩୩ ମିଟର ରହିଥିବା ବେଳେ ବର୍ତ୍ତମାନ ୧୭. ୮୨ ରେ ପହଞ୍ଚିଛି। ଯାହା ଫଳରେ ଦଶରଥପୁର ବ୍ଲକକୁ ଆଉ ଏକ ବନ୍ୟା ମାଡ଼ି ଆସୁଛି। ତେବେ ଦଶରଥପୁରକୁ ସପ୍ତମ ବନ୍ୟା ଆସୁଥିବା ବେଳେ



ବୈତରଣୀ ଶାଖା କାଣୀ ନଦୀର ତରପଦା ପଞ୍ଚାୟତ ଡୋଭାଓ୍ୱିଲ- ପାଟଣା ଏବଂ କଣ୍ଟପଡ଼ାଠାରେ ଥିବା ମୁକୁଳା ଘାଇ ଦେଇ ବନ୍ୟା ଜଳ ପ୍ରବେଶ କରି ପୁଣି ବିଭିନ୍ନ ପଞ୍ଚାୟତ ଜଳମଗ୍ନ ହେବା ଆଶଙ୍କା ଦେଖାଦେଲାଣି।

ସୂଚନା ଥାଉକି, ଜୁଲାଇ ୬ରେ ପ୍ରଥମ ବନ୍ୟାରେ ଦଶରଥପୁର ପ୍ରଭାବିତ ଆରମ୍ଭ ହୋଇଥିଲା ଓ ଆଜି ଏହା ୫୬ ଦିନରେ ପହଞ୍ଚିଛି। କିନ୍ତୁ ଜୁଲାଇ ପୃଷ୍ଠା-୬

### ମହିଳା ଏସିଆ କପ୍

## ଭାରତର ସହଜ ବିଜୟ

ଦୁବାଇ,୩୦।୮ଃ ଚଳିତ ମହିଳା ଏସିଆ କପ୍‌ରେ ଆଜି ଭାରତ ତା'ର ଅଭିଯାନ ବିଜୟରୁ ଆରମ୍ଭ କରିଛି। ଦଳ ପ୍ରଥମ ମୁକାବିଲାରେ ଥାଇଲାଣ୍ଡ୍‌କୁ ଭେଟିଥିବା ବେଳେ ଏଥିରେ ବୃହତ୍ ୯୪ ରନ୍ ବ୍ୟବଧାନରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ ପାଇଁ ଭାରତ ଓପନର ଶେଫାଳୀ ବର୍ମାଙ୍କ ୬୪ ରନ୍ (୮ ଚୌକା, ୩ ଛକା) ସହାୟତାରେ ୯ ୱିକେଟ୍‌ରେ ୧୫୯ ରନ୍ କରିଥିଲା। ଥାଇଲାଣ୍ଡ୍ ପକ୍ଷରୁ ଏସ. ଲାଓମି ୩ଟି ଓ ଏସ. ଚତୁରୋଙ୍ଗ୍ରାତାନା ୨ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ଏନ୍. କୋଆଁରୋଙ୍ଗେଇଙ୍କ ୪୧ ରନ୍ ସତ୍ତ୍ୱେ ୧୬.୧ ଓଭର୍‌ରେ ମାତ୍ର ୬୫ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ପକ୍ଷରୁ ନନ୍ଦନୀ ଶର୍ମା ଓ ଦୀପ୍ତି ଶର୍ମା ୩ଟି ଲେଖାଏଁ ଏବଂ ଶ୍ରୀ ଚରନୀ ୨ଟି ୱିକେଟ୍ ନେଇଥିଲେ।

### ନେପାଳ ବିଭୀଷିକା

## ମୃତ୍ୟୁସଂଖ୍ୟା ୭୮୧ ଛୁଇଁଲା

କାଠମାଣ୍ଡୁ,୩୦।୮ଃ ନେପାଳ ପାର୍ଶ୍ୱରେ ଆକସ୍ମିକ ହିମସ୍ଖଳନ-ଜନିତ-ବନ୍ୟା ମୃତ୍ୟୁସଂଖ୍ୟା ୭୮୧ରେ ପହଞ୍ଚିଥିବା ବେଳେ ଚୀନ ପାର୍ଶ୍ୱର ମୃତ୍ୟୁ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ସେହିପରି ତିବ୍ବତରେ ୫୪୬ ଜଣ ନିଖୋଜ ଥିବା ଚୀନ୍ କର୍ତ୍ତୃପକ୍ଷ ଘୋଷଣା କରିଥିବା ବେଳେ ଅଢେଇ ହଜାରରୁ ଅଧିକ ଅଦ୍ୟାବଧି ନିଖୋଜ ଥିବା ନେପାଳ ସରକାର କହିଛନ୍ତି। ବିପର୍ଯ୍ୟୟର ପଞ୍ଚମ ଦିନରେ ମଧ୍ୟ ଉଦ୍ଧାରକାରୀ ଦଳ ୮ଟି ସର୍ବାଧିକ ପ୍ରଭାବିତ ଜିଲ୍ଲାରେ ତଲାସୀ ଓ ଉଦ୍ଧାର ଅଭିଯାନ ଜାରି ରଖିଛନ୍ତି। ଉଦ୍ଧାର ହୋଇଥିବା ମୃତଦେହଗୁଡ଼ିକର ଡିଏନଏ ନମୁନା ସଂଗ୍ରହ କରିବା ପରେ ନେପାଳ ସରକାର ସେଗୁଡ଼ିକୁ ସମୂହ ପୋତିବା ଓ ପୋଡ଼ିବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଉଦ୍ଧାରକାରୀ ଦଳଗୁଡ଼ିକ ଏବେ ମୁଖ୍ୟତଃ ଡ୍ରିଲିଂ କରି ଟନେଲ ତଲାସୀ କାର୍ଯ୍ୟକୁ ଗୁରୁତ୍ୱ ଦେଉଛନ୍ତି।



### କାନ ଡେରିଥା

ନେପାଳ ଘଟଣା ଶିକ୍ଷା ଦେଇଛି
ଶିଖିବା ଆମେ ସଭିଏଁ
ପରିବେଶ ନିଜେ ବିଗାଡି ଦେଉଛେ
ତାର ପରିଣାମ ଇଏ
ଶୁଣିବ ଅବା ବା କିଏ ?
ଧ୍ୱଂସ ହେଉ ପଛେ ଆମରି ପୃଥିବୀ
କାହାର କି ଅବା ଯାଏ ?

■ ଦେବାଶିଷ

# ଇଥାନଲ୍ ଆଳ, କମ୍ପାନୀ ବଢ଼ାଇଲେ କୁକୁଡ଼ା ଦର

ଭୁବନେଶ୍ୱର,୩୦।୮ (ସଂଚାର ବ୍ୟୁରୋ)ଃ କୁକୁଡ଼ା ମାଂସ ଉତ୍ପାଦନରେ ଓଡ଼ିଶା ଏକ ବଳକା ରାଜ୍ୟ ହୋଇଥିବା ବେଳେ ଇଥାନଲକୁ ଆଳ କରି କିଛି କମ୍ପାନୀ ଏବେ ବ୍ରଏଲର କୁକୁଡ଼ାର ଦର ବଢ଼ାଇ ଚାଲିଛନ୍ତି। ଦିନକୁ କିଲୋ ପିଛା ରେକର୍ଡ ୨୦ ଟଙ୍କା ବୃଦ୍ଧି କରିବା ଫଳରେ ଖୁଚୁରା ବଜାରରେ ମଧ୍ୟ କୁକୁଡ଼ା ମାଂସ ଦର ବି ବଢ଼ିବାରେ ଲାଗିଛି। ଓଡ଼ିଶାର କୁକୁଡ଼ା ଚାଷକୁ ନିୟନ୍ତ୍ରଣ କରୁଥିବା ଏହି କମ୍ପାନୀଙ୍କ ଉପରେ ସରକାର ଲଗାମ ନ ଲଗାଇଲେ ଏମାନେ ସରକାରଙ୍କୁ ଖୁବ୍‌ଶୀଘ୍ର ବଦ୍‌ନାମ କରିଦେବେ ବୋଲି କୁକୁଡ଼ା ଚାଷୀମାନେ ମତ ଦେଉଛନ୍ତି। ଓଡିଶାର କୁକୁଡ଼ା ଚାଷକୁ ମୁଖ୍ୟତଃ ୮ଟି କମ୍ପାନୀ ନିୟନ୍ତ୍ରଣ କରୁଛନ୍ତି। ଏମାନଙ୍କ ବ୍ୟତୀତ ଆଉ କିଛି ଛୋଟ ଛୋଟ କମ୍ପାନୀ ମଧ୍ୟ ଗାଁଗହଳରେ କୁକୁଡ଼ା ଚାଷର ପୃଷ୍ଠପୋଷକ ସାଜିଛନ୍ତି। ଏହିସବୁ କମ୍ପାନୀ ଚାଷୀମାନଙ୍କୁ କୁକୁଡ଼ା ଛିଆଁ, ଦାନା, ଔଷଧ ଆଦି ଯୋଗାଇଦେବା ସହ କୁକୁଡ଼ାଗୁଡ଼ିକ ବଡ଼ ହେଲେ ତାହାକୁ ନେଇଥାନ୍ତି। ଚାଷୀମାନେ କିଲୋ ପିଛା ୩ରୁ ୫ଟଙ୍କା ପର୍ଯ୍ୟନ୍ତ ପାଇଥାନ୍ତି। ଏପିରିକି କୁକୁଡ଼ାକୁ ବଜାରରେ ବିକିବାର ଅଧିକାର ମଧ୍ୟ ଚାଷୀର ନ ଥାଏ।

ଏହିସବୁ କମ୍ପାନୀଗୁଡ଼ିକ ରାଜ୍ୟର କୁକୁଡ଼ା ବଜାରକୁ ନିୟନ୍ତ୍ରଣ କରିଥାନ୍ତି। ବର୍ତ୍ତମାନ

### ଶ୍ରାବଣ ଶେଷରେ ଖେଳ ଆରମ୍ଭ

### ସରକାରଙ୍କୁ ବଦନାମ ପାଇଁ ଉଦ୍ୟମ



ଓଡ଼ିଶାରେ ପ୍ରାୟ ୪୦ ହଜାର କୁକୁଡ଼ା ଚାଷୀ ଥିବା ବେଳେ କୁକୁଡ଼ା ମାଂସ ଉତ୍ପାଦନରେ ରାଜ୍ୟ ବଳକା ହୋଇପାରିଛି। ଓଡ଼ିଶାରୁ ଉତ୍ପାଦିତ କୁକୁଡାର ୩୦ରୁ ୪୦% ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଆଦି ରାଜ୍ୟକୁ ଦୈନିକ ରପ୍ତାନୀ ହୋଇଥାଏ। ଶ୍ରାବଣ ମାସ ଯୋଗୁଁ ରାଜ୍ୟରେ କୁକୁଡ଼ା ବ୍ୟବସାୟ ମାନ୍ଦା ରହିବା ସହ ରପ୍ତାନୀ ବି କମ୍ ରହିଥିଲା। ଶ୍ରାବଣ ସରିବା ପରେ ଏହିସବୁ କମ୍ପାନୀ ସେମାନଙ୍କର ଅସଲ ଖେଳ ଖେଳିଛନ୍ତି। ଚାଷୀମାନଙ୍କଠାରୁ କୁକୁଡ଼ା ସଂଗ୍ରହ ଆରମ୍ଭ କରିଛନ୍ତି। ତେବେ ଗୋଟିଏ ଦୁଇଟି କମ୍ପାନୀ ମନଇଚ୍ଛା ଦର ବୃଦ୍ଧି କରିବାରେ ଲାଗିଛନ୍ତି। ଇଥାନଲ ଯୋଗୁଁ କୁକୁଡ଼ା ଦାନା ଦର ବୃଦ୍ଧି ହୋଇଛି ଓ ତଦନୁଯାୟୀ କୁକୁଡ଼ା ଦର ବଢ଼ିବ ବୋଲି ଦର୍ଶାଉଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ ଗୋଟିଏ ଦିନରେ ଗୋଟିଏ କମ୍ପାନୀ କିଲୋ ପିଛା ୨୦ରୁ ୨୧ ଟଙ୍କା ବୃଦ୍ଧି କରିଛି। ଫଳରେ ବଜାରରେ ଏବେ କୁକୁଡ଼ା ମାଂସ କିଲୋ ପିଛା ଦର ୨୬୦ ଟଙ୍କା ଅତିକ୍ରମ କରିଛି।

କୁକୁଡ଼ାର ପାଇକାରୀ ଦର କେତେ ରହିବ କିଛି କମ୍ପାନୀ ପ୍ରତିଦିନ ତାହାର ଦର ବିଜ୍ଞାପନ ଆକାରରେ ଦେଇଥାନ୍ତି। ହେଲେ ଦର ବଢ଼ାଇବା ଚକ୍କରରେ କିଛି କମ୍ପାନୀ ଏବେ ମେଣ୍ଟରୁ ଓହରିଯାଇଥିବା ସୂଚନା ମିଳିଛି। ଫଳରେ କୁକୁଡ଼ା ମାଂସର ବଜାର ଦର ଅସ୍ଥିର ହେବାରେ ଲାଗିଛି। ଚାଷୀ ଟଙ୍କାଟିଏ ଲାଭ ପାଉ ନ ଥିବା ବେଳେ କମ୍ପାନୀମାନେ ବିନା କାରଣରେ ଦର ବୃଦ୍ଧି କରି ଖାଉଟିମାନଙ୍କୁ ଶୋଷିବାରେ ଲାଗିଛନ୍ତି।

ସବୁଠୁ ବଡ଼ କଥା ହେଲା, କୁକୁଡ଼ା ଚାଷ ପାଇଁ ସମସ୍ତ ପ୍ରକାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେଉଥିବା ରାଜ୍ୟ ସରକାରଙ୍କର ଏହି କମ୍ପାନୀଗୁଡ଼ିକ ଉପରେ କୌଣସି ନିୟନ୍ତ୍ରଣ ନାହିଁ। କମ୍ପାନୀ ଚାହିଁଲେ ବଜାରରେ ଦର ବଢ଼ିବ, କମ୍ପାନୀ ଚାହିଁଲେ ବଜାରରେ ଦର କମିବ। ଚାଷୀ କେତେ ପଇସା ପାଇବ ତାହା ବି କମ୍ପାନୀ ସ୍ଥିର କରିବ। ଏବେ ଚିନି, ଅଣ୍ଡା ଆଦିର ଦର ବୃଦ୍ଧି ପାଇଁ ଇଥାନଲକୁ ଆଳ କରାଯାଉଥିବା ବେଳେ ସେହି ମଉକାରେ କିଛି କମ୍ପାନୀ କୁକୁଡ଼ାର ଦର ହଠାତ୍ ବଢ଼ାଇ ଦେଇଛନ୍ତି। ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ ନ କଲେ କେବଳ ରାଜ୍ୟର ଖାଉଟିମାନେ ଶୋଷଣର ଶିକାର ହେବେନାହିଁ, ସରକାର ବି ବଦ୍‌ନାମ ହେବେ ବୋଲି କୁକୁଡ଼ା ଚାଷୀମାନେ ମତ ଦେଉଛନ୍ତି।

# ନିର୍ଜୀବ ପ୍ରେମ



## ଡ.ଚନ୍ଦ୍ରକଳା ନାୟକ



ବସ ଚାଲିଛି। ଖରାଟାବି ମଳିନ ପଡ଼ି ଗଲାଣି। ଘାସ ଉପରେ ପଡ଼ିଥିବା କାକର ବିନ୍ଦୁ ସବୁ କେତେବେଳୁ ଶୁଖି ସାରିଲାଣି। ହେଲେ କିନ୍ତୁ ଗୁଳୁଗୁଳି କମିବାର ନାଁ ଧରୁନି। ଶରୀରର କୋଣ ଅନୁକୋଣରେ ଝାଳ ଖାଲି ଜକେଇ ଆସୁଛି। ପ୍ରବଳ ଗହଳି, ଠେଲାପେଲା, କିଏ କାହା ଉପରେ ଝୁଣ୍ଟି ପଡ଼ିଲେଣି ତାର ହିସାବ ନାହିଁ। ତାରି ଭିତରେ ରବିବାବୁ ଯେନ ତେନ ପ୍ରକାରେଣ ଏକପାଦିଆ ହୋଇ ଠିଆ ହୋଇଥିଲେ। ବସରେ ଧରିବାକୁ କିଛି ସାହାରା ବି ତ ନାହିଁ। ଉଚ୍ଚତା କମ ଥିବାରୁ ମଝି ରେଲିଂକୁ ହାତ ବି ଯାଉନି। ହଠାତ ଏକ ଧକ୍କାରେ ରବିବାବୁ ଲଗେଜ ରଖା ରେଲିଂକୁ ଧରିନେଲେ। ମନେ ମନେ ଭାବିଲେ ଓ .. ହୋ .. ଅଜି ଶନିବାର ତ, ସେଥିପାଇଁ ଏତେ ଭିଡ। ଶନିବାର ସବୁ ସରକାରୀ ଚାକିରିଆ ଓ ବେସରକାରୀଙ୍କ ଏଇଟା ଫେରିବା ସମୟ। ରବିବାବୁ ତାଙ୍କ ବ୍ୟାଗଟି ଲଗେଜ ଜାଲିରେ ରଖିଦେଲେ। ଦୀର୍ଘ ନିଶ୍ୱାସ ଛାଡି... ଓ.. ହୋ.. ଟିକେ ଶାନ୍ତ ମିଳିଲା କହି ଆଶ୍ୱସ୍ତ ଅନୁଭବ କରୁଥିଲେ। କିନ୍ତୁ ବସରେ ଠେଲାପେଲା ସେମିତି ଜାରି ରହିଥାଏ। ବସଟି ଏଥର ଲିଙ୍କରୋଡ ଅତିକ୍ରମ କରି ଓଏମପି ଛକରେ ପହଞ୍ଚିଲା। ଓଏମପି ଛକରେ ତଳ ପାହାଚ ପର୍ଯ୍ୟନ୍ତ ଲୋକଙ୍କ ଭିଡ। ବିଚରା ରବିବାବୁଙ୍କ ମୁହଁ ରହିଲା ପଛ ପଟ ସିଟ ଆଡକୁ। ରବିବାବୁଙ୍କ ବୟସ ପଇଁଚାଳିଶ ପାଖାପାଖି ହେବ। କହରା ନିଶ, ପାନଖିଆ ଦାନ୍ତ, ଶ୍ୟାମଳ ରଙ୍ଗ। ହେଲେ ବେଶଭୂଷା କିନ୍ତୁ ଆକର୍ଷଣୀୟ। ସୁଟ, ବୁଟ, ଟାଏ, କୋର୍ଟ ତା ସହିତ ସୁଗନ୍ଧିତ ପର୍ଫ୍ୟୁମ। ଡାହାଣ ହାତର ଦୁଇ ଆଙ୍ଗୁଠିରେ ଦଶା କଟିବା ମୁଦି ଦିଟା। ମୁହଁର ଗଢଣଟି ପୁରା ଚେକା ଥାଳିଆ ପରି। ରବିବାବୁ ହସିଦେଲେ ତାଙ୍କ ଦାନ୍ତ ଦିଟା ବି ଲାଜେଇ ଯାନ୍ତି। ସପ୍ତାହକ ପରେ ଆଜି ଘରକୁ ଫେରିବେ ବୋଲି ନିଶ ଧାଡି କେଶ ସବୁ ସାଇଜ କରାଯାଇଛି। ଗହଳି ଭିତରେ ସାମାନ୍ୟ ଝାଳେଇ ଯାଇଛି ବେକତଳ। ଝାଳରେ ମୁହଁର ଉଜ୍ଜ୍ୱଳତା ଟିକେ କମି ଯାଇଛି।

ବସ ଭିତରେ ରବିବାବୁ ବ୍ୟବସ୍ଥିତ ହେବା ପରେ ବସର ଗତି ସହ ସନ୍ଧି କରିନେଲେ। ବସ ଏବେ ଶିଖରପୁର ପାର ହୋଇ ଆଗକୁ ଗଡ଼ି ଚାଲିଛି। ରବିବାବୁ ଠିଆ ହୋଇଥିବା କଡରେ ଦୁଇଜଣ କିଶୋର କିଶୋରୀଙ୍କ କଥାବାର୍ତ୍ତା ଶୁଣିଲେ। ଦୁହେଁ କୋଳରେ ମେଞ୍ଚାଏ ଜିନିଷ ଧରି ପାଖାପାଖି ବସିଥାନ୍ତି। ନିର୍ବିଘ୍ନରେ ବଡପାଟିରେ ଗପୁଥାନ୍ତି। ଯେମିତି ଏ ବସ ଭିତରେ କେହି ନାହାନ୍ତି! ରବିବାବୁଙ୍କୁ ସେମାନଙ୍କ କଥା ତ ଶୁଭୁଛି, ହେଲେ ସେମାନଙ୍କ ମଧ୍ୟରେ ସମ୍ପର୍କଟା କଣ ରବିବାବୁ ବୁଝି ପାରୁ ନଥାନ୍ତି। ସେମାନେ ପ୍ରେମୀ ଯୁଗଳ କିମ୍ବା ସହପାଠୀ ତାହା ରବିବାବୁଙ୍କୁ ଦ୍ୱନ୍ଦରେ ପକାଉଥାଏ। ଏଥର ରବିବାବୁ ବିରକ୍ତ ହୋଇ ନିଜର ଦୃଷ୍ଟି ଅନ୍ୟ ଆଡକୁ ବୁଲାଇଲେ। ଦୃଷ୍ଟି ପଡ଼ିଲା ଜଣେ ସୁନ୍ଦରୀ ମହିଳାଙ୍କ ଉପରେ। କି ଆଶ୍ଚର୍ଯ୍ୟ! ସେ ମହିଳା ଜଣକ ସିଧା ରବିବାବୁଙ୍କୁ ଦେଖୁଥିଲେ। କେତେ ବେଳୁ ରବିବାବୁଙ୍କ ମୁଖ ମଣ୍ଡଳ ଉପରେ ତାଙ୍କ ଦୃଷ୍ଟି ସଳଖି ପଡ଼ିଛି ସେ ଦିଗକୁ ରବିବାବୁଙ୍କର ଦୃଷ୍ଟି ହିଁ ନାହିଁ। ଏହା କଣ ତନ୍ମୟତା ନାଁ ଅନ୍ୟ ମନସ୍କତା। ବିସ୍ମିତ ହେଲେ ରବିବାବୁ। ଏମିତି କେବଳ ବସ ଭିତରେ ନୁହେଁ, ତାଙ୍କ ଅଫିସରେ, ବାହାରେ, ହାଟରେ, ବାଟରେ, ସେ ଅନେକ ମହିଳାଙ୍କୁ ଦେଖିଛନ୍ତି। ସେ ତାଙ୍କ ତରଫରୁ ମହିଳାଙ୍କୁ ଚାହିଁବାକୁ ଇଚ୍ଛା ତ ହୁଏ, କିନ୍ତୁ ତାଙ୍କୁ କେହି ଦୃଷ୍ଟିରେ ଏକାଗ୍ରତାରେ ଚାହିଁଥିଲେ। ରବିବାବୁ ଜାଣନ୍ତି, ତାଙ୍କ ଚେହେରାକୁ ଜଣେ ମହିଳା ନିରେଖି ଦେଖିବା ଭଳି କିଛି ନାହିଁ। ତଥାପି ଏହା ନିରାଟ ସତ୍ୟ। ଉତ୍ସୁକତା ଓ ଆକର୍ଷଣରେ ରବିବାବୁ ବି ଏଥର ଭଦ୍ର ମହିଳାଙ୍କୁ କଣେଇ ଚାହିଁଲେ। ସେଇ ମହିଳାଙ୍କ ପଦ୍ମ ଫୁଲ ଭଳି ମୁଖକୁ ନିଜର ବେନି ନୟନରେ ଆକଣ୍ଠ ପାନ କରିବାକୁ ଇଚ୍ଛା କଲେ। ଚିକ୍କଣ ସୁନ୍ଦର ମୁଖ ମଣ୍ଡଳ, ଚମ୍ପାଫୁଲିଆ ବର୍ଣ୍ଣ, ଘନକୃଷ୍ଣ ଦୀର୍ଘ କେଶ ରାଶି, କଜଳ ବଦନ ପଦ୍ମ ପରି, ଆଖି, ନାକ, ଓଠ, ଗଣ୍ଡ ଦେଶ ସବୁ ଯେପରି ଛାଞ୍ଚରେ ତିଆରି। ଗୋଟିଏ ବି ଦାଗ ନାହିଁ ଯେମିତି ଏକ ଆକର୍ଷଣୀୟ ଚିତ୍ରପଟଟିଏ।

ରବିବାବୁ ଆଖି ଫେରାଇ ପାରିଲେ ନାହିଁ। ମନେ ମନେ ଭାବିଲେ କଣ ପରିଚୟ? ସେ ଭଦ୍ର ମହିଳା ତ ଦୋ ଦୋ ଚିହ୍ନା ପରି ଲାଗୁ ନାହାନ୍ତି। ରବିବାବୁଙ୍କ ଦୂର ସମ୍ପର୍କ ବି ନାହିଁ। ଏଭଳି ପ୍ରଥମ ସାକ୍ଷାତ। ରବିବାବୁ ଆଉ ଥରେ ବେକ ବୁଲାଇଲେ। ସିଟରେ ବସିଥିବା କିଶୋର କିଶୋରୀ ହାତରେ ବିସ୍କୁଟ ଧରି ଖୁଆ ଖୋଇ ହେଉଥିଲେ। ପଇଁଚାଳିଶ ବର୍ଷର ରବିବାବୁଙ୍କ ମନରେ କିଆଁ ଲାଗିଲା। ପୁଣି ବେକ ବୁଲାଇ ପଛ ସିଟ ଆଡକୁ ଅନାଇଲେ ବେଳକୁ ସେ ମହିଳାଙ୍କ ଚାହାଣୀରେ ଏକ ଚମକ ଖେଳୁଥିଲା। ଶତ ଚେଷ୍ଟା ସତ୍ତ୍ୱେ ବି ସେ ଦିଗରୁ ନିଜର ଆଖିକୁ ସେ ଫେରାଇ ପାରିଲେ ନାହିଁ।

ବୟସ ଦୃଷ୍ଟିରୁ କେହି କାହା ପାଇଁ ଅଗ୍ରାହ୍ୟକ ନଥିଲେ। ଜୀବନର ଅତୀତକୁ ରୋମନ୍ଥନ କରି ଦେଖି ଏପରି ଏକ ମୁହୂର୍ତ୍ତକୁ ଖୋଜୁଥିଲେ। ସେପରି ଘଟଣାର ନଜିର ହିଁ ନାହିଁ। ମନେ ମନେ ଭାବୁଥିଲେ କିଛି ତ ଗୋଟିଏ ଘଟଣା ତ ଘଟିବା ଏଭଳି ପାଇଁ ବୋଧେ ତାଙ୍କ ଜୀବନରେ ଏଭଳି ଏକ ମଧୁର ସମୟର ସୁଯୋଗ ପାଇବାର ବହୁ ବିଳମ୍ବ ହେଲାଣି। ଭାଲେ କିଛି ଅଘଟଣ ସୃଷ୍ଟରେ ପ୍ରାପ୍ତ ହୋଇଯିବା କାଳ୍ପନିକ ରସ ହୃଦୟରେ ଫୁଟିବାକୁ ଲାଗିଲା। ଅନେକ ଦିନରେ ତାଙ୍କ ଭିତରେ ମରି ଯାଇଥିବା ପ୍ରେମ ଓ ପ୍ରଣୟର ଫୁଲ ବି ଜୀବନ ପାଉଥିଲା। କିନ୍ତୁ ସେ ଫୁଲମାଳାକୁ ଛିଡ଼ାଇ ଥିଲା ରବିବାବୁଙ୍କ ବିବେକ। ସ୍ୱପ୍ନରୁ ବାହାରି ବାସ୍ତବ ଦୁନିଆକୁ ଦେଖି ମନେ ମନେ ରବିବାବୁ ନିଜକୁ ସର୍ବଶରେ ଯାଳି ଯୁଳି ହୋଇ ପଡୁଥିଲେ। ହଠାତ ବସର ଗତିରୋଧରେ ଆଗକୁ ଝୁଙ୍କି ପଡ଼ିଲେ। ପୁଣି ମୁହଁ ବୁଲାଇ ଦେଖିଲେ, ସେ ଜୀବନ୍ତ ଆକର୍ଷଣୀୟ ପ୍ରତିମାଟି ତାଙ୍କୁ ଅନାଇ ରହିଛି। ମହିଳାଙ୍କ ଚାହାଣୀ ବେଶ ଆକର୍ଷଣୀୟ ଥିଲା। ହଠାତ ମହିଳା ତାଙ୍କ ଲୁଗାଟିକୁ ସଜାଡି ନେଲେ। ଲମ୍ବା ବେଣୀଟାକୁ ଆଗକୁ ପକାଇଲେ। ଆରେ ... ଏ କଣ! ଆରେ ଏ ତ ଲୁଆଁଖିଆ ଛକ! ଏଠି ତ ଅନେକ ଲୋକ ଓହ୍ଲାଇବେ। ସେ ଭିଡ ଭିତରେ ଭଦ୍ର ମହିଳାଟି ହାତରେ ସୁନ୍ଦର ଭ୍ୟାନିଟି ବେଗଟିଏ ଧରି ଓହ୍ଲାଇବାର ଉପକ୍ରମରେ ରବିବାବୁଙ୍କ ନିକଟରେ ହେଲେ। ତାହା ହିଁ ସମସ୍ତଙ୍କ ଓହ୍ଲାଇବାର ମାର୍ଗ। ବିଚରା ରବିବାବୁ ଅନୁକୂଳିତ ଭାବେ ଗୋଟେ ପଟକୁ ଚାପି ପଡ଼ିଲେ। ହେଲେ ଭଦ୍ର ମହିଳା ଧୀରେ ଧୀରେ ତାଙ୍କ ନିକଟତର ହେଉଥିଲେ। ଭଦ୍ର ମହିଳାଙ୍କ ଏମିତି ନିର୍ଭୀକ ଭାବେ ଏତେ ସ୍ପଷ୍ଟ ଚାହାଣୀ ନିକଟରେ ରବିବାବୁ ପ୍ରମୁଦ ହୋଇଗଲେ। ରବିବାବୁ ଆଶଙ୍କା କରୁଥିଲେ କାଳେ ମହିଳା ଜଣକ ତାଙ୍କୁ ଏମିତି ପ୍ରେମଭରା ଚାହାଣୀରେ କାହିଁକି ଚାହୁଁଥିଲେ, ତାଙ୍କୁ ପଚାରି ଦେବେ। ଏମିତି ଜଟିଳ ଶବ୍ଦ ଉତ୍ତର ପଛରେ ଉଡ଼ୁଥିଲେ ରବିବାବୁ।

ଭଦ୍ର ମହିଳା ମୁହଁ ଖୋଲିଲେ। ଯେମିତି ସୁନ୍ଦରୀ ସେମିତି ସୁକଣ୍ଠୀ। ଆଜ୍ଞା- କିଛି ଯଦି ମନେ ନକରିବେ ଗୋଟେ କଥା ପଚାରିବି। ରବିବାବୁ ଅପ୍ରସ୍ତୁତ ହୋଇ... ହଁ ..ନାଇଁ .. ହଁ ... କହି ରବିବାବୁଙ୍କ ପାଟି ଶୁଖି ଉଠିଗଲା। ଦେହ ଝାଳ ଝରୁଥିଲା। ଝାଳ ଧାରେ ଗାଲ ଉପରକୁ ବୁହିଥିଲା। ଭଦ୍ର ମହିଳା ମୃଦୁ କଣ୍ଠରେ କହିଲେ ଆଜ୍ଞା.. ଆପଣ କେଉଁଠୁ ଏ ଟାଏ ଆଣିଛନ୍ତି? ଏଇ ଟାଏ କେଉଁଠି ଆଣିଛନ୍ତି। ତାହା ଖୁବ ଆକର୍ଷଣୀୟ। ଦୂରରୁ ଖୁବ ସୁନ୍ଦର ଦିଶୁଛି। ରବିବାବୁ ଆଚମ୍ବା ହୋଇ ପାରୁଥିଲେ ସେଇ ଭଦ୍ର ମହିଳାଙ୍କ ଲୁଚ, କହୁଥିଲେ ମର୍ମିଳ ଭଦ୍ର ମହିଳା ଯେଉଁ ପ୍ରେମରେ ପଡ଼ିଥିଲେ ତାହା ରବିବାବୁଙ୍କ ଯୁଡକ ମଣିଷର ପ୍ରେମରେ ନୁହେଁ ବରଂ ଏ ଆଧୁନିକ ଟାଏ ପ୍ରେମରେ। ଟାଏରେ ଜିକାଣୀ ରବିବାବୁଙ୍କ ପାଟିରୁ ଆଉ ଆଉ ବାହାରି ଆସିଲା ଭଦ୍ର ମହିଳା ଏଥର ଧନ୍ୟବାଦ କହି, ଶେଷଥର ପାଇଁ ବେକରେ ଲୁଚାଇ ସେ ଟାଏକୁ ଅତି ନିକଟରୁ ଦେଖୁଥିଲେ। ଲଜ୍ଜାରେ ପାଟି କରୁଥିଲା- ଲୁଆଁଖିଆ, ଲୁଆଁଖିଆ। ବସର ଶେଷ ପାହାଚ ପର୍ଯ୍ୟନ୍ତ ଓହ୍ଲାଇବା ବେଳେ ମହିଳା ନମ୍ର ସ୍ମିତ ହାସ୍ୟ ସହ ସେ ଟାଏଟିକୁ ନିରେଖି ଅନାଇ ଥିଲେ। ରବିବାବୁ ଖାଲି ସିଟରେ ଲଥ କରି ବସି ପଡ଼ିଲେ। ବସର ବେଗ ବଢ଼ିବା ସାଙ୍ଗକୁ ରବିବାବୁ ଚାହୁଁଥିଲେ ଠିକ ହଂସ ପରି ଚାଲି ଚାଲି ଅଦୃଶ୍ୟ ହୋଇ ଯାଉଥିବା ଭଦ୍ର ମହିଳାଙ୍କ ଗତିପଥକୁ ଦୃଷ୍ଟି ଫେରାଇ ସେ ନିର୍ଜୀବ ଟାଏଟାକୁ ଧନ୍ୟବାଦ ଦେଉଥିଲେ ରବିବାବୁ। ପାଟିରୁ ଆପେ ଆପେ ବାହାରି ଆସୁଥିଲା, ଏ ଟାଏ.. ତୋର କି ଭାଗ୍ୟ।


ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ
ଛତିଆ, ଯାଜପୁର, ମୋ-୯୪୩୭୯୫୭୬୧୭


# ସ୍ୱଭାବ କବି ଗଙ୍ଗାଧର ମେହେର

## କବିଭାରତୀ ବାସନ୍ତୀ ଲତା ଜେନା





କବିତ୍ୱରେ ତୁମ ଅମ୍ଳାନ କୃତିତ୍ୱ
ସାହିତ୍ୟର ମଧୁ ଝର
ଗଙ୍ଗାଧର ତୁମେ ଉତ୍କଳ ଗୌରବ
ଦିବ୍ୟ ପ୍ରତିଭା ତୁମର ।୧।
ଉଣେଇଶ ବାଷଠୀ ମସିହାରେ ଜନ୍ମ
ବରଗଡ଼ ଜିଲ୍ଲା ଧନ୍ୟ
ଜନକ ଚୈତନ୍ୟ ଜନନୀ ସେବତୀ
କରିଲ କୋଳ ମଣ୍ଡନ ।୨।
ଦାରିଦ୍ର୍ୟ କଷଣ ତିଳ ତିଳ ଜାଳେ
ଅଭାବ ଉଚ୍ଚ ଶିକ୍ଷାର
ତୃତୀୟ ଶ୍ରେଣୀରେ ପାଠ ପଢ଼ି ତୁମେ
ନାଁ କଲ ସଂସାରର ।୩।
ପ୍ରକୃତିର ପ୍ରେମ ତୁମ ହୃଦେ ଥିଲା
କବିତା ସର୍ଜନା କଲ
ବାଲ୍ୟ କାଳରୁ ଯେ ଲେଖନୀ ଧରିଲ
କବିତା ଗଦ୍ୟ ଲେଖିଲ ।୪।
ପୁରାତନ କବି ଶୈଳୀ ଆପଣାଇ
ଧରିଲ ଲେଖନୀ ହସ୍ତେ
ପ୍ରବନ୍ଧ ରଚନା ରସ ରତ୍ନାକର
ଅହଲ୍ୟା ସ୍ତବ ସଙ୍ଗତେ ।୫।
ଇନ୍ଦୁମତୀ କାବ୍ୟ ରଚନା କରିଲ
ରାଧାନାଥ ଶୈଳୀ ନେଇ
ଅଜ ଉପାଖ୍ୟାନ କାଳିଦାସଙ୍କର
ଇନ୍ଦୁମତୀ କାବ୍ୟ ପାଇଁ ।୬।
କବିତା କଲ୍ଲୋଳ ମହିମା ପଦ୍ମିନୀ
କାବ୍ୟ ପ୍ରଣୟ ବଲ୍ଲରୀ
ସୂର୍ଯ୍ୟ ପ୍ରତି ଦ୍ୱୀପ ଭକ୍ତି ଅର୍ଘ୍ୟ ଥାଳି
ଉତ୍କଳ ଲକ୍ଷ୍ମୀ ତୁମରି ।୭।
କାବ୍ୟ ଗୁଚ୍ଛ ତୁମ ଅତି ମନୋରମ
କଥା ବାସ୍ତୁ ଶିକ୍ଷଣୀୟ
ପଲ୍ଲୀ କବି ତୁମେ ସ୍ୱଭାବ କବି ହେ
ଏହି ତୁମ ପରିଚୟ ।୮।
ଉଣେଇଶ ଚବିଶି ମସିହା ଯେ ଥିଲା
ଚାରି ତାରିଖ ଅପ୍ରେଲ
ଦେହ ତ୍ୟାଗ କରି ଅମର ହୋଇଲ
ସାହିତ୍ୟେ ବଞ୍ଚି ରହିଲ ।୯।


ଗାନ୍ଧୀନଗର, ନବରଙ୍ଗପୁର




# ବରଷା ରାଣୀ

## ଡ.ଚନ୍ଦ୍ରକଳା ନାୟକ

କଳା ବାଦଲର ଘନ ଉହାଡରେ
ସବୁଲାଗେ ଛାଇ ଛାଇ
ଆବେଗ ଭିଜା
ସେ ଝାଉଁଳା ମୁହଁଟା
ଅନ୍ଧକାର ଦିଶୁଥାଇ।

ବରଷା ରାଣୀର ପହିଲି ପରଶେ
ମାଟି ବାସେ ମହ ମହ
ଯେମିତି ବାସଇ ଗାଧୁଆ ତୁଠରେ
ତୁମରି ହଳଦୀ ଦେହ।
ମୂଷଳ ଧାରାରେ ଭାସି ଭାସି ଯାଏ
କାଗଜ ଡଙ୍ଗାଟି ମୋର
ପ୍ରକୃତି ରାଣୀଟା ବର୍ଷାରେ ଭିଜିଲେ
ମନେପଡେ ପିଲାବେଳ।
ତରୁ ବୀଥିକାରେ ଚିତ୍ର ଆଙ୍କିଲାଣି
ଆଷାଢ଼ ମାସର ଖରା
ଭଙ୍ଗା ମନଟାକୁ ଯୋଡିବାକୁ ଏବେ
ବରଷା ଆସିଛି ପରା।
ଝିପି ଝିପି ମେଘେ ଆକାଶ
ପିଠିରେ

ଇନ୍ଦ୍ରଧନୁର ଖେଳ
ସେ ଖରା ଖେଳଇ ସାତରଙ୍ଗ ଧରି
ହସୁଥାଏ ଚକ୍ରବାଳ।
ପୋଖରୀ ତୁଠରେ ଚାଷୀଟିଏ
ଫେରେ
ବରଷାରେ ତିନ୍ତି ତିନ୍ତି
ଅଧା ଭିଜିଥିବା ଚାଷୀଟି ଲାଗଇ
ଅଧା ଲେଖା ଓଦା ଚିଠି।


ଅଧ୍ୟାପିକା, ମହାପୁରୁଷ
ହାଡିଦାସ ମହାବିଦ୍ୟାଳୟ,
ଛତିଆ, ଯାଜପୁର, ମୋ-
୯୪୩୭୯୫୭୬୧୭








# କାଶତଣ୍ଡୀ

## ଡ. ଶୁଭେନ୍ଦୁ ମେହେର

ସ୍ନିଗ୍ଧ ଶରତର ଶୁଭ୍ର ଆକାଶରେ ଭଷା ବଉଦର ମାଳ
ତନୁ ପାତଳୀର ମୁକୁଳା ଦେହରେ ଯୌବନର କୋଳାହଳ ।
ଅପରୂପ ଶୋଭା ଅତି ମନଲୋଭା ନୀରବ ନିଥର ମନ
କୁଆଁରୀ ମେଘକୁ ସପନ ଘାରିବ ଭୋଗୁଥିବ ନିର୍ବାସନ ।।

ପ୍ରୀତି ସରୋବରେ ସଜ କଇଁଫୁଲ ପ୍ରତି ମୁହୂର୍ତ୍ତରେ ଫୁଟେ
ନଗ୍ନ ନଈପଠା ଛନଛନ ଘାସ ହସୁଥାଏ କଅଁଳ ଓଠେ ।
କାଶତଣ୍ଡୀ ହସେ ବଧୁଲିର ବାସେ ମାଟିର ମଲାଟେ ଦେଖ
ମରତ ମୋହିନୀ ଶରତେ ଆସିବେ କୋଟି ଚନ୍ଦ୍ରମା ମୁଖ ।।

ପ୍ରଣୟ ମହକେ ଫିକା ଫିକା ଜହ୍ନ ରଜନୀ ବୁକୁର ମୋହ
ଆଖିକୋଣେ ତା'ର ଲୁଚାଇ ଲୁହକୁ ଦେଖାଏ ପୁଙ୍ଗୁଳାଦେହ ।
କେତକୀ ଟଗର ଶେଫାଳି ସାଙ୍ଗକୁ ରଜନୀଗନ୍ଧାର ବାସ
ସ୍ୱର୍ଗ ପାରିଜାତ ମର୍ତ୍ତ୍ୟରେ ଶୋଭିତ ସୁନୀଳ ଜ୍ୟୋତ୍ସ୍ନାର ହସ ।।

ଅନିନ୍ଦ୍ୟ ସୁନ୍ଦରୀ ନହୁଲି ଅଳସୀ ନିଆଁ ରୁ ଉଡ଼ାଏ ହିଆ
ସେନେହ ପୀରତି ଆବାହନୀ ସାଥେ ସ୍ନିଗ୍ଧ ଶୀତଳ ଛୁଆଁ ।।


ଯଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୭୪




# ଅଗାଡ଼ିରେ ଚାଷ କରିବା ବୃଥା



## ଡ଼ଃ ଅନୁପମା ବିଶ୍ୱାଳ

ଅସାର ମାଟିରେ ବିହନ ବୁଣିଲେ
କେବେ କି ଉଠିବ ଧାନର କିଆରୀ
ଅଗାଡି ଭିତରେ ଚାଷ କରି ବସି
ଝାଳ ବୁହାଇଲେ ଯିବ ସବୁ ହାରି।

ପଥର ଉପରେ ପାଣି ଢାଳିଦେଲେ
ଫୁଟି କି ପାରିବ ସୁବାସିତ ଫୁଲ
ବୁଝିବା ଲୋକ ହିଁ ନଥିଲେ ସେଠାରେ
ସେନେହ ଭାବନା ବାଣ୍ଟିବା ହିଁ ଭୁଲ।

ଅଜ୍ଞାନ ଆଗରେ ଜ୍ଞାନର ବିଷୟ
ଯେତେ କହିଲେ ବି ବୁଝିବନି ସିଏ
ଅଗାଡିରୁ ଯେବେ ମିଳେନି ଚାଉଳ
ଖାଲି ପବନରେ ତୁଷ ଉଡିଯାଏ।

ନିଜ ପରିଶ୍ରମ ଅମୂଲ୍ୟ ସମୟ
ଖଟାଅ ଯହିଁରେ ସେ ଉର୍ବର ମାଟି
ସାରହୀନଠାରେ ଆଶା ବାନ୍ଧିଦେଲେ
ଶେଷରେ କେବଳ ମିଳିଥାଏ ତ୍ରୁଟି।

ବୃଥା ମୋହ ତେଜି ସାରକଥା ଧର
ଜାଗ୍ରତ କର ହେ ମନର ଚେତନା
ଅଗାଡିରେ ଚାଷ କେବେ ନୁହେଁ ଲାଭ
ସାର୍ଥକ ହେଉ ହେ ପ୍ରତିଟି ଭାବନା।


ସମ୍ବଲପୁର







# ଜୀବନ ଏକ ସରଳରେଖା ନୁହେଁ



## ଡକ୍ଟର ଲକ୍ଷ୍ମଣ ସାହୁ

ଈଶ୍ୱର ମଣିଷକୁ ପୃଥିବୀର ସବୁଠାରୁ ବୁଦ୍ଧିମାନ ପ୍ରାଣୀ କରିଛନ୍ତି। ବୁଦ୍ଧିମତ୍ତା ପ୍ରଦାନ କରି, ସେ ତାକୁ ଭଲ ଓ ମନ୍ଦ ମଧ୍ୟରେ ପାର୍ଥକ୍ୟ କରିବାର କ୍ଷମତା ଦେଇଛନ୍ତି। ଯଦି ସେ ସକାରାତ୍ମକ ମନୋଭାବ ବଜାୟ ରଖେ, ତେବେ ସେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିପାରିବ। ବିପରୀତରେ, ତାଙ୍କର ନକାରାତ୍ମକ ଚିନ୍ତାଧାରା ନିଜକୁ ପାଦରେ ବାଣ ମାରିବାକୁ ନେଇପାରେ। ମୁଁ ଏହି ଜ୍ଞାନଦାୟକ ଓ ଚିନ୍ତାପ୍ରବଣ ଧାଡ଼ିଗୁଡ଼ିକ କୌଣସି ସ୍ଥାନରେ ପଢ଼ିଛି। ସେଗୁଡ଼ିକୁ ପଢ଼ିବା ପରେ, ମୁଁ ବୁଝିପାରୁଛି ଯେ ଜଣେ ମଣିଷ ମନରେ ଯାହା ବି ଚିନ୍ତାଧାରା ରଖେ, ସେ ସେହି ଅନୁସାରେ କଥା ହୁଏ। ଏପରିକି ତା'ପରେ ସେଗୁଡ଼ିକୁ ତା'ର ଆଚରଣରେ ଖାପ ଖୁଆଇଥାଏ। ଯଦି ତାଙ୍କର ଚିନ୍ତାଧାରା ସକାରାତ୍ମକ, ତେବେ ସେ ସମସ୍ତଙ୍କୁ ପ୍ରଭାବିତ କରି ପାରିବେ। ସେ ନିଶ୍ଚିତ ଭାବରେ ସେମାନଙ୍କର ସମର୍ଥନ ପାଇବେ। ସେମାନଙ୍କର ମାର୍ଗଦର୍ଶକ ହୋଇ, ସେ ସମାଜରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ। ସେ ସର୍ବୋତ୍ତମ ଭୂମିକା ଗ୍ରହଣ କରିବେ।

ବିପରୀତ ଭାବରେ, ନକାରାତ୍ମକ ଚିନ୍ତାଧାରା ଥିବା ବ୍ୟକ୍ତି କୌଣସି କାର୍ଯ୍ୟ ଠିକ୍ ଭାବରେ କରିପାରିବେ ନାହିଁ କିମ୍ବା ଉପଯୁକ୍ତ ପରାମର୍ଶ ଦେଇପାରିବେ ନାହିଁ। ଜୀବନର ଖେଳରେ ହାରୁଥିବା ବ୍ୟକ୍ତି ବିଜୟର ଉତ୍ସବ ପାଳନ କରିପାରିବେ ନାହିଁ। ଏପରି ବ୍ୟକ୍ତିମାନେ ସେମାନଙ୍କ ପରିବାର ଓ ସମାଜ ପାଇଁ ବୋଝ ହୋଇଯାଆନ୍ତି। ସେମାନଙ୍କୁ କୌଣସି ସ୍ଥାନରେ ସମ୍ମାନ ମିଳେ ନାହିଁ। ଜଣେ ବ୍ୟକ୍ତିଙ୍କ ଚିନ୍ତାଧାରାର ପ୍ରଭାବ ସେମାନଙ୍କ କାର୍ଯ୍ୟରେ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୁଏ। ଜଣେ ଉତ୍ସାହୀ ବ୍ୟକ୍ତି ସର୍ବଦା ସମସ୍ତଙ୍କୁ ପ୍ରେରଣା ଦେବେ, ଯେତେବେଳେ ଜଣେ ହତାଶ ବ୍ୟକ୍ତି କେବଳ ସମସ୍ତଙ୍କୁ ନିରାଶ କରିବେ। ଜଣେ ଜ୍ଞାନୀ ବ୍ୟକ୍ତି ଓ ଜଣେ ଅଜ୍ଞ ବ୍ୟକ୍ତିଙ୍କ କାର୍ଯ୍ୟ ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ଅଛି, ଯାହା ଆମେ ସେମାନଙ୍କ କାର୍ଯ୍ୟ ଓ ଆଚରଣରୁ ଭଲ ଭାବରେ ବୁଝିପାରିବା।

ଜଣେ ଚୋର ଚୋରି ଶିଖାଇବ, ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଦୁର୍ନୀତି ଶିଖାଇବ, ଜଣେ ଠକ ବ୍ୟକ୍ତି ଠକେଇ ଶିଖାଇବ, ଜଣେ ସଦ୍ଗୁଣ ବ୍ୟକ୍ତି ଭଲ ଆଚରଣ ଉପରେ ଗୁରୁତ୍ୱ ଦେବ। ଜଣେ ଜ୍ଞାନୀ ବ୍ୟକ୍ତି ସର୍ବଦା ଅନ୍ୟମାନଙ୍କୁ ଠିକ୍ ପଥ ଅନୁସରଣ କରିବାକୁ ପ୍ରେରଣା ଦେବେ। ତେଣୁ, ଆମେ କହିପାରିବା ଯେ ଜଣେ ବ୍ୟକ୍ତି ନିଜ ଚିନ୍ତାଧାରା, କଥା ଏବଂ କାର୍ଯ୍ୟ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍। ସେ ପ୍ରତ୍ୟେକ ପଦକ୍ଷେପରେ ସତର୍କ ରହିବା ଉଚିତ ଓ ଆଦୌ ଅସାବଧାନ ହେବା ଉଚିତ୍ ନୁହେଁ। ଏହାର ଅର୍ଥ ହେଉଛି ଜଣେ ବ୍ୟକ୍ତିର ଆଚରଣ କିମ୍ବା ସ୍ୱଭାବ ତାଙ୍କ ପାଖରେ ଥିବା ଗୁଣ ଓ ତ୍ରୁଟି ଅନୁସାରେ ଗଠିତ ହୁଏ। ଭବିଷ୍ୟତରେ, ଜଣେ ବ୍ୟକ୍ତିର ଏହି ସ୍ୱଭାବ ପରିପକ୍ୱ ହୁଏ ଓ ଅଜାଣତରେ ତାଙ୍କର ଅଭ୍ୟାସ ହୋଇଯାଏ। ଯଦି ତାଙ୍କ ଭିତରେ ଭଲ ଅଭ୍ୟାସ ସୃଷ୍ଟି ହୁଏ, ତେବେ ସେ ସବୁଠାରେ ପ୍ରଶଂସା ପାଆନ୍ତି। ଏପରି ବ୍ୟକ୍ତି ସହଜରେ ସଫଳତାର ସିଡ଼ି ଚଢ଼ିପାରନ୍ତି।

ଯଦି ସେ ଖରାପ ଅଭ୍ୟାସ ଗ୍ରହଣ କରିଛି, ତେବେ ସେ ଅଗଣିତ ଚେଷ୍ଟା ସତ୍ତ୍ୱେ ସେଗୁଡ଼ିକୁ ପରିବର୍ତ୍ତନ କରିପାରୁନାହିଁ। ଏହା ତାଙ୍କ ଭାଇଭଉଣୀ ଓ ପରିବାର ସଦସ୍ୟଙ୍କ ପାଇଁ ଲଜ୍ଜା ଆଣିଥାଏ। ଯଦି ସେ ସେମାନଙ୍କର ପ୍ରରୋଚନା ସତ୍ତ୍ୱେ ତାଙ୍କର ଖରାପ ଅଭ୍ୟାସଗୁଡ଼ିକୁ ତ୍ୟାଗ କରିବାରେ ଲାଗି ରହେ, ତେବେ ସେମାନେ ସମସ୍ତେ ତାଙ୍କଠାରୁ ଦୂରେଇ ଯିବା ଆରମ୍ଭ କରନ୍ତି। ତା'ପରେ ସେ ଏକାକୀ ନିଃସଙ୍ଗ ହୋଇଯାଆନ୍ତି, ତାଙ୍କ ପାଇଁ ଏକ ଅତ୍ୟନ୍ତ ଯନ୍ତ୍ରଣାଦାୟକ ପରିସ୍ଥିତି। ଏହା ବ୍ୟକ୍ତିଙ୍କ ଜୀବନର ଆଦର୍ଶ ଯାହା ଜଣେ ବ୍ୟକ୍ତିଙ୍କ ଚରିତ୍ରକୁ ଗଢ଼ି ତୋଳେ। ତାଙ୍କ ଚରିତ୍ରର ମହାନତା ତାଙ୍କୁ ଉଚ୍ଚ କରିଥାଏ, ଯେତେବେଳେ ତାଙ୍କ ଚରିତ୍ରରେ ଥିବା ତ୍ରୁଟି ତାକୁ ପାତାଳ ଆଡ଼କୁ ଠେଲି ଦେଇଥାଏ। ସେଥିପାଇଁ ଭାରତୀୟ ସଂସ୍କୃତି ସର୍ବଦା ଚରିତ୍ର ନିର୍ମାଣ ଉପରେ ଗୁରୁତ୍ୱ ଦିଏ। ଯେତେବେଳେ ଜଣେ ବ୍ୟକ୍ତିଙ୍କ ଚରିତ୍ର ଗଠନ ହୁଏ, ସେତେବେଳେ ବ୍ୟକ୍ତିର ଚରିତ୍ର ମଧ୍ୟ ଗଠିତ ହୁଏ, ଅର୍ଥାତ୍ ସମାଜ। ସମାଜ ସହିତ, ଏକ ଜାତିର ଚରିତ୍ର ମଧ୍ୟ ଗଠିତ ହୁଏ। ଯେଉଁ ଜାତିର ଚରିତ୍ର ଓ ଏହାର ବାସିନ୍ଦାମାନେ ମହାନ, ତାହାର ଗୌରବମୟ ପତାକା ସର୍ବଦା ଉଚ୍ଚରେ ଉଡ଼ିଥାଏ। ଶତ୍ରୁ ଯେତେ ଶକ୍ତିଶାଳୀ ହେଉ ନା କାହିଁକି, ସେ ସେହି ଜାତିକୁ ଚାହିଁବାକୁ ମଧ୍ୟ ସାହସ କରିପାରିବ ନାହିଁ। ଯଦି କୌଣସି ଭୁଲ ଧାରଣା ଯୋଗୁଁ ସେ ଏପରି କରିବାକୁ ସାହସ କରେ, ତେବେ ସେହି ଶତ୍ରୁ ପରାଜୟର ସମ୍ମୁଖୀନ ହୁଏ। ତେଣୁ, ଜୀବନର ଚିନ୍ତାଧାରା, ଶବ୍ଦ, କାର୍ଯ୍ୟ, ସ୍ୱଭାବ, ଅଭ୍ୟାସ, ଚରିତ୍ର ଓ ଆଦର୍ଶ ସବୁ ଏକ ଶୃଙ୍ଖଳର ଅଂଶ। ଏଗୁଡ଼ିକ ସମସ୍ତେ ଏକାଠି ବୁଣା, ପରସ୍ପର ସହିତ ଜଡ଼ିତ। ସେଥିପାଇଁ ଜ୍ଞାନୀମାନେ ଶୁଦ୍ଧତା, ସରଳତା ଓ ଚିନ୍ତାଧାରାର ସ୍ୱତଃସ୍ଫୂର୍ତ୍ତି ଉପରେ ଗୁରୁତ୍ୱ ଦିଅନ୍ତି, ଯାହା ସମ୍ପୂର୍ଣ୍ଣ ଉପଯୁକ୍ତ ଓ ଆଜି ମଧ୍ୟ ସତ୍ୟ। ଅତଏବ ଅହଂକାର ହେଉଛି ସମସ୍ତ ସମସ୍ୟା।ଯେଉଁଠାରେ ଅହଂକାର ଶେଷ ହୁଏ, ସେଠାରେ ସତ୍ୟ ଆରମ୍ଭ ହୁଏ। ଜୀବନର ସବୁଠାରୁ ବଡ଼ ଯୁଦ୍ଧ ବାହ୍ୟ ପରିସ୍ଥିତି ସହିତ ନୁହେଁ, ବରଂ ଭିତରର ଅହଂକାର ସହିତ। ସମସ୍ୟାଗୁଡ଼ିକ ବଦଳିବ, ଲୋକମାନେ ବଦଳିବେ, ଏବଂ ପରିସ୍ଥିତି ଆସିବ ଓ ଚାଲିଯିବ, କିନ୍ତୁ ଯଦି ଅନ୍ତରାତ୍ମା ସବୁକିଛିକୁ ଅସ୍ତିତ୍ୱ ସହିତ ଯୋଡ଼ି ରଖିବ, ତେବେ ସଂଘର୍ଷ କେବେ ଶେଷ ହେବ ନାହିଁ। ତେଣୁ, ନିଜକୁ ଠିକ୍ ପ୍ରମାଣିତ କରିବାକୁ ଚେଷ୍ଟା କରିବା ପରିବର୍ତ୍ତେ, ସତ୍ୟକୁ ଗ୍ରହଣ କରିବାକୁ ଚେଷ୍ଟା କରନ୍ତୁ। କାରଣ ଜୀବନ ଏକ ସରଳରେଖା ନୁହେଁ, ଏହା ଏକ ନିରନ୍ତର ସୃଷ୍ଟି। ଜୀବନକୁ ବୁଝିବା ପାଇଁ, ମଣିଷ ନିରନ୍ତର ଏପରି ରୂପକ ଖୋଜେ ଯାହା ସେମାନଙ୍କୁ ନିଶ୍ଚିତତାର ଭାବନା ଦିଏ। ସେମାନେ ଚାହାଁନ୍ତି ଯେ ସେମାନଙ୍କର ଜୀବନ ଏକ ସୁଚିନ୍ତିତ ଯୋଜନା ପରି ହେଉ, ଯେପରି ଜଣେ ଇଞ୍ଜିନିୟର ଏହାକୁ ପୂର୍ବରୁ ଆଙ୍କିସାରିଛନ୍ତି ଓ ସେମାନଙ୍କୁ କେବଳ ଏହାକୁ ଅନୁସରଣ କରିବାକୁ ପଡ଼ିବ। ସେମାନେ ବିଶ୍ୱାସ କରନ୍ତି ଯେ ଯଦି ସେମାନେ ସତର୍କତା ଅବଲମ୍ବନ କରନ୍ତି, ଜ୍ଞାନ ଆହରଣ କରନ୍ତି ଓ ସ୍ଥିର ରୁହନ୍ତି, ତେବେ ସେମାନଙ୍କର ଜୀବନ ଏକ ସରଳରେଖା ହୋଇଯିବ। କିନ୍ତୁ, ମୋର ଅଭିଜ୍ଞତା ମୋତେ କହେ ଯେ ଜୀବନ ଏକ ସରଳରେଖା ନୁହେଁ, ବରଂ ଏକ ନଦୀ। ଜ୍ୟାମିତିରେ ଏକ ସରଳ ରେଖା ଅଛି। ଏହା ସମ୍ପୂର୍ଣ୍ଣ ଭାବରେ ପରିଭାଷିତ ଓ ପ୍ରତ୍ୟେକ ବିନ୍ଦୁକୁ ପୂର୍ବରୁ ଧାରଣ କରିଥାଏ। ଯଦି କେହି ଏହାର ଦିଗ ଜାଣନ୍ତି, ତେବେ ସେ ଏହାର ଭବିଷ୍ୟତ ଭବିଷ୍ୟବାଣୀ କରିପାରିବେ। କିନ୍ତୁ ଜୀବନ ଏପରି ନୁହେଁ। ଜୀବନକୁ ଯନ୍ତ୍ର, ଘଣ୍ଟା କିମ୍ବା ଜ୍ୟାମିତିକ ଆକୃତି ଦ୍ୱାରା ବୁଝିହେବ ନାହିଁ। ଏହା ଏକ ଜୀବନ୍ତ ପ୍ରବାହ। ନିରନ୍ତର ନିଜକୁ ସୃଷ୍ଟି ଓ ପରିବର୍ତ୍ତନ କରେ। ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ଏକ ପୂର୍ବନିର୍ଦ୍ଧାରିତ ଯୋଜନାର ବିସ୍ତାର ନୁହେଁ। ଏହା ନୂତନତ୍ୱ ଓ ଅନିଶ୍ଚିତତାରେ ପରିପୂର୍ଣ୍ଣ। ନଦୀକୁ ଦେଖନ୍ତୁ, ଏହା ଏହାର ଉତ୍ସରୁ ପ୍ରବାହିତ ହୁଏ। କିନ୍ତୁ ଏହା ପୂର୍ବରୁ ଜାଣି ନ ଥାଏ ଯେ ଏହା କେଉଁ ଉପତ୍ୟକା ଦେଇ ଗତି କରିବ। କେଉଁ ପଥର ସହିତ ଧକ୍କା ହେବ, କେଉଁଠାରେ ଶାନ୍ତ ହେବ ଓ କେଉଁଠାରେ ଏହା ଉତ୍କଟ ରୂପ ନେବ। ଏହାର ପଥ ସେହି ଭୂମି ସହିତ ଆଲୋଚନାରେ ଆକୃତି ପାଇଥାଏ, ଯେଉଁ ପଥ ଦେଇ ଏହା ପ୍ରବାହିତ ହୁଏ। ମାନବ ଜୀବନ ସମାନ। ଆମେ ଆମ ଜୀବନରେ ଅଗଣିତ ଯୋଜନା ଓ ସ୍ୱପ୍ନ ତିଆରି କରୁ, ଭବିଷ୍ୟତ କ'ଣ ହେବ, ଆମେ କ'ଣ ହେବା, ଆମେ କିଏ କଣ ହେବୁ ଓ ଆମେ କେଉଁ ଲକ୍ଷ୍ୟରେ ପହଞ୍ଚିବୁ କଳ୍ପନା କରୁ। କିନ୍ତୁ ଜୀବନ ଆଗକୁ ବଢ଼ିବା ସହିତ, ଆମେ ଅନୁଭବ କରୁ ଯେ ବାସ୍ତବତା ଆମେ କଳ୍ପନା କରିବା ଅପେକ୍ଷା ଭିନ୍ନ ଓ ଅଧିକ ସୃଜନଶୀଳ। ଯଦି ଜୀବନ ଏକ ସରଳ ରେଖା ହୋଇଥାନ୍ତା, ତେବେ ଏହାର ବିକାଶ ଅସମ୍ଭବ ହୋଇଥାନ୍ତା। ତା'ପରେ ଆମେ କେବଳ ଏକ ପୂର୍ବ ଲିଖିତ ସ୍କ୍ରିପ୍ଟ ଅନୁସରଣ କରୁଥାନ୍ତେ। ଆମ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡ଼ିକ ଆମେ ପୂର୍ବ ଯୋଜନା କରି ନ ଥାଏ, ବରଂ ସେଗୁଡ଼ିକ ଯାହା ହଠାତ୍ ଆମ ସମ୍ମୁଖରେ ଖୋଲିଯାଏ। ଆମକୁ ପୁନଃଆକୃତି ଦିଏ। ଏକ ପୁସ୍ତକ, ଏକ ବନ୍ଧୁତା, ପ୍ରେମ, ବିଫଳତା, ଯନ୍ତ୍ରଣା, କିମ୍ବା ଅନ୍ତର୍ଦୃଷ୍ଟି - ସମସ୍ତେ ଆମ ଜୀବନର ଗତିପଥକୁ ପରିବର୍ତ୍ତନ କରିପାରିବେ।

ଅତଏବ ସମୟର ଛାୟା ଚିତ୍ରରେ ନଦୀ ପରି ପ୍ରବାହିତ ହୁଅ। କାରଣ ଜୀବନ ଏକ ପ୍ରବାହିତ ନଦୀ। ଏହାର ସୌନ୍ଦର୍ଯ୍ୟ ଏହାର ଗନ୍ତବ୍ୟ ସ୍ଥଳରେ ନୁହେଁ, ବରଂ ଏହାର ପରିବର୍ତ୍ତିତ ପ୍ରବାହରେ ରହିଛି। ରାସ୍ତାରେ ଆସୁଥିବା ମୋଡ଼, ପଥର ଓ ଉପର-ପତନ ଆମକୁ ଅଟକାଇବା ପାଇଁ ନୁହେଁ, ବରଂ ଆମକୁ ପୁନଃଆକୃତି ଦେବା ପାଇଁ ଉଦ୍ଦିଷ୍ଟ। କାରଣ ଈଶ୍ୱର ଆମକୁ ପୃଥିବୀର ସବୁଠାରୁ ବୁଦ୍ଧିମାନ ପ୍ରାଣୀ କରି ପଠାଇଛନ୍ତି। ତେଣୁ, ନିଜର ଅହଙ୍କାରକୁ ତ୍ୟାଗ କରି ପ୍ରତ୍ୟେକ ପରିବର୍ତ୍ତନକୁ ବିଫଳତା ଭାବି ଭୁଲନ୍ତୁ ନାହିଁ ଓ ପ୍ରତ୍ୟେକ ଅନିଶ୍ଚିତତାକୁ ଭୟ କରନ୍ତୁ ନାହିଁ। ପ୍ରବାହିତ ହୁଅନ୍ତୁ, ଶିଖନ୍ତୁ ଓ ପରିସ୍ଥିତି ସହିତ ଖାପ ଖୁଆଇ ଚାଲିବା ଜାରି ରଖନ୍ତୁ, ଜୀବନ ଆପେ ଆପେ ସୁନ୍ଦର ପାଲଟି ଯିବ...!!!


ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

### ରାଜ୍ୟରେ ଧାନ ପଞ୍ଜୀକରଣ ପ୍ରସଙ୍ଗ

# ସରକାରଙ୍କ ଭୁଲ ନୀତି ପାଇଁ ଯନ୍ତ୍ରଣା ଭୋଗୁଛନ୍ତି ଚାଷୀ: ବିଜେଡି



ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ରାଜ୍ୟରେ ଖରିଫ ଧାନ ପଞ୍ଜୀକରଣ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ବିଳମ୍ବକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଛି ବିଜେଡି। ଚଳିତ ବର୍ଷ ଖରିଫ ଧାନ ପଞ୍ଜୀକରଣ ନିର୍ଦ୍ଧାରିତ ସମୟଠାରୁ ୧୮ ଦିନ ବିଳମ୍ବରେ ଆରମ୍ଭ ହୋଇଛି।

ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା ତଥା ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି ଯେ ରାଜ୍ୟର ୨୦ଟି ଜିଲ୍ଲା ବର୍ଷା ଓ ବନ୍ୟା ଦ୍ୱାରା ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ପ୍ରତ୍ୟେକ ନଦୀରେ ୨ରୁ ୩ ଥର ବନ୍ୟା ଆସିବା ଫଳରେ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଗତବର୍ଷ ୨୩ ଲକ୍ଷ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏପର୍ଯ୍ୟନ୍ତ ମାତ୍ର ୧୭ ଲକ୍ଷ ଚାଷୀ ନାମ ପଞ୍ଜୀକୃତ କରିପାରିଛନ୍ତି। ଏବେ ବି ପ୍ରାୟ ସାଢ଼େ ୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଞ୍ଜୀକରଣର ଶେଷ ଅବଧିକୁ ଆସନ୍ତା ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ବିଜେଡି ଦାବି କରିଛି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଭାଗଚାଷୀଙ୍କ ପାଇଁ ସ୍ୱତନ୍ତ୍ର ଆପ୍ ଆଣିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ। ସରକାର ଯେଉଁ ଆପ୍ ଦେଇଛନ୍ତି, ତାହାଦ୍ୱାରା ଲକ୍ଷାଧିକ ଭାଗ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ି ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ରିୟଲ ଟାଇମ ବେସିସରେ ଜମି ମାଲିକ ନିଜେ ସମବାୟ ସମିତିରେ ଉପସ୍ଥିତି ରହି ଇ-କେୱାଇସି କରିବା ପାଇଁ ସଫ୍ଟୱେୟାରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଭାଗଚାଷୀ ପୋର୍ଟାଲରେ ପଞ୍ଜୀକରଣ କରି କେମିତି ଧାନ ବିକ୍ରି କରିବେ, ସେନେଇ ଚିନ୍ତାରେ ପଡ଼ିଛନ୍ତି ବୋଲି ଶ୍ରୀ ଦାସବର୍ମା ଅଭିଯୋଗ କରିଛନ୍ତି।


ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬ ଅବସରରେ ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।

ସ୍ୱଚ୍ଛ, ସୁସ୍ଥ, ସୁନ୍ଦର ଓ ବିକଶିତ ସହର ଗଠନ କେବଳ ପୌର ପରିଷଦର ଦାୟିତ୍ୱ ନୁହେଁ; ଏଥିପାଇଁ ପ୍ରଶାସନ ସହିତ ପ୍ରତ୍ୟେକ ନାଗରିକଙ୍କର ସକ୍ରିୟ ସହଯୋଗ ଓ ସଚେତନତା ଆବଶ୍ୟକ। ଏହି ଦିଗରେ ଖୋରଧା ପୌର ପରିଷଦ ପକ୍ଷରୁ ସ୍ୱଚ୍ଛତା, ପରିମଳ ବ୍ୟବସ୍ଥା, ଆବର୍ଜନା ପରିଚାଳନା, ରାସ୍ତାଘାଟର ପରିଚ୍ଛନ୍ନତା, ନାଗରିକ ସେବା ଓ ସହରର ସାମଗ୍ରିକ ବିକାଶ ପାଇଁ ନିଆଯାଉଥିବା ପଦକ୍ଷେପ ନିଶ୍ଚିତ ଭାବେ ପ୍ରଶଂସନୀୟ ।

ଖୋରଧା ହେଉଛି ଓଡ଼ିଶାର ଐତିହ୍ୟ, ସ୍ୱାଭିମାନ ଓ ଗୌରବର ଏକ ଅନନ୍ୟ ପରିଚୟ। ଏହି ଐତିହାସିକ ସହରକୁ ଆଧୁନିକ ନାଗରିକ ସୁବିଧା ସହିତ ଏକ ସ୍ୱଚ୍ଛ, ସୁସ୍ଥ, ସୁନ୍ଦର, ପରିବେଶବନ୍ଧୁ ଓ ଆଦର୍ଶ ସହର ଭାବେ ଗଢ଼ି ତୋଳିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ।

ପୌର ପରିଷଦର ସ୍ୱଚ୍ଛତା କର୍ମୀମାନେ ପ୍ରତିଦିନ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ନିଷ୍ଠାର ସହିତ ସମ୍ପାଦନ କରି ସହରକୁ ପରିଷ୍କାର ରଖିବାରେ ଯେଉଁ ଅବଦାନ ରଖୁଛନ୍ତି, ସେଥିପାଇଁ ସେମାନେ ବିଶେଷ ପ୍ରଶଂସା ଓ ସମ୍ମାନର ଅଧିକାରୀ। ସେହିପରି ପୌର ପରିଷଦର ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି ଓ ସଚେତନ ନାଗରିକଙ୍କ ମିଳିତ ପ୍ରୟାସ ହିଁ ଖୋରଧାକୁ ଆହୁରି ଆଗକୁ ନେଇପାରିବ ।

ଆଜିର ସଫଳତା ଆସନ୍ତାକାଲିର ବଡ଼ ସଫଳତା ପାଇଁ ପ୍ରେରଣା ଦାୟକ ହେଉ । ଖୋରଧା ପୌର ପରିଷଦ ଆଗାମୀ ଦିନରେ ନାଗରିକଙ୍କୁ ଆହୁରି ଉତ୍ତମ, ସ୍ୱଚ୍ଛ, ପାରଦର୍ଶୀ ଓ ଦାୟିତ୍ୱଶୀଳ ପୌର ସେବା ପ୍ରଦାନ କରିବା ସହିତ ସହରର ସର୍ବାଙ୍ଗୀନ ବିକାଶରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରୁ—ଏହା ହିଁ ଆମର ଆନ୍ତରିକ କାମନା ।

ଖୋରଧା ପୌର ପରିଷଦର ସମସ୍ତ ପ୍ରୟାସ ସଫଳ ହେଉ, ଖୋର୍ଦ୍ଧା ସହର ଆହୁରି ସ୍ୱଚ୍ଛ, ସୁନ୍ଦର ଓ ସମୃଦ୍ଧ ହେଉ—ଏହି ଶୁଭକାମନା ସହିତ ପୌର ପରିଷଦ ପକ୍ଷରୁ ପୁନର୍ବାର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

"ସ୍ୱଚ୍ଛ ଖୋରଧା — ସୁନ୍ଦର ଖୋରଧା ସମୃଦ୍ଧ ଖୋରଧା — ଆମ ସମସ୍ତଙ୍କ ଖୋରଧା"

କାବେରୀ ମୁଦୁଲି, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା

ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି
ପୌରାଧକ୍ଷା
ପୌର ପରିଷଦ, ଖୋରଧା

ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧକ୍ଷ
ଓ ସମସ୍ତ ସଭ୍ୟ-ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା


# ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ମାଝୀଙ୍କ ଦେହାନ୍ତ



ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲର ଇଣ୍ଟେନସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ଡମ୍ବରୁଧର ମାଝୀ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ଦୀର୍ଘ ବର୍ଷ ଧରି ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଡାକ୍ତରଖାନାରେ ତାଙ୍କର ଦେହାନ୍ତ ହୋଇଛି। ଶ୍ରୀ ମାଝୀଙ୍କ ଜନ୍ମମାଟି ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମା ନିକଟସ୍ଥ ଚିତ୍ରକୋଟ ଗ୍ରାମରେ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ଶ୍ରୀ ମାଝୀ ୧୯୬୭ରୁ ୧୯୯୦ ମଧ୍ୟରେ ସେ ଡାବୁଗାଁ ନିର୍ବାଚନମଣ୍ଡଳୀ ଏବଂ କୋଡିଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ କରି ୪ ଥର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ ପ୍ରଥମେ ୧୯୬୭ରେ ଡାବୁଗାଁରୁ ସ୍ୱତନ୍ତ୍ର ପାର୍ଟି ପ୍ରାର୍ଥୀ ଭାବେ ବିଧାନସଭାରେ ପହଞ୍ଚିଥିଲେ ଏବଂ ୧୯୭୧ରେ ସମାନ ଦଳୀୟ ଚିହ୍ନରେ ଆସନ ବଜାୟ ରଖିଥିଲେ। ପରେ ଭାରତୀୟ ଜାତୀୟ କଂଗ୍ରେସ ସହ ତାଙ୍କର ରାଜନୈତିକ ସମ୍ପର୍କକୁ ପରିବର୍ତ୍ତନ କରି ସେ ୧୯୮୦ରେ କୋଡିଙ୍ଗା ଆସନରୁ ବିଜୟୀ ହୋଇଥିଲେ। ପରେ ୧୯୮୫ରେ ସେ କଂଗ୍ରେସ ପାଇଁ ଡାବୁଗାଁରୁ ପ୍ରତିନିଧିତ୍ୱ କରିବାକୁ ଫେରିଥିଲେ।

ତାଙ୍କ ବିଧାୟକ କାର୍ଯ୍ୟକାଳ ମଧ୍ୟରେ ଶ୍ରୀ ମାଝୀ ୪ ଥର ରାଜ୍ୟ କ୍ୟାବିନେଟରେ କାର୍ଯ୍ୟ କରିଥିଲେ। ପରିବହନ, ଅର୍ଥ ଓ ସଂସ୍କୃତି ସମେତ ଗୁରୁତ୍ୱପୂର୍ଣ୍ଣ ବିଭାଗ ସେ ଗ୍ରହଣ କରିଥିଲେ। ସ୍ୱତନ୍ତ୍ର ପାର୍ଟି, ଭାରତୀୟ ଜାତୀୟ କଂଗ୍ରେସ, ବିଜେଡି ଓ ବିଜେପି ସମେତ ବହୁ ଦଳ ସହ ସେ ମେଣ୍ଟ କରିଥିଲେ। ୨୦୦୯ରେ ସେ ବିଜେଡି ଟିକେଟରେ ନବରଙ୍ଗପୁର ଲୋକସଭା ସଂସଦୀୟ ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, ଯଦିଓ ସେ ପରାସ୍ତ ହୋଇଥିଲେ। ସେ ୨୦୧୮ ଅକ୍ଟୋବରରେ ବିଜେପିରେ ଯୋଗଦେବା ପାଇଁ ଆନୁଷ୍ଠାନିକ ଭାବେ ବିଜେଡି ସହ ତାଙ୍କର ଦଶନ୍ଧି ଧରି ରହିଥିବା ସମ୍ପର୍କ ଛିନ୍ନ କରିଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଓ ଅନ୍ୟ ମନ୍ତ୍ରୀମାନେ ଶୋକ ପ୍ରକାଶ କରିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ୧୩୭ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ

# ଲୋକଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇଛନ୍ତି ମୋଦି: ମନମୋହନ



ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୩୭ ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। 'ମନ୍ କି ବାତ୍'ରେ ପ୍ରଧାନମନ୍ତ୍ରୀ ଆଜି ଦେଶଭକ୍ତି, ରାଷ୍ଟ୍ରଭକ୍ତି, ଜାତୀୟତାବାଦ ଓ ଅଗଷ୍ଟ ମାସରେ କ୍ରାନ୍ତି ଦିବସଠାରୁ ବିଭାଜନ ବିଭୀଷିକା ବିଷୟରେ ଆଲୋକପାତ କରିଛନ୍ତି। ସ୍ୱାଧୀନତା ଦିବସ ଅବସରରେ ଭାରତବର୍ଷର ଲୋକଙ୍କ ମଧ୍ୟରେ କିପରି ଜାତୀୟତାବାଦ ଉଦ୍ରେକ ହୋଇଛି ଓ ତିରଙ୍ଗା ଯାତ୍ରା କିପରି ରେକର୍ଡ ସୃଷ୍ଟି କରିଛି ସେ ବିଷୟରେ ଉଲ୍ଲେଖ କରିଛନ୍ତି। ଏଥର ୮ କୋଟିରୁ ଊର୍ଦ୍ଧ୍ୱ ଲୋକ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମରେ ଭାଗନେଇ ଇତିହାସ ସୃଷ୍ଟି କରିଛନ୍ତି, ଯାହା ଆଜି ବିପ୍ଳବରେ ପରିଣତ ହୋଇଛି ଓ ଲୋକଙ୍କ ଭିତରେ ଜାଗରଣ ବଢ଼ାଇପାରିଛି ବୋଲି ସ୍ଥାନୀୟ ଜୟଦେବ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଲକାଟି ମଣ୍ଡଳର ୯୬ ନମ୍ବର ବୁଥ୍‌ରେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିବା ପରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି।

ଶ୍ରୀ ସାମଲ କହିଛନ୍ତି ଯେ 'ମନ୍ କୀ ବାତ୍'ରେ ପୁଣିଥରେ ପ୍ରଧାନମନ୍ତ୍ରୀ ଓଡ଼ିଶାର କଥା କହିଛନ୍ତି। ସମ୍ବଲପୁର ଡେବ୍ରିଗଡ଼ର ମୈଥିଳି ଭୁଏ କିପରି ଜଙ୍ଗଲ ସୁରକ୍ଷା କରି ରୋଜଗାରର ନୂଆ ବାଟ ଦେଖାଇଛନ୍ତି ତାହା ପ୍ରଶଂସନୀୟ। ଏହା ସମସ୍ତଙ୍କୁ ପ୍ରେରଣା ଯୋଗାଇବ। ପୂଜା ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ପୁଣି ଥରେ 'ଭୋକାଲ ଫର ଲୋକାଲ'କୁ ପ୍ରୋତ୍ସାହିତ କରିବା ପାଇଁ ମୋଦି ଆହ୍ୱାନ ଦେଇଛନ୍ତି। ନିଶାମୁକ୍ତ ଭାରତ ଓ ଆମ ଯୁବପିଢ଼ିଙ୍କ ପାଇଁ ଏକ ମଜବୁତ ଭବିଷ୍ୟତ ଗଠନ କରିବା ପାଇଁ ଏକାଠି ହେବାକୁ ମୋଦି ଆହ୍ୱାନ ଦେଇଛନ୍ତି। ସ୍ଥାନୀୟ ଐତିହ୍ୟ, ସଂସ୍କୃତି ଓ ପରମ୍ପରାକୁ ଲୋକଲୋଚନକୁ ଆଣି ତାହାକୁ ଉଜ୍ଜୀବିତ ରଖିବାକୁ ଉଦ୍ୟମ କରିଛନ୍ତି। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ୧୪୦ କୋଟି ଜନସାଧାରଣ ମଧ୍ୟରେ ଆଜି ଆନ୍ଦୋଳନରେ ପରିଣତ ହୋଇଛି। ଲୋକଙ୍କ ମଧ୍ୟରେ ନିଜେ କିଛି କରିବା ପାଇଁ ଆଗ୍ରହ ବଢ଼ାଇଛି, ଯାହା ବିକଶିତ ଭାରତ ଦିଗରେ ବହୁତ ସହାୟକ ହେବ ବୋଲି ଶ୍ରୀ ସାମଲ କହିଛନ୍ତି।

### ଓଡ଼ିଶାର ପ୍ରେରଣାଦାୟୀ ପ୍ରୟାସକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

# ବିକଶିତ ଭାରତ ଗଠନ ପାଇଁ ଜନଭାଗିଦାରୀର ଆହ୍ୱାନ



ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ କୀ ବାତ୍'ର ୧୩୭ତମ ଅଧ୍ୟାୟ ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପ୍ରଶାନ୍ତି ବିହାରସ୍ଥିତ ବୁଥ୍ ନମ୍ବର- ୩୮ରେ ଜନସାଧାରଣ ଓ କାର୍ଯ୍ୟକର୍ତ୍ତାଙ୍କ ସହ ମିଶି ଶୁଣିଛନ୍ତି ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର। ଏହି ଅବସରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ 'ମନ କୀ ବାତ୍' କେବଳ ଏକ ରେଡିଓ କାର୍ଯ୍ୟକ୍ରମ ନୁହେଁ, ବରଂ ଦେଶର କୋଣ ଅନୁକୋଣରେ ଘଟୁଥିବା ପ୍ରେରଣାଦାୟୀ କାର୍ଯ୍ୟ, ସାଧାରଣ ଲୋକଙ୍କ ସଫଳତା, ନୂଆ ଚିନ୍ତାଧାରା ଓ ରାଷ୍ଟ୍ର ନିର୍ମାଣରେ ଜନଭାଗିଦାରୀକୁ ସମଗ୍ର ଦେଶ ସମ୍ମୁଖରେ ଆଣିବାର ଏକ ଅନନ୍ୟ ମାଧ୍ୟମ। ଆଜିର 'ମନ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ 'ନିଶାମୁକ୍ତ ଯୁବ, ବିକଶିତ ଭାରତ' ଗଠନ ଉପରେ ବିଶେଷ ଗୁରୁତ୍ୱ ଦେବା ସହ ଯୁବପିଢ଼ିଙ୍କୁ ନିଶାବିରୋଧୀ ସଚେତନତା ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ବିଶେଷକରି ଆଜିର 'ମନ କୀ ବାତ୍' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଓଡ଼ିଶାର ପ୍ରେରଣାଦାୟୀ ଜନସେବା ଓ ପରିବେଶ ସଂରକ୍ଷଣ କ୍ଷେତ୍ରରେ ହେଉଥିବା ଉଲ୍ଲେଖନୀୟ ପ୍ରୟାସକୁ ସମଗ୍ର ଦେଶ ସମ୍ମୁଖରେ ଉଲ୍ଲେଖ କରିଥିଲେ। ଓଡ଼ିଶାର ଦେବ୍ରିଗଡ଼ ଅଞ୍ଚଳର ମୈଥିଳୀ ଭୁଏଙ୍କ ଜଙ୍ଗଲ ସଂରକ୍ଷଣ ଓ ଇକୋ-ଟୁରିଜମ୍ ମାଧ୍ୟମରେ ସ୍ଥାନୀୟ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାର ପ୍ରେରଣାଦାୟୀ ପ୍ରୟାସକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ।


## ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ

### ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ସହରବାନଙ୍କୁ ପରେକ୍ଷା ସ୍ଥାପନ ପୂର୍ବକ ନିରିଖିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହଯୋଗ କାମନା କରଛି।

ପାରାଦ୍ୱୀପ ସହରର ସ୍ୱଚ୍ଛ ପରିବେଶ, ସବୁଜିମା ଓ ସର୍ବାଙ୍ଗୀନ ବିକାଶ ଆମର ସଂକଳ୍ପ:
୧. ଖୋଲା ଯାଗାରେ ମଳତ୍ୟାଗ ନକରି ପାଇଖାନା ବ୍ୟବହାର କରନ୍ତୁ।
୨. ପ୍ଲାଷ୍ଟିକକୁ ସମ୍ପୂର୍ଣ୍ଣ ବର୍ଜନ କରି "ପ୍ଲାଷ୍ଟିକମୁକ୍ତ ସହର" ଗଢ଼ିବା।
୩. ଘରର ଶୁଖିଲା ଅଳିଆ ଓ ଓଦା ଅଳିଆକୁ ଅଲଗା ଅଲଗା କରି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଦିଅନ୍ତୁ ଏବଂ ପରିବାରକୁ ରୋଗମୁକ୍ତ ଓ ପରିବେଶକୁ ସ୍ୱଚ୍ଛ ରଖିବାରେ ସହାୟକ ହୁଅନ୍ତୁ।
୪. ମଳ ଉପଚାର ପ୍ଲାଣ୍ଟ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ସେସପୁଲ ଗାଡ଼ିର ମଳ ପକାଇବା ଏକ ଦଣ୍ଡନୀୟ ଅପରାଧ।
୫. ପରିଷଦକୁ ସଠିକ୍ ସମୟରେ ଟିକସ ପରିଶୋଧ କରନ୍ତୁ।
୬. ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ।
୭. ସହର ଓ ଆଭ୍ୟନ୍ତରୀଣ ରାସ୍ତାଗୁଡ଼ିକ ଉପରେ ଗୃହପାଳିତ ପଶୁଗୁଡ଼ିକୁ ଅନଧିକାର ଭାବେ ଛାଡ଼ନ୍ତୁ ନାହିଁ।
୮. ବୃକ୍ଷରୋପଣ ଭଳି ମହତ କାର୍ଯ୍ୟରେ ନିଜକୁ ସାମିଲ କରି ପରିବେଶ ସୁରକ୍ଷାରେ ସହାୟକ ହୁଅନ୍ତୁ।
୯. ସରକାରୀ ଓ ଜନସାଧାରଣ ଜାଗାକୁ ଜବରଦଖଲରୁ ମୁକ୍ତ ରଖନ୍ତୁ।

ଏକ ପ୍ରଦୁଷଣ ମୁକ୍ତ ସରସ, ସୁନ୍ଦର, ସବୁଜ ଓ ସମୃଦ୍ଧ ସହର ଗଢ଼ି ତୋଳିବା ଆମର ଲକ୍ଷ୍ୟ ଏଥିରେ ସହରବାସୀଙ୍କ ଗଠନମୂଳକ ସହଯୋଗ ଆମର ଏକାନ୍ତ କାମ୍ୟ।

"ସ୍ୱଚ୍ଛ ଖଣ୍ଡପଡ଼ା, ସୁସ୍ଥ ଖଣ୍ଡପଡ଼ା"

ଶ୍ରୀ ଅଭିଷେକ ମିଶ୍ର, ଓ.ରା.ସେ — ନିର୍ବାହୀ ଅଧିକାରୀ
ଶ୍ରୀ ମିହିର କୁମାର ମିଶ୍ର — ଉପାଧ୍ୟକ୍ଷ
ଶ୍ରୀମତୀ ଆରତୀ ପ୍ରଧାନ — ଅଧ୍ୟକ୍ଷା


# ଦଳୀୟ ସ୍ୱାର୍ଥ ପାଇଁ ବିଜେପି ଖଣିକୁ କେନ୍ଦ୍ରକୁ ଟେକିଦେଲା



ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ଏମ୍‌ଏମ୍‌ଡିଆର ଆମେଣ୍ଡମେଣ୍ଟ ଆକ୍ଟ ଜରିଆରେ ରାଜ୍ୟର ହକ୍‌କୁ ଛଡାଇ ନେଇଛନ୍ତି କେନ୍ଦ୍ର ସରକାର। ରାଜ୍ୟ ସ୍ୱାର୍ଥକୁ ଭୁଲି ଖଣି ମାଲିକଙ୍କ ଲାଭାନ୍ୱିତ କରିବା ପାଇଁ ଡବଲ ଇଞ୍ଜିନ ସରକାର କାମ କରୁଥିବାରୁ ଏହାକୁ ବିଜେଡି ନିନ୍ଦା କରିଛି। ଏକ ସାମ୍ବାଦିକ ସମ୍ମିଳନୀରେ ନୟାଗଡ଼ ବିଧାୟକ ଡ ଅରୁଣ କୁମାର ସାହୁ କହିଛନ୍ତି ଯେ ଏମଏମଡିଆର ଆକ୍ଟ ଜରିଆରେ ରତ୍ନଗର୍ଭା ଓଡ଼ିଶାର ଖଣିଜ ସମ୍ପଦକୁ କେନ୍ଦ୍ର ହାତରେ ଟେକିଦେଇଛି ବିଜେପି। ଖଣିଜ ସମ୍ପଦରୁ ଅଧିକ ରାଜସ୍ୱ ଆଦାୟ କରି ସର୍ବଭାରତୀୟ ସ୍ତରରେ ଓଡ଼ିଶା ପ୍ରଶଂସିତ ହୋଇଥିଲା। ଗତ ୨୦୨୨ରେ ପ୍ରଧାନମନ୍ତ୍ରୀ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଶଂସା କରିଥିଲେ। ଖଣି ସଂସ୍କାର ଆଇନ ଲାଗୁ କରିବାରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ। ଏହି ବିଲ୍ ବିନା ଆଲୋଚନାରେ ସଂସଦରେ ପାରିତ ହୋଇଛି, ଏହାଦ୍ୱାରା ଓଡ଼ିଶା ଅନେକ କ୍ଷତି ସହିବ। ଏହି ପରିପ୍ରେକ୍ଷୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନିରବ ରହିଲେ। ଦଳୀୟ ସ୍ୱାର୍ଥ ପାଇଁ ରାଜ୍ୟର ହକ୍‌କୁ ଛଡ଼ାଇ ନେଇ ଖଣି ମାଲିକଙ୍କୁ ଲାଭାନ୍ୱିତ କରିବାକୁ ରାଜ୍ୟ ସରକାର ଯେଉଁ କାର୍ଯ୍ୟ କରୁଛନ୍ତି, ତାହା ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି।


## ପବିତ୍ର ନିଷ୍କଳ ଭାରତ "ସ୍ୱାୟତ ଶାସନ ଦିବସ-୨୦୨୬" ଅବସରରେ ବ୍ୟାସନଗରର ସମସ୍ତ ଜନସାଧରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ବ୍ୟାସନଗର ପୌର ପରିଷଦ, ବ୍ୟାସନଗର

ପୌରବାସୀଙ୍କୁ ନିବେଦନ –
୧, "ମୋ ଅଳିଆ ମୋ ଦାୟିତ୍ୱ" ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଓ ପ୍ଲାଷ୍ଟିକ ଜିନିଷ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ୍ ଭିତରେ ନ ପକାଇ ପୌରପାଳିକାର ନିୟୋଜିତ ଗାଡ଼ିକୁ ହସ୍ତାନ୍ତର କରନ୍ତୁ।
୨. ହୋଟେଲ୍ ଓ ବହୁତଳ ପ୍ରାସାଦ ଗୁଡ଼ିକ ନିଜର ଡଷ୍ଟବିନ୍ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କଂପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ।
୩. ରାସ୍ତା ଉପରେ ଗାଈ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡ଼ନ୍ତୁ ନାହିଁ ।
୪. ରାସ୍ତା କଡ଼ରେ ଘର ତିଆରି ଉପକରଣ ଯଥା-ବାଲି, ଗୋଡ଼ି, ଇଟା ଇତ୍ୟାଦି ମହଜୁଦ କରନ୍ତୁ ନାହିଁ ।
୫. ପୌର ପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ।
୬. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନମାନେ ସେମାନଙ୍କ ଟ୍ରେଡ୍ ଲାଇସେନସ୍ ଯଥା ସମୟରେ ପୌର କାର୍ଯ୍ୟାଳୟରୁ କରାଇ ନିଅନ୍ତୁ।
୭. ବାହ୍ୟଶୌଚରୁ ନିବୃତ ରୁହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ୍ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୮. ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।
୯. ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦ ତରଫରୁ ଭଡ଼ାସୂତ୍ରରେ ସେସପୁଲ୍ ବ୍ୟବହାର କରନ୍ତୁ।
୧୦. ଘରୋଇ ପାଇଖାନା ଗୁଡ଼ିକର ଆବର୍ଜନା ପାଣି ଡ୍ରେନକୁ ଛାଡ଼ନ୍ତୁ ନାହିଁ।

ଶ୍ରୀଯୁକ୍ତ ରଣଜିତ୍ କୁମାର ମଲ୍ଲିକ (ଓ.ପ୍ର.ସେ) — ନିର୍ବାହୀ ଅଧିକାରୀ, ବ୍ୟାସନଗର ପୌର ପରିଷଦ
ସମସ୍ତ ସଭ୍ୟ ଓ ସଭ୍ୟ ବୃନ୍ଦ — ବ୍ୟାସନଗର ପୌର ପରିଷଦ
ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ବଳ — ଅଧ୍ୟକ୍ଷ, ବ୍ୟାସନଗର ପୌର ପରିଷଦ



## ପୌର ପରିଷଦ କାର୍ଯ୍ୟାଳୟ,ଫୁଲବାଣୀ

### ଫୁଲବାଣୀ ପୌର ପରିଷଦ ପ୍ରଗତିପଥେ ଆଗକୁ ବଢେଇ ନେବା ପାଇଁ, ଆପଣମାନଙ୍କୁ ଅନୁରୋଧ

- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ପରିଷଦର ବିଧବଦ୍ଧ ଅନୁମତି ନେଇ ନିର୍ମାଣ କରନ୍ତୁ ।
- ରାସ୍ତା କଡ଼ର ନାଳ ଉପରେ ଉଠା ଦୋକାନ ବା କ୍ୟାବିନ ପକାଇ ଜବର ଦଖଲ କରନ୍ତୁ ନାହିଁ ।
- ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ଗାଡିରେ ଦିଅନ୍ତୁ।
- ରାସ୍ତା ଏବଂ ଡ୍ରେନ ଉପରେ ନିର୍ମାଣଧନ ସାମଗ୍ରୀ ଯଥା ବାଲି, ଗୋଡ଼ି, ଇଟା, ମେଟାଲ ଇତ୍ୟାଦି ଜମା କରନ୍ତୁ ନାହିଁ ।
- ଗାଈ ଗୋରୁ ଓ ଅନ୍ୟ ଗୃହ ପାଳିତ ପଶୁମାନଙ୍କୁ ରାସ୍ତା ଉପରକୁ ନ ଛାଡି ନିଜ ହେପାଜତରେ ରଖନ୍ତୁ ।
- ଫୁଲବାଣୀ ପୌରପରିଷଦ ଦ୍ୱାରା ନିର୍ଧାରିତ ଟିକସ ସଠିକ ସମୟରେ ପଇଠ କରନ୍ତୁ ।
- ସର୍ବସାଧାରଣ ରାସ୍ତା ଉପରେ କୌଣସି ସାର୍ବଜନୀନ ସ୍ଥାନରେ ବିନା ଅନୁମତିରେ ଖାଲ କରିବା କିମ୍ବା ତୋରଣ ନିର୍ମାଣ କାମରୁ ନିବୃତ ରୁହନ୍ତୁ ।
- ଫୁଲବାଣୀ ପୌରପରିଷଦ ପରିସୀମା ମଧ୍ୟରେ କୌଣସି ସାଇନବୋର୍ଡ, ହୋର୍ଡିଂ ଇତ୍ୟାଦି ଲଗାଇବା ପୂର୍ବରୁ ପରିଷଦ ବିଧିବଦ୍ଧ ଅନୁମତି ନିଅନ୍ତୁ ।
- ପ୍ରତ୍ୟେକ ଶନିବାର ଦିନ ଘରୁ ବାହାରୁ ଥିବା ଇଲେକଟ୍ରିକ ବର୍ଜ୍ୟବସ୍ତୁ ଏଣେ ତେଣେ ନ ପକାଇ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଉଥିବା ଗାଡିପwମାନଙ୍କରେ ଦିଅନ୍ତୁ ।
- ଫୁଲବାଣୀ ପୌରପରିଷଦରେ ଫେକାଲ୍ ସ୍ଲେଜ୍ ମ୍ୟାନେଜମେଣ୍ଟର ଅପରେସନ୍ ମଡେଲ୍ ନିର୍ମାଣ ହୋଇଅଛି, ଯେଉଁଠି ସହରର ପରିମଳ ସଂଗ୍ରହ ହେବା ସେବା ସହ ପରିମଳକୁ ଖତ ରୂପେ ପରିବର୍ତ୍ତନ କରାଯାଉଅଛି ।
- ଘରେ ରହି ପୌର ପରିଷଦର ବିଭିନ୍ନ ସେବା ଯଥା ନିର୍ମାଣ ଅନୁମତି ଅନୁମୋଦନ, ଜନସାଧାରଣ ଅଭିଯୋଗ ସମାଧାନ, ବାଣିଜ୍ୟ ଲାଇସେନ୍ସ ସମ୍ପତ୍ତି କର, ଜଳ ଏବଂ ଜଳ ନିଷ୍କାସନ ଏବଂ ବିବାହ ପଞ୍ଜୀକରଣ ସେବା ପାଇବା ପାଇଁ https://sujog.odisha.gov.in/ ୱେବ ସାଇଟ ଯାଇ ସେବା ନିଅନ୍ତୁ।

ଶ୍ରୀ ସମରେଶ ମହାନ୍ତି — ନିର୍ବାହୀ ଅଧିକାରୀ, ଫୁଲବାଣୀ ପୌରପରିଷଦ
ସମସ୍ତ ପାରିଷଦ ବୃନ୍ଦ, ଫୁଲବାଣୀ ପୌରପରିଷଦ
ଶ୍ରୀମତୀ ପାୟେଲ ବେହେରା — ଅଧ୍ୟକ୍ଷା, ଫୁଲବାଣୀ ପୌରପରିଷଦ



## ଭବାନୀପାଟଣା ପୌର ପରିଷଦ

ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ- ୨୦୨୬ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ଭବାନୀପାଟଣା ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସହରବାସୀଙ୍କ ସହଯୋଗ କାମନା କରୁଛୁ । ଆସନ୍ତୁ, ଏହି ଶୁଭ ଅବସରରେ ଆମେ ସମସ୍ତେ ମିଶି ଭବାନୀପାଟଣାକୁ ଏକ ସବୁଜ, ସୁନ୍ଦର, ସ୍ୱଚ୍ଛ, ଆବର୍ଜନାମୁକ୍ତ ଓ ପଲିଥିନମୁକ୍ତ ସହର ରୂପେ ପରିଣତ କରିବା ପାଇଁ ସଂକଳ୍ପ ନେବା ଏବଂ ନାରୀ ସଶକ୍ତିକରଣ ନିମନ୍ତେ ଅଗ୍ରସର ହେବା ।

ଶ୍ରୀଯୁକ୍ତ ପ୍ରମୋଦ କୁମାର ପାଢ଼ୀ — ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ବିଷ୍ଣୁ ପ୍ରଧାନ — ନଗରପାଳ
ତଥା
ସମସ୍ତ ପାରିଷଦ ବୃନ୍ଦ, ଭବାନୀପାଟଣା ପୌରପାଳିକା ।



## ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

### ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଶୁଭେଚ୍ଛା ଓ ଅଭିନନ୍ଦନ

ପାରାଦ୍ୱୀପ ସହରର ସ୍ୱଚ୍ଛ ପରିବେଶ, ସବୁଜିମା ଓ ସର୍ବାଙ୍ଗୀନ ବିକାଶ ଆମର ସଂକଳ୍ପ:
୧. ଏକକ ବ୍ୟବହୃତ ପଲିଥିନ କିଣିବା, ବିକିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ।
୨. ପରିବେଶର ସୁରକ୍ଷା ପାଇଁ ବୃକ୍ଷରୋପଣ କରନ୍ତୁ ଓ ଯତ୍ନ ନିଅନ୍ତୁ।
୩. ଘରର ଆବର୍ଜନା ଏଣେତେଣେ ନ ପକାଇ ପୃଥକୀକରଣ କରି ପୌରପାଳିକା ଦ୍ୱାରା ପରିଚାଳିତ ଗାଡ଼ିରେ ଦିଅନ୍ତୁ।
୪. ସ୍ୱଚ୍ଛ ପରିବେଶ ଆମ ସମସ୍ତଙ୍କର ଦାୟିତ୍ୱ, ପରିମଳ କାର୍ଯ୍ୟରେ ପୌର କର୍ମଚାରୀଙ୍କୁ ସହଯୋଗ କରନ୍ତୁ।
୫. ରାସ୍ତାଘାଟ, ଡ୍ରେନ, ପାର୍କ, ଖେଳପଡ଼ିଆ ନିର୍ମାଣ ପାଇଁ ଜାଗାକୁ ଅବରୋଧ କରନ୍ତୁ ନାହିଁ, ପାରାଦ୍ୱୀପର ଉନ୍ନତିରେ ସହଯୋଗ କରନ୍ତୁ।
୬. ପୌର ପରିଷଦର ଦେୟ ତଥା ଗୃହ ଟିକସ, ଲାଇସେନ୍ସ ଫି', ପରିମଳ ଫି' ଏବଂ ଦୋକାନ ଗୃହ ଭଡ଼ା ଠିକ ସମୟରେ ପୈଠ କରନ୍ତୁ।

ସ୍ୱଚ୍ଛ ପାରାଦ୍ୱୀପ - ସୁସ୍ଥ ପାରାଦ୍ୱୀପ

ନିବେଦକ
ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ



## କେନ୍ଦ୍ରାପଡା ପୌର ପରିଷଦ , କେନ୍ଦ୍ରାପଡା

"ନିଖିଳ ଭାରତ ସ୍ୱାୟତ୍ତ ଶାସନ ୨୦୨୬ " ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି ।

### ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ । ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି । ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ ।

୨. ରାସ୍ତା ଅବରୋଧ କରି ଇଟା, ଗୋଡି , ମାଟି କିମ୍ବା ବାଲି ରଖନ୍ତୁ ନାହିଁ।

୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ ) ଗିନା , ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି ।ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ । ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ ।

୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି , ସୁପର ଭାଇଜର , ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଭବକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି କୁ ପୌରସଂସ୍ଥା ର କର୍ମଚାରୀଙ୍କ ନିକଟରେ ପୈଠ କରି ପୌର ପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ ।

୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌର ସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ । ଯଦି ପୂର୍ବରୁ ପୌର ସଂସ୍ଥା ର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି , ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ ।

ଶ୍ରୀଯୁକ୍ତ ତ୍ରିନାଥ ବେହେରା — ନିର୍ବାହୀ ଅଧିକାରୀ
ଆକବରୀ ଖାତୁନ — ଉପାଧକ୍ଷା
ଶ୍ରୀମତୀ ସରିତା ସାହୁ — ଅଧକ୍ଷା



## ବ୍ରହ୍ମପୁର ମହାନଗର ନିଗମ

### ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ନିବେଦନ

**କରନ୍ତୁ :**
(୧) ଆପଣଙ୍କ ଘର / ଅନୁଷ୍ଠାନର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦି କୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହକାରୀ ଯାନରେ ପକାନ୍ତୁ ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ ।
(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

**କରନ୍ତୁ ନାହିଁ:**
(୧) ଗୋଟିଏ ଡଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ ।
(୩) ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ ।
(୬) ପଲିଥିନ୍, ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ ।
(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।

ଶ୍ରୀ ସମୀର କୁମାର ଜେନା, କମିଶନର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀମତୀ ସଂଘମିତ୍ରା ଦଳେଇ, ମେୟର, ବ୍ରହ୍ମପୁର ମହାନଗର ନିଗମ
ଶ୍ରୀ ଇ. ବିବେକ୍ ରେଡ୍ଡୀ, ଡେପୁଟି ମେୟର, ବ୍ରହ୍ମପୁର ମହାନଗର ନିଗମ
ଓ
ସମସ୍ତ କର୍ପୋରେଟର ବୃନ୍ଦ
ବ୍ରହ୍ମପୁର ମହାନଗର ନିଗମ

# ସନ୍ତୁଳିତ ବ୍ୟବହାର ଜରୁରୀ



ଆଜିର ଯୁଗରେ ମୋବାଇଲ୍ ଫୋନ୍ ମାନବ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି। ଏହା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଶିକ୍ଷା, ବ୍ୟବସାୟ, ମନୋରଞ୍ଜନ ଓ ସେବା ପ୍ରଦାନର ଏକ ଶକ୍ତିଶାଳୀ ଉପକରଣ। କିନ୍ତୁ ଏହାର ଅତ୍ୟଧିକ ବ୍ୟବହାର କ'ଣ ମାନବକୁ ଉପକାର କରୁଛି, ନା କ୍ଷତି? ଏହି ପ୍ରଶ୍ନ ଆଜି ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବିଚାର୍ଯ୍ୟ ବିଷୟ।

ଗତ ଦୁଇ ଦଶନ୍ଧିରେ ମୋବାଇଲ୍ ଉପଯୋଗକାରୀଙ୍କ ସଂଖ୍ୟା ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି। ବିଶ୍ୱରେ ବର୍ତ୍ତମାନ ପ୍ରାୟ ୫.୭୮ ବିଲିୟନ୍ ବ୍ୟକ୍ତି ମୋବାଇଲ୍ ବ୍ୟବହାର କରୁଛନ୍ତି, ଯାହା ବିଶ୍ୱ ଜନସଂଖ୍ୟାର ପ୍ରାୟ ୭୦ ପ୍ରତିଶତ। ସ୍ମାର୍ଟଫୋନ ସଂଖ୍ୟା ୭ ବିଲିୟନରୁ ଅଧିକ। ଭାରତରେ ମଧ୍ୟ ଏହି ବୃଦ୍ଧି ଚମତ୍କାର। ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମୋବାଇଲ ବଜାର। ସେଠାରେ ସ୍ମାର୍ଟଫୋନ୍ ଉପଯୋଗକାରୀ ସଂଖ୍ୟା ୬୫୦ ମିଲିୟନ୍ ରୁ ଅଧିକ ଏବଂ ମୋଟ ମୋବାଇଲ୍ ସଂଯୋଗ ଏକ ବିଲିୟନରୁ ଅଧିକ। କିଛି ବର୍ଷ ପୂର୍ବେ ଯେଉଁଠାରେ ଗ୍ରାମାଞ୍ଚଳରେ ମୋବାଇଲ ଦେଖିବା ବିରଳ ଥିଲା, ଆଜି ପ୍ରାୟ ପ୍ରତ୍ୟେକ ଘରେ ଅତି କମରେ ଗୋଟିଏ ମୋବାଇଲ୍ ଅଛି। ଏହି ଘନତ୍ୱ ବୃଦ୍ଧି ପ୍ରଯୁକ୍ତି, ସସ୍ତା ଡାଟା ଓ ଡିଜିଟାଲ୍ ସେବାର ବିସ୍ତାର ଯୋଗୁଁ ସମ୍ଭବ ହୋଇଛି।

ମୋବାଇଲର ଉପକାରିତା ଅସ୍ୱୀକାର୍ଯ୍ୟ। ଏହା ଦୂରତାକୁ କମ କରିଛି। ପରିବାର ସଦସ୍ୟଙ୍କ ସହ ଯୋଗାଯୋଗ, ଜରୁରୀ ସୂଚନା ପ୍ରାପ୍ତି, ଅନଲାଇନ୍ ଶିକ୍ଷା, ବ୍ୟାଙ୍କିଙ୍ଗ୍, ସ୍ୱାସ୍ଥ୍ୟ ସେବା ଓ ସରକାରୀ ସେବା ସହଜ ହୋଇଛି। କୃଷକ ମାନେ ବଜାର ମୂଲ୍ୟ ଜାଣିପାରୁଛନ୍ତି, ଛାତ୍ରଛାତ୍ରୀମାନେ ଘରେ ବସି ଶିକ୍ଷା ଗ୍ରହଣ କରୁଛନ୍ତି ଏବଂ ବ୍ୟବସାୟୀମାନେ ବିଶ୍ୱ ବଜାର ସହ ଯୋଡ଼ି ହୋଇଛନ୍ତି। କୋଭିଡ୍-୧୯ ସମୟରେ ମୋବାଇଲ୍ ଜୀବନରକ୍ଷାକାରୀ ଭୂମିକା ଗ୍ରହଣ କରିଥିଲା। ସୂଚନା ଓ ଯୋଗାଯୋଗର ଏହି ସୁବିଧା ସମାଜକୁ ଅଧିକ ସଚେତନ ଓ ସକ୍ଷମ କରିଛି।

ତଥାପି ଅତ୍ୟଧିକ ବ୍ୟବହାର ଗୁରୁତର ସମସ୍ୟା ସୃଷ୍ଟି କରୁଛି। ମୋବାଇଲ ନିଶା ଏକ ବ୍ୟାପକ ସମସ୍ୟା। ଅନେକ ଯୁବକ-ଯୁବତୀ ଓ ପିଲା ଦିନର ଅଧିକାଂଶ ସମୟ ସ୍କ୍ରିନ୍‌ରେ ବିତାଉଛନ୍ତି। ଏହା ଦୃଷ୍ଟିଶକ୍ତି କ୍ଷତି, ଗ୍ରୀବା ଯନ୍ତ୍ରଣା, ନିଦ୍ରା ବିଘ୍ନ, ମାନସିକ ଚାପ, ଉଦବେଗ ଓ ଏକାକୀତ୍ୱ ସୃଷ୍ଟି କରୁଛି। ଅଧ୍ୟୟନରୁ ଜଣାପଡ଼ିଛି ଯେ ଦୀର୍ଘକାଳୀନ ବ୍ୟବହାର ଦୁର୍ଘଟଣା ଝୁମ୍ପି ବଢ଼ାଏ, ବିଶେଷକରି ଡ୍ରାଇଭିଙ୍ଗ ସମୟରେ। ସାମାଜିକ ମାଧ୍ୟମର ଅତ୍ୟଧିକ ବ୍ୟବହାର ତୁଳନା ଓ ଅସନ୍ତୋଷ ଜନ୍ମାଏ। ପାରିବାରିକ ସମ୍ପର୍କ ଦୁର୍ବଳ ହେଉଛି। ଛାତ୍ରଛାତ୍ରୀଙ୍କ ଧ୍ୟାନ ଓ ଉତ୍ପାଦକତା କମୁଛି।

ମୋବାଇଲ୍ ନିଜେ ଖରାପ ନୁହେଁ; ଏହାର ବ୍ୟବହାର ପଦ୍ଧତି ହିଁ ନିର୍ଣ୍ଣାୟକ। ଉପଯୋଗୀ ଉଦ୍ଦେଶ୍ୟରେ ସୀମିତ ସମୟ ପାଇଁ ବ୍ୟବହାର କଲେ ଏହା ଉପକାରୀ। କିନ୍ତୁ ନିୟନ୍ତ୍ରଣହୀନ ବ୍ୟବହାର କ୍ଷତିକାରକ। ସମାଜ, ପରିବାର ଓ ବ୍ୟକ୍ତିବିଶେଷଙ୍କୁ ସଚେତନ ହେବାକୁ ପଡ଼ିବ। ପିଲାମାନଙ୍କ ପାଇଁ ସ୍କ୍ରିନ ସମୟ ସୀମିତ କରିବା, ଶାରୀରିକ କ୍ରୀଡ଼ା ଓ ବହି ପଢ଼ିବାକୁ ଉତ୍ସାହିତ କରିବା ଆବଶ୍ୟକ। ବୟସ୍କମାନେ ମଧ୍ୟ ନିଜ ବ୍ୟବହାର ଉପରେ ନଜର ରଖିବା ଉଚିତ।

ସରକାର ଓ ଶିକ୍ଷା ଅନୁଷ୍ଠାନମାନେ ଡିଜିଟାଲ ସାକ୍ଷରତା ଓ ସୁସ୍ଥ ବ୍ୟବହାର ବିଷୟରେ ସଚେତନତା କାର୍ଯ୍ୟକ୍ରମ ଚଳାଇବା ଉଚିତ। ମୋବାଇଲକୁ ନିୟନ୍ତ୍ରଣରେ ରଖି ଏହାର ସୁଫଳ ଭୋଗ କରିବା ହିଁ ବୁଦ୍ଧିମତ୍ତା। ଅତ୍ୟଧିକ ବ୍ୟବହାର ନହେଲେ ମୋବାଇଲ୍ ମାନବ ପ୍ରଗତିର ଏକ ଶକ୍ତିଶାଳୀ ସାଧନ ରହିବ; ନଚେତ୍ ଏହା ଏକ ନିଶା ପାଲଟି ଜୀବନକୁ କ୍ଷତିଗ୍ରସ୍ତ କରିପାରେ। ସନ୍ତୁଳିତ ବ୍ୟବହାର ହିଁ ଏହି ଯୁଗର ପ୍ରକୃତ ଆବଶ୍ୟକତା।

# ନାରୀ ସ୍ୱାଧୀନତା

**ଅରିଜିତ ମିଶ୍ର**



ଅପୂର୍ବ ସଂସ୍କୃତିରେ ପରିପୂର୍ଣ୍ଣ ଏହି ଭାରତ ବର୍ଷ, ଯିଏ କି ସର୍ବ ଧର୍ମ ସମନ୍ୱୟର ଏକ ଅଦ୍ୱିତୀୟ ଉଦାହରଣ ପୃଥିବୀ ନିମନ୍ତେ। ଏଠାରେ ସ୍ୱାଧୀନତା କହିଲେ, ପ୍ରତ୍ୟକ ମଣିଷର ନିଜସ୍ୱତା, ଆତ୍ମନିର୍ଭଶୀଳତା, ସ୍ୱାୟତ୍ତତା, ବ୍ୟକ୍ତିଗତ ଲକ୍ଷ୍ୟ ଏବଂ ମୂଲ୍ୟବୋଧକୁ ଅନୁସରଣ କରିବାର କ୍ଷମତା। ଆମେ ଇଂରେଜ ସରକାରଙ୍କ ଅଧିନରୁ ସ୍ୱାଧୀନ ହୋଇଛେ ସତ୍ୟ, କିନ୍ତୁ ପ୍ରତ୍ୟକ ମଣିଷକୁ ଆମର ସମାଜ ହେଉ ବା ପରିବାରରେ ପୂର୍ଣ୍ଣ ସ୍ୱାଧୀନତା ମିଳିବା ଟା ଅଦ୍ୟାବଧି କଷ୍ଟସାଧ୍ୟ ଅନୁମେୟ ହୁଏ। ସେହିପରି ଭାବରେ ନାରୀ ସ୍ୱାଧିନତା ସମ୍ପୂର୍ଣ୍ଣ ଭାବରେ ପାଇବା, ଉକ୍ତ ବାକ୍ୟଟି ପୁରୁଷ ସମାଜରେ କେଉଁ ପୁରୁଷ ଆଦୌ ରାଜି ହୁଏନି ତ ଆଉ କିଛି ପୁରୁଷ ରାଜି ହୁଏ। ସାଧାରତଃ ସମାଜରେ ଚଳିବା ପାଇଁ ଉଭୟ ପୁରୁଷ ଓ ନାରୀ ସମାନ ଭାବରେ ଚାଲିବା ଆବଶ୍ୟକ। ଯେପରି ନିକିତିର ଦୁଇ ପାଶ୍ୱ ସମାନ ରହିବ, ଯଦି ଗୋଟେ ପାଶ୍ୱ ତଳକୁ ଆଉ ଗୋଟିଏ ପାଶ୍ୱ ଉପରକୁ ଏପରି ହୁଏ, ତେବେ ସେଠାରେ ସବୁ ଅସମାନତା ସୃଷ୍ଟିର କାରଣ ଆରମ୍ଭ ହୋଇଥାଏ। ପୁରାଣ ଅନୁସାରେ, ଦିନ ଥିଲା ନାରୀର ବିବାହ ନିମନ୍ତେ ସ୍ୱୟମ୍ବର ସଭା ଆୟୋଜନ କରାଯାଉଥିଲା। ସେଠାରେ ନାରୀ ସ୍ୱାଧୀନ ଭାବରେ ଉପଯୁକ୍ତ ପୁରୁଷକୁ ମନୋନୀତ କରିପାରୁଥିଲା। ଉଦାହରଣ ସ୍ୱରୁପ ରାମାୟଣରେ ମାତା ସୀତା ଓ ମହାଭାରତରେ ଦେବୀ ଦ୍ରୌପଦୀ। କିନ୍ତୁ ବର୍ତ୍ତମାନ ଆଧୁନିକ ଯୁଗରେ ପ୍ରଯୁକ୍ତିବିଦ୍ୟାର ସହାୟତା ଦ୍ୱାରା ବା ଅନ୍ୟ ପ୍ରକାରରେ ହେଉ ନାରୀ ନିଜେ ନିଜର ପୁରୁଷକୁ ମନୋନୀତ କରୁଚି। ଏହି ପରିସ୍ଥିତିକୁ କେତେକ ପରିବାର ଓ ସମାଜ ଗ୍ରହଣ କରୁଛନ୍ତି ଭଲରେ, ତ କେଉଁଠି ବାଧ୍ୟ ହୋଇ ଗ୍ରହଣ କରିବା ପାଇଁ ପଡୁଚି ଓ କେଉଁଠି ରାଗ, ରୁଷା, ଅଭିମାନ, ଗଣ୍ଡଗୋଳ ଆଦି କେତେ ଅସୁବିଧା ମାନ ସୃଷ୍ଟି ହେଉଚି। ତେଣୁ ଏହିଭଳି ଅସୁବିଧା ଦ୍ୱାରା ନାରୀର ସ୍ୱାଧୀନତା କ୍ଷୁର୍ଣ୍ଣ ହୁଏ, କିନ୍ତୁ ଏପରି ବିପଦପୂର୍ଣ୍ଣ ଅବସ୍ଥା ସୃଷ୍ଟି ହେବା ଆଗରୁ ନାରୀ ନିଜେ ସଂଜତ ହେବା ଦରକାର। ସ୍ଥାନ, କାଳ ଓ ପାତ୍ର ଦେଖି ପୁରୁଷକୁ ମନୋନୀତ କରିବା ଆବଶ୍ୟକ, ଖାଲି ନାରୀ କାହିଁକି ପୁରୁଷ ମଧ୍ୟ ନିଜର ସମାଜ ଓ ପରିବାରର ମଙ୍ଗଳ ପାଇଁ ଏବଂ ଅଶାନ୍ତି ଠାରୁ ଦୁରେଇ ରହିବା ନିମନ୍ତେ ଉଚିତ୍ ନାରୀକୁ ଗ୍ରହଣ କରିବା ଆବଶ୍ୟକ। ନାରୀକୁ ଆଜି କଣ, ଦେଶ ସ୍ୱାଧୀନ ହେବା ଠାରୁ ସ୍ୱାଧୀନତା ମିଳିଚି, ତଥାପି ଅନେକ କ୍ଷେତ୍ରରେ ଲାଗେ ଯେପରି ନାରୀ ପରାଧୀନ। ଆମେ ଯଦି କିଛି ଉଦାହରଣ ଦେଖିବା, ତେବେ ପରିବାରରେ କଣ ପ୍ରତ୍ୟକ ଦିନ ରୋଷେଇ ହେବ, ଏଇଟା ପରିବାରର ମୁଖ୍ୟ ସେ ପିତା, ଭାଇ ବା ସ୍ୱାମୀ ହୁଅନ୍ତୁ ତାଙ୍କ ଦ୍ୱାରା ହିଁ ନିର୍ଘଣ୍ଟ କରାଯିବ। ଝିଅଟିର ଯଦି ପାଠ ପଢିବା ପାଇଁ ଇଚ୍ଛା ଥିବ, ଏବେ ମଧ୍ଯ ଅନେକ ପରିବାର ଅଛନ୍ତି, ସେମାନେ ପାଠ ପଢିବା ପାଇଁ ମନା କରନ୍ତି ଯାହା ଆମେ ଖବରକାଗଜରୁ ଦେଖିଥାଉ। ଅନେକ ଉତ୍ତମ ନାରୀ ଅଛନ୍ତି, ତାଙ୍କର ଇଚ୍ଛା ହୁଏ ପାଖି ବଜାର, ସିନେମା ହଲ୍, ମଲ୍ ଆଦି ଯିବା ପାଇଁ କିଛି କ୍ରୟ କରିବା ନିମନ୍ତେ ହେଉ ବା ମନୋରଞ୍ଜନ କରିବା ପାଇଁ, କିନ୍ତୁ ସେଗୁଡିକ ତାଙ୍କୁ ବାରଣ କରାଯାଏ, କାରଣ କିଛି ନାରୀ ଯିଏ କି ଘରେ ନଜଣାଇ ଏପରି କର୍ମ କରନ୍ତି ଯେ, ତା ପରିଣତି ପରିବାରକୁ ବହୁତ୍ କଷ୍ଟ ଦେବା ସହିତ ଏକ ଭୟର ବାତାବରଣ ସୃଷ୍ଟି କରିଦିଏ। ଏହିପରି କିଛି ନାରୀଙ୍କ ପାଇଁ ଆଉ କିଛି ନାରୀଙ୍କର ସ୍ୱାଧୀନତା କ୍ଷୁର୍ଣ୍ଣ ହୋଇଥାଏ। ଏହିପରି ଅନେକ ଘଟଣାକୁ ଲକ୍ଷ କରି ମନୁ ସ୍ମୃତିରେ ବର୍ଣ୍ଣିତ ହୋଇଛି,

ବାଲ୍ୟେ ପିତୃର୍ବଶୋ ତିଷ୍ଠେତ୍ପାଣିଗ୍ରାହସ୍ୟ ଯୌବନେ।
ପୁତ୍ରାଣା ଭର୍ତ୍ତରୀ ପ୍ରେତେ ନ ନଭଜେ ସ୍ତ୍ରୀସ୍ୱତନ୍ତ୍ରତାମ୍।।

ଅର୍ଥାତ୍, ନାରୀ ବିବାହ ପୁର୍ବରୁ ପିତା ଦ୍ୱାରା, ବିବାହ ସମ୍ପନ୍ନ ପରେ ପତି ଦ୍ୱାରା ତଥା ବିଧବା ବା ବୃଦ୍ଧା ସମୟରେ ପୁତ୍ର ଦ୍ୱାରା ସଂରକ୍ଷିତ ହୋଇଥାଏ। ତେଣୁ ଯୁଗ ଯୁଗ ଧରି ନାରୀ ପୁରୁଷଦ୍ୱାରା ସଂରକ୍ଷିତ ହୋଇ ରହିଛି, ଆଗକୁ ରହିବା ମଧ୍ୟ ଭଲ, କିନ୍ତୁ ପୁରୁଷ ଯଦି କୃର ପ୍ରକୃତିର ହୋଇ ନାରୀ କୁ ନିର୍ଯ୍ୟାତନା ଦେବ, ତେବେ ସମାଜ ପ୍ରତି ବିରାଟ ବିପଦ ମାଡ଼ିଆସିବ, ଏଥିରେ ଦ୍ୱିମତ ନାହିଁ। ତେଣୁ ବର୍ତ୍ତମାନ ସମୟରେ ନାରୀ ସ୍ୱାଧୀନତା ପାଇବା ପାଇଁ ହେଲେ, ନିଜେ ନିଜର ଯତ୍ନ ନିଅନ୍ତୁ, ସମଗ୍ର ନାରୀ ଜାତି ଏକତ୍ରିତ ହୁଅନ୍ତୁ। ଯାହା ଫଳରେ ଦୁନିଆରେ ଯେତେ ପ୍ରକାରର ବିଘ୍ନ ଆସିବ, ତାକୁ ରୋକି ପାରିବେ। ନାରୀ ଯିଏ କି ପରାଶକ୍ତି ମା ଦୂର୍ଗାଙ୍କର ଅଂଶ, ସମସ୍ତ ଶକ୍ତିର ଆଧାର। ବର୍ତ୍ତମାନ ସଂଘର୍ଷର ସମୟ ଉପନୀତ, ତେଣୁ ନାରୀ ନିଜକୁ ରକ୍ଷା ପାଇଁ ଏବଂ ନିଜକୁ ସ୍ୱାଧୀନତା ପୂର୍ଣ୍ଣ ରୁପରେ ପ୍ରଦାନ କରିବା ପାଇଁ ଆଗେଇ ଆସିବାକୁ ପଡ଼ିବ। କିଛି ମଣିଷଙ୍କ ମତରେ ନାରୀ କୁ ଅଧିକ ସ୍ୱାଧୀନତା ଦେଲେ ତାଙ୍କର ଉଦ୍ଧତତା ବଢ଼ିଯିବାର ଆଶଙ୍କା ରହିଛି, କାରଣ ବର୍ତ୍ତମାନ ସମୟରେ ଯେଉଁ ଦୂରସଂଚାର, ମୋବାଇଲ ଆଦିର ବ୍ୟବହାରକୁ ନେଇ କେଉଁଠି ନାରୀ ନିଜେ ନିଜର ଦୂର୍ନାମ କରୁଚି, ଆଉ କେଉଁଠି ପୁରୁଷ ସହିତ ମିଶି ନଷ୍ଟ କରୁଚି ନିଜକୁ । ତେଣୁ ଏହିପରି ଅବସ୍ଥାରୁ ନିବୃତ ରହିବା ସଂସାର ପାଇଁ ମଙ୍ଗଳପ୍ରଦ। ବର୍ତ୍ତମାନ ଭାରତ କାହିଁକି ସମ୍ପୂର୍ଣ୍ଣ ପୃଥିବୀରେ ନାରୀ ସ୍ୱାଧୀନତା ହେଉ ବା ପୁରୁଷ ସ୍ୱାଧୀନତା ଅକ୍ଷୁର୍ଣ୍ଣ ରହିବା ସହିତ, ଦୁଇ ଜାତି ମିଳିମିଶି ଠିକ୍ ତାଳ ଦେଇ ଚାଲିଲେ ଜଗତର କଲ୍ୟାଣ ହୋଇଥାଏ।

ବୀରନରସିଂହପୁର, ପୁରୀ
ମୋବାଇଲ୍ः୯୦୪୦୩୫୦୦୮୯

# ମର୍କତନଗର ଓ ଅଣଓଡ଼ିଆ ଆଇଏଏସ ପ୍ରଥମ ସୂତ୍ରଧର

**ବିକ୍ରମ ମହାପାତ୍ର**



କେଉଁ ସ୍ମରଣାତୀତ କାଳରୁ ମହାନଦୀ ଓ କାଠଯୋଡ଼ି ମଧ୍ୟସ୍ଥ ତ୍ରିଭୁଜାକାର ଉର୍ବର ସମତଳ ଭୂମି ଉପରେ ଗଢ଼ି ଉଠିଥିଲା ସମାକୀର୍ଣ୍ଣ ଜନପଦଟି ଲମ୍ବିଛି ସିଡ଼ିଏର ନରାଜ ପର୍ଯ୍ୟନ୍ତ। କଟକକୁ ଅନେକ ହଜାର ବର୍ଷର ସହର ବୋଲି କହିଥାନ୍ତି। କଟକର ଅର୍ଥ ରାଜଧାନୀ, ନଗର, ପୁର, ବା ସ୍ଥାନକୁ ବୁଝାଏ। ପୁରୁଣା କଟକିଆଙ୍କ ଆଖି ସାମ୍ନାରେ ହିଁ ତିଆରି ହୋଇଛି ମର୍କତ ନଗର ଯାହାକୁ କଟକ ଡେଭଲପମେଣ୍ଟ ଅଥରିଟି ଅଧୀନରେ ପରିଚାଳନା କରାଯାଉଛି। ମର୍କତ ନଗର କଥା ଭାବିଲାବେଳକୁ ଅଶୀଦଶକର ଏକ କଥା ମନେ ପଡୁଛି। ମର୍କତ ନଗରର ନିର୍ମାଣ ପାଇଁ ଏହାର ବଡ଼ ଚିନ୍ତାନାୟକ ଥିଲେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ। ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ତାଙ୍କୁ ସୁପରି ଚିଫ ମିନିଷ୍ଟର କୁହାଯାଉଥିଲା। ସେତେବେଳେ ଆଜିର ମର୍କତ ନଗରଟି କାଜୁ ଜଙ୍ଗଲ, ବାଲି ଓ ଅନାବନା ଛୋଟବଡ଼ ଗଛରେ ପରିପୂର୍ଣ୍ଣ। ହେଟା ବିଲୁଆମାନେ ଦିନରେ ବି ରାଜୁତି କରୁଥିଲେ। କୁହାଯାଏ ଯେତେବେଳେ ମର୍କତ ନଗର ଗଠନ ହୋଇ ପ୍ଲଟିଂ ଭାବେ ସରକାର ବିକ୍ରି ଆରମ୍ଭ କଲେ ଅନେକ ମୂଳ କଟକିଆ ଏକ ପ୍ରକାର ହସୁଥିଲେ। ବାଲିଗଦା ଉପରେ କେଉଁଠି ସହର ଗଢ଼ି ହୁଏ? କିନ୍ତୁ ଆଜିର ମର୍କତ ନଗର ହେଉଛି କଟକର ଅନ୍ୟତମ ସମ୍ଭ୍ରାନ୍ତ ଅଞ୍ଚଳ। ସରକାର ପର୍ଯ୍ୟାୟକ୍ରମେ ଲୋକମାନଙ୍କୁ ପ୍ଲଟ ବିକ୍ରି କରିଥିଲେ। ସର୍ବପ୍ରଥମେ ସେକ୍ଟର-୬ଅଞ୍ଚଳରେ କିଛି ଲୋକ ପ୍ରଥମେ ପ୍ରଥମେ ଘର ନିର୍ମାଣ କରିଥିଲେ ମଧ୍ୟ ଚାରିଆଡ଼େ ଖୋଲାମେଲା ସବୁ ଥିବାରୁ ଏବଂ ସେତେବେଳେ ରିଂରୋଡ଼ରେ ଭଲ ରାସ୍ତା ଓ ବିଜୁଳିର ବ୍ୟବସ୍ଥା ହୋଇନଥିଲା। ଅନେକ ସମୟରେ ଛୋଟମୋଟର ଚୋରୀ ମଧ୍ୟ ହେଉଥିଲା। କିନ୍ତୁ ଆଜିର ମର୍କତ ନଗର ସମ୍ପୂର୍ଣ୍ଣ ଭାବେ ଚାକଚକ୍ୟ ଓ ଉତ୍ତମ ଯୋଗାଯୋଗ ବ୍ୟବସ୍ଥାକୁ ନେଇ ଗଠିତ, ପ୍ରାୟ ସବୁ ଅଞ୍ଚଳକୁ ସରକାରଙ୍କ ମୋ ବସ ମଧ୍ୟ ଯିବା ଆସିବା କରୁଛି। ଅନେକ ସରକାରୀ ଓ ଗୁରୁତ୍ୱପୂର୍ଣ୍ଣ ବେସରକାରୀ ପ୍ରତିଷ୍ଠାନ ଖୋଲିବା ସହ ସରକାର ଏବେ ସେକ୍ଟର-୧୩ ଓ ପରବର୍ତ୍ତୀ ପ୍ଲଟକୁ ବିକଶିତ କରୁଛନ୍ତି।

ମର୍କତନଗର ନିର୍ମାଣ ହେବା ପୂର୍ବରୁ ସିଡ଼ିଏର ଉପାଧ୍ୟକ୍ଷ ଥିଲେ ଜଣେ ଅଣ ଓଡ଼ିଆ ଆଇଏଏସ୍ ଅଫିସର ସନ୍ତୋଷ କୁମାର। ସେ ଥିଲେ ଜଣେ ଅଣଓଡ଼ିଆ ଅର୍ଥାତ୍ ପଞ୍ଜାବୀ। ଯେତେବେଳେ ସିଡ଼ିଏର ଉପାଧ୍ୟକ୍ଷ ହୋଇ କଟକ ଆସିଲେ ସେତେବେଳକୁ ଆଜିର ମର୍କତ ନଗର ନିର୍ମାଣ ହୋଇନଥିଲା। ସେତେବେଳେ ଖାଲି ଜଙ୍ଗଲ ଏବଂ ବାଲି ଭର୍ତ୍ତି ହୋଇ ରହିଥିଲା। ସେସମୟରେ ମହାନଦୀ ଏବଂ କାଠଯୋଡ଼ିନଦୀରେ ଅନେକ ସମୟରେ ଛୋଟବଡ଼ ବନ୍ୟା ଆସୁଥିଲା। ୧୯୮୨ରେ ମହାନଦୀ ଏବଂ କାଠଯୋଡ଼ି ନଦୀରେ ପ୍ରଳୟଙ୍କାରୀ ବନ୍ୟା ଆସିଥିଲା। କଟକ ସହର ଭିତରକୁ କିଛି ଜାଗାରେ ବନ୍ୟା ଜଳ ପଶି ଆସିଥିଲା। ଥରେ ବନ୍ୟା ସମୟରେ ସିଡ଼ିଏର ଉପାଧ୍ୟକ୍ଷ ଥିବା ସନ୍ତୋଷ କୁମାର କଟକ ବୁଲି ବନ୍ୟା ପରିସ୍ଥିତି ନିରୀକ୍ଷଣ କରୁଥିଲେ। ମହାନଦୀ ଏବଂ କାଠଯୋଡ଼ି ନଦୀରେ ବଡ଼ ବନ୍ୟା ସମୟରେ ଯୋବ୍ରା କାଳିଆବୁଦା ଏବଂ ପୁରୀଘାଟରୁ ଖାନନଗର ପର୍ଯ୍ୟନ୍ତ ନଦୀ ବନ୍ଧ ବନ୍ୟା ଜଳରେ ବୁଡ଼ିବା ଅବସ୍ଥାକୁ ଆସିଯାଉଛି କିନ୍ତୁ କାଠଯୋଡ଼ି ନଦୀ



ପଠା ବନ୍ୟା ସମୟରେ ବି ବୁଡୁନାହିଁ ବୋଲି ଦେଖିବାକୁ ପାଇଥିଲେ।

ତେଣୁ ବଡ଼ ବନ୍ୟା ସମୟରେ ଯୋବ୍ରା କାଳିଆବୁଦା, ପୁରୀଘାଟ, ଖାନନଗର ଆଦି ଅଞ୍ଚଳରେ ବନ୍ୟା ଜଳ କଟକ ସହରର ମୁଣ୍ଡ ଉପରେ ଦେଖିବାକୁ ପାଇଥିଲେ। ତେଣୁ ବଡ଼ ବନ୍ୟା ସମୟରେ ଯୋବ୍ରା, କାଳିଆବୁଦା, ପୁରୀଘାଟ, ଖାନନଗର ଅଞ୍ଚଳରେ ବନ୍ୟା ଜଳ କଟକ ସହରର ମୁଣ୍ଡରେ ରହୁଥିବା ବେଳେ କାଠଯୋଡ଼ିର ଏହି ବିରାଟ ନଦୀପଠା କାହିଁକି ବୁଡୁ ନାହିଁ ତାହାର କାରଣ ଖୋଜିଥିଲେ। ବଡ଼ ବନ୍ୟା ସମୟରେ ଯୋବ୍ରା, ଖାନନଗର ବେଲଭ୍ୟୁ ଏବଂ ନରାଜ ଆଦି ଅଞ୍ଚଳରେ କେତେ ଫୁଟ ଉଚ୍ଚତାରେ ବନ୍ୟା ଜଳ ପ୍ରବାହିତ ହେଉଛି ପ୍ରାଥମିକ ସ୍ତରରେ ତାହାର ହିସାବ ସଂଗ୍ରହ କଲେ। ଏଥିରୁ ସେ ଜାଣିବାକୁ ପାଇଲେ ଯେ ଉପରୋକ୍ତ ଜାଗାମାନଙ୍କ ଠାରୁ କାଠଯୋଡ଼ି ନଦୀ ପଠା ବା ଆଜିର ମର୍କତନଗର କଡ଼ ଦେଇ କ ଉଚ୍ଚରେ ବନ୍ୟା ଜଳ ନିଷ୍କାସିତ ହେଉଛି। ତେଣୁ ଏହି ନଦୀପଠାର ସୁରକ୍ଷା ବ୍ୟବସ୍ଥା କରାଗଲେ ଏଠାରେ ବଡ଼ ଜନବସତି ସୃଷ୍ଟି ହୋଇପାରିବ ବୋଲି ଚିନ୍ତା କରିଥିଲେ। ତାପରେ ସେ ପ୍ରଥମେ ବେଲଭ୍ୟୁ ଛକରୁ ନରାଜ ଯାଏ ନଦୀ ଏବଂ ପଠା କଡ଼େ କଡ଼େ ଏକ ବିଲର ହିଡ ସଦୃଶ ଛୋଟ ବନ୍ଧ ତିଆରି କରାଇଥିଲେ। ଯାହାକି କେବଳ ବାଲିରେ ତିଆରି ହୋଇଥିଲା। ସମୟ କ୍ରମେ ସେହି ନଦୀ ବନ୍ଧର ଉନ୍ନତି କରାଯାଇ ତାହା ଆଜି ପକ୍କା ରାସ୍ତାରେ ପରିଣତ ହୋଇଛି। ବନ୍ଧ ତିଆରି ପରେ ସମୁଦାୟ ଜାଗାକୁ ଛୋଟ ପ୍ଲଟ ଆକାରରେ ଲୋକଙ୍କୁ ଯୋଗାଇ ଦିଆଗଲା।

ଅନେକ ହୁଏତ ଜାଣିନଥିଲେ ଆଜି ଯେଉଁଠି ମର୍କତ ନଗର ଗଢ଼ି ଉଠିଛି ଦିନେ ସେଠିଥିଲା ସରକାରଙ୍କ ଓୟୁଏଟିର ଉନ୍ନତମାନର ଫାର୍ମ ହାଉସ। ୧୯୭୦ ଦଶକର କଥା। ସେତେବେଳେ ପୁରୁଣା କଟକ ସହରର ଶେଷ ଭାଗ ଥିଲା ଚହଟା। ଗୋଟିଏ ପଟେ ବେଲଭ୍ୟୁ ଛକରୁ ନରାଜ ଯାଏ, ଅନ୍ୟ ପଟେ ଚହଟା ଠାରୁ ଧବଳେଶ୍ୱର ଗଡ଼ା ଦେଇ ମହାନଦୀ କଡ଼େ କଡ଼େ ନରାଜ ପର୍ଯ୍ୟନ୍ତ ଏକ ବିରାଟ ଭୂଖଣ୍ଡ ଖାଲି ପଡ଼ିଥିଲା। ସେତେବେଳେ କିମ୍ବଦନ୍ତୀ ରାଜନେତା ବିଜୁ ପଟ୍ଟନାୟକ କଟକରେ ରହୁଥିଲେ। ସେ ଅନେକ ବାର ଏହି ପଠାକୁ ଆସିଥିଲେ ବୁଲିବା ପାଇଁ। ସେତେବେଳେ ଏହି ପଠାରେ ବିଭିନ୍ନ ପ୍ରକାର କୋଳି, ପିଜୁଳି, ଆମ୍ବ ଫଳୁଥିଲା। ବିଜୁ ପଟ୍ଟନାୟକ ଏଠାରେ ବୁଲାବୁଲି କରିବା ବେଳେ ଚିନ୍ତା କରିଥିଲେ ଯେ ଏଠାରେ କେବଳ ମନକୁ ଉଠିଥିବା ଗଛରେ ଯଦି ଏତେ ସୁନ୍ଦର ଫଳ ଫଳି ପାରୁଛି ତେବେ ଚାଷ ପଦ୍ଧତିରେ ଗଛ ଲଗାଯାଇ ପାରିଲେ ଲୋକେ ଉପକୃତ ହେବା ସହ ସରକାର ବି ରାଜସ୍ୱ ପାଇପାରିବେ। ସେ ସମୟରେ ବୈଷୟିକ ଜ୍ଞାନକୌଶଳ ଏତେଟା ଉନ୍ନତି କରିନଥିଲା। ତେଣୁ ଏଠାରେ ଥିବା ଏତେ ବଡ଼ ନଦୀପଠାରେ କିପରି ଚାଷ କରାଯାଇପାରିବ ଏନେଇ ସେ ଓୟୁଏଟି ସହିତ ଆଲୋଚନା କରିଥିଲେ। ଓୟୁଏଟିର କୃଷି ବିଶାରଦମାନେ ପହଞ୍ଚି ସ୍ଥିତି ଦେଖିବା ପରେ ଏଠାରେ ଏକ ଫାର୍ମହାଉସ କରିବା ନିମନ୍ତେ ନିଷ୍ପତ୍ତି ହୋଇଥିଲା। ତାପରେ ଫାର୍ମ ନିର୍ମାଣ କାମ ଆରମ୍ଭ କରାଗଲା। ଫାର୍ମହାଉସର ଚାରି ପଟେ ତାର ଜାଲି ଲଗାଇ ଦିଆଗଲା। ଫାର୍ମ ହାଉସ ଭିତରେଜଳ ସେଚନ ନିମନ୍ତେ ତିନୋଟି ବଡ଼ ପମ୍ପ ହାଉସ ନିର୍ମାଣ ହେଲା। ତାପରେ ସତୀଚଉରା ଛକ ନିକଟରୁ ଏଠାକୁ ବିଦ୍ୟୁତ ତାର ଟଣା ଯାଇ ସଂଯୋଗ କରାଯାଇଥିଲା। ଏହି କାମ ପରେ ଏଠାରେ ବିଭିନ୍ନ ପନିପରିବା ଚାଷ କରାଗଲା। ଆମ୍ବ, କାଜୁ, ସେପେଟା, ପିଜୁଳି ଆଦି ଫଳ ଗଛ ଲଗାଗଲା। ତାହାକୁ ବାହାର ବଜାରରେ ବିକ୍ରି କରି ସରକାର ଲାଭବାନ ହୋଇଥିଲେ। ଏପରି ଧାରା ୧୯୮୦ମସିହା ପର୍ଯ୍ୟନ୍ତ ଚାଲିଲା। ସିଡ଼ିଏ ନିର୍ମାଣର ପରିକଳ୍ପନା ପରେ ଫାର୍ମ ହାଉସ ବନ୍ଦ କରିଦିଆଗଲା।

କଟକ ସର୍ବୋପରି ମର୍କତ ନଗରର ସମାଜ ଜୀବନର ଅନେକ ସୁଖଦୁଃଖ, ହସ, ବିଶାଦ, ଅଶ୍ରୁକାରୁଣ୍ୟ ରହିଛି। ପରମ୍ପରା ଓ ସଂସ୍କୃତି ହେଉଛି କଟକିଆ ଭାଇଚାରା। ଆଜିର କଟକ ସହର ଯେପରି ହଜାର ବର୍ଷର ସମାଜ ଜୀବନ ଉପରେ ଉଭା ହୋଇଛି ଠିକ ସେହିପରି ମର୍କତ ନଗର ମଧ୍ୟ ଚଳଚଞ୍ଚଳ ଓ ଅନେକ ପ୍ରାୟତଃ କଟକ ବାହାରର ବାସିନ୍ଦାମାନେ ମର୍କତ ନଗରକୁ ନିଜ ଠିକଣା ଭାବେ ଗ୍ରହଣ କଲେଣି।

**ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ମୋବାଇଲ୍ः୯୪୩୭୦୨୧୬୧୫**

# ଦେଖ, ଆଗକୁ କଣ ହେଉଛି ?



**ଡ଼ ମନୋଜ କୁମାର ମହାନ୍ତି**

ବାସ୍ତବରେ ସମସ୍ୟା ଘେରରେ ବିଶ୍ୱର ଦେଶସମୂହ। ଖାଦ୍ୟ, ସ୍ୱାସ୍ଥ୍ୟ ଓ ଶିକ୍ଷା ଅଧିକାଂଶ ଦେଶର ଏକ ପ୍ରମୁଖ ସମସ୍ୟାରୂପେ ଦୃଶ୍ୟମାନ। ଏଥିସହ ଆଭ୍ୟନ୍ତରୀଣ ଗୃହଯୁଦ୍ଧ, ଆତ୍ମନିଯୁକ୍ତି ଓ ବେକାର ସମସ୍ୟା, ପୁଣି କେଉଁଠି କ୍ରମାଗତ ଯୁଦ୍ଧ, ଧର୍ମଗତ ସଙ୍ଘର୍ଷ ଏବଂ ଦୁର୍ନୀତି ଭଳି ମହାବ୍ୟାଧିରେ ଆକ୍ରାନ୍ତ ଶାସନତନ୍ତ୍ର। ଏସବୁ ସତ୍ତ୍ୱେ କିଛିଗୋଷ୍ଠୀ ଆର୍ଥିକସ୍ତରରେ ବେଶ ସବଳ, ଆଉକିଛି ଦାରିଦ୍ର୍ୟ ସୀମାରେଖାର ଅମାଅନ୍ଧକାର ମଧ୍ୟରେ କାଳାତିପାତ ଏକ ବୃହତ ଅସମାନତା। ଆଜି ଭାରତରେ ମଧ୍ୟ ଅନେକ ସମସ୍ୟା। ଲିଖିତ ଇତିହାସ ପୃଷ୍ଠାରୁ ଭାରତବର୍ଷକୁ ଦେଖିଲେ, ଭିନ୍ନଭିନ୍ନ ସମୟରେ ଅନେକ ସମସ୍ୟା ସୃଷ୍ଟିଗୋଚର ହୁଏ। ଗୋଷ୍ଠୀଗତ ଜୀବନରେ ଗୋଷ୍ଠୀସଂଘର୍ଷ, ରାମାୟଣ ଓ ମହାଭାରତ ଭଳି ପୁରାଣ ପ୍ରସିଦ୍ଧ ଯୁଦ୍ଧ, ବାହ୍ୟ ଆକ୍ରମଣକାରୀ ମୋଗଲଙ୍କ ଠାରୁ ଇଂରେଜ ଶାସନକୁ ବିତାଡ଼ିତ ପାଇଁ ସମୟେ ସମୟେ ସଂଘଟିତ ଲଢ଼େଇର ମୁକସାକ୍ଷୀ ଏଇ ଭାରତବାସୀ। ହିଂସା, ପ୍ରତିବାଦ, ଅରାଜକତା, ଭଙ୍ଗାରୁଜା ତଥା ପୋଡ଼ାଜଳା ଆମ ଦେଶରେ ଘଟିଚାଲିଛି।ଭାରତ ଭଳି ଦେଶରେ ଆଭ୍ୟନ୍ତରୀଣ ସାମାଜିକ ସମସ୍ୟାର ସମାଧାନ ଏତେ ସହଜ ନୁହେଁ। ଜାତିଧର୍ମର ପ୍ରାଚୀନ ସାମାଜିକ ବ୍ୟବସ୍ଥା ଏକ ଗୁରୁତର ସମସ୍ୟା ଯାହା ସ୍ୱାଧୀନତା ପୂର୍ବରୁ ଅଦ୍ୟାବଧି ସାମାଜିକ ସଂପର୍କକୁ ଖଣ୍ଡବିଖଣ୍ଡ କରିବାରେ ଲାଗିଛି। ସମସ୍ତ ସାମାଜିକ ସମସ୍ୟାର ମୂଳକାରଣ ଜାତିବର୍ଣ୍ଣ ବ୍ୟବସ୍ଥା। ନିଜର ପରିଚୟ ଓ ମର୍ଯ୍ୟାଦାପାଇଁ ଏ ଲଢ଼େଇ। ସେଥିପାଇଁ କାହାକୁ ଦାୟୀ କରିବା?

ଦଳିତଗୋଷ୍ଠୀର ଜନନାୟକ ବାବାସାହେବ ଆମ୍ବେଦକରଙ୍କୁ ସମ୍ବିଧାନ ପ୍ରସ୍ତୁତି କରିବାର ଯେଉଁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା ତାକୁ ସଂପାଦନ କରିବାରେ ସେ ସଫଳ ହେଲେ। ଭାରତର ଚତୁର୍ବର୍ଣ୍ଣ ବ୍ୟବସ୍ଥାଦ୍ୱାରା ସମାଜରେ ସାମାଜିକ ଓ ଆର୍ଥିକ ନିଷ୍ପେସିତ ତଥା ଅବହେଳିତ ଗୋଷ୍ଠୀଙ୍କୁ ଅର୍ଥାତ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବାର ସମସ୍ତ ପ୍ରୟାସରେ ଫଳପ୍ରଦ ହେଲେ ଆମ୍ବେଦକର। ନିର୍ଯ୍ୟାତିତ, ସାମାଜିକ ସୁଖସ୍ୱଚ୍ଛନ୍ଦରୁ ବଞ୍ଚିତ ଗୋଷ୍ଠୀଙ୍କୁ ନ୍ୟାୟଦେବା ଥିଲା ଭୀମରାଓଙ୍କ ମୁଖ୍ୟଲକ୍ଷ୍ୟ। କାରଣ, ତାଙ୍କସହ ଘଟିଥିବା ଛୁଆଁଅଛୁଆଁ ଭେଦଭାବର ଶିକାର ହୋଇଥିବାର ଅନୁଭୂତିକୁ ସେ ମଧ୍ୟ ପରିପ୍ରକାଶ କରିଛନ୍ତି। ଗଣତନ୍ତ୍ରରେ ସମସ୍ତ ଅଧିକାର ସହ ଦଳିତମାନଙ୍କର ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ସହଯୋଗରେ ଅଂଶୀଦାରପାଇଁ ସରକାରସ୍ତରରେ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସ୍ଥିତି ମଜବୁତ କରିବା ଲକ୍ଷ୍ୟରେ ଆରରକ୍ଷଣକୁ ଏକ ଶ୍ରେଷ୍ଠ ଅସ୍ତ୍ରରୂପେ ସମ୍ବିଧାନରେ ବ୍ୟବସ୍ଥା କରାଗଲା ଯାହା ଏପର୍ଯ୍ୟନ୍ତ ବଳବତ୍ତର। ସେଦିନ ଆମ୍ବେଦକରଙ୍କ ଲକ୍ଷ୍ୟଥିଲା ସମାଜର ସମସ୍ତ କ୍ଷେତ୍ରରେ ଶୁଦ୍ର ତଥା ଦଳିତ ବର୍ଗ ତାର ପରିଚୟ ସୃଷ୍ଟି କରୁ। ଅଛୁଆଁ, ଅସ୍ପୃଶ୍ୟତାର ଅମାଅନ୍ଧାରରୁ ଶୁଦ୍ରବର୍ଣ୍ଣର ସମସ୍ତେ ଆଲୋକାଭିମୁଖୀ ହୋଇ ନିର୍ଭୟରେ ଏବଂ ବିନା ଭେଦଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରନ୍ତୁ। ଜୀଇଁବାର ସର୍ବନିମ୍ନ ସ୍ୱାଧୀନତା ଓ ଅଧିକାରକୁ ସେମାନେ ଉପଭୋଗ କରନ୍ତୁ। ଗଣତନ୍ତ୍ର ବ୍ୟବସ୍ଥାରୁ ଶିକ୍ଷାଗ୍ରହଣ ଓ କର୍ମନିଯୁକ୍ତି ଆଦି କ୍ଷେତ୍ରରେ ଦଳିତ ଗୋଷ୍ଠୀକୁ ଆରକ୍ଷଣ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରି ଆଗାମୀ କିଛିବର୍ଷପାଇଁ ସମ୍ବିଧାନରେ ଲିଖିତ ଆକାରରେ ତାହା ପ୍ରଣୀତ ହେଲା।

ଭାରତକୁ ଏକସୂତ୍ରରେ ବାନ୍ଧିରଖିବାପାଇଁ ସାମାଜିକ ଏକତା ଜରୁରୀ। ସାମାଜିକ ଏକତା ବଜାଇ ରଖିବା ପ୍ରତ୍ୟେକ ସମାଜର ମୂଳ ଲକ୍ଷ୍ୟ ହେବା ଉଚିତ୍। ବର୍ଣ୍ଣବର୍ଣ୍ଣ ମଧ୍ୟରେ ସଦଭାବନା ରହିଲେ ସମାଜ ବିକଶିତ ହୁଏ। ଆରକ୍ଷଣ ଏକ ପ୍ରୟାସ ଥିଲା ବର୍ଣ୍ଣ ବିଭେଦତାକୁ ଦୂର କରିବା ପାଇଁ, କିନ୍ତୁ ତାହା ରାଜନୀତିର ଚକ୍ରବ୍ୟୁହରେ ପେଶୀହୋଇ କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଗଳାମାଳି ସାଜିଛି। ଯେଉଁଠି ଶାସକ ଗୋଷ୍ଠୀ ଏସବୁର ପୃଷ୍ଠପୋଷକ ସାଜିଛନ୍ତି ସେଇଠି ସାଧାରଣ ଜନତାଙ୍କ କଥା କିଏ ଶୁଣୁଛି। ଭୋଟପାଇଁ କରାଯାଉଥିବା କଦର୍ଯ୍ୟ ରାଜନୀତି ଉହାଡରେ ଦକ୍ଷପ୍ରତିଭା ସମ୍ପର୍ନ୍ନ ବ୍ୟକ୍ତିର ପରିଚୟ ଧିରେଧିରେ ହଜିଯାଉଛି। ଏହା ସମ୍ପୂର୍ଣ୍ଣ ସତ୍ୟ, ଯାହାର କୌଣସି ବିକଳ୍ପ ନାହିଁ। ପ୍ରତିଭା ଅନ୍ୱେଷଣରେ ଯେଉଁ ପ୍ରଚାର ପ୍ରସାର ଚାଲିଛି ତାହା ଏକ ମିଥ୍ୟା ପ୍ରତାଡ଼ନା। ସାଧାରଣ ବର୍ଗର ପାର୍ଥୀ କଣ ଏ ଦେଶର ନୁହେଁକି? ସେ କଣ ତାର ନାର୍ଯ୍ୟପ୍ରାପ୍ତିର ଆଶା କରେନାହିଁକି? ବାସ୍ତବରେ ସମାନତା ଓ ମୌଳିକ ଅଧିକାର କାହାର ଆବଶ୍ୟକ ନାହିଁ କୁହନ୍ତ? ଯଦି ସରକାର ଗଢ଼ିବାବେଳେ ସମସ୍ତ ବର୍ଗର ଲୋକଙ୍କର ଆବଶ୍ୟକତା ରହିଛି। ତେବେ ଆଇନ୍ ପ୍ରଣୟନ କାହିଁକି କିଛି ନିର୍ଦ୍ଧିଷ୍ଟ ଗୋଷ୍ଠୀପାଇଁ ସୀମିତ? ଏହା କଣ ଗଣତନ୍ତ୍ରର ନ୍ୟାୟ ବ୍ୟବସ୍ଥା କି? ଅନେକ କ୍ଷେତ୍ରରେ ଆରକ୍ଷଣ ମାଧ୍ୟମରେ ଦକ୍ଷ ଓ ପ୍ରତିଭାସମ୍ପନ୍ନ ଯୁବକ, ବ୍ୟକ୍ତି ବିଶେଷ ବଳି ପଡ଼ିଯାଇଛନ୍ତି। ଯେଉଁ ଗଣତନ୍ତ୍ରକୁ ଲୋକମାନଙ୍କର, ଲୋକମାନଙ୍କ ପାଇଁ ଓ ଲୋକମାନଙ୍କ ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିଲା ତାହା ପ୍ରକୃତପକ୍ଷେ ସବୁ ଲୋକଙ୍କର ନୁହେଁ। ଖାଲି ଗଣ୍ଡେ ଖାଇ, ଦଣ୍ଡେ ଜୀଇଁଗଲେ କଣ ହେବ? ଛେଳି-ମେଣ୍ଢା-କୁକୁର-ଘୁଷୁରି ଏମାନେବୁ ସମସ୍ତେ ଖାଉଛନ୍ତି। ଦିମୁଠା ରାସନ ଚାଉଳ, ସୁଭଦ୍ରା ଯୋଜନାରେ କିଛି ଟଙ୍କା, ଉଜ୍ଜ୍ୱଳ ଯୋଜନାରେ ଗ୍ୟାସ ସିଲିଣ୍ଡର, ପ୍ରଧାନମନ୍ତ୍ରୀ ଘର ସହଯୋଗରେ ଜୀବନ ଜୀଇଁବାର ମାନଦଣ୍ଡରେ କିଛିଟା ପରିବର୍ତ୍ତନ ସମ୍ଭବ କିନ୍ତୁ ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ଦକ୍ଷତାର ବିକାଶ ସମ୍ଭବ ନୁହେଁ। ଗୋଟେପକ୍ଷେ ସ୍ୱପ୍ନ ଦେଖୁଥିବା ବ୍ୟକ୍ତିଟିର ସ୍ୱପ୍ନକୁ ପରିପୂରଣ କରିବାର ପ୍ରଚେଷ୍ଟା ଓ କଠିନ ପରିଶ୍ରମ କରି ବାରମ୍ବାର ସୁଯୋଗରୁ ବଞ୍ଚିତ କରାଇବା, ଅନ୍ୟପକ୍ଷେ ଅଯୋଗ୍ୟକୁ ସୁଯୋଗ ପରେ ସୁଯୋଗ ଦେଇ ତାକୁ ଅବସ୍ଥାପିତ କରିବା କେଉଁ ନ୍ୟାୟିକ ବ୍ୟବସ୍ଥା? ଦକ୍ଷ ଲୋକଟି ସୁଯୋଗ ଖୋଜୁଛି ନିଜ ପ୍ରତିଭାର ବିକାଶ ସହ ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିଜର ଯୋଗଦାନ କରି ରାଜ୍ୟ ତଥା ଦେଶକୁ ଗୌରବାନ୍ୱିତ କରିବା, ସମାଜରେ କଲ୍ୟାଣ ଉଦ୍ଦେଶ୍ୟରେ ସେ ଇଚ୍ଛୁକ ହେଲେ କଣ ହେବ ଆରକ୍ଷଣ ଅମାଅନ୍ଧକାର ତାକୁ ବାଟବଣା, ନିସ୍ତେଜ ଓ ନିଷ୍କ୍ରିୟ କରିଦେଉଛି। କିଛି ଅଯୋଗ୍ୟ ଓ ଅକର୍ମଣ୍ୟଙ୍କ ହାତରେ କୌଣସି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅର୍ପଣ କରାଗଲେ ତାର ରୂପରେଖ କଣ ହୁଏ ତାହା ଜଳଜଳ ହୋଇ ଶିକ୍ଷାରୁ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ସ୍ପଷ୍ଟ ଦିଶିଛୁ।

ଦେଶର ପ୍ରଗତିରେ ସମସ୍ତଙ୍କର ସହଯୋଗିତା ଓ ସହଭାଗିତା ରହିବା ଆବଶ୍ୟକ। ତାହାହିଁ ସାମାଜିକ ସହଯୋଗ ଓ ସାମାଜିକ ନ୍ୟାୟ, ଯାହା ପ୍ରତିଭା ଅନ୍ୱେଷଣର ଏକ ଉପଯୁକ୍ତ ମାର୍ଗ। ଆରକ୍ଷଣ ମାଧ୍ୟମରେ ଅନେକ ପ୍ରତିଭାର ପରିଚୟ ମିଳିଛି ଏହା ଅସ୍ୱୀକାର କରିହେବନାହିଁ। କେବଳ ଆରକ୍ଷଣ ଆଧାରରେ ପ୍ରତିଭା ବିକାଶ ସମ୍ଭବ ନୁହେଁ। ଭାରତରେ ସାଧାରଣବର୍ଗର ଯୋଗ୍ୟ ଲୋକଟି ଆରକ୍ଷଣର ଘୃଣିତ ରାଜନୀତିରେ ଅଯୋଗ୍ୟ ବିବେଚିତ ହେବା ସ୍ୱାଭାବିକ। ସ୍ୱାଧୀନତା ପରବର୍ତ୍ତୀ ସମୟରୁ ଏଯାବତ୍ ଅନେକ କ୍ଷେତ୍ରରେ ଉପଯୁକ୍ତ ବ୍ୟକ୍ତିଟିଏ ସୁଯୋଗ ଅଭାବରୁ କେତେଯେ ନିର୍ଯ୍ୟାତିତ ନିଷ୍ପେସିତ ତାର ଯଥାଯଥ ନ୍ୟାୟ କିଏ ପ୍ରଦାନ କରିବେ? ଯେକୌଣସି ଦେଶରେ ଜନ୍ମିତ ବ୍ୟକ୍ତିର ଲକ୍ଷ୍ୟ ସମାଜରେ ପ୍ରତିଷ୍ଠିତ ହେବାକୁ, ନିଜ ରୁଚି ଅନୁସାରେ ଦେଶର ସରକାରସ୍ତରରେ ବିଭିନ୍ନ ଉଚ୍ଚ ପଦପଦବୀରେ ଅବସ୍ଥାପିତ ହେବାସହ ନିଜ ଦକ୍ଷତାର ପରିଚୟ ସୃଷ୍ଟି କରିବା ଇଛା କାହାର ନାହିଁ କହିଲେ। ସରକାରଙ୍କ ବିଭିନ୍ନ ଅନୁଷ୍ଠାନ ଓ ବିଭାଗରେ ନିଜକୁ ସାମିଲ୍ କରିବା ଦେଶର ସାଧାରଣଜନତାଙ୍କ ସାମ୍ବିଧାନିକ ଅଧିକାର। କିନ୍ତୁ, ଏସବୁ ଆମ ଭାରତ ଭଳି ଦେଶରେ ଅସମ୍ଭବ। କାରଣ ଏଠି ପ୍ରତିଭା ଅପେକ୍ଷା ଜାତିବର୍ଣ୍ଣର ପ୍ରାଧାନ୍ୟ ଅଧିକ। ପ୍ରତ୍ୟେକ ରାଜନୈତିକ ଦଳ ନିଜନିଜ ରାଜୁତି ସମୟରେ ନିଜକୁ ଶାସନ ଗାଦିରେ ଅଧିଷ୍ଠିତ କରାଇବା ଲକ୍ଷ୍ୟରେ ଆରକ୍ଷଣକୁ ନିଜ ହିସାବରେ ବ୍ୟବସ୍ଥିତ ଢ଼ଙ୍ଗରେ ଉପସ୍ଥାପିତ କରି ସମାଜରେ ଯେଉଁ ଅସମାନତା ସୃଷ୍ଟି କରିଛନ୍ତି ତାହା ହିଁ ଆଜିର ପ୍ରସଙ୍ଗ। ଜାତିବର୍ଣ୍ଣର ଡଙ୍ଗାରେ ହିଁ କେବଳ ରାଜନୀତି ବୈତରଣୀ ପାରିହେବା ସମ୍ଭବ ଏକଥା ରାଜନୈତିକ ନେତୃବୃନ୍ଦ ହୃଦବୋଧ କରିସାରିଛନ୍ତି। ଗଣତନ୍ତ୍ରରେ ଅଂଶୀଦାର ସର୍ବଦଳୀୟ ନେତାମନ୍ତ୍ରୀଙ୍କ ନିର୍ଭୁଲ ହିସାବର ସଠିକ୍ ଉତ୍ତର ହେଉଛି ଜାତିଭିତ୍ତିକ 'ଆରକ୍ଷଣ'। ଗଣତନ୍ତ୍ର ଶାସନରେ ଅବସ୍ଥାପିତ ନେତାମନ୍ତ୍ରୀ ରାଜୁତି କରିବା ଲକ୍ଷ୍ୟରେ ଆରକ୍ଷଣକୁ ପ୍ରମୂଖ ଅସ୍ତ୍ରରୂପେ ଗ୍ରହଣ କରିସାରିଛନ୍ତି। ଯେଉଁଠି ଆରକ୍ଷଣ ଦେଶର କେନ୍ଦ୍ରବିନ୍ଦୁ ସାଜିଛି, ସେଠି ଦକ୍ଷତା ଓ ସାମାଜିକ ନ୍ୟାୟ ଧିରେଧିରେ ବଧିର ପାଲଟି ଗଲାଣି। ଆରକ୍ଷଣ ଉଚ୍ଛେଦ ଅଭିଯାନ ଯାହା ଭାରତର କୋଣଅନୁକୋଣରୁ ଗୁଞ୍ଜରିତ ହୋଇ ଦିଲ୍ଲୀ ଯନ୍ତରମନ୍ତର ମଇଦାନରେ ଏକ ବିସ୍ଫୋରଣ ରୂପ ଧାରଣ କରିବାକୁ ଯାଉଛି। ଏହା ମାତ୍ର ଆରମ୍ଭ, ଦେଖାଯାଉ, ଏ ଦେଶରେ ଆଗକୁ କ'ଣ ହେଉଛି ?

ଦର୍ଶନ ବିଭାଗ ମୂଖ୍ୟ
ବିଏନ୍ ଏମ୍ ଏ ମହାବିଦ୍ୟାଳୟ

## ମନ୍ କି ବାତ୍‌ରେ ନିଶାମୁକ୍ତ ଭାରତ ଲାଗି ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ

# ବିକଶିତ ଭାରତର ପ୍ରଥମ ସୂତ୍ର ସମ୍ପୂର୍ଣ୍ଣ ନିଶାମୁକ୍ତି



ନୂଆଦିଲ୍ଲୀ, ୩୦।୮ : ବିକଶିତ ହେବା ପାଇଁ ଭାରତକୁ ନିଶାମୁକ୍ତ ରହିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍ କାର୍ଯ୍ୟକ୍ରମର ୧୩୭ ସଂସ୍କରଣରେ ଦେଶର ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି। ଦେଶର ଭବିଷ୍ୟତକୁ ରକ୍ଷା କରିବା ସରକାରଙ୍କ ସଂକଳ୍ପ। ନିଶାମୁକ୍ତି କାର୍ଯ୍ୟକ୍ରମରେ ବିଶେଷକରି ଯୁବପିଢ଼ି ଅଧିକ ଅଂଶଗ୍ରହଣ କରୁଛନ୍ତି। ସରକାରଙ୍କ ଲକ୍ଷ୍ୟ ସ୍ପଷ୍ଟ, ନିଶାମୁକ୍ତ ଯୁବପିଢ଼ି ଓ ଭାରତ। ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟଠାରୁ ଦୂରରେ ରହିବା ପାଇଁ ବିଭିନ୍ନ ଭାଷାରେ ବିଷୟବସ୍ତୁ ସୃଷ୍ଟି କରିବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଚଳିତ ମାସଟି ଜାତୀୟ ହସ୍ତତନ୍ତ ଦିବସ, ଭାରତ ଛାଡ଼ ଆନ୍ଦୋଳନର ବାର୍ଷିକୀ ଓ ବିଭାଜନର ସ୍ମୃତିଚାରଣ ଦିବସ ଯୋଗୁଁ ସ୍ୱତନ୍ତ୍ର। ସ୍ୱାଧୀନତା ଦିବସ ଓ ଜାତୀୟ ମହାକାଶ ଦିବସ ଭଳି ଅବସର ପ୍ରତ୍ୟେକ ନାଗରିକଙ୍କୁ ଗର୍ବରେ ଭରିଦିଏ, ହର ଘର ତିରଙ୍ଗା ଅଭିଯାନ ଦ୍ୱାରା ଏହି ଭାବନା ଆହୁରି ମଜବୁତ ହୋଇଛି। ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଏହି ବର୍ଷକୁ ଆହୁରି ସ୍ୱତନ୍ତ୍ର କରିଛି। ସୂର୍ଯ୍ୟପଥ ତିରଙ୍ଗା ମାଧ୍ୟମରେ ୮ କୋଟିରୁ ଅଧିକ ତ୍ରିରଙ୍ଗା ସେଲଫି ଅପଲୋଡ୍ କରାଯାଇଛି।

ମନ୍ କି ବାତ୍‌ରେ ପ୍ରଧାନମନ୍ତ୍ରୀ ଭାରତରାଜ୍ୟ-ଡଟ-କମ୍‌ର ପ୍ରତିଷ୍ଠାତା କୃଷ୍ଣ ଶେଷାଦ୍ରିଙ୍କ ସହ କଥା ହୋଇଛନ୍ତି। ତାଙ୍କ ୱେବସାଇଟ୍ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ୱେବସାଇଟ୍ ପରିଦର୍ଶନ କରି ଏବଂ ଯେକୌଣସି ବର୍ଷ ଚୟନ କରି, ଜଣେ ଜାଣିପାରିବେ ଯେ ସେତେବେଳେ ଭାରତର କେଉଁ ଅଂଶରେ କିଏ ଶାସନ କରୁଥିଲେ। ମୁମ୍ବାଇର କୃଷ୍ଣ ଶେଷାଦ୍ରିଙ୍କ ଦ୍ୱାରା ବିକଶିତ ହୋଇଥିବା ଏହି ପଦକ୍ଷେପ ଇତିହାସ ଛାତ୍ରମାନଙ୍କ ପାଇଁ ବହୁ ଲାଭଦାୟକ ପ୍ରମାଣିତ ହେବ। ୱେବସାଇଟ୍ ଛାତ୍ରଛାତ୍ରୀମାନଙ୍କୁ ଇତିହାସକୁ ସହଜ ଓ ଆକର୍ଷଣୀୟ ଉପାୟରେ ବୁଝିବାରେ ସାହାଯ୍ୟ କରିବ। କୃଷ୍ଣ ଶେଷାଦ୍ରିଙ୍କ ୱେବସାଇଟ୍ ଛାତ୍ରଛାତ୍ରୀମାନଙ୍କୁ ଭାରତର ଇତିହାସ ଓ ବିଭିନ୍ନ ସମୟରେ ଦେଶର ବିଭିନ୍ନ ଅଂଶରେ ଶାସନ କରିଥିବା ଶାସକମାନଙ୍କ ବିଷୟରେ ସୂଚନା ପାଇବାକୁ ସହଜ କରିବ।

### ଭୋକାଲ୍ ଫର୍ ଲୋକାଲ୍' ଉପରେ ଗୁରୁତ୍ୱାରୋପ

ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାର ପ୍ରାୟ ୪୬% ହିତାଧିକାରୀ ମହିଳା, ଅର୍ଥାତ୍ ସାରା ଦେଶରେ ପ୍ରାୟ ୩୫ ଲକ୍ଷ ମହିଳା ଏହି ପଦକ୍ଷେପ ମାଧ୍ୟମରେ ସେମାନଙ୍କର ବ୍ୟବସାୟ ବୃଦ୍ଧି କରୁଛନ୍ତି। ଗାଜିଆବାଦର ବବିତା ଶର୍ମା ଏହାର ଏକ ପ୍ରମୁଖ ଉଦାହରଣ। ସେ ପୂଜାରେ ବ୍ୟବହୃତ ସାମଗ୍ରୀ ବିକ୍ରୟ ପାଇଁ ଏକ ଛୋଟ ଷ୍ଟଲ ଚଲାଉଥିଲେ। ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ମାଧ୍ୟମରେ ତାଙ୍କୁ ଆର୍ଥିକ ସହାୟତା ମିଳିଥିଲା। ବେଙ୍ଗାଲୁରୁର ଟି.ଏସ୍. ନିଙ୍ଗାମ୍ମାଙ୍କ ଉଦାହରଣ ମଧ୍ୟ ବହୁ ପ୍ରେରଣାଦାୟକ। ସେ ଓ ତାଙ୍କ ସ୍ୱାମୀ ଇଡଲି ଦୋସା ବିକ୍ରୟ କରି ଏକ ଛୋଟ ବ୍ୟବସାୟ ଆରମ୍ଭ କରିଥିଲେ, କିନ୍ତୁ ବିସ୍ତାର କରିବା ପାଇଁ ପୁଞ୍ଜି ଆବଶ୍ୟକ ଥିଲା। ସେମାନଙ୍କୁ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରୁ ସାହାଯ୍ୟ ମିଳିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଯେତେବେଳେ ଜଣେ ମହିଳାଙ୍କ ବ୍ୟବସାୟ ବୃଦ୍ଧି ପାଏ, ତାଙ୍କ ସହିତ ତାଙ୍କ ସମଗ୍ର ପରିବାରର ଭବିଷ୍ୟତ ମଧ୍ୟ ଉଜ୍ଜ୍ୱଳ ହୋଇଥାଏ। ପିଲାମାନଙ୍କର ଶିକ୍ଷା ଉନ୍ନତ ହୁଏ, ପରିବାରର ଆବଶ୍ୟକତା ପୂରଣ ହୁଏ ଓ ତାଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇଥାଏ। ମହିଳା ସଶକ୍ତିକରଣର ଏହା ଏକ ଜୀବନ୍ତ ଉଦାହରଣ। ମୁଁ ରାସ୍ତା ବିକ୍ରେତା ଭାବରେ କାମ କରୁଥିବା ଆମର ସମସ୍ତ ଭଉଣୀମାନଙ୍କୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମୋର ଶୁଭକାମନା ଜଣାଉଛି। ପ୍ରଧାନମନ୍ତ୍ରୀ ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ପ୍ରତ୍ୟେକ ବ୍ୟକ୍ତି ଆଖପାଖର ପରିବେଶକୁ ସଫା ରଖିବା ପାଇଁ ପ୍ରତିବଦ୍ଧ ରହିବା ଉଚିତ୍। ଉତ୍ତର ପ୍ରଦେଶର କ୍ଲିନ୍-ଅପ୍ ପଟ୍ଟାୱାଇ ଯୁବବର୍ଗ ଅନେକ ପୋଖରୀ ଓ ସାର୍ବଜନୀନ ସ୍ଥାନ ସଫା କରୁଛନ୍ତି। ଚଳିତ ବର୍ଷର ଶ୍ରୀଅମରନାଥ ଯାତ୍ରା ସମୟରେ, ହଜାର ହଜାର ସଫେଇ କର୍ମଚାରୀ ଦିନରାତି କଠିନ ପଥ ଦେଇ ତୀର୍ଥଯାତ୍ରୀମାନଙ୍କୁ ସେବା ଯୋଗାଇଥିଲେ। ଏଠାରେ ଏକ ଅନନ୍ୟ ପରୀକ୍ଷଣ ମଧ୍ୟ ହୋଇଥିଲା। ତୀର୍ଥଯାତ୍ରା ସମୟରେ ବ୍ୟବହୃତ ଘୋଡା ଓ ଖଚରର ଗୋବରକୁ ବାୟୋଗ୍ୟାସରେ ପରିଣତ କରାଯାଇଥିଲା। ଏହି ସ୍ୱଚ୍ଛ ଶକ୍ତିକୁ ସ୍ୱଚ୍ଛ ଜ୍ୟୋତି ଆଲୋକିତ କରିବା ପାଇଁ ବ୍ୟବହାର କରାଯାଇଥିଲା। ପ୍ରଧାନମନ୍ତ୍ରୀ ତାଙ୍କ ବାର୍ତ୍ତାରେ 'ଭୋକାଲ୍ ଫର୍ ଲୋକାଲ୍' ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଆଗାମୀ ପର୍ବପର୍ବାଣୀ ସମୟରେ ଭାରତରେ ନିର୍ମିତ ଉତ୍ପାଦ କିଣିବାକୁ ଏବଂ ଦେଶକୁ ଆତ୍ମନିର୍ଭର କରିବା ପାଇଁ ପ୍ରତିବଦ୍ଧ ରହିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି।

# ବିଦେଶରେ ଜ୍ଞାନର କଥା, ଦେଶରେ ପାଟି ଚୁପ୍



## ମୋହନ ଭାଗବତଙ୍କୁ କପିଲ ସିବଲଙ୍କ କଟାକ୍ଷ

ନୂଆଦିଲ୍ଲୀ, ୩୦।୮ : ବରିଷ୍ଠ ଆଇନଜୀବୀ ତଥା ରାଜ୍ୟସଭା ସାଂସଦ କପିଲ ସିବଲ ଆମେରିକାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ମୁଖ୍ୟ ମୋହନ ଭାଗବତଙ୍କ ମନ୍ତବ୍ୟକୁ ନେଇ କଟାକ୍ଷ କରିଛନ୍ତି। ନ୍ୟୁୟର୍କରେ ଏକ କାର୍ଯ୍ୟକ୍ରମ ସମୟରେ ଆରଏସଏସ ମୁଖ୍ୟ କହିଛନ୍ତି ଯେ ବିବିଧତାରେ ଏକତା ଭାରତର ଡିଏନଏରେ ଅଛି। ବିବିଧତା ଆମର ପ୍ରାକୃତିକ ଏକତାର ଅଳଙ୍କାର। ଏହାକୁ ସୁରକ୍ଷିତ ରଖିବାକୁ ପଡ଼ିବ। କପିଲ ସିବଲ ମୋହନ ଭାଗବତଙ୍କ ଏହି ମନ୍ତବ୍ୟ ଉପରେ ସୋସିଆଲ ମିଡିଆ ଏକ୍ସରେ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ଯେ କେବଳ ଶବ୍ଦ ଯଥେଷ୍ଟ ନୁହେଁ, ଏହା କାମରେ ଦୃଶ୍ୟମାନ ହେବା ଉଚିତ୍। ସିବଲ ଭାଗବତଙ୍କ ଉପରେ କଟାକ୍ଷ କରି କହିଛନ୍ତି ଯେ ଏପରି ଭଲ କଥା ବିଦେଶରେ କହୁଥିବାବେଳେ ଘରେ ଚୁପ୍ କାହିଁକି। ସଂଘ ମୁଖ୍ୟ ସ୍ୱାମୀ ବିବେକାନନ୍ଦଙ୍କ ବାର୍ତ୍ତା ଉଲ୍ଲେଖ କରି କହିଥିଲେ, ପ୍ରତ୍ୟେକ ରାଷ୍ଟ୍ର ସମ୍ମୁଖରେ ଏକ ଲକ୍ଷ୍ୟ ଥାଏ। ଏହାକୁ ପୂରଣ କରିବାକୁ ହୋଇଥାଏ। ପ୍ରାୟ ଏକ ଘଣ୍ଟା ବ୍ୟାପୀ ଭାଷଣରେ, ମୋହନ ଭାଗବତ କହିଥିଲେ ଯେ ବିବିଧତାକୁ ପାଳନ, ସମ୍ମାନ ଏବଂ ଗ୍ରହଣ କରାଯିବା ଉଚିତ୍। ଆମକୁ ଏକତାର ଏହି ଭାବନାକୁ ମଧ୍ୟ ମନେ ରଖିବା ଉଚିତ। ଏହା ଏକ ସତ୍ୟ ଭାବନା।

## ଗଣ୍ଡକ ନଦୀରୁ ୭ ଅଜଣା ମୃତଦେହ ଉଦ୍ଧାର



ଲକ୍ଷ୍ନୌ, ୩୦।୮ : ନେପାଳରେ ଭୟଙ୍କର ବନ୍ୟାରେ ଶତାଧିକ ଲୋକ ଭାସିଯାଇ ପ୍ରାଣ ହରାଇଥିବା ବେଳେ ଉତ୍ତରପ୍ରଦେଶର ଗଣ୍ଡକ (ନାରାୟଣୀ) ନଦୀରୁ ୭ ମୃତଦେହ ଉଦ୍ଧାର କରାଯାଇଛି। ମହାରାଜଗଞ୍ଜ ଓ କୁଶୀନଗର ଜିଲ୍ଲାରେ ନଦୀରୁ ଏହିସବୁ ମୃତଦେହ ମିଳିଥିବା ସୂଚନା ମିଳିଛି। ଶୁକ୍ରବାର ସକାଳ ସୁଦ୍ଧା ଏହି ମୃତଦେହଗୁଡ଼ିକ ଉଦ୍ଧାର କରାଯାଇଥିବା ଅଧିକାରୀମାନେ କହିଛନ୍ତି। ମୃତକମାନଙ୍କ ପରିଚୟ ଏପର୍ଯ୍ୟନ୍ତ ଜଣାପଡ଼ିନଥିବା ବେଳେ ସେମାନଙ୍କ ପରିଚୟ ଚିହ୍ନଟ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି। ନେପାଳ ବନ୍ୟା ପରେ ଗଣ୍ଡକ ନଦୀର ଜଳପ୍ରବାହ ବଢ଼ିଛି। ଫଳରେ ମୃତଦେହଗୁଡ଼ିକ ନେପାଳରୁ ଭାସି ଆସିଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି। ମହାରାଜଗଞ୍ଜ ଜିଲ୍ଲାର ଟେଲଫଲ ଅଞ୍ଚଳରୁ ୩ ଜଣ ମହିଳା ଓ ଜଣେ ପୁରୁଷଙ୍କ ମୃତଦେହ ମିଳିଛି। ନଦୀ କୂଳରେ ନଜର ରଖିବା ସହ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ସଶସ୍ତ୍ର ସୀମା ବଳ ଯବାନମାନେ ମୋଟର ବୋଟ୍‌ରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ନଦୀରୁ ବାହାର କରିଛନ୍ତି।

## ରାକ୍ଷୀ ବାନ୍ଧି ଫେରିବା ବେଳେ ମାଡ଼ିଗଲା କାର୍; ୩ ମୃତ



ନୂଆଦିଲ୍ଲୀ, ୩୦।୮ : ରାକ୍ଷୀ ପୂର୍ଣ୍ଣିମାରେ ଭାଇଭଉଣୀ ଏକାଠି ହୋଇଥିଲେ। ଭାଇ ହାତରେ ରାକ୍ଷୀ ବାନ୍ଧି ସୁରକ୍ଷାର ପ୍ରତିଶ୍ରୁତି ନେଇଥିଲା ଭଉଣୀ। କିନ୍ତୁ ସବୁକିଛି ନିମିଷକରେ ଧୂଳିସାତ ହୋଇଗଲା। ଭାଇ-ଭଉଣୀ ଏକାଠି ଫେରିବା ବେଳେ ୪ ଭାଇଭଉଣୀଙ୍କ ଉପରେ ମାଡ଼ିଗଲା ଏକ ଦ୍ରୁତଗାମୀ ଫର୍ଚ୍ୟୁନର କାର। ଫଳରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ଭଉଣୀ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ରାକ୍ଷୀ ବାନ୍ଧିବା ପାଇଁ ୪ ଭାଇଭଉଣୀ ଅଖିଳେଶଙ୍କ ଘରେ ଏକାଠି ହୋଇଥିଲେ। ରାତିସାରା ଖୁସି ମନାଇବା ପରେ ସକାଳେ ଅନ୍ୟ ୩ ଜଣ ଘରକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିଲେ। ଅଖିଳେଶ ତାଙ୍କ ଭାଇଭଉଣୀଙ୍କୁ ଛାଡ଼ିବା ପାଇଁ ନିକଟସ୍ଥ ବସ୍ ଷ୍ଟପକୁ ଯାଇଥିଲେ। ସେଠାରେ ୧୦-୧୫ ମିନିଟ୍ ଅପେକ୍ଷା କରିବା ପରେ ଏକ ଦ୍ରୁତଗାମୀ ଫର୍ଚ୍ୟୁନର ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅଖିଳେଶ ଓ ଅବଧେଶଙ୍କର ମୃତ୍ୟୁ ଘଟିଥିଲା।

## ଆଫଗାନିସ୍ତାନରେ ୪.୯ ତୀବ୍ରତାର ଭୂମିକମ୍ପ

କାବୁଲ, ୩୦।୮ : ଆଫଗାନିସ୍ତାନରେ ଶନିବାର ରାତିରେ ଏକ ମଧ୍ୟମ ଧରଣର ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୯ ରେକର୍ଡ କରାଯାଇଛି। ତେବେ ଏହି ଭୂମିକମ୍ପ ଯୋଗୁଁ ତତ୍କାଳ କୌଣସି ଜୀବନହାନି କିମ୍ବା ବ୍ୟାପକ କ୍ଷୟକ୍ଷତି ହୋଇଥିବା ନେଇ ସୂଚନା ମିଳିନାହିଁ। ଭାରତୀୟ ଜାତୀୟ ଭୂମିକମ୍ପ ବିଜ୍ଞାନ କେନ୍ଦ୍ର (ନ୍ୟାସନାଲ ସେଣ୍ଟର ଫର ସିସମୋଲୋଜି - ଏନସିଏସ୍) ଅନୁଯାୟୀ, ଭାରତୀୟ ସମୟ ରାତି ୯ଟା ୩୬ ମିନିଟ୍ ୫୬ ସେକେଣ୍ଡରେ ଏହି ଭୂକମ୍ପ ସଂଘଟିତ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ ଭୂପୃଷ୍ଠରୁ ପ୍ରାୟ ୧୪୭ କିଲୋମିଟର ଗଭୀରତାରେ ରହିଥିଲା। ରେଡକ୍ରସର ରିପୋର୍ଟ ଅନୁଯାୟୀ, ଆଫଗାନିସ୍ତାନ ବିଶେଷ କରି ଏହାର ହିନ୍ଦୁକୁଶ ଅଞ୍ଚଳ ଅତ୍ୟନ୍ତ ସକ୍ରିୟ ଭୂମିକମ୍ପପ୍ରବଣ ବଳୟ ମଧ୍ୟରେ ଆସୁଥିବାରୁ ଏଠାରେ ବାରମ୍ବାର ଭୂମିକମ୍ପ ଅନୁଭୂତ ହୋଇଥାଏ।

## ଶତ୍ରୁ ବିରୋଧରେ ଏକାଠି ହେବାକୁ ଆହ୍ୱାନ ଦେଲେ ମୋଜତବା



ତେହେରାନ, ୩୦।୮ : ଇରାନର ସର୍ବୋଚ୍ଚ ନେତା ମୋଜତବା ଖାମେନୀ ମୁସଲିମ ଦେଶଗୁଡ଼ିକୁ, ବିଶେଷକରି ଉପସାଗରୀୟ ରାଷ୍ଟ୍ରଗୁଡ଼ିକୁ, ସେମାନଙ୍କର ପ୍ରକୃତ ଶତ୍ରୁ ବିରୋଧରେ ଏକତ୍ର ହେବାକୁ ଆହ୍ୱାନ ଦେଇଛନ୍ତି। ମୁସଲିମ ରାଷ୍ଟ୍ରମାନଙ୍କ ମଧ୍ୟରେ ବିଭାଜନ କେବଳ ସେମାନଙ୍କ ବିରୋଧୀଙ୍କ ସ୍ୱାର୍ଥ ପୂରଣ କରୁଛି ବୋଲି ସେ କହିଛନ୍ତି। ଇସଲାମିକ୍ ୟୁନିଟି ସପ୍ତାହରେ ତାଙ୍କ ଟେଲିଗ୍ରାମ ଆକାଉଣ୍ଟରେ ପ୍ରକାଶିତ ଏକ ଲିଖିତ ବାର୍ତ୍ତାରେ, ମୋଜତବା ମୁସଲିମ ଦେଶଗୁଡ଼ିକୁ ସହଯୋଗ ଓ ପାରସ୍ପରିକ ପ୍ରତିରକ୍ଷାକୁ ସୁଦୃଢ଼ କରିବାକୁ ଅନୁରୋଧ କରିଛନ୍ତି। ସେ କହିଛନ୍ତି, ଉପସାଗରୀୟ ଅଞ୍ଚଳର ଦେଶଗୁଡ଼ିକ ନିଜନିଜକୁ ବିଭାଜନ କରିବା ପରିବର୍ତ୍ତେ ସାଧାରଣ ବିପଦକୁ ଚିହ୍ନିବା ଉଚିତ।

## ଇସ୍ତଫା ଦେଲେ ରାଷ୍ଟ୍ରପତିଙ୍କ ଏଡିସି ମେଜର



ନୂଆଦିଲ୍ଲୀ, ୩୦।୮ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଛାଇ ଭଳି ରହୁଥିବା ପାରା ସ୍ପେଶାଲ ଫୋର୍ସେସ ଅଧିକାରୀ ଋଷଭ ସିଂହ ସାଂବ୍ୟାଲ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସେ ଭାରତୀୟ ସେନାରୁ ସମୟପୂର୍ବ ଅବସର ଗ୍ରହଣ କରିଛନ୍ତି। ସେ ରାଷ୍ଟ୍ରପତିଙ୍କ ଏଡ-ଡି-କ୍ୟାମ୍ପ (ଏଡିସି) ଭାବେ କାମ କରି ସୋସିଆଲ ମିଡିଆରେ ସାରା ଦେଶରେ ଚର୍ଚ୍ଚାର ପାତ୍ର ପାଲଟିଥିଲେ। ଋଷଭ ସିଂହ ଔପଚାରିକ ଭାବେ ପଦ ଛାଡିବା ପରେ ଅଗଷ୍ଟ ୨୧ ତାରିଖ ଦିନ ରାଷ୍ଟ୍ରପତି ଭବନରେ ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ତାଙ୍କର ଏହି ସାକ୍ଷାତର ଫଟୋ ମଧ୍ୟ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହୋଇଛି। ଋଷଭ ପରେ ପୋଷ୍ଟ ଏବଂ ଭିଡିଓରେ ଏହି ସାକ୍ଷାତକୁ ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ଓ ଆଶୀର୍ବାଦ ଲାଗି କୃତଜ୍ଞତା ଜଣାଇବାର ଏକ ସୁଯୋଗ ବୋଲି କହିଛନ୍ତି। ସାଂବ୍ୟାଲ ପ୍ରଥମଥର ୨୦୨୧ରେ ଜାଟ୍ ରେଜିମେଣ୍ଟ କ୍ୟାପଟେନ୍ ଭାବେ ଚର୍ଚ୍ଚାକୁ ଆସିଥିଲେ। ସେ ଗଣତନ୍ତ୍ର ଦିବସ ପ୍ୟାରେଡରେ ରେଜିମେଣ୍ଟର ନେତୃତ୍ୱ ନେଇଥିଲେ ଓ ବେଷ୍ଟ ମାର୍ଚ୍ଚିଂ କଣ୍ଟିଜେଣ୍ଟ ଟ୍ରଫି ଜିତିଥିଲେ। ପରେ ଫୋର ପାରା ଫୋର୍ସେସ୍ (ସ୍ପେଶାଲ ଫୋର୍ସ)ରେ ସାମିଲ ହେବା ପାଇଁ ସ୍ୱେଚ୍ଛାରେ କଷ୍ଟକର ସିଲେକ୍ସନ ପ୍ରୋସେସ ପୂରା କରିବା ସହ ବଳିଦାନ ବ୍ୟାଜ୍ ହାସଲ କରିଥିଲେ। ଏହି ସମ୍ମାନ ଖୁବ କ୍ୱଚିତ ଭଲେଣ୍ଟିୟର୍ସଙ୍କୁ ମିଳିଥାଏ।

# ସେମାନେ ସନ୍ଥ ନୁହନ୍ତି, ସେମାନଙ୍କର ବି ରାଜନୈତିକ ଅଭିସନ୍ଧି ଅଛି

### ସିଜେପିକୁ ନେଇ ସୋନମ ୱାଙ୍ଗଚୁକଙ୍କ ବଡ଼ ମନ୍ତବ୍ୟ



ନୂଆଦିଲ୍ଲୀ, ୩୦।୮ : ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ କହିଛନ୍ତି ଯେ 'କକରୋଚ୍ ଜନତା ପାର୍ଟି'ର ପ୍ରତିଷ୍ଠାତାମାନଙ୍କର ରାଜନୈତିକ ଅଭିସନ୍ଧି ରହିଛି। ଦିଲ୍ଲୀର ଯନ୍ତରମନ୍ତରଠାରେ ଆୟୋଜିତ ଛାତ୍ର ଓ ଯୁବ ଆନ୍ଦୋଳନ ସମୟରେ ସେ ଏହା ଅନୁଭବ କରିଥିବା କହିଛନ୍ତି। ତେବେ ରାଜନୀତିରେ ଯୋଗଦେବା କିମ୍ବା ରାଜନୈତିକ ଆକାଂକ୍ଷା ରଖିବାରେ କୌଣସି ଭୁଲ୍ ନାହିଁ ବୋଲି ସେ କହିଛନ୍ତି।

୫୯ ବର୍ଷୀୟ ସୋନମ ୱାଙ୍ଗଚୁକ୍ କହିଛନ୍ତି ଯେ, ଅଧିକରୁ ଅଧିକ ଯୁବନେତା ସକ୍ରିୟ ରାଜନୀତିରେ ଯୋଗଦେବା କିମ୍ବା ନିଜର ଦଳ ଗଠନ କରି ଆଗକୁ ଆସିବା ଉଚିତ। ଯେତେବେଳେ ସେ ଏହି ଯୁବ ଆନ୍ଦୋଳନରେ ସାମିଲ ହୋଇଥିଲେ, ସମାଲୋଚକମାନେ ସିଜେପିର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ପୂର୍ବରୁ ଆମ୍ ଆଦ୍‌ମି ପାର୍ଟି ସହ ଜଡ଼ିତ ଥିବା କଥା କହି ସଚେତନ କରିବାକୁ ଚେଷ୍ଟା କରିଥିଲେ। ସମାଲୋଚକଙ୍କ କଥାରେ ସେ ଆଦୌ ବିଚଳିତ ହୋଇନଥିଲେ ବୋଲି କହିଛନ୍ତି ୱାଙ୍ଗଚୁକ୍। ଅତୀତରେ କୌଣସି ରାଜନୈତିକ ଦଳ ସହ କାମ କରିଥିବା କିମ୍ବା ପୂର୍ବରୁ ରାଜନୈତିକ ପୃଷ୍ଠଭୂମି ଥିବା କୌଣସି ଅପରାଧ ନୁହେଁ ବୋଲି ସେ କହିଛନ୍ତି। ୱାଙ୍ଗଚୁକଙ୍କ କହିବା ଅନୁଯାୟୀ, ଦେଶର ଯୁବବର୍ଗ ନିଜ ଅଧିକାର ପାଇଁ କେବଳ ରାସ୍ତାକୁ ଓହ୍ଲାଇବା ଯଥେଷ୍ଟ ନୁହେଁ। ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ ସେମାନଙ୍କୁ ରାଜନୀତିକୁ ପ୍ରବେଶ କରିବାକୁ ପଡ଼ିବ।

## ମେସିଙ୍କ ଗସ୍ତ ବେଳେ ବିଶୃଙ୍ଖଳା ପ୍ରସଙ୍ଗ

# ୩୩୦୦୦ ପ୍ରଶଂସକଙ୍କୁ କ୍ଷତିପୂରଣ ଘୋଷଣା



କୋଲକାତା, ୩୦।୮ : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଲିଓନେଲ ମେସିଙ୍କ ଗସ୍ତକୁ ନେଇ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଛନ୍ତି। ସେ ଘୋଷଣା କରିଛନ୍ତି ଯେ ଯୁବ ଭାରତୀ ଷ୍ଟାଡିୟମରେ ମେସିଙ୍କ ଅବ୍ୟବସ୍ଥିତ ଇଭେଣ୍ଟ ପାଇଁ ଟିକେଟ କିଣିଥିବା ୩୩, ୦୦୦ ପ୍ରଶଂସକଙ୍କୁ ରାଜ୍ୟ କ୍ରୀଡା ବଜେଟରୁ ପାଣ୍ଠି ବ୍ୟବହାର କରି କ୍ଷତିପୂରଣ ଦିଆଯିବ। 'ହକିର ଜାଦୁଗର' ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମବାର୍ଷିକୀ ପାଳନ ପାଇଁ ନବାନ୍ନାରେ ଆୟୋଜିତ ଏକ ଜାତୀୟ କ୍ରୀଡା ଦିବସ କାର୍ଯ୍ୟକ୍ରମରେ ଭାଷଣ ଦେଇ ଅଧିକାରୀ ଏହି ଘଟଣା ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, 'ମେସିଙ୍କର ଏକ ବିଶାଳ ପ୍ରଶଂସକ ଭିତ୍ତିଭୂମି ଅଛି। ଲୋକମାନେ ୪, ୦୦୦ ଏବଂ ୬, ୦୦୦ ମୂଲ୍ୟର ଟିକେଟ କିଣିଥିଲେ। ମୋର ଇଚ୍ଛା ଯେ ଏହି ୩୩, ୦୦୦ କ୍ରୀଡାପ୍ରେମୀ ସେମାନଙ୍କର ଟଙ୍କା ଫେରିପାଇବେ। ମୁଁ ଏଥିପାଇଁ ଆଭ୍ୟନ୍ତରୀଣ ପ୍ରକ୍ରିୟା ଆରମ୍ଭ କରିସାରିଛି, ଏବଂ ମୁଁ ଆଶା କରୁଛି ଯେ ମୁଁ ଏହାକୁ ସଫଳ କରିପାରିବି।'

ଲିଓନେଲ ମେସି ଡିସେମ୍ବର ୧୩, ୨୦୨୫ ରେ କୋଲକାତାର ଯୁବ ଭାରତୀ ଷ୍ଟାଡିୟମ ପରିଦର୍ଶନ କରିଥିଲେ, କିନ୍ତୁ ଏହି ଇଭେଣ୍ଟଟି ଗୁରୁତ୍ୱପୂର୍ଣ୍ଣ ଭୁଲ ପରିଚାଳନା ଦ୍ୱାରା ପ୍ରଭାବିତ ହୋଇଥିଲା।

# ରେଭ୍ ପାର୍ଟିରେ ଗୁଳିକାଣ୍ଡ, ଜଣଙ୍କ ମୃତ୍ୟୁ

ଆରୋ, ୩୦।୮ : ସୁଇଜରଲ୍ୟାଣ୍ଡର ଜୁରିକ୍‌ର ଉତ୍ତରାଞ୍ଚଳରେ ଥିବା ଆରୋ ସହରରେ ଆୟୋଜିତ ଏକ ରେଭ୍ ପାର୍ଟି ଚାଲିଥିବା ବେଳେ ଅନ୍ଧାଧୁନ ଗୁଳିକାଣ୍ଡ ଘଟି ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଶନିବାର ଅପରାହ୍ଣ ୩ଟାରୁ ଆରମ୍ଭ ହୋଇଥିବା ଏହି ବାର୍ଷିକ ଆରୋ ରେଭ୍ ପାର୍ଟିରେ ପ୍ରାୟ ୩, ୫୦୦ ଲୋକ ଏକାଠି ହୋଇଥିବା ବେଳେ ରବିବାର ଭୋର ସମୟରେ ଅଚାନକ ଗୁଳିଚାଳନା ହୋଇଥିଲା। ଘଟଣାପରେ ବିଶାଳ ସୁରକ୍ଷା ବାହିନୀ ଓ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବ୍ୟାପକ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛନ୍ତି। ଘୋଡ଼ାଦୌଡ଼ ପଡ଼ିଆରେ ଅନୁଷ୍ଠିତ ଏହି ରେଭ୍ ପାର୍ଟିରେ ଏକ ବଡ଼ ଜନସମାବେଶକୁ ଲକ୍ଷ୍ୟ କରି କିଛି ଦୁର୍ବୃତ୍ତ ଅନ୍ଧାଧୁନ ଗୁଳିଚାଳନା କରିଥିଲେ। ଆକ୍ରମଣକାରୀଙ୍କ ପରିଚୟ, ଗୁଳିକାଣ୍ଡର ପ୍ରକୃତ କାରଣ ଓ ପରିସ୍ଥିତି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଫେରାର ଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ଛାନଭିନ୍ ଓ ପାଟ୍ରୋଲିଂ ଜାରି ରହିଛି।

## ବାୟୁସେନା ପାଇଲଟଙ୍କ ଦୁଃସାହସିକ କାର୍ଯ୍ୟ

# ୧୮୬୦୦ ଫୁଟ ଉଚ୍ଚତାରୁ ରୋଗୀଙ୍କୁ ଉଦ୍ଧାର କଲେ

ନୂଆଦିଲ୍ଲୀ, ୩୦।୮ : ଲଦାଖର କାରଗିଲର ନୁନ୍-କୁନ୍ ପର୍ବତରେ ଭାରତୀୟ ସେନାର ପାଇଲଟମାନେ ଏକ ସାହସିକ ଉଦ୍ଧାର କାର୍ଯ୍ୟ କରିଛନ୍ତି। ଯେଉଁଥିରେ ଜଣେ ରୋଗୀଙ୍କୁ ସୁରକ୍ଷିତ ଭାବରେ ବାହାର କରାଯାଇଥିଲା। ଏହି ଉଦ୍ଧାର କାର୍ଯ୍ୟ ୧୮, ୬୦୦ ଫୁଟ ଉଚ୍ଚତାରେ, ପ୍ରବଳ ପବନ ଏବଂ ଅତ୍ୟନ୍ତ କଷ୍ଟକର ପାହାଡ଼ିଆ ଅଞ୍ଚଳ ମଧ୍ୟରେ ହୋଇଥିଲା। ତୀଖ ଖାଇରେ କୌଣସି ସାଧାରଣ ଅବତରଣ ସ୍ଥାନ ନଥିବାରୁ ସେନା ବିମାନ ଚଳାଚଳ ପାଇଲଟମାନେ ହେଲିକପ୍ଟରକୁ ବହୁତ କମ୍ ଉଚ୍ଚତାରେ ସ୍ଥିର କରିଥିଲେ। ହେଲିକପ୍ଟରର କେବଳ ଗୋଟିଏ ସ୍କିଡ୍ ଖାଇରେ ରଖି ସନ୍ତୁଳିତ କରି ରୋଗୀଙ୍କୁ ବିମାନରେ ଉଡ଼ାଣ କରାଯାଇଥିଲା।

୧୮, ୬୦୦ ଫୁଟ ଉଚ୍ଚତାରେ ଅତ୍ୟନ୍ତ କମ୍ ବାୟୁ ଚାପ ଇଞ୍ଜିନ୍ ଶକ୍ତି ଏବଂ ରୋଟର ଲିଫ୍ଟକୁ ହ୍ରାସ କରିଥାଏ। ଏହି ଅବସ୍ଥାରେ ଉଡ଼ିବା ପାଇଁ ହେଲିକପ୍ଟରରୁ ସମସ୍ତ ଅଣ-ଅତ୍ୟାବଶ୍ୟକୀୟ ଉପକରଣ ବାହାର କରାଯାଇଥିଲା। ଏହା ବ୍ୟତୀତ, ଲିଫ୍ଟ କ୍ଷମତା ବୃଦ୍ଧି କରିବା ପାଇଁ ହେଲିକପ୍ଟର କେବଳ ସୀମିତ ପରିମାଣର ଇନ୍ଧନ ବହନ କରୁଥିଲା। ଏହି ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ଭାରତୀୟ ସେନାର ଅଗ୍ନିଶମ ଏବଂ ଫ୍ୟୁରି କର୍ପସ ଟ୍ୱିଟରରେ ପୋଷ୍ଟ କରିଛନ୍ତି।



## ପୃଥିବୀର ସବୁଠାରୁ ବଡ଼ ଟେଲିସ୍କୋପ୍

# ସନ୍ଧାନ କରିବ ବାହ୍ୟ ଗ୍ରହରେ ଜୀବନ



ନୂଆଦିଲ୍ଲୀ, ୩୦।୮ : ଦକ୍ଷିଣ ଆମେରିକାର ଚିଲି ଦେଶର ଶୁଷ୍କ 'ଆଟାକାମା ମରୁଭୂମି'ର 'ସେରୋ ଆର୍ମାଜୋନ୍ସ' ପାହାଡ଼ ଶୀର୍ଷରେ ନିର୍ମାଣାଧୀନ 'ଏକ୍ସଟ୍ରିମ୍‌ଲି ଲାର୍ଜ ଟେଲିସ୍କୋପ୍' ଏବେ ପ୍ରାୟ ପ୍ରସ୍ତୁତ ହୋଇସାରିଛି। ଏହା ମାନବ ଇତିହାସର ସବୁଠାରୁ ବଡ଼ ଅପ୍ଟିକାଲ୍ ଏବଂ ଇନଫ୍ରାରେଡ୍ ଟେଲିସ୍କୋପ୍ (ମହାକାଶ ଦୂରବୀକ୍ଷଣ ଯନ୍ତ୍ର)।

ୟୁରୋପିଆନ୍ ସଦର୍ଣ୍ଣ ଅବଜରଭେଟରୀ ଦ୍ୱାରା ନିର୍ମିତ ଏହି ବିଶାଳକାୟ ଟେଲିସ୍କୋପ୍ ମହାକାଶ ବିଜ୍ଞାନ ଓ ପରଗ୍ରହୀ ଜୀବନର ସନ୍ଧାନ କ୍ଷେତ୍ରରେ ଏକ ବିପ୍ଲବ ଆଣିବାକୁ ଯାଉଛି। ଏହାର ମୁଖ୍ୟ ଦର୍ପଣର ବ୍ୟାସ ୩୯.୩ ମିଟର (ପ୍ରାୟ ୧୩୦ ଫୁଟ)। ଏହା ୭୯୮ଟି ଷଡ଼ଭୁଜାକାର ସ୍ୱତନ୍ତ୍ର କାଚ ଖଣ୍ଡକୁ ଯୋଡ଼ି ତିଆରି କରାଯାଇଛି। ଏହା ବର୍ତ୍ତମାନର ଅନ୍ୟ ଯେକୌଣସି ବଡ଼ ଟେଲିସ୍କୋପ୍ ତୁଳନାରେ ୧୬ ଗୁଣ ଅଧିକ ସ୍ପଷ୍ଟ ଛବି ଉଠାଇପାରିବ। ଏହାର ପ୍ରଚଣ୍ଡ ଆକାର ହେତୁ ଏହା ମହାକାଶରୁ ବହୁତ କ୍ଷୀଣ ଓ ଦୂରବର୍ତ୍ତୀ ଆଲୋକକୁ ସଂଗ୍ରହ କରିବାରେ ସକ୍ଷମ। ମହାକାଶବିଜ୍ଞାନୀମାନଙ୍କ ଆଶା, ଏହା ଆମ ସୌରମଣ୍ଡଳ ବାହାରେ ଥିବା ଗ୍ରହଗୁଡ଼ିକରେ ଜୀବନର ସମ୍ଭାବନା ଉପରେ ସବୁଠାରୁ ବଡ଼ ପ୍ରମାଣ ଦେଇପାରିବ। ଦୂରବର୍ତ୍ତୀ ସୂର୍ଯ୍ୟ ପରି ନକ୍ଷତ୍ର ଚାରିପାଖରେ ବୁଲୁଥିବା 'ପୃଥିବୀ ଭଳି ଗ୍ରହ'ଗୁଡ଼ିକର ବାୟୁମଣ୍ଡଳକୁ ଏହା ସିଧାସଳଖ ଅନୁଧ୍ୟାନ କରିପାରିବ। ଏହି ଗ୍ରହଗୁଡ଼ିକର ବାୟୁମଣ୍ଡଳରେ ଅମ୍ଳଜାନ, ଓଜୋନ୍, ମିଥେନ୍, ଜଳୀୟ ବାଷ୍ପ ଓ ଅନ୍ୟାନ୍ୟ ଜୈବିକ ଗ୍ୟାସର ଉପସ୍ଥିତି ଅଛି କି ନାହିଁ ତାହା ଚିହ୍ନଟ କରିପାରିବ। ପୃଥିବୀରେ ଏହିସବୁ ଗ୍ୟାସ୍ ଜୀବସତ୍ତା କିମ୍ବା ଜୀବଜନ୍ତୁଙ୍କ ଦ୍ୱାରା ସୃଷ୍ଟି ହୋଇଥାଏ।

ଏହା ପୂର୍ବରୁ କୌଣସି ଟେଲିସ୍କୋପ୍ ଦୂରବର୍ତ୍ତୀ ଛୋଟ ଗ୍ରହଗୁଡ଼ିକର ସ୍ପଷ୍ଟ ଛବି ନେଇପାରୁନଥିଲେ, କିନ୍ତୁ ଏହା ପ୍ରଥମ ଥର ପାଇଁ ପୃଥିବୀ ସଦୃଶ ଗ୍ରହଗୁଡ଼ିକର ସିଧାସଳଖ ଫଟୋ ନେବାରେ ସଫଳ ହେବ। କେବଳ ଏଲିଅନ୍ ସନ୍ଧାନ ନୁହେଁ, ଏହା ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ମହାକାଶ ରହସ୍ୟ ଉପରୁ ପରଦା ହଟାଇବ। ବିଗ୍ ବ୍ୟାଙ୍ଗର କିଛି ସମୟ ପରେ ସୃଷ୍ଟି ହୋଇଥିବା ସବୁଠାରୁ ପୁରୁଣା ଗାଲାକ୍ସିଗୁଡ଼ିକୁ ଏହା ଦେଖିପାରିବ। ବ୍ରହ୍ମାଣ୍ଡର ୯୫% ଅଂଶ ଯେଉଁ ଅଦୃଶ୍ୟ ଶକ୍ତି ଓ ମ୍ୟାଟର୍ ଦ୍ୱାରା ଗଠିତ, ତାହାର ସମ୍ପ୍ରସାରଣ ଏବଂ ପ୍ରକୃତିକୁ ବୁଝିବାରେ ଏହା ସାହାଯ୍ୟ କରିବ।

ଗାଲାକ୍ସିଗୁଡ଼ିକର କେନ୍ଦ୍ରରେ ଥିବା ବିଶାଳକାୟ ବ୍ଲାକ୍ ହୋଲଗୁଡ଼ିକର ଗତିବିଧିକୁ ଅଧିକ ନିକଟରୁ ଯାଞ୍ଚ କରିବ। ଚିଲିର ସ୍ୱଚ୍ଛ, ଶୁଷ୍କ ଏବଂ କୋଳାହଳମୁକ୍ତ ଆକାଶ ତଳେ ଅବସ୍ଥିତ ଏହି 'ସୁପର-ଟେଲିସ୍କୋପ୍' କାର୍ଯ୍ୟକ୍ଷମ ହେବା ପରେ, 'ଆମେ ଏହି ବ୍ରହ୍ମାଣ୍ଡରେ ଏକା ଅଛୁ ନା ଆଉ କେହି ଅଛନ୍ତି' ମାନବଜାତିର ଏହି ବହୁ ପ୍ରତୀକ୍ଷିତ ପ୍ରଶ୍ନର ଉତ୍ତର ମିଳିବାର ସମ୍ଭାବନା ଅନେକ ଗୁଣ ବୃଦ୍ଧି ପାଇଛି।

# 'ଓଡ଼ିଶା ଟି-୨୦ ଲିଗ୍ ସିଏମ ଟ୍ରଫି'ର ବାଜିଲା ବିଗୁଲ

● ବାରବାଟୀରେ ଜମିବ କ୍ରିକେଟ୍ ମହାସମର

● ସେପ୍ଟେମ୍ବର ୨୦ରୁ ବାରବାଟୀରେ ଟି ଟ୍ୱେଣ୍ଟି ରୋମାଞ୍ଚ



ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ଓଡ଼ିଶା କ୍ରିକେଟରେ ଆଉ ଏକ ରୋମାଞ୍ଚକର ଅଧ୍ୟାୟ ପାଇଁ ମଞ୍ଚ ପ୍ରସ୍ତୁତ। ଓଡ଼ିଶା ଟି-୨୦ ଲିଗ ସିଏମ ଟ୍ରଫିର ଦ୍ୱିତୀୟ ସଂସ୍କରଣରେ ୬ଟି ଫ୍ରାଞ୍ଚାଇଜି ଟାଇଟଲ୍ ପାଇଁ ଲଢ଼େଇ କରିବେ। କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ସେପ୍ଟେମ୍ବର ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ।

ଓଡ଼ିଶାରେ କ୍ରିକେଟ୍ ଏବଂ କ୍ରୀଡ଼ାର ବିକାଶ ଓ ପ୍ରୋତ୍ସାହନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଭିଜନ୍ ଓ ସମର୍ଥନକୁ ପ୍ରତିଫଳିତ କରି ଏହି ଲିଗ୍‌କୁ 'ସିଏମ ଟ୍ରଫି' ନାମ ଦିଆଯାଇଛି। ରାଜ୍ୟର ଉଦୀୟମାନ କ୍ରିକେଟରମାନଙ୍କୁ ବଡ଼ ମଞ୍ଚରେ ନିଜ ପ୍ରତିଭା ଖେଳାଇବା ପାଇଁ ଏହି ଲିଗ୍ ଏକ ବଡ଼ ସୁଯୋଗ ଦେବ। ୬ଟି ଟିମ୍ ମଧ୍ୟରେ ହେବ ଟାଇଟଲ୍ ଲଢ଼େଇ। କଟକ ପ୍ୟାନ୍ଥର, ଭୁବନେଶ୍ୱର ଟାଇଗର, ରାଉରକେଲା ଷ୍ଟିଲର୍ସ, କେନ୍ଦୁଝର ମାଇନର୍ସ, ପୁରୀ ଟାଇଟାନ୍ସ ଓ ସମ୍ବଲପୁର ୱାରିୟର୍ସ ମଧ୍ୟରେ ହେବ ଲଢ଼େଇ। ମୋଟ ୧୭ଟି ମ୍ୟାଚ୍ ଖେଳାଯିବ ଏବଂ ଏହା ପୂର୍ବରୁ ସେପ୍ଟେମ୍ବର ୬ରେ ପ୍ଲେୟାର୍ସ ଡ୍ରାଫ୍ଟ ଅନୁଷ୍ଠିତ ହେବ।

ବାରବାଟୀ ଷ୍ଟାଡିୟମ୍‌ର ଫ୍ଲଡ୍‌ଲାଇଟ୍ ତଳେ ପ୍ରତିଯୋଗିତାମୂଳକ ଟି-୨୦ କ୍ରିକେଟ୍ ଖେଳିବାର ସୁଯୋଗ ପାଇବେ ଓଡ଼ିଶାର ଯୁବ କ୍ରିକେଟର୍। ଅଭିଜ୍ଞ ଖେଳାଳି, କୋଚ୍ ଓ ଫ୍ରାଞ୍ଚାଇଜି ସମର୍ଥନ ମଧ୍ୟରେ ଖେଳି ଯୁବ ପ୍ରତିଭାମାନେ ମ୍ୟାଚ୍ ଅଭିଜ୍ଞତା ହାସଲ କରିବା ସହ ନିଜ କ୍ୟାରିୟର୍‌ରେ ଆଗକୁ ବଢ଼ିବାର ସୁଯୋଗ ପାଇବେ। ଟୁର୍ଣ୍ଣାମେଣ୍ଟର ଟ୍ରଫି ଅନାବରଣ ସହ ଦ୍ୱିତୀୟ ସଂସ୍କରଣର ଔପଚାରିକ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏବଂ ଆପେକ୍ସ କାଉନସିଲ୍ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ପୂର୍ବ ସଂସ୍କରଣରେ କଟକ ପ୍ୟାନ୍ଥର ଚାମ୍ପିଅନ୍ ହୋଇଥିଲା। ଏଥର ୬ଟି ଟିମ୍ ଟ୍ରଫି ହାତେଇବା ପାଇଁ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା କରିବେ।

ଏହି ଅବସରରେ ଓସିଏ ସଭାପତି ଶ୍ରୀ ମହାନ୍ତି କହିଛନ୍ତି ଯେ ଏହି ଟୁର୍ଣ୍ଣାମେଣ୍ଟ ରାଜ୍ୟର କ୍ରିକେଟିଂ ଇକୋସିଷ୍ଟମ୍‌କୁ ମଜବୁତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମର ଲକ୍ଷ୍ୟ କେବଳ ଏକ ପ୍ରତିଯୋଗିତାମୂଳକ ଟୁର୍ଣ୍ଣାମେଣ୍ଟ ଆୟୋଜନ ନୁହେଁ, ବରଂ ଏଭଳି ଏକ ପ୍ଲାଟଫର୍ମ ସୃଷ୍ଟି କରିବା, ଯେଉଁଠାରେ ଯୁବ ଖେଳାଳି ପ୍ରଦର୍ଶନ କରିପାରିବେ, ଶିଖିପାରିବେ ଓ ଆଗକୁ ବଢ଼ିପାରିବେ।

## ବ୍ୟାପକ ସୁରକ୍ଷା ବ୍ୟବସ୍ଥାରେ ନିଟ୍-ପିଜି-୨୦୨୬ ପରୀକ୍ଷା ସମ୍ପନ୍ନ

ନୂଆଦିଲ୍ଲୀ, ୩୦।୮: ନ୍ୟାସନାଲ ବୋର୍ଡ ଅଫ୍ ଏକଜାମିନେସନ୍ସ ଇନ୍ ମେଡିକାଲ ସାଇନ୍ସେସ (ଏନବିଇଏମଏସ) ଦ୍ୱାରା ରବିବାର ସାରା ଦେଶରେ ନିଟ୍-ପିଜି ୨୦୨୬ ପରୀକ୍ଷା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷାକୁ ନିରପେକ୍ଷ, ସୁରକ୍ଷିତ ଓ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ବ୍ୟାପକ ସ୍ତରରେ ପରିଚାଳନା, ବୈଷୟିକ ଜ୍ଞାନକୌଶଳ, କଡ଼ା ସୁରକ୍ଷା ଓ ଆବଶ୍ୟକ କର୍ମଚାରୀ ନିୟୋଜିତ କରାଯାଇଥିଲା। ସମସ୍ତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୩୩୧ଟି ସହରର ୧,୧୧୧ଟି ପରୀକ୍ଷା କେନ୍ଦ୍ରରେ ୨,୩୩,୦୧୭ ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ସ୍ଥିର କରାଯାଇଥିଲା। ମୋଟ ୨,୬୫,୯୦୦ ପ୍ରାର୍ଥୀ ପରୀକ୍ଷା ଦେଇଥିଲେ। ପ୍ରାୟ ୨, ୬୩, ୫୩୫ ପ୍ରାର୍ଥୀଙ୍କ ପାଇଁ ପରୀକ୍ଷା ସଫଳତାର ସହ ସମାପ୍ତ ହୋଇଥିଲା। ପରୀକ୍ଷା ପରିଚାଳନା ତଦାରଖ କରିବା ପାଇଁ ମୋଟ୍ ୨,୫୨୭ ଅଧ୍ୟାପକଙ୍କୁ ସ୍ୱାଧୀନ ମୂଲ୍ୟାଙ୍କନକାରୀ ଭାବରେ ନିଯୁକ୍ତ କରାଯାଇଥିଲା। ଏହା ସହିତ ଡିନ୍, ନିର୍ଦ୍ଦେଶକ, ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଓ ବରିଷ୍ଠ ପ୍ରଫେସରଙ୍କ ସମେତ ୭୦୦ରୁ ଅଧିକ ବରିଷ୍ଠ ଅଧ୍ୟାପକଙ୍କୁ ଫ୍ଲାଇଂ ସ୍କ୍ୱାଡ୍ ସଦସ୍ୟ ଭାବରେ ନିୟୋଜିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘରେ ଘରେ ପହଞ୍ଚିବ...

କ୍ଷମତା ବୃଦ୍ଧି ପାଇଁ ପ୍ୟାକ୍‌ହାଉସଗୁଡ଼ିକୁ ଜାତୀୟ ପ୍ୟାକ୍ କମ୍ପ୍ୟୁଟରାଇଜେସନ ସଫ୍ଟୱେୟାରରେ ସାମିଲ କରାଯାଉଥିବା ବେଳେ ୨୦୦ଟି ପ୍ୟାକ୍‌କୁ ମଙ୍ଗଳବାର ଏଥିରେ ସାମିଲ କରାଯିବ। ଅବଶିଷ୍ଟ ସମସ୍ତ ସମିତି ପାଇଁ ଏହି ପ୍ରକ୍ରିୟା ଜାରି ରହିଛି ଓ ଏହା ଆର୍ଥିକ ବର୍ଷ ଶେଷ ସୁଦ୍ଧା ପୂରଣ ହେବ। ରାଜ୍ୟ ସରକାରଙ୍କ ଦୂରଦୃଷ୍ଟିସମ୍ପନ୍ନ ପରିକଳ୍ପନା ସ୍ୱରୂପ ରାଜ୍ୟର ସମସ୍ତ ଜିଲ୍ଲାରେ ଉନ୍ନତ ଭିତ୍ତିଭୂମି ଥିବା ୧୦୦ଟି ମଡେଲ ମଣ୍ଡି ସ୍ଥାପିତ ହେବ। ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକ୍ଷେତ୍ରରେ ଅନୁମୋଦିତ ହୋଇଥିବା ୩୮ଟି ମଡେଲ ମଣ୍ଡି ମଧ୍ୟରୁ ମଙ୍ଗଳବାର କଟକରେ ୨ଟି, ଖୋର୍ଦ୍ଧାରେ ଗୋଟିଏ ଏବଂ ପୁରୀରେ ଗୋଟିଏ ସମେତ ମୋଟ ୪ଟି ମଡେଲ ମଣ୍ଡିର ଭିତ୍ତିପ୍ରସ୍ତର ଆଭାସୀ ମାଧ୍ୟମରେ ସ୍ଥାପନ କରାଯିବ। ଅବଶିଷ୍ଟ ମଣ୍ଡି ପାଇଁ ଜାଗା ଚିହ୍ନଟ ସହ ଡିପିଆର ମଧ୍ୟ ପ୍ରସ୍ତୁତ ହେଉଛି। ଏହାଛଡ଼ା କେନ୍ଦ୍ର ସରକାରଙ୍କ ସମବାୟ ବିଭାଗର 'ବିଶ୍ୱର ସର୍ବବୃହତ୍ ଶସ୍ୟ ସଂରକ୍ଷଣ ଯୋଜନା' ଅଧୀନରେ ପ୍ରଥମ ପର୍ଯ୍ୟାୟରେ ନିର୍ମାଣ ହେବାକୁ ଥିବା ୧୧ଟି ଗୋଦାମ ମଧ୍ୟରୁ ୩ଟିର ଭିତ୍ତିପ୍ରସ୍ତର ସ୍ଥାପନ ହେବ। ଗତ ମାର୍ଚ୍ଚରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହ ଓଡ଼ିଶା ଗସ୍ତ ଅବସରରେ ୧୨ଟିର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏଥିସହ ରାଜ୍ୟ ପ୍ୟାକ୍‌ମାନଙ୍କ ନିମନ୍ତେ ୩୦ ଜଣ ପ୍ରାର୍ଥୀଙ୍କ ନିଯୁକ୍ତିପତ୍ର ମଧ୍ୟ ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ।

### ପ୍ରଧାନମନ୍ତ୍ରୀଙ୍କ ଉଜ୍‌ବେକିସ୍ତାନର...

ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, ୟୁରାନିୟମ୍ ଯୋଗାଣ ଓ ଡିଜିଟାଲ କନେକ୍ଟିଭିଟି ଭଳି ପ୍ରମୁଖ କ୍ଷେତ୍ର ଉପରେ ଉଚ୍ଚସ୍ତରୀୟ ଆଲୋଚନା ହୋଇଛି। ଦୁଇଦେଶର ଦ୍ୱିପାକ୍ଷିକ ବାଣିଜ୍ୟ ୧୦୦ କୋଟି ଡଲାର ଅତିକ୍ରମ କରିଛି। ୨୦୩୦ ସୁଦ୍ଧା ଏହାକୁ ୫୦୦ କୋଟି ଡଲାରରେ ପହଞ୍ଚାଇବାକୁ ଦୁଇଦେଶ ଲକ୍ଷ୍ୟ ରଖିଛନ୍ତି। ଏହାକୁ ହାସଲ କରିବା ପାଇଁ ବଜାର ପ୍ରବେଶ, ସଂଯୋଗୀକରଣ, ବ୍ୟାଙ୍କିଂ ଓ ପେୟ ସହିତ ଜଡ଼ିତ ପ୍ରସଙ୍ଗଗୁଡ଼ିକୁ ବ୍ୟବସ୍ଥିତ ଭାବରେ ଆଗକୁ ବଢ଼ାଇବା ଲାଗି ଦୁଇଦେଶ ନିଷ୍ପତ୍ତି ନେଇଛନ୍ତି। ସେହିପରି ଭିତ୍ତିଭୂମି ବିକାଶରେ ପାରସ୍ପରିକ ଲାଭଦାୟକ ସହଯୋଗ ବୃଦ୍ଧି କରିବା ପାଇଁ ଏକାଠି କାମ କରିବାକୁ ସହମତି ପ୍ରକାଶ ପାଇଛି। ଆଲୋଚନା ପରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କୃଷି ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମର ଶକ୍ତି ପରସ୍ପରର ପରିପୂରକ। ଉଜବେକିସ୍ତାନର ଉଦ୍ୟାନ କୃଷି ଅଭିଜ୍ଞତା ଓ ଭାରତର ଆଧୁନିକ କୃଷି ପଦ୍ଧତିକୁ ମିଶାଇ କରି ଆମେ ଉଭୟ ଦେଶର ଖାଦ୍ୟ ସୁରକ୍ଷାରେ ଯୋଗଦାନ କରିବୁ। ଉଜବେକିସ୍ତାନର ଔଷଧୀୟ ଜଡ଼ିବୁଟି ଓ ଭାରତର ଆୟୁର୍ବେଦକୁ ନେଇ ପାରମ୍ପରିକ ଔଷଧ ଉପରେ ଆଜିର ଚୁକ୍ତିନାମା ଦୁଇଦେଶର ମିଳିତ ପ୍ରୟାସକୁ ମଜବୁତ କରିବ ବୋଲି ସେ କହିଛନ୍ତି। ଏଥିସହିତ, ସହଭାଗୀତାକୁ କେବଳ ଦୁଇଟି ରାଜଧାନୀ ମଧ୍ୟରେ ସୀମିତ ନ ରଖି ସହର ଓ ରାଜ୍ୟ ମଧ୍ୟରେ ସହଭାଗୀତା ସ୍ଥାପନ କରିବାକୁ ଦୁଇଦେଶ ସହମତ ହୋଇଛନ୍ତି।

### ଜିଏମ୍ ବିଶ୍ୱବିଦ୍ୟାଳୟରେ...

ଶିକ୍ଷା, ପ୍ରଯୁକ୍ତିବିଦ୍ୟା ଓ ଅର୍ଥନୀତିର ପ୍ରମୁଖ କେନ୍ଦ୍ର ଏଠାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଆଇଆଇଏମ ସମ୍ବଲପୁର, ଭିମ୍ସାର୍ ବୁର୍ଲା, ଭିସାର, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ଓୟୁଏଟି ଡିପ୍ଲୋମା କ୍ୟାମ୍ପସ ପରି ଉଚ୍ଚତର ଅନୁଷ୍ଠାନ ଉତ୍କୃଷ୍ଟ ଶିକ୍ଷାଦାନ ଓ ଗବେଷଣାର ପରିବେଶ ସୃଷ୍ଟି କରୁଛନ୍ତି। ସେହିପରି 'ସେଣ୍ଟର ଫର ଡେଭଲପମେଣ୍ଟ ଅଫ ଆଡଭାନ୍ସଡ କମ୍ପ୍ୟୁଟିଂ'ର ହାଇ-ପରଫରମାନ୍ସ କମ୍ପ୍ୟୁଟିଂ ସୁବିଧା ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ କମ୍ପ୍ୟୁଟର ସାଇନ୍ସ ଓ ଏମସିଏ ବିଭାଗ ସହ ଯୋଡ଼ିହେଲେ ଡାଟା ଆନାଲିଟିକ୍ସ, କ୍ଲାଉଡ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଓ ଏଆଇ କ୍ଷେତ୍ରରେ ଗବେଷଣା ବଢ଼ୁଛି ହେବ। ଏଥିସହ ନୂତନ ଇନୋଭେସନ୍ ମାନେ ସମ୍ବଲ ସୃଷ୍ଟି ହେବ ବୋଲି ଶ୍ରୀ ପ୍ରଧାନ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ସେହିପରି ଶ୍ରୀ ପ୍ରଧାନ ଅନ୍ୟ ଏକ ପତ୍ରରେ ସମ୍ବଲପୁରସ୍ଥିତ ଏସ୍‌ଟିପିଆଇ କେନ୍ଦ୍ରକୁ ଏକ ଉଦ୍ଭାବନମୁଖୀ ଆଇଟି, ଇଏସଡିଏମ (ଇଲେକ୍ଟ୍ରୋନିକ ସିଷ୍ଟମ ଡିଜାଇନ ଆଣ୍ଡ ମ୍ୟାନୁଫାକ୍ଚରିଂ) ଓ ଇନୋଭେସନ ହବ୍‌ରେ ପରିଣତ କରିବାକୁ ଅନୁରୋଧ କରିଛନ୍ତି। ସେ ପତ୍ରରେ ଦର୍ଶାଇଛନ୍ତି ଯେ ସମ୍ବଲପୁର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆଇଟି, ଇଏସଡିଏମ, ସେମିକଣ୍ଡକ୍ଟର ଡିଜାଇନ ଓ ଡିଜିଟାଲ ଭିତ୍ତିଭୂମି କ୍ଷେତ୍ରରେ ପ୍ରଚୁର ସମ୍ଭାବନା ରହିଛି। ସେମିକଣ୍ଡକ୍ଟର ଡିଜାଇନ, ଏଆଇ, ଆଇଟି ଓ ଜିସିସି କ୍ଷେତ୍ରରେ ବୃତ୍ତି ପାଉଥିବା ସୁଯୋଗକୁ ଦୃଷ୍ଟିରେ ରଖି ଏସଟିପିଆଇର ସମ୍ପ୍ରସାରଣ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କ ପାଇଁ ଉଚ୍ଚମାନର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସମ୍ବଲପୁରରେ ଏଭଳି କେନ୍ଦ୍ର ସ୍ଥାପନ ଏବଂ ଏସଟିପିଆଇର ଆଧୁନିକୀକରଣ ଫଳରେ ସମଗ୍ର ଓଡ଼ିଶାର ଡିଜିଟାଲ୍ ଓ ଟେକ୍ନୋଲୋଜି ଇକୋସିଷ୍ଟମ ମଜବୁତ ହେବା ସହ ଭାରତକୁ ବିଶ୍ୱସ୍ତରୀୟ ଟେକ୍ନୋଲୋଜି ହବ୍ ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଆଶା କରିଛନ୍ତି।

### ସରକାରୀ କର୍ମଚାରୀଙ୍କ...

ଅଦାଲତ ଯେଉଁ ପରିମାଣର ଅର୍ଥ ନିର୍ଦ୍ଧାରିତ କରିଛନ୍ତି, ସେହି ପରିମାଣର ଅର୍ଥକୁ ଦରମାରୁ କାଟି ସମ୍ପୃକ୍ତ କର୍ମଚାରୀଙ୍କ ପତ୍ନୀ ବା ସନ୍ତାନସନ୍ତତିଙ୍କ ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଇଲେକ୍ଟ୍ରୋନିକ୍ ସୂତ୍ରରେ ଜମା କରିବେ। ଆଗାମୀ ଦିନରେ ଏହିପରି ଅଦାଲତଙ୍କ ନିର୍ଦ୍ଦେଶିତ ଭରଣପୋଷଣ ସମ୍ପର୍କିତ ବିଷୟକୁ ରାଜ୍ୟ ସରକାରଙ୍କ ସମନ୍ୱିତ ଓ ସ୍ୱୟଂଚାଳିତ ବ୍ୟବସ୍ଥାରେ ଯୋଡ଼ାଯାଇ ଏହି ବ୍ୟବସ୍ଥାକୁ ଆହୁରି ଉନ୍ନତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଅଦାଲତଙ୍କ ନିର୍ଦ୍ଦେଶ ଅନୁପାଳନ ହେବା ସହ ସମ୍ପୃକ୍ତ ମହିଳା ବା ସେମାନଙ୍କ ସନ୍ତାନସନ୍ତତିଙ୍କ ଦୁର୍ଦ୍ଦଶା ମଧ୍ୟ ଅନେକ ପରିମାଣରେ ଦୂର ହୋଇପାରିବ।

### ଖୋଲାଖୋଲି...

ଗାଇମ-ରକ୍ଷା ବ୍ୟବସ୍ଥା ସୃଷ୍ଟି କରିବା ସରକାରଙ୍କ ଏହି ପଦକ୍ଷେପର ଉଦ୍ଦେଶ୍ୟ। କେନ୍ଦ୍ରର ମୂଲ୍ୟାଙ୍କନ ଅନୁଯାୟୀ, ଏହା 'ଏକକ ସମୟ ସୂଚକ' ଉପଯୋଗ ଦ୍ୱାରା ଆଇନଗତ, ବାଣିଜ୍ୟିକ, ଡିଜିଟାଲ ଓ ପ୍ରାଶାସନିକ କାର୍ଯ୍ୟରେ ସମୟର ବିସଙ୍ଗତି ଓ ଦ୍ୱନ୍ଦ୍ୱକୁ ଦୂର କରାଯାଇପାରିବ। ଏହି ନିୟମ ଲାଗୁହେଲେ ପ୍ରତିଷ୍ଠାନଗୁଡ଼ିକୁ ସରକାରୀ କାର୍ଯ୍ୟ ଲାଗି ଆଇଏସଟି ବ୍ୟତୀତ ଅନ୍ୟ କୌଣସି ସମୟ ସୂଚକର ପ୍ରଦର୍ଶନ, ବ୍ୟବହାର କିମ୍ବା ରେକର୍ଡ କରିବାକୁ ଅନୁମତି ଦିଆଯିବନାହିଁ। ତେବେ ଯେଉଁଠାରେ ବୈଜ୍ଞାନିକ ସମୟ କ୍ଷେତ୍ରର ସ୍ପଷ୍ଟ ଆବଶ୍ୟକତା ଉଲ୍ଲେଖ କରାଯାଇଥିବ କିମ୍ବା ଯେଉଁଠାରେ ବୈଜ୍ଞାନିକ ଗବେଷଣା, ନାଭିଗେସନ୍ ଓ ଜ୍ୟୋତିର୍ବିଜ୍ଞାନ ପାଇଁ ଦ୍ୱିତୀୟ ବିକଳ୍ପ ରହିବ, ସେଠାରେ ଏହି ଆଇନ୍ ଲାଗୁ ହେବନାହିଁ।

### 'ମନ୍ କୀ ବାତ୍'ରେ...

ସ୍ତୋତ ଭାବେ ଗ୍ରହଣ କରିଥିଲେ। କିନ୍ତୁ ଧୀରେ ଧୀରେ ସେ ଜଙ୍ଗଲ ସହ ଏତେ ମାତ୍ରାରେ ଜଡ଼ିତ ହୋଇଯାଇଥିଲେ ଯେ ସେ ଜଙ୍ଗଲ ସଂରକ୍ଷଣ ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ। ତାଙ୍କ ଜୀବନରେ ଆସିଥିବା ପରିବର୍ତ୍ତନ ଅଞ୍ଚଳର ଅନ୍ୟ ମହିଳାଙ୍କୁ ପ୍ରେରଣା ଦେଇଛି। ଆଜି ୬୦ରୁ ଅଧିକ ମହିଳା ଜଙ୍ଗଲ ସଂରକ୍ଷଣରେ ସାମିଲ ହୋଇଛନ୍ତି। ଏବେ ବନ୍ୟଜନ୍ତୁଙ୍କୁ ସୁରକ୍ଷା ଦିଆଯିବା ତୁଲାଇବାକୁ ଗାଁ ଆଉ କିଏ ଘାସ ମେଡ଼ିଆରେ ବିକାଶ ସହ ଯୋଡ଼ି ହୋଇଛନ୍ତି। କେତେକ ମହିଳା ଇକୋ-ଟୁରିଜିମ୍ ଆକ୍ଟିଭିଟିରେ ମଧ୍ୟ ଯୋଗଦାନ କରିଛନ୍ତି। ମୌମିତି ଓ ତାଙ୍କ ପରିବାରରେ ଆବଶ୍ୟକତା ଥିବା ଅର୍ଥ ମଧ୍ୟ ଇକୋ-ଟୁରିଜିମ୍ ସହ ଯୋଡ଼ି ହୋଇ ରହିଛନ୍ତି। ଏଠାରେ ଜଙ୍ଗଲ ସହ ତାଙ୍କର ସମ୍ପର୍କ ନୂଆ ଦିଗରେ ପରିବର୍ତ୍ତନ ହୋଇଛି। ଏବେ ଜଙ୍ଗଲ ସଂରକ୍ଷଣ ବି ତାଙ୍କ ଜୀବିକାର ଏକ ମାଧ୍ୟମ ହୋଇଛି ବୋଲି ମୋଦି କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମୌମିତି ଓ ତାଙ୍କ ସହ ସାମିଲ ଥିବା ମହିଳାମାନେ ସେମାନଙ୍କ ପଦକ୍ଷେପ ମାଧ୍ୟମରେ ଜୀବନକୁ ସମୃଦ୍ଧ କରିବା ସହ ପ୍ରକୃତିର ସୁରକ୍ଷା ମଧ୍ୟ କରାଯାଇପାରିବ ବୋଲି ପ୍ରମାଣିତ କରିଛନ୍ତି।

### ପୁଣି ସରକାର ଆଣିବେ...

ଓ ଅନ୍ୟାନ୍ୟ ଭତ୍ତା ସହ ପୂର୍ବତନ ବିଧାୟକମାନଙ୍କର ପେନ୍‌ସନ୍ ଓ ଭତ୍ତା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଓଡ଼ିଶାର ବିଧାୟକ ଓ ପୂର୍ବତନ ବିଧାୟକଙ୍କ ପାଇଁ ସଂସଦ ଓ ଅନ୍ୟ ରାଜ୍ୟର ବିଧାୟକଙ୍କ ଦରମା, ଭତ୍ତା ଓ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ମଧ୍ୟ ତୁଳନାତ୍ମକ ବିବରଣୀ ଉପସ୍ଥାପନ କରିବା ସହ ରାଜ୍ୟର ବିଧାୟକ ଓ ପୂର୍ବତନ ବିଧାୟକମାନଙ୍କୁ ମିଳୁଥିବା ଦରମା ଓ ଭତ୍ତାର ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି ଯୁକ୍ତ କମିଟି ଅନୁଭବ କରିଥିଲେ। ଏହି ଗସ୍ତ ଓ ଆଲୋଚନାରେ ଦରମା ଓ ଭତ୍ତା ବୃଦ୍ଧି ବିଲ୍‌କୁ ଆଗରେ କରିବେ ବୋଲି ସଂକେତ ମିଳୁଛି। କିଛି ମାସ ପୂର୍ବରୁ ସରକାର ବିଧାୟକଙ୍କ ଦରମା ଓ ଭତ୍ତା ତିନି ଗୁଣା ବଢ଼ାଇଥିଲେ। କିନ୍ତୁ ବିଭିନ୍ନ ମହଲରୁ ବିରୋଧ ହେବାରୁ ସରକାର ଏହାକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ। ଏବେ କିନ୍ତୁ ବିଧାନସଭା କମିଟି ରିପୋର୍ଟ ଓ ସଂସଦୀୟ ଯୁକ୍ତ କମିଟି ମତାମତ ଆଧାରରେ ସଂସଦୀୟ ବ୍ୟାପାର ବିଭାଗ ସଂଶୋଧିତ ପ୍ରସ୍ତାବ ଆଣିବ ବୋଲି ଚର୍ଚ୍ଚା ହେଉଛି।

### ଲଗାଣ ବର୍ଷା...

୨୮ତାରିଖରୁ ୪ଟି ଗାଇ ହେବା ପରେ ଲୋକେ ନଦୀବନ୍ଧ ଉପରେ, ଛାତ ଉପରେ, ଆଶ୍ରମ ସ୍ଥଳୀରେ ଓ ବନ୍ଧୁଙ୍କ ଘରେ ରହୁଛନ୍ତି। ଏପଟେ ୩୫ ଦିନ ହେବ ସେମାନେ ରାସ୍ତାକୁ ଚାହିଁ ବସିଛନ୍ତି। ଏହା ଭିତରେ ପୁଣି ଆସୁଛି ୨ୟ ବନ୍ୟା। ଏପଟେ ବୈତରଣୀ ନଦୀ ଜଳସ୍ତର ମହାପାତ୍ର ସାହି ଘେରି ବସରେ ମଧ୍ୟ ଦୁଇଟି ମୁଲ୍ଲକ ଘାଇ ରହିଛି। ସେପଟେ ଲଗାଣ ବର୍ଷା ଫେରିବା ସହ ଭଦ୍ରକ ସହରରେ ଥାନା ହୋଇଯାଇଛି ସାମ୍ପାତିକ ଜଳବନ୍ଦୀ ସମସ୍ୟା। ଅବିଶ୍ରାନ୍ତ ବର୍ଷା କାରଣରୁ ପୁଣି ଥରେ ବୁଡ଼ିଛି ଭଦ୍ରକ ସହର। ସହରର ବିଭିନ୍ନ ତଳିଆ ଅଞ୍ଚଳରେ ଏବେ ଆଣ୍ଠୁଏ ଉଚ୍ଚର ବର୍ଷା ଜଳ ଲହଡ଼ି ମାରୁଛି, ଯାହା ଫଳରେ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ରୂପେ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସ୍ଥାନୀୟଙ୍କ ଅନୁଯାୟୀ, ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଲଗାତାର ବର୍ଷା ପୋଗୁଁ ଭଦ୍ରକ ମ୍ୟୁନିସିପାଲିଟି ଅନ୍ତର୍ଗତ ଅନେକ ୱାର୍ଡ ଏବଂ ତଳିଆ ବାସ୍ତାଘାଟ ଜଳାର୍ଣ୍ଣବ ହୋଇଯାଇଛି। ଡ୍ରେନେଜ୍ ବ୍ୟବସ୍ଥା ଠିକ୍‌ଭାବେ ହୋଇପାରିନଥିବାରୁ ବର୍ଷାପାଣି ସଠିକ୍ ଭାବେ ନିଷ୍କାସିତ ହୋଇ ନ ପାରି ରାସ୍ତା ଉପରେ ପ୍ରବାହିତ ହେଉଛି। ତେବେ କେବଳ ଏତିକି ନୁହେଁ, ଅନେକ ସ୍ଥାନରେ ଲୋକଙ୍କ ଘର ଭିତରକୁ ମଧ୍ୟ ବର୍ଷା ଜଳ ପ୍ରବେଶ କରିଥିବା ଦେଖିବାକୁ ମିଳିଛି। ଯଦି ଏଭଳି ଆହୁରି କିଛି ଘଣ୍ଟା ବର୍ଷା ଲାଗି ରହେ, ତେବେ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ଗମ୍ଭୀର ହେବାର ଆଶଙ୍କା ଦେଖାଦେଇଛି।

● ଉତ୍କଳ କରାଟେ ସ୍କୁଲ୍‌ର ବାର୍ଷିକ ଉତ୍ସବ

## ପ୍ରଫୁଲ୍ଲ, ତୁଷାର ଓ ଚକ୍ରଧର ସମ୍ମାନିତ




ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ଉତ୍କଳ କରାଟେ ସ୍କୁଲ୍‌ର ପ୍ରତିଷ୍ଠା ଦିବସ ଗତକାଲି ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଛି। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଅନୁଷ୍ଠିତ ଏହି ଉତ୍ସବରେ କ୍ରୀଡ଼ାକ୍ଷେତ୍ର ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୩ ଜଣ କ୍ରୀଡ଼ା ସାମ୍ବାଦିକ 'ସମ୍ବାଦ'ର ପ୍ରଫୁଲ୍ଲ କିଶୋର ସାହୁ, 'ସକାଳ'ର ତୁଷାର କୁମାର ସେନାପତି ଓ ଡିଜିଟାଲ ମିଡିଆ 'ସ୍ପୋର୍ଟସ ଟୁଡେ'ର ଚକ୍ରଧାରୀ ମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।ଗତ ୧୧ ବର୍ଷ ଧରି ପ୍ରଫୁଲ୍ଲ କ୍ରୀଡ଼ା ସାମ୍ବାଦିକତା କରିଆସୁଛନ୍ତି। ଓଡ଼ିଶାରେ ଆୟୋଜିତ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ସହ କୋଲକାତାରେ ଆଇପିଏଲ୍ ମ୍ୟାଚ୍ ଖବରକୁ ଲୋକଙ୍କ ପାଖରେ ପହଞ୍ଚାଇଛନ୍ତି। ସେହିଭଳି ସକାଳ ଖବରକାଗଜର କ୍ରୀଡ଼ା ସାମ୍ବାଦିକ ତୁଷାର ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ରିପୋର୍ଟିଂ କରିଛନ୍ତି। ଚକ୍ରଧର ବିଭିନ୍ନ ଖବରକାଗଜରେ କାମ କରିବାରେ ନିଜେ 'ସ୍ପୋର୍ଟ୍ସ ଟୁଡେ' ନାମକ ଏକ ଡିଜିଟାଲ୍ ଚ୍ୟାନେଲ୍ ଖୋଲି କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ଆଗକୁ ନେବାକୁ ପ୍ରୟାସ ଜାରି ରଖିଛନ୍ତି। ସେ ମଧ୍ୟ ଜଣେ ପୂର୍ବତନ ଖେଳାଳି ହେବା ସହ ଏବେ ଓଡ଼ିଶା ଟେନିସ ବଲ କ୍ରିକେଟ ମୁଖ୍ୟ ପ୍ରଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। ଏମାନଙ୍କ ସହ 'ନ୍ୟୁଜ୍୧୮ ଓଡ଼ିଆ'ର ବରିଷ୍ଠ କ୍ୟାମେରାମ୍ୟାନ୍ ଗୌରପ୍ରସାଦ ରାଜଗୁରୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବଡ଼ି ବିଲ୍ଡିଂ ପ୍ରତିଯୋଗିତା ସହ ମହିଳାମାନଙ୍କ ମଧ୍ୟରେ ଫେସନ୍ ଶୋ' ଅନୁଷ୍ଠିତ ହୋଇଥିଲା।

## ସଂଭାବନା ପକ୍ଷରୁ ଶ୍ରଦ୍ଧାଞ୍ଜଳି 'ସ୍ମୃତିରେ ପ୍ରଣବ'




ଭୁବନେଶ୍ୱର, ୩୦।୮ (ସଂଚାର ବ୍ୟୁରୋ): 'ରେ ଆତ୍ମନ ନିଦ୍ରା ପରିହରି', 'ମାଝୀରେ ଶେଷ ଶ୍ରାବଣ', 'ଉର୍ମି ଅଧିରା ରୂପସୀ ଚିଲିକା', 'ଏମିତି ରାତି ସେ ଅଭୁଲା ସ୍ମୃତି', 'ଜୀବନ ଏକ ନାଟକ', 'ଇନ୍ଦ୍ରଧନୁର ସପ୍ତରଙ୍ଗ' ଆଦି ଅସଂଖ୍ୟ ମନଛୁଆଁ ଓ ଭାବପୂର୍ଣ୍ଣ ସଂଗୀତରେ ଓଡ଼ିଆ ସଂଗୀତ ଜଗତକୁ ସମୃଦ୍ଧ କରିଥିବା ସଂଗୀତର ସମ୍ମୋହନ ପ୍ରଣବ କିଶୋର ପଟ୍ଟନାୟକ ଆଉ ନାହାନ୍ତି। ତାଙ୍କର ଅବର୍ତ୍ତମାନରେ 'ସଂଭାବନା' ପକ୍ଷରୁ ସ୍ମୃତିରେ ପ୍ରଣବ ଶୀର୍ଷକ ଶ୍ରଦ୍ଧାଞ୍ଜଳି ଓ ସ୍ମୃତିଚାରଣ ସନ୍ଧ୍ୟା ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ 'ସଂଭାବନା'ର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ ସୁଦର୍ଶନ ଦାସ, ବିଶିଷ୍ଟ ସଂଗୀତ ଶିଳ୍ପୀ ନିମାକାନ୍ତ ରାଉରାୟ, ସୌରଭ ନାୟକ, ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତପଥୀ, ଚିତ୍ରଶିଳ୍ପୀ ଗଜେନ୍ଦ୍ର ପାଢ଼ୀ, ରେଣୁବାଳା ସାହୁ, ଡକ୍ଟର ସୁଜାତା ମହାନ୍ତି, ନିବେଦିତା ମଲ୍ଲିକ, ବିଜୟଲକ୍ଷ୍ମୀ ସା, ପ୍ରମୁଖ ଯୋଗ ଦେଇ ପ୍ରଣବ ପଟ୍ଟନାୟକଙ୍କ ସମ୍ପର୍କରେ ସ୍ମୃତି ରୋମନ୍ଥନ କରିଥିଲେ।

## ସ୍କୁଲରେ ଗୁଣାତ୍ମକ ଶିକ୍ଷା ଓ ମାନବୃଦ୍ଧିକୁ ଗୁରୁତ୍ୱ

ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ଆଜି ଚିଲିକା ବ୍ଲକର ସମ୍ମିଳନୀ କକ୍ଷଠାରେ ଚିଲିକା ନିର୍ବାଚନମଣ୍ଡଳୀର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ପ୍ରସାର, ଶିକ୍ଷାର ମାନବୃଦ୍ଧି ଏବଂ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ପାସ୍ ହାରକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏକ ସମୀକ୍ଷା ବୈଠକ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ପ୍ରତିଭା, ସାମର୍ଥ୍ୟ ଓ ଦକ୍ଷତା ଅନୁଯାୟୀ ଆଗକୁ ବଢ଼ିପାରିବେ, କୌଣସି ଛାତ୍ରଛାତ୍ରୀ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ଏବଂ ଚିଲିକା ନିର୍ବାଚନମଣ୍ଡଳୀର ବିଦ୍ୟାଳୟଗୁଡ଼ିକର ପରୀକ୍ଷା ଫଳାଫଳକୁ ଆଗାମୀ ଦିନରେ ଆହୁରି ଉତ୍କୃଷ୍ଟ କରାଯାଇପାରିବ,ସେ ଦିଗରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଉପସ୍ଥିତ ଅଧିକାରୀ, ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ।

● 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'କୁ ମିଶନ ମୋଡ୍‌ରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

## 'ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା'ରେ ଅଙ୍ଗନବାଡ଼ି କେନ୍ଦ୍ରର ଭିତ୍ତିଭୂମି ସୁଦୃଢ଼ ହେବ



ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ପୁଷ୍ଟି ମିଶନ (ଓପିଏମ)ର କାର୍ଯ୍ୟାନ୍ୱୟନ ଓ ରଣନୀତି ସମ୍ପର୍କରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ରାଜ୍ୟରେ ପୁଷ୍ଟିହୀନତାକୁ ଦୂର କରିବା, ଡିଜିଟାଲ ନିରୀକ୍ଷଣ ବଳରେ ସେବା ପ୍ରଦାନକୁ ସୁଦୃଢ଼ କରିବା ସହ 'ସମୃଦ୍ଧ ଅଙ୍ଗନବାଡ଼ି ଯୋଜନା'ରେ ଅସମ୍ପୂର୍ଣ୍ଣ କୋଠାର ନିର୍ମାଣ କାର୍ଯ୍ୟ ଶେଷ କରିବା, ଆବଶ୍ୟକ ଥିବା ନୂତନ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ କରି ପିଲାମାନଙ୍କ ପାଇଁ ସୁରକ୍ଷିତ ଓ ଶିଶୁ-ଅନୁକୂଳ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକର ଭିତ୍ତିଭୂମି ସୁଦୃଢ଼ୀକରଣକୁ ଗୁରୁତ୍ୱ ଦେଇଛନ୍ତି।

ବୈଠକରେ ରାଜ୍ୟରେ ମାତୃ ଓ ଶିଶୁ ପୁଷ୍ଟିର ସ୍ଥିତିରେ ଉନ୍ନତି ଆଣିବା ସହ ପୁଷ୍ଟିହୀନତା ଦୂରୀକରଣ ପାଇଁ ମିଶନ୍-ମୋଡ୍‌ରେ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। 'ଓଡ଼ିଶା ପୁଷ୍ଟି ମିଶନ'କୁ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା'ର ମିଶନ୍-ମୋଡ୍ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଭାବେ କାର୍ଯ୍ୟକାରୀ କରିବା ସହ ଅଧିକ ପୌଷ୍ଟିକ ଅଭାବ ରହୁଥିବା ଚିହ୍ନଟ ୧୮ଟି ଜିଲ୍ଲାରେ ଏହାକୁ ବିଶେଷ ଭାବେ କାର୍ଯ୍ୟକାରୀ କରାଯିବା ନେଇ ବିସ୍ତୃତ ଆଲୋଚନା ହୋଇଛି।

ଓଡ଼ିଶା ପୁଷ୍ଟି ମିଶନ ଅଧୀନରେ ଏହିସବୁ ଜିଲ୍ଲାରେ ପ୍ରାଥମିକତା ଦିଆଯାଇଥିବା ୧୦୦ଟି ଆଇସିଡିଏସ୍ ପ୍ରକଳ୍ପ ଅନ୍ତର୍ଗତ ୨୨,୭୦୭ ଅଙ୍ଗନବାଡ଼ି କେନ୍ଦ୍ର, ପୁଷ୍ଟି ସୂଚକାଙ୍କ ଆଧାରରେ ଅପେକ୍ଷାକୃତ ଦୁର୍ବଳ ପ୍ରଦର୍ଶନ କରୁଥିବା ଚିହ୍ନଟ ୨୨୨ଟି ଅଙ୍ଗନୱାଡି କେନ୍ଦ୍ର ଏବଂ ମାଓ ପ୍ରଭାବିତ ଅଞ୍ଚଳରେ ଆସୁଥିବା ୧୫୯ଟି 'ଗ୍ରାମୋଦୟ' ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକୁ ମିଶାଇ ମୋଟ ୨୩,୦୮୮ଟି ଅଙ୍ଗନୱାଡି କେନ୍ଦ୍ରକୁ ସାମିଲ କରାଯାଇଛି। ଏଥିରେ ରାଜ୍ୟର ଚିହ୍ନଟ ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ (ପିଭିଟିଜି) ଅନ୍ତର୍ଭୁକ୍ତ ରହିଛନ୍ତି। ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ଅଧୀନରେ ଅନୁଗୋଳ, ଦେବଗଡ଼, ଢେଙ୍କାନାଳ, ଗଜପତି, ଗଞ୍ଜାମ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ରାୟଗଡ଼ା, ନବରଙ୍ଗପୁର, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାକୁ ଚିହ୍ନଟ କରାଯାଇଛି। ଏଥିସହ ନୀତି ଆୟୋଗଙ୍କ ଦ୍ୱାରା ଚିହ୍ନଟ ୯ଟି ଆକାଂକ୍ଷୀ ଜିଲ୍ଲା ମଧ୍ୟ ଅନ୍ତର୍ଭୁକ୍ତ ରହିଛି।

● କାଳିବେଟୀ ଓ ମୁଦାମ୍ବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ବିକାଶର ସମୀକ୍ଷା କଲେ ଏସିଏସ୍

## ସମୟସୀମା ମଧ୍ୟରେ ଭିତ୍ତିଭୂମି ନିର୍ମାଣ ଉପରେ ଗୁରୁତ୍ୱ



ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ଖୋର୍ଦ୍ଧା ଜିଲ୍ଲାର କାଳିବେଟୀ ଏବଂ ମୁଦାମ୍ବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ର ଭିତ୍ତିଭୂମି ବିକାଶ ଓ କାର୍ଯ୍ୟକ୍ଷମତା ପ୍ରସ୍ତୁତିର ସମୀକ୍ଷା କରିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍) ଉଷା ପାଢ଼ୀ। ସେ ଏହି ଦୁଇ ଶିଳ୍ପାଞ୍ଚଳର ମାଷ୍ଟର ପ୍ଲାନିଂ, ଶିଳ୍ପ ପ୍ଲଟ୍ ଆବଣ୍ଟନ, ଜମି ବିକାଶ ଓ ଚାଲିଥିବା ନିର୍ମାଣ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ସମୀକ୍ଷା ବୈଠକରେ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଆମର ମୂଳ ଲକ୍ଷ୍ୟ ହେଉଛି ପରିକଳ୍ପିତ ଶିଳ୍ପ ଭିତ୍ତିଭୂମିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିବେଶକ-ଉପଯୋଗୀ ପରିବେଶରେ ପରିଣତ କରିବା। ଜମି, ଭିତ୍ତିଭୂମି, ପରିବହନ ଓ ପରିବେଶ ସୁରକ୍ଷା ପରି ପ୍ରତ୍ୟେକଟି ଦିଗକୁ ଏକାଠି ଯୋଜନାବଦ୍ଧ ଭାବେ କାର୍ଯ୍ୟକାରୀ କରିବାକୁ ହେବ।

ଉଦ୍ୟୋଗୀମାନେ ଯେପରି ବିନା ବିଳମ୍ବରେ ନିଜର ଶିଳ୍ପପ୍ରତିଷ୍ଠାନ ସ୍ଥାପନ କରିପାରିବେ, ସେଥିପାଇଁ ଜମି ଓ ଅନ୍ୟାନ୍ୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ କ୍ଷେତ୍ରସ୍ତରୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୁସ୍ଥ ପରିବେଶ ଓ ଜଳ ପରିଚାଳନା: ଶିଳ୍ପାଞ୍ଚଳଗୁଡ଼ିକରେ ବର୍ଷା ଜଳ ଅମଳ ଏବଂ ଜଳ ପୁନରୁପଯୋଗ ବ୍ୟବସ୍ଥାକୁ ମୂଳ ଯୋଜନାରେ ସାମିଲ କରିବାକୁ ବାଧ୍ୟତାମୂଳକ କରାଯାଇଛି। ଲୁଗାପଟା ଓ ଅନ୍ୟାନ୍ୟ ନିର୍ମାଣ ସଂସ୍ଥାରେ କାର୍ଯ୍ୟରତ ବହୁ ସଂଖ୍ୟକ ମହିଳା କର୍ମଚାରୀଙ୍କ ନିରାପଦ ଓ ସୁବିଧାଜନକ ଯାତାୟାତ ପାଇଁ କାଳିବେଟୀ ଓ ମୁଦାମ୍ବା ଶିଳ୍ପାଞ୍ଚଳକୁ 'ଆମ ବସ୍' ସେବା ସମ୍ପ୍ରସାରିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ନିଖିଳ ଓଡ଼ିଶା ଭାଗବତ ଟୁଙ୍ଗି ସୁରକ୍ଷା ସମିତିର କର୍ମକର୍ତ୍ତା ବୈଠକ




ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ନିଖିଳ ଓଡ଼ିଶା ଭାଗବତ ଟୁଙ୍ଗି ସୁରକ୍ଷା ସମିତି, ଭୁବନେଶ୍ୱରର ରାଜ୍ୟସ୍ତରୀୟ ପ୍ରଥମ କାର୍ଯ୍ୟକର୍ତ୍ତା ସମ୍ମିଳନୀ ୟୁନିଟ-୪ରେ ଅନୁଷ୍ଠିତ ହୋଇଛି। ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ଏହି ସମିତିର ଅଧ୍ୟକ୍ଷ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତିଷ୍ଠାତା ତଥା ତତ୍ତ୍ୱାବଧାରକ ଶଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଗଠନ ସମ୍ପାଦକ ଡଃ ନାରାୟଣ ଚନ୍ଦ୍ର ସେନାପତି ମୁଖ୍ୟବକ୍ତା, ଉପଦେଷ୍ଟା ଲକ୍ଷ୍ମୀଧର ସାହୁ ଅତିଥି, ସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ସଂଗଠନ ସମ୍ପାଦକ ରମେଶ ସୁନା ତଥା କୋଷାଧ୍ୟକ୍ଷ ଡଃ ପୂର୍ଣ୍ଣଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶାରେ କିପରି ପୁରାତନ ଭାଗବତ ଟୁଙ୍ଗିର ପୁନରୁଦ୍ଧାର ହେବ, ସ୍ଥାଣୁ ପାଲଟିଥିବା ଭାଗବତ ଟୁଙ୍ଗି ସକ୍ରିୟ ହୋଇଉଠିବ ଓ ନୂତନ ଭାଗବତ ଟୁଙ୍ଗି ନିର୍ମାଣ କରାଯାଇ ଭାଗବତ ପ୍ରତି ଘରେ ଘରେ ପ୍ରତି ବ୍ୟକ୍ତିଙ୍କଠାରେ ପହଞ୍ଚିବ, ତା'ର ଉଦ୍ୟମ ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ୩୦ ଜିଲ୍ଲାରୁ ଆସିଥିବା ସଭାପତି, ସମ୍ପାଦକ ଓ ସକ୍ରିୟ ସଦସ୍ୟମାନେ ନିଜର ଅନୁଭୂତି ସହ ଏହାର ସଫଳ ରୂପାୟନ କାମନା କରିବେ ବୋଲି ପ୍ରତିଜ୍ଞାବଦ୍ଧ ହୋଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ଶତାଧିକ ଭାଗବତପ୍ରେମୀ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ମନୋଜ ଦାସ କରିଥିବା ବେଳେ ପଦ୍ମଚରଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

'ଖେଳିବ ଓଡ଼ିଶା, ଜିତିବ ଓଡ଼ିଶା'

# 'ସଣ୍ଡେ ଅନ୍ ସାଇକେଲ' ର୍‍ୟାଲି ଅନୁଷ୍ଠିତ



ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ଏକ ସୁସ୍ଥ, ସବୁଜ ଓ ଫିଟ୍ ଓଡ଼ିଶା ଗଢ଼ିବା ଲକ୍ଷ୍ୟରେ ଆଜି ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ୨୦୨୬ର ଉଦ୍‌ଯାପନୀ ଉତ୍ସବ ଅବସରରେ 'ସଣ୍ଡେ ଅନ୍ ସାଇକେଲ' କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଛି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହି ର୍‍ୟାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ର୍‍ୟାଲି ଏକାମ୍ର କାନନ ଛକରୁ ବାହାରି ଉତ୍କଳ ହସ୍ପିଟାଲ ପର୍ଯ୍ୟନ୍ତ ଯାଇ ପୁନର୍ବାର ଆରମ୍ଭସ୍ଥଳକୁ ଫେରିଥିଲା। କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀ ଉପଲକ୍ଷେ ଗତ ୨୮ରୁ ଆରମ୍ଭ ହୋଇଥିବା ଏହି ତିନିଦିନିଆ ଉତ୍ସବ ଆଜି ଉଦ୍‌ଯାପିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଫିଟ୍ ଇଣ୍ଡିଆ' ଆନ୍ଦୋଳନ ସହ ଓଡ଼ିଶାକୁ ଆଗେଇ ନେବାର ବଡ଼ ଦାୟିତ୍ୱ ଥିବା ବେଳେ ବର୍ଷାଭିଜା ରବିବାରରେ କୌଣସି ଆପତ୍ତି ନ ରଖି କେବଳ ଫିଟ୍ ଓ ସକ୍ରିୟ ରହିବାର ଦୃଢ଼ ଉତ୍ସାହ ନେଇ କ୍ରୀଡ଼ା ମନ୍ତ୍ରୀ ଶ୍ରୀ ସୂରଜ ନିଜେ ସାଇକେଲ ଚଲାଇ ର୍‍ୟାଲିର ନେତୃତ୍ୱ ନେଇଥିଲେ। ମନ୍ତ୍ରୀଙ୍କ ସହ ଶୋଭାଯାତ୍ରାରେ ସାମିଲ ହୋଇଥିବା ସମସ୍ତ ଅଂଶଗ୍ରହଣକାରୀ ପ୍ରତିକୂଳ ପରିସ୍ଥିତିରେ ବି ଫିଟନେସ୍ ପ୍ରତି ନିଜର ନିଷ୍ଠା ଦେଖାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ସମାବେଶକୁ ସମ୍ବୋଧନ କରି କ୍ରୀଡ଼ା ମନ୍ତ୍ରୀ କହିଥିଲେ ଯେ ଆମେ ପ୍ଲେ-ଷ୍ଟେସନ୍ ବଦଳରେ ଖେଳପଡ଼ିଆ ଉପରେ ଏବଂ ସ୍କ୍ରିନ୍ ଟାଇମ୍ ବଦଳରେ ଆକ୍ଟିଭିଟି ଟାଇମ୍ ଉପରେ ଗୁରୁତ୍ୱ ଦେବା ଉଚିତ୍। ଏଥିସହ ସେ ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ଓ ଡୋପିଙ୍ଗ୍ ଭଳି କୁଅଭ୍ୟାସରୁ ଦୂରେଇ ରହି ଖେଳକୁ ନିଜ ଦୈନନ୍ଦିନ ଜୀବନର ଅଂଶ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ସ୍କ୍ରିନ୍ ବ୍ୟବହାର କମାଇବା, ପେଟ୍ରୋଲ-ଡିଜେଲ ଯାନ ଉପରେ ନିର୍ଭରଶୀଳତା ହ୍ରାସ କରି ସବୁଜ ପରିବେଶ ଗଢ଼ିବା ଓ ଦୈନନ୍ଦିନ ସାଇକେଲ ଚାଳନା ଦ୍ୱାରା ନିଜ ସ୍ୱାସ୍ଥ୍ୟର ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହି ର୍‍ୟାଲିରେ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ, ସ୍ୱତନ୍ତ୍ର ଶାସନ ସଚିବ ଅଶୋକ କୁମାର ପଣ୍ଡା, ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ ଓ ସୁଧାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଡମ୍ବରୁ ମାଝୀଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,୩୦।୮(ସଂଚାର ବ୍ୟୁରୋ): ବିଶିଷ୍ଟ ରାଜନେତା, ପୂର୍ବତନ ମନ୍ତ୍ରୀ ତଥା ଅବିଭକ୍ତ କୋରାପୁଟ ଜିଲ୍ଲାର ବରିଷ୍ଠ ଜନଜାତି ନେତା ଡମ୍ବରୁ ମାଝୀ ଆଜି ୮୬ ବର୍ଷ ବୟସରେ ନବରଙ୍ଗପୁରଠାରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଗମନ କରିଛନ୍ତି। ଦୁଇଟି ବିଧାନସଭା କ୍ଷେତ୍ରରୁ ୫ ଥର ବିଧାୟକ ଭାବେ ନିର୍ବାଚିତ ହୋଇ ୧୯୬୭ରୁ ୧୯୯୦ ମଧ୍ୟରେ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ଭାବେ କାର୍ଯ୍ୟ ଦାୟିତ୍ୱ ତୁଲାଇଥିବା ସ୍ୱର୍ଗତଃ ମାଝୀ ନବରଙ୍ଗପୁର ଅଞ୍ଚଳର ରାଜନୀତିରେ ଏକ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥିଲେ। ଜନଜାତି ସମାଜର ଉନ୍ନତି ଓ ଅଧିକାର ପାଇଁ ସ୍ୱର୍ଗତଃ ମାଝୀଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟ ସଭାପତି ମନମୋହନ ସାମଲ ଶୋକ ବ୍ୟକ୍ତ କରିଛନ୍ତି।

## ଜାତୀୟ କ୍ରୀଡ଼ା ଦିବସ ଉଦଯାପନୀ ଅବସରରେ ସାଇକେଲ ଶୋଭାଯାତ୍ରା

କଟକ, ୩୦।୮(ସଂଚାର ବ୍ୟୁରୋ): କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ କରାଯାଇ କ୍ରୀଡ଼ା କ୍ଷେତ୍ରରେ ପ୍ରତିଭା ସୃଷ୍ଟି କରିବା ଲକ୍ଷ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ତୃଣମୂଳସ୍ତରରୁ ଅତ୍ୟାଧୁନିକ ସୁବିଧା ସୁଯୋଗ ସହ ଯୁବ କ୍ରୀଡାବିତଙ୍କୁ ପ୍ରୋତ୍ସାହନ ଓ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଯୋଜନାମାନ ପ୍ରଣୟନ କରିବା ସହ ୨୦୧୨ ମସିହା ଠାରୁ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀକୁ ସମଗ୍ର ଦେଶରେ ଜାତୀୟ କ୍ରୀଡ଼ା ଦିବସ ଭାବେ ତିନିଦିନ ଧରି ପାଳନ କରାଯାଇଆସୁଅଛି। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ଅଗଷ୍ଟ ୨୮ତାରିଖରୁ ଏହି ଦିବସ ପାଳନ କରାଯାଇ ଆଜି ଉଦଯାପନୀ ଦିବସ ପାଳିତ ହୋଇଯାଇଛି।

# ହାଣ୍ଡିଆ ନିଶାରେ ଝୁମି ଝୁମି ଆସିଲେ ସରକାରୀ ବାବୁ!

### ଛୁଟିରେ ଥିବା କହିଲେ ବରିଷ୍ଠ କିରାଣୀ

### ଗୁରୁତ୍ୱପୂର୍ଣ୍ଣ ଫାଇଲ ଆଣିବାକୁ କିଏ ଦେଲା ନିର୍ଦ୍ଦେଶ ?



କେନ୍ଦ୍ରାପଡ଼ା,୩୦।୮ (ସଂଚାର ବ୍ୟୁରୋ): ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଦାୟିତ୍ୱବୋଧ ଓ କାର୍ଯ୍ୟଶୃଙ୍ଖଳାକୁ ନେଇ ପୁଣି ଉଠିଛି ପ୍ରଶ୍ନ । କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ତହସିଲ କାର୍ଯ୍ୟାଳୟର ଜଣେ ବରିଷ୍ଠ କିରାଣୀ ନିଶାଗ୍ରସ୍ତ ଅବସ୍ଥାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ନେଇ ଅଭିଯୋଗ ଚର୍ଚ୍ଚାରେ ରହିଛି ।

ସୂଚନା ଅନୁସାରେ, ଡେରାବିଶ ତହସିଲ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ରାମଚନ୍ଦ୍ର ମାଝୀ ଆଜି କିଛି ଗୁରୁତ୍ୱପୂର୍ଣ୍ଣ ଫାଇଲ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ । ତେବେ ଏହି ସମୟରେ ସେ ଠିକ୍ ଭାବେ ଚାଲିପାରୁନଥିବା ଏବଂ ନିଶାଗ୍ରସ୍ତ ଭଳି ଦେଖାଯାଉଥିବା ଅଭିଯୋଗ ହୋଇଛି ।

ଘଟଣା ସମ୍ପର୍କରେ ଗଣମାଧ୍ୟମ ପ୍ରଶ୍ନ କରିବାରୁ ଶ୍ରୀ ମାଝୀ ନିଜେ କହିଥିବା ଦାବି କରାଯାଉଛି ଯେ, "ଆଜି ମୁଁ ଛୁଟିରେ ଅଛି, ସେଥିପାଇଁ ଟିକେ ହାଣ୍ଡିଆ ପିଇଦେଇଛି। ହଠାତ୍ ମ୍ୟାଡାମ୍ ଫାଇଲ ଆଣିବାକୁ କହିଲେ ।" ଏଥିସହ ସେ ନିଜକୁ ସାନ୍ତାଳୀ ସମ୍ପ୍ରଦାୟର ବୋଲି ଉଲ୍ଲେଖ କରିଥିବା ମଧ୍ୟ କୁହାଯାଉଛି ।

ତେବେ ଏହି ଘଟଣାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠୁଛି । ଯଦି ସମ୍ପୃକ୍ତ କର୍ମଚାରୀ ପ୍ରକୃତରେ ଛୁଟିରେ ଥିଲେ, ତେବେ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ଫାଇଲ ଆଣିବା ପାଇଁ କାହିଁକି ଡକାଗଲା ? ଆଉ ଯଦି ସେ ସରକାରୀ କାର୍ଯ୍ୟ ପାଇଁ କାର୍ଯ୍ୟାଳୟକୁ ଆସିଥିଲେ, ତେବେ ନିଶାଗ୍ରସ୍ତ ଅବସ୍ଥାରେ ସରକାରୀ କାର୍ଯ୍ୟ ସହ ଜଡ଼ିତ ଫାଇଲ ନେଇ ଆସିବାକୁ କିପରି ଅନୁମତି ମିଳିଲା ?

ଏହା ସହିତ, ସମ୍ପୃକ୍ତ କର୍ମଚାରୀ ପ୍ରକୃତରେ ଛୁଟିରେ ଥିଲେ କି ନାହିଁ, ଘଟଣା ସମୟରେ ସେ ସରକାରୀ ଦାୟିତ୍ୱରେ ଥିଲେ କି ନାହିଁ ଏବଂ ତାଙ୍କ ହାତରେ ଥିବା ଫାଇଲଗୁଡ଼ିକର ଗୁରୁତ୍ୱ କ'ଣ ଥିଲା— ଏସବୁ ଦିଗରେ ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି । ସରକାରୀ କାର୍ଯ୍ୟାଳୟର ମର୍ଯ୍ୟାଦା ଓ ଶୃଙ୍ଖଳା ରକ୍ଷା ପାଇଁ ଏଭଳି ଘଟଣାର ନିରପେକ୍ଷ ତଦନ୍ତ ହେବ କି? ଏବେ ଏହା ହିଁ ବଡ଼ ପ୍ରଶ୍ନ । ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ସମ୍ପୃକ୍ତ ଉଚ୍ଚ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।


## ସ୍ୱାୟତ୍ତ ଶାସନ ଦିବସ -୨୦୨୬
## ପୌରପରିଷଦ କାର୍ଯ୍ୟାଳୟ, ସୁନାବେଡ଼ା

ସ୍ୱାୟତ୍ତ ଶାସନ ଦିବସ -୨୦୨୬ ପାଳନ ଅବସରରେ ସୁନାବେଡ଼ା ପୌର ପରିଷଦ ତା'ର ସମସ୍ତ ନାଗରିକ ତଥା କରଦାତା, ବୁଦ୍ଧିଜୀବୀ ଏବଂ ଅନ୍ୟାନ୍ୟ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ଜଣାଉଅଛି।

ଏ ସହର ଆପଣଙ୍କର, ଏହାର ସୁରକ୍ଷା ତଥା ସୌନ୍ଦର୍ଯ୍ୟର ରକ୍ଷଣାବେକ୍ଷଣ ନିମନ୍ତ ସହଯୋଗର ହାତ ବଢାନ୍ତୁ । ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ପ୍ଲାଷ୍ଟିକ ମୁକ୍ତ ଏବଂ ସ୍ୱଚ୍ଛ ସହରରେ ପରିଣତ କରିବା ନିମନ୍ତେ ସଂକଳ୍ପ ନେବା ।

ଶ୍ରୀ ସୁଜିତ କୁମାର ଚୌଧୁରୀ, ନିର୍ବାହୀ ଅଧିକାରୀ, ପୌରପରିଷଦ, ସୁନାବେଡ଼ା
ଡ଼. ରାଜେନ୍ଦ୍ର କୁମାର ପାତ୍ର, ନଗରପାଳ, ପୌରପରିଷଦ, ସୁନାବେଡ଼ା
ଶ୍ରୀମତୀ ରିତୁ କଣ୍ଟା, ଉପନଗରପାଳ, ପୌରପରିଷଦ, ସୁନାବେଡ଼ା

ସମସ୍ତ ପାରିଷଦ ବୃନ୍ଦ, ପୌରପରିଷଦ, ସୁନାବେଡା


### ସମିତିରେ ଚାଷୀ ପଞ୍ଜୀକରଣକୁ ନେଇ ଅସନ୍ତୋଷ

# ସମ୍ପାଦକଙ୍କ ମନମାନୀ ନେଇ ତାତିଲେ ଚାଷୀ



ମହାକାଳପଡ଼ା,୩୦।୮ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବିଜୟନଗର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଚାଷୀ ପଞ୍ଜୀକରଣକୁ ନେଇ ବିବାଦ ଦେଖାଦେଇଛି। ସମିତିର ସମ୍ପାଦକ କାର୍ଯ୍ୟାଳୟରେ ମନମାନି ଚଳାଇବା ସହିତ ଚାଷୀ ବାହାରେ ଘଣ୍ଟା ଘଣ୍ଟା ଅପେକ୍ଷା କରିଥିବା ବେଳେ ସେ ଅଫିସ୍ ରେ ତାଲା ପକାଇ ଚାଲିଯାଇଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି। ଶନିବାର ଅପରାହ୍ନରେ ଖରିଫ ଧାନ ବିକ୍ରୟ ନିମନ୍ତେ ଚାଷୀମାନେ ପଞ୍ଜୀକରଣ କରୁଥିଲେ। ଇଣ୍ଟରନେଟ୍ ସେବା ଅତ୍ୟନ୍ତ ଧୀର ହେବାରୁ ପଞ୍ଜୀକରଣ କାର୍ଯ୍ୟ ବିଳମ୍ବ ହୋଇଥିଲା। ଏହାକୁ ନେଇ କିଛି ଚାଷୀ ସମ୍ପାଦକ ମନମାନି କରୁଥିବା ଦର୍ଶାଇ କାର୍ଯ୍ୟାଳୟ ସମ୍ମୁଖରେ ହୋହାଲ୍ଲା କରିଥିଲେ। ଏହା ଦେଖି ସମିତିର ସମ୍ପାଦକ କାର୍ଯ୍ୟାଳୟ ଗୃହରେ ତାଲା ପକାଇ କିଛି ସମୟ ଅନ୍ୟତ୍ର ଚାଲିଯାଇଥିଲେ। ଯାହାକୁ ନେଇ ଉପସ୍ଥିତ ଚାଷୀମାନେ ହୋହାଲ୍ଲା କରିଥିଲେ। ରାତି ଅଧ ପର୍ଯ୍ୟନ୍ତ ପ୍ରୀୟାପ୍ରିତି ଆଧାରରେ ପଞ୍ଜିକରଣ କରାଯାଉଥିବା କିଛି ଚାଷୀ ଅଭିଯୋଗ କରିଛନ୍ତି।

ତେବେ ଗତବର୍ଷ ଧାନ କିଣାରେ ଅନିୟମିତତା କରାଯାଉଥିବା ନେଇ ଚାଷୀମାନେ ଅଭିଯୋଗ କରିବା ପରେ ସମିତିକୁ ଜିଲ୍ଲାପାଳ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏବେ ପୁଣି ଚାଷୀ ପଞ୍ଜିକରଣକୁ ନେଇ ଅନିୟମିତତା କରାଯାଉଥିବା ସମ୍ପୃକ୍ତ ସମିତି ବିରୋଧରେ ଜିଲ୍ଲାପାଳ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି।

# ବିଜେପି ଉପାଧ୍ୟକ୍ଷଙ୍କ ମାଡ଼ରେ ଯନ୍ତ୍ରୀ ଲହୁଲୁହାଣ



ନୀଳଗିରି,୩୦।୮ (ସଂଚାର ବ୍ୟୁରୋ): ନୀଳଗିରି ବିଜେପି ସମର୍ଥିତ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ ଙ୍କ ମାଡ଼ରେ ଯନ୍ତ୍ରୀ ଇଂ ରମେଶ ସିଂ ଲହୁଲୁହାଣ ହୋଇଥିବା ନେଇ ଯନ୍ତ୍ରୀ ଙ୍କ ଗୁରୁତର ଅଭିଯୋଗକୁ ନେଇ ଚର୍ଚ୍ଚା । ତେବେ ଯନ୍ତ୍ରୀ ରମେଶଙ୍କ ଜୀବନ ପ୍ରତି ବିପଦ ଥିବାରୁ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି ଓ ନୀଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ାଙ୍କୁ ନ୍ୟାୟ ଦେବାକୁ ଅନୁରୋଧ କରିଛନ୍ତି । ସୂଚନା ଯୋଗ୍ୟ ଆଜି ଅପରାହ୍ନ ପ୍ରାୟ ୪ଘଟିକା ସମୟରେ ନୀଳଗିରି ବ୍ଲକ ଅଧିନସ୍ଥ ତେନ୍ତୁଳିଆ ପଞ୍ଚାୟତ ବାଉରୀଓରା ଗ୍ରାମରେ ଏକ ପକ୍କା ରାସ୍ତା କାମ ଦେଖିବା ପାଇଁ ନୀଳଗିରି ବ୍ଲକ ଯନ୍ତ୍ରୀ ଇଂ ରମେଶ ସିଂ ଙ୍କୁ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତିର୍ମୟ ପୋଥାଳ ଡାକିଥିଲେ। ଅପରାହ୍ନ ରେ ଯନ୍ତ୍ରୀ ଶ୍ରୀ ସିଂ ବାଉରୀଓରା ଗ୍ରାମରେ ପହଞ୍ଚି ରାସ୍ତା କାର୍ଯ୍ୟଟି ଅତି ନିମ୍ନମାନର ହୋଇ ଥିବାରୁ ଆଉ ଅଧିକ କାମ ନକଲେ ବିଲ କରି ପାରିବି ନାହିଁ ବୋଲି କହିଥିଲେ। ଏହାକୁ ନେଇ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ପୋଥାଳ ଉତ୍କ୍ଷିପ୍ତ ହୋଇ ଯନ୍ତ୍ରୀ ରମେଶଙ୍କୁ ଅଶ୍ଳୀଳ ଭାଷାରେ ଜାତି ଉଠାଇ ଗାଳି ଗୁଲଜ ଦେବା ସହ ଯନ୍ତ୍ରୀଙ୍କୁ ତଳେ ପକାଇ ଛାତି ଉପରେ ବସି ତଣ୍ଟି ଚିପି ବା ସହ ମୁହଁକୁ ମୁଥା ଓ ଗୋଇଁଠା ମାରି ଲହୁ ଲୁହାଣ କରିଥିଲେ।

ଏହା ଦେଖି ଉପସ୍ଥିତ ମାଧନନ୍ଦ ବିଶ୍ୱାଳ ଓ ଗ୍ରାମବାସୀମାନେ ଛଡାଇବାରୁ ଯନ୍ତ୍ରୀଙ୍କ ଅଳ୍ପକେ ଜୀବନରକ୍ଷା ହୋଇଥିଲା। ପରେ ଘଟଣା ସମ୍ପର୍କରେ ନୀଳଗିରି ବିଡ଼ିଓ ବିକ୍ରମକେଶରୀ ପରିଡା ଓ ବ୍ଲକ ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ ଙ୍କୁ ଯନ୍ତ୍ରୀ ମୋବାଇଲ ଯୋଗେ ଘଟଣା ସମ୍ପର୍କରେଅବଗତ କରାଇବା ସହ ତାଙ୍କୁ ନ୍ୟାୟଦେବାକୁ ଦାବି କରିଥିଲେ।

ଘଟଣାକୁ ନେଇ ଯନ୍ତ୍ରୀ ଶ୍ରୀ ସିଂ ପଚାରିବାରୁ ଆଜି ଛୁଟି ଥିବାରୁ ମୁଁ ଫୋନ କରି କହିଛି। ଆସନ୍ତାକାଲି ଲିଖିତ ଭାବେ ଅଭିଯୋଗ କରିବେ ବୋଲି କହିଛନ୍ତି। ଅପର ପକ୍ଷରେ ଅଭିଯୁକ୍ତ ଉପାଧ୍ୟକ୍ଷ ଶ୍ରୀ ପୁଥାଳଙ୍କୁ ପଚାରିବାରୁ ଯନ୍ତ୍ରୀଙ୍କ ଆଜି ଅପରାହ୍ନରେ ମଦ୍ୟପାନ କରି ମୋ ପଂଚାୟତର ସାଇଟ ଆସି କାର୍ଯ୍ୟ ଦେଖୁଥିବା ବେଳେ ମତେ ଖରାପ ବ୍ୟବହାର କରିବାରୁ ବିବାଦ ଉପୁଜିଥିବା କହିଛନ୍ତି। ଉକ୍ତ ଘଟଣାକୁ ନେଇ ବିଡ଼ିଓଙ୍କୁ ବାରମ୍ବାର ଫୋନ କରିଥିଲେ ସୁଦ୍ଧା ଫୋନ ଉଠାଇ ନଥିଲେ। ଘଟଣା ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ମାଝୀଙ୍କୁ ପଚାରିବାରୁ ଯନ୍ତ୍ରୀ ଜଣକ ଅଭିଯୋଗ କରିଛନ୍ତି। ଆସନ୍ତାକାଲି ଘଟଣା ତଦନ୍ତ କରି ଦୋଷୀଙ୍କ ବିରୋଧ ରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼, କଳାହାଣ୍ଡି

ପବିତ୍ର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ୩୧.୦୮.୨୦୨୬ ପାଳନ ଅବସରରେ ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ, ସହରର ସମସ୍ତ ନଗରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସଙ୍ଗେସଙ୍ଗେ ମା' ଲଙ୍କେଶ୍ୱରୀ ସମସ୍ତ ସହରବାସୀଙ୍କୁ ସୁଖ ଓ ସମୃଦ୍ଧିରେ ପରିପୂର୍ଣ୍ଣ ରଖନ୍ତୁ ବୋଲି ପ୍ରାର୍ଥନା କରିବା ସହିତ ନିମ୍ନଲିଖିତ ବିଷୟ ପ୍ରତି ଆନ୍ତରିକ ଧ୍ୟାନ ଦେବା ନିମନ୍ତେ ବିନମ୍ର ନିବେଦନ କରୁଅଛୁ ।

ଶ୍ରୀ ପ୍ରମୋଦ କୁମାର ଖିଲୋ (ଓ.ରା.ସେ.), ନିର୍ବାହୀ ଅଧିକାରୀ
ଶ୍ରୀମତୀ ହିମାଦ୍ରୀ ନାଏକ, ଅଧ୍ୟକ୍ଷା

ପାରିଷଦ ବୃନ୍ଦ

ୱାର୍ଡ଼ ନଂ ୧. ଶ୍ରୀ ଗୋପାଳ ଚନ୍ଦନ ।
ୱାର୍ଡ଼ ନଂ ୨. ଶ୍ରୀ ସଚିନ ଅନ୍ଧାନୀ ।
ୱାର୍ଡ଼ ନଂ ୩. ଶ୍ରୀ କାହ୍ନୁ ଚରଣ ବୈଠାରୁ ।
ୱାର୍ଡ଼ ନଂ ୪. ଶ୍ରୀମତୀ ହିମାଦ୍ରୀ ସିନ୍ଦୂର ।
ୱାର୍ଡ଼ ନଂ ୫. ଶ୍ରୀମତୀ ପୁଷ୍ପାଞ୍ଜଳି ଦଣ୍ଡସେନା ।
ୱାର୍ଡ଼ ନଂ ୬. ଶ୍ରୀମତୀ ମାଧବୀ ବାଗ ।
ୱାର୍ଡ଼ ନଂ ୭. ଶ୍ରୀମତୀ ମଞ୍ଜୁଲତା ସେଠି ।
ୱାର୍ଡ଼ ନଂ ୮. ଶ୍ରୀମତୀ କୁନି ଶବର ।
ୱାର୍ଡ଼ ନଂ ୯. ଶ୍ରୀ ଭୂପେନ୍ଦ୍ର ଦଣ୍ଡସେନା ।
ୱାର୍ଡ଼ ନଂ ୧୧. ଶ୍ରୀମତୀ ମିନତୀ ମାଝୀ ।
ୱାର୍ଡ଼ ନଂ ୧୨. ଶ୍ରୀ ଚକ୍ର ବାଗ ।

୧. ନିଜ ପରିବେଶକୁ ପରିଷ୍କାର ରଖନ୍ତୁ ଓ ସହରକୁ ପରିଷ୍କାର ରଖିବା ଦିଗରେ ପରିଷଦକୁ ସହଯୋଗ କରନ୍ତୁ ।
୨. ଅଳିଆ ଆବର୍ଜନା ନାଳୀ କିମ୍ବା ନର୍ଦ୍ଦମାରେ ନ ପକାଇ ଉଦ୍ଦିଷ୍ଟ ଭ୍ରାମ୍ୟମାଣ ଆବର୍ଜନା ସଂଗ୍ରହ ଯାନରେ ପକାନ୍ତୁ ।
୩. ପରିଷଦର ବିନା ଅନୁମତିରେ କୌଣସି ପ୍ରକାର ଗୃହ ନିର୍ମାଣ କରନ୍ତୁ ନାହିଁ ।
୪. ଗୃହ ଉପକରଣ ସାମଗ୍ରୀ ରାସ୍ତା ଉପରେ ରଖନ୍ତୁ ନାହିଁ ଓ ସର୍ବ ସାଧାରଣ ରାସ୍ତା ଅବରୋଧ କରନ୍ତୁ ନାହିଁ।
୫. ଏକକ ବ୍ୟବହୃତ ପଲିଥିନ ବ୍ୟାଗ ସଂପୂର୍ଣ୍ଣ ରୂପେ ନିଷିଦ୍ଧ ଓ ବ୍ୟାନ କରାଯାଇଅଛି । ତେଣୁ ପଲିଥିନ ବ୍ୟାଗ ବ୍ୟବହାରରୁ ନିବୃତ୍ତ ରୁହନ୍ତୁ ।
୬. ଠିକ ସମୟରେ ପରିଷଦର ଟିକସ ଏବଂ ପରିଷଦର ଦେୟ ପୈଠ କରି ସହରର ଉନ୍ନୟନ କାର୍ଯ୍ୟରେ ସଦୟ ସହଯୋଗ କରନ୍ତୁ ।
୭. ନିଜ ଘର ଚାରି ପାଖରେ ପୁରୁଣା ଟାୟାର କିମ୍ବା ପାଣି ଜମା ହେଉଥିବା ବସ୍ତୁ ରଖନ୍ତୁ ନାହିଁ କିମ୍ବା ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।
୮. ରାସ୍ତା ଓ ସର୍ବସାଧାରଣ ସ୍ଥାନମାନଙ୍କରେ ଗାଈ, ଗୋରୁ ଓ ଅନ୍ୟାନ୍ୟ ଗୃହପାଳିତ ପଶୁମାନଙ୍କୁ ଛାଡ଼ନ୍ତୁ ନାହିଁ।

## ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା

ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା ପକ୍ଷରୁ କେସିଙ୍ଗା ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। କେସିଙ୍ଗା ସହରକୁ ସ୍ୱଚ୍ଛ, ସୁସ୍ଥ ଓ ସୁନ୍ଦର ସହରରେ ପରିଣତ କରିବା ସହ ସହରରେ ଉତ୍ତମ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ବଜାୟ ରଖିବା ନିମନ୍ତେ ସମସ୍ତ ସହରବାସୀଙ୍କର ପୂର୍ଣ୍ଣ ସହଯୋଗ ଓ ସହଭାଗିତା କାମନା କରୁଛୁ ।

"ସ୍ୱଚ୍ଛ କେସିଙ୍ଗା, ସୁସ୍ଥ କେସିଙ୍ଗା - ଆମ ସମସ୍ତଙ୍କର ଦାୟିତ୍ୱ।"

ଅଧ୍ୟକ୍ଷା | ଉପାଧ୍ୟକ୍ଷ | ସମସ୍ତ କାଉନସିଲରବୃନ୍ଦ
ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା

## ଆନନ୍ଦପୁର ପୌରପାଳିକା-ସଚେତନତା ବାର୍ତ୍ତା (୨୦୨୬)

ଆନନ୍ଦପୁର ପୌରବାସୀଙ୍କ ସ୍ୱାୟତ୍ତ ଶାସନ ଦିବସ ୨୦୨୭ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିବା ସହ ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସଫଳ ରୂପାୟନରେ ସହଯୋଗ ପାଇଁ ପୌରପାଳିକା ଅନୁରୋଧ କରୁଅଛି ।

ଆମର ପ୍ରତିବଦ୍ଧତା (Our Commitment) :
- ପରିଷ୍କାର ପରିବେଶ ନିମନ୍ତେ ପ୍ରୟାସ।
- ସୁଶାସନ ନିମନ୍ତେ ପ୍ରତିବଦ୍ଧ ।
- ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବା ।
- ପୌରପାଳିକା ଅଞ୍ଚଳରେ ପରିମଳ ବ୍ୟବସ୍ଥା ଓ ଆବର୍ଜନା ନିଷ୍କାସନ।
- ସହରର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ନିରନ୍ତର ପ୍ରୟାସ ।
- ସମସ୍ତ ବିଭାଗୀୟ କାର୍ଯ୍ୟରେ ସ୍ୱଚ୍ଛତା ଓ ଦକ୍ଷତା।

ଆମର ନିର୍ଦ୍ଦେଶନାମା (Our Guidelines) :
- ❖ ପରିବେଶ ପରିଷ୍କାର ରଖନ୍ତୁ। ରାସ୍ତାକଡ଼ରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ଡଷ୍ଟବିନ୍ ବ୍ୟବହାର କରନ୍ତୁ।
- ❖ ସାର୍ବଜନୀନ ରାସ୍ତାରେ ବାଲି, ଗାଡ଼ି, ଇଟା ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ❖ ପୌରପାଳିକାର ଟିକସ ଯଥାସମୟରେ ପ୍ରଦାନ କରନ୍ତୁ ।
- ❖ ଗୃହପାଳିତ ପଶୁମାନଙ୍କୁ ଏଣେତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ ।
- ❖ ପୌରପାଳିକାର ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ ।

ସ୍ୱଚ୍ଛ ଆନନ୍ଦପୁର ସୁସ୍ଥ ଆନନ୍ଦପୁର

ଶ୍ରୀ ଦେବ ପ୍ରସାଦ ବଳ, ନିର୍ବାହୀ ଅଧିକାରୀ, ଆନନ୍ଦପୁର ପୌରପାଳିକା
ସୁଶ୍ରୀ ରଜନୀରାଣୀ ଖଟୁଆ, ଅଧ୍ୟକ୍ଷା, ଆନନ୍ଦପୁର ପୌରପାଳିକା
ସମସ୍ତ ପାରିଷଦବୃନ୍ଦ, ଆନନ୍ଦପୁର ପୌରପାଳିକା

## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

ନିବେଦନ

- ଆଗାମୀ ଦିନରେ ଏକ ଆଦର୍ଶ, ସୁସ୍ଥ ଏବଂ ସୌନ୍ଦର୍ଯ୍ୟମୟ ଆଧୁନିକ ସହର ଗଠନ ନିମନ୍ତେ ପ୍ରୟାସ ଜାରି ରଖିବାକୁ ସଂକଳ୍ପ ନେଇ ଏହି ପୌରପରିଷଦ ନିମ୍ନୋକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମନ୍ତେ ପ୍ରଚେଷ୍ଟାରତ ।

1. ପୌର ସମ୍ପତ୍ତି ଆପଣମାନଙ୍କର ସମ୍ପତ୍ତି । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର ।
2. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ ।
3. ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ । ଜଳ ନିଷ୍କାସନ ପଥ ଅବରୋଧ କରନ୍ତୁ ନାହିଁ ।
4. କର୍ତ୍ତବ୍ୟରତ ପୌର କର୍ମଚାରୀମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ପାଳନରେ ସହଯୋଗ କରନ୍ତୁ ।
5. ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ ।
6. ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ନକରି ପ୍ରଦୁଷଣ ମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।
7. ନିୟମିତ କର ଦେଇ ପୌରପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
8. ପ୍ରତି ବର୍ଷ ଏପ୍ରିଲ୍ ଓ ମେ ମାସରେ ଘର ଟିକସ ପୈଠ କରି ରିହାତିର ସୁଯୋଗ ନିଅନ୍ତୁ ।
9. ପୌରାଞ୍ଚଳରେ ଗୃହ ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାରୁ ଗୃହ ନକ୍ସାକୁ ଅନୁମୋଦନ କରାଇ ନିଅନ୍ତୁ ।
10. ଖୋଲା ସ୍ଥାନରେ ମଳତ୍ୟାଗ ନକରି ନିଜସ୍ୱ ପାଇଖାନା, ଗୋଷ୍ଠୀ ପାଇଖାନା କିମ୍ବା ସର୍ବସାଧାରଣ ପାଇଖାନା ବ୍ୟବହାର କରନ୍ତୁ।
11. ପୌରସଂସ୍ଥାର ନାଳରେ ଗୃହର ପାଇଖାନା ମଇଳା ପାଣି ନଛାଡ଼ି ପୌରପାଳିକାର ସେସପୁଲ ମେସିନ୍ ମାଧ୍ୟମରେ ନିଷ୍କାସିତ କରନ୍ତୁ ।
12. ପୌରାଞ୍ଚଳ ମଧ୍ୟରେ ଗୃହ ନିର୍ମାଣ କରିବାପରେ ନିଜର ଗୃହକୁ ପୌର କାର୍ଯ୍ୟାଳୟରେ ମୂଲ୍ୟାଙ୍କନ କରାଇ ହୋଲଡିଂ ଟ୍ୟାକ୍ସରେ ଅର୍ନ୍ତଭୁକ୍ତ କରାନ୍ତୁ ।
13. ପୌରାଞ୍ଚଳ ମଧ୍ୟରେ ଥିବା ସମସ୍ତ ବ୍ୟବସାୟୀ ଓ ବେସରକାରୀ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କର ବ୍ୟବସାୟର ଟ୍ରେଡ୍ ଲାଇସେନ୍ସ ପୌର କାର୍ଯ୍ୟାଳୟରେ କରାଇ ନିଅନ୍ତୁ ।
14. ରାଜ୍ୟ ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା, 2016 ନିୟମ ଅନୁଯାୟୀ ସମସ୍ତେ ନିଜ ନିଜର ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପାଇଁ ପୃଥକ ପୃଥକ ଭାବରେ (ସବୁଜ-ଓଦା ବର୍ଜ୍ୟବସ୍ତୁ ଓ ନୀଳ-ଶୁଖିଲା ବର୍ଜ୍ୟବସ୍ତୁ) ଦୁଇ ଗୋଟି ଡଷ୍ଟବିନ୍ ରଖି ପ୍ରତିଦିନ ନିଜନିଜର ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଡଷ୍ଟିବନରେ ରଖି ପୌରସଂସ୍ଥାକୁ ହସ୍ତାନ୍ତର କରନ୍ତୁ ଏବଂ ଏଥି ସହିତ ଢେଙ୍କାନାଳ ସହରକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢି ତୋଳିବାରେ ସହଯୋଗ କରନ୍ତୁ ।
15. ପୌରାଞ୍ଚଳ ମଧ୍ୟରେ ଥିବା ସରକାରୀ ଜମିକୁ ଜବରଦଖଲ କରନ୍ତୁ ନାହିଁ ।
16. କୌଣସି ନିର୍ମାଣ କାର୍ଯ୍ୟ ବେଆଇନ୍ ଭାବେ କରନ୍ତୁ ନାହିଁ ।

"ଆସନ୍ତୁ ଢେଙ୍କାନାଳ ସହରକୁ ପଲିଥିନ୍ ମୁକ୍ତ କରିବା ସହିତ ସ୍ୱଚ୍ଛ, ସୁସ୍ଥ ଓ ସବୁଜ କରି ଗଢ଼ି ତୋଳି ଦୃଢ଼ ପ୍ରଗତି ପଥରେ ଆଗେଇନେବା"

ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା

ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାସ, ଓ.ପ୍ର.ସେ., ନିର୍ବାହୀ ଅଧିକାରୀ, ଢେଙ୍କାନାଳ ପୌରପାଳିକା
ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର କୁଅଁର, ଉପାଧ୍ୟକ୍ଷ, ଢେଙ୍କାନାଳ ପୌରପାଳିକା
ଶ୍ରୀମତୀ ଜୟନ୍ତୀ ପାତ୍ର, ଅଧ୍ୟକ୍ଷା, ଢେଙ୍କାନାଳ ପୌରପାଳିକା

## OFFICE OF THE MUNICIPAL COUNCIL, MALKANGIRI
Odisha, Pin -764045 Ph: - 06861-230244 e-Mail: - eomalkangiri@gmail.com

ନିବେଦନ

ପବିତ୍ର ସ୍ୱାୟତ୍ତ ଶାସନ ଦିବସ ଅବସରରେ ମାଲକାନଗିରି ସହରର ସମସ୍ତ ନାଗରିକଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ ।

୦୧ ।। ସହରର ସମସ୍ତ ବ୍ୟବସାୟୀ ନିଜନିଜର ବ୍ୟବସାୟ ପ୍ରତିଷ୍ଠାନ ଉପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ ( ଓଦା ଓ ଶୁଖିଲା ) ସଂଗୃହିତ କରି ରଖିବେ ଏବଂ ତତ ପରଦିନ ପୂର୍ବାହ୍ନରେ ପରିଷଦର ଆର୍ବଜନା ବାହନରେ ପକାଇବେ ।
୦୨ ।। ସେହିଭଳି ସହରର ସମସ୍ତ ନାଗରିକ ମଧ ନିଜ ଗୃହରେ ଉତ୍ପନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ ( ଓଦା ଓ ଶୁଖିଲା ) ଆବର୍ଜନା ବାହନରେ ପକାଇବେ ।
୦୩ ।। କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା :-ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ ।
୦୪ ।। ଦୁଇ ଚକିଆ ଓ ଚାରି ଚକିଆ ଯାନ ରାଜରାସ୍ତା ଉପରେ ରଖି ଅବରୋଧ କରନ୍ତୁ ନାହିଁ ।
୦୫ ।। ପଲିଥିନ ବ୍ୟାଗ ବ୍ୟବହାରଠାରୁ ଦୁରେଇ ରୁହନ୍ତୁ ।
୦୬ ।। ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନ କୁ ସାକାର କରିବା ।

ଅଧକ୍ଷ, ପୌର ପରିଷଦ, ମାଲକାନଗିରି
କାର୍ଯ୍ୟ ନିର୍ବାହୀ ଅଧିକାରୀ, ପୌର ପରିଷଦ, ମାଲକାନଗିରି

"ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ଏହି ପବିତ୍ର ନିଖିଳ ଭାରତ ସାୟତ ଶାସନ ଦିବସ-୨୦୨୬-ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ"

➢ ଆମେ ସମସ୍ତେ ମିଳିମିଶି ସଙ୍କଳ୍ପ ନେବା, ପରିଷଦର ଟିକସ ଠିକ୍ ସମୟରେ ପୈଠ କରିବା, ଘର ଓ ପରିବେଶକୁ ସଫା ରଖିବା, ଆବର୍ଜନା ପାଣି ଘର ପାର୍ଶ୍ୱରେ ଜମା ନରଖିବା ତେବେ ଯାଇ ଆମେ ମଶା ମାଛିଙ୍କ ଦାଉରୁ ରକ୍ଷା ପାଇବା ।
➢ ପ୍ରତ୍ୟେକ ଦିନ ଘରୁ ବାହାରୁଥିବା ଓଦା ଓ ଶୁଖିଲା ଅଳିଆକୁ ପୃଥକୀକରଣ କରି ପରିମଳ କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
➢ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ଓ ପଲିଥିନ୍ କୁ ସମ୍ପୂର୍ଣ୍ଣ ବର୍ଜନ କରନ୍ତୁ ।
➢ ନୂତନ ଘର ନିର୍ମାଣ କରିବା ପୂର୍ବରୁ ନିର୍ମାଣାଧୀନ ଘରର ନକ୍ସାକୁ ପରିଷଦ ଦ୍ୱାରା ମଞ୍ଜୁର କରାଇ ନିଅନ୍ତୁ ।
➢ ସରକାରୀ ନାଳ, ନର୍ଦ୍ଦମା ଓ ରାସ୍ତାଘାଟକୁ ଅବରୋଧ କରନ୍ତୁ ନାହିଁ ।
➢ ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତାଘାଟକୁ ଛାଡ଼ନ୍ତୁ ନାହିଁ ।
➢ ଦୋକାନ ଘରର ଟ୍ରେଡ୍ ଲାଇସେନ୍ସ ପରିଷଦ ଦ୍ୱାରା ମଞ୍ଜୁର କରାଇ ନିଅନ୍ତୁ ।
➢ ଠିକ୍ ସମୟରେ ଘରର ହୋଲ୍ଡିଂ ଟିକସ ପୈଠ କରନ୍ତୁ ।
➢ ପରିବେଶ ସଫା ସୁତୁରା ପାଇଁ ପ୍ରତିମାସରେ ୟୁଜର ଫି ପୈଠ କରନ୍ତୁ ।
➢ ରାସ୍ତା ଉପରେ ଘର ତିଆରି ସାମଗ୍ରୀ (ବାଲି, ଗୋଡ଼ି, ଇଟା ଓ ପଥର) ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
➢ ଦୋକାନ ଆଗରେ ଓଡ଼ିଆରେ ନାମ ଫଳକ ଲେଖି ଟ୍ରେଡ୍ ଲାଇସେନ୍ସରେ ରିହାତି ପାଆନ୍ତୁ ।

(ପ୍ରତ୍ୟେକ ଟିକସ ଦାତା ଜଣେ ରାଷ୍ଟ୍ର ନିର୍ମାତା)

ପାଣନାଥ ସେଠ, ଓ.ରା.ସେ., ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ
ଭଗବାନ ପ୍ରଧାନ, ଉପାଧକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ
ଶ୍ରୀମତୀ ସୁକାନ୍ତି ପାଇକରାୟ, ଅଧକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲୁଗାଁ

ଶୁଭେଚ୍ଛା ସହ.................

## ପୌରପରିଷଦ, ରାଇରଙ୍ଗପୁର

ନିଖିଳ ଭାରତ ସାୟତ୍ତ ଶାସନ ଦିବସ-୨୦୨୬ ପାଳନ ଅବସରରେ ପୌର ପରିଷଦ, ରାଇରଙ୍ଗପୁର ସହରର ସମସ୍ତ ଜନସାଧାରଣମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସଙ୍ଗେ ସଙ୍ଗେ ରାଇରଙ୍ଗପୁର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସହରବାସୀଙ୍କ ସହଯୋଗ କାମନା କରୁଅଛି ।

ନିବେଦନ :-
୧-ରାଇରଙ୍ଗପୁର ସହରକୁ ସରସ, ସୁନ୍ଦର ଓ ସବୁଜିମା ଭରା ଏକ ଉନ୍ନତ ସହର ରୂପେ ଗଢି ତୋଳିବାରେ ସହାୟକ ହୁଅନ୍ତୁ ।
୨-ପ୍ଲାଷ୍ଟିକ୍ ଜରିର ବ୍ୟବହାର ସରକାରଙ୍କ ଦ୍ୱାରା ସଂପୂର୍ଣ୍ଣ ନିଷିଦ୍ଧ ଘୋଷଣା କରାଯାଇଥିବାରୁ ସହରର ସମସ୍ତ ଜନସାଧାରଣ ଏବଂ ଦୋକାନୀ ମାନଙ୍କୁ ଅନୁରୋଧ ଏହାର ବ୍ୟବହାର କରନ୍ତୁ ନାହିଁ ।
୩-ପରିଷଦ ସମ୍ପତ୍ତି ଆପଣଙ୍କର । ଏହାର ସୁରକ୍ଷା ଏବଂ ରକ୍ଷଣା ବେକ୍ଷଣରେ ସହଯୋଗ କରନ୍ତୁ ।

"ପୌର ସେବା କର ପାଇଁ ପୌର କର ସେବା ପାଇଁ"

ଶ୍ରୀଯୁକ୍ତ ଅଭିଷେକ ପଟ୍ଟନାୟକ, ଅଧକ୍ଷ, ପୌରପରିଷଦ, ରାଇରଙ୍ଗପୁର
ଶ୍ରୀମତୀ ମମିତା ଚୌଧୁରୀ, ଉପାଧକ୍ଷା ଏବଂ ପାରିଷଦ ବୃନ୍ଦ, ପୌରପରିଷଦ, ରାଇରଙ୍ଗପୁର
ଶ୍ରୀମତୀ ଶକୁନ୍ତଳା ହାଁସଦାଃ(ଓ.ରା.ସେ.), କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସମସ୍ତ କର୍ମଚାରୀ ବୃନ୍ଦ, ପୌରପରିଷଦ, ରାଇରଙ୍ଗପୁର

## ପୌର ପରିଷଦ କାର୍ଯ୍ୟାଳୟ, ଉମରକୋଟ।

ପୌର ପରିଷଦ ଉମରକୋଟ ଚଳିତ ବର୍ଷ ୨୦୨୬ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ପାଳନ ଉପଲକ୍ଷେ ଉମରକୋଟ ସହରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛି ।

୧. ପୌର ପାଳିକାର ଦେୟ ଠିକ୍ ସମୟରେ ପୈଠ କରି ପରିଷଦକୁ ନିଜର କର୍ତ୍ତବ୍ୟ ପାଳନରେ ସହାର୍ଯ୍ୟ କରନ୍ତୁ ।
୨. ପରିମଳ ବ୍ୟବସ୍ଥାର ସୁରକ୍ଷା ଓ ଉନ୍ନତି ଘଟାଇ ସୁସ୍ଥ ପରିବେଶ ଗଠନ କରନ୍ତୁ।
୩. ନୂତନ ଘର ନିର୍ମାଣ ପୂର୍ବରୁ ଗୃହର ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ।
୪. ରାସ୍ତା ଉପରେ ଗୃହ ପାଳିତ ପଶୁଗୁଡିକୁ ଅନଧିକାର ଭାବେ ଛାଡନ୍ତୁ ନାହିଁ ।
୫. ପ୍ଲାଷ୍ଟିକ୍ ଗ୍ଲାସ୍ ଏବଂ ପଲିଥିନ ବ୍ୟାଗର ବ୍ୟବହାର ବନ୍ଦ କରନ୍ତୁ।
୬. ପୌର ପରିଷଦ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୟୁଜର ଫି, ବ୍ୟବସାୟୀକ ପ୍ରତିଷ୍ଠାନ ଲାଇସେନ୍ସ ଫି ଦେୟ ଠିକ୍ ସମୟରେ ପୈଠକରି ପୌର ପରିଷଦର ନିଜସ୍ୱ ଆୟ ବୃଦ୍ଧିରେ ସହଯୋଗ କରନ୍ତୁ ।

ଏ ସହର ଆପଣଙ୍କର ଏ ସହରକୁ ପରିଷ୍କାର ପରିଛନ୍ନ ରଖନ୍ତୁ ଏବଂ ଏକ ସୁସ୍ଥ ପରିବେଶ ଗଠନ କରନ୍ତୁ ।

ଶ୍ରୀମତୀ ରାଧା ଭତ୍ରା, ଅଧକ୍ଷା, ପୌର ପରିଷଦ, ଉମରକୋଟ
ଶ୍ରୀ ସୁଧାଂଶୁ ଦାସ, ଉପାଧକ୍ଷ, ପୌର ପରିଷଦ, ଉମରକୋଟ
ଶ୍ରୀ ଆଲୋକ କୁମାର ଅନୁଗୁଳିଆ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ, ଉମରକୋଟ

୨୦୨୬

ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ
ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

ବିକାଶ ପଥେ " ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ "ନୀଳଗିରି ।

୧, ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶକୁ ସୁସ୍ଥ ରଖନ୍ତୁ ।
୨, ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜଭୁତ କରନ୍ତୁ ।
୩, ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ ।
୪, ରାସ୍ତା କଡ ଓ ନାଳ ଉପରେ କ୍ୟାବିନ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫, ଗୃହପାଳିତ ପଶୁ ଯଥା :-ଗାଈ, ଗୋରୁ, ଛେଳି,ମେଣ୍ଢା ମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ ।
୬, ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ ।
୭. ନୂତନ ପକ୍କାଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ଅନୁମୋଦନ କାରାଇ ଗୃହନିର୍ମାଣ କରାନ୍ତୁ ।
୮. ନୀଳଗିରି କୁ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ସହରରେ ପରିଣତ କରିବା ପରିଷଦର ଲକ୍ଷ, ଏହାଦ୍ୱାରା ସହରକୁ ପ୍ରଦୂଷଣ ମୁକ୍ତ କରାଯାଇ ପାରିବ ।
୯. ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ ।

ଶ୍ରୀ ଅଂଶୁମାନ ପରିଡା, ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା, ଭାରାପ୍ରାପ୍ତ ନଗରପାଳ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି
ସମସ୍ତ ସଭ୍ୟ/ସଭ୍ୟା ଓ କର୍ମଚାରୀ ବୃନ୍ଦ, ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

BARIPADA MUNICIPALITY

## ବାରିପଦା ପୌରପାଳିକା
ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ଅବସରରେ
ବାରିପଦାବାସୀଙ୍କୁ ପୌରପାଳିକାର
### ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା ଏବଂ ଆମ ସହରର ଉନ୍ନତିରେ ନିଜକୁ ସାମିଲ କରିବା ।

ସୀମା ଦାସ, ଉପ ନଗରପାଳ, ବାରିପଦା ପୌରପାଳିକା ଓ ସମସ୍ତ କାଉନସିଲର ବୃନ୍ଦ
ଦେବୀପ୍ରସାଦ ରାଉତ, ଓ.ପ୍ର.ସେ-ଏ (ଜେ.ବି), ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା
କୃଷ୍ଣାନନ୍ଦ ମହାନ୍ତି, ନଗରପାଳ, ବାରିପଦା ପୌରପାଳିକା

## ବିଜ୍ଞାପିତ ଅଞ୍ଚଳ ପରିଷଦ, ଗଞ୍ଜାମ

ପବିତ୍ର ନିଖିଳ ଭାରତ ସ୍ୱାୟତ ଶାସନ ଦିବସ - ୨୦୨୬ ଅବସରରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରତ୍ୟେକ ଅଧିବାସୀଙ୍କୁ ଆନ୍ତରିକ ସୁବେଚ୍ଛା ଜଣାଉଅଛୁ । ଶାନ୍ତି, ମୈତ୍ରୀ , ଭାଇଚାରାର ବାର୍ତ୍ତା ବାହକ ସାଜିଥିବା ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ସ୍ୱଚ୍ଛ , ସବୁଜ , ସୁନ୍ଦର , ଖୋଲା ଶୌଚ ମୁକ୍ତ, ପ୍ଲାଷ୍ଟିକ ଓ ପଲିଥିନ ମୁକ୍ତ ରଖିବା ପରିଷଦର ମୂଳ ଲକ୍ଷ। ଆପଣଙ୍କ ପ୍ରତ୍ୟେକ ସମସ୍ୟାର ସମାଧାନ କରିବା ଆମର ପ୍ରଥମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ପରିଷଦର ପ୍ରତ୍ୟେକ ସହରବାସୀଙ୍କୁ ଆମର ବିନମ୍ର ଅନୁରୋଧ ପରିଷଦର ସମସ୍ତ କାର୍ଯ୍ୟରେ ସହଯୋଗ କରନ୍ତୁ ଏବଂ ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ମଧ ସଚେତନ କରାନ୍ତୁ ଯଦ୍ୱାରା ଆଗାମୀ ଦିନରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦ ଆହୁରି ସୁନ୍ଦର ଓ ସମୃଦ୍ଧିର ସହର ହୋଇପାରିବ ।

ସଚେତନ ବାର୍ତ୍ତା:-
୧. Swachh Survekshan - 2026 ଅଭିଯାନରେ ନିଜକୁ ନିୟୋଜିତ କରି ଆମ ସହର କୁ ସ୍ୱଚ୍ଛ ଓ ନିର୍ମଳ ରଖନ୍ତୁ ଏବଂ ନିୟମିତ ପାଇଖାନା ବ୍ୟବହାର କରନ୍ତୁ । ଦୈନିକ ବର୍ଜ୍ୟବସ୍ତୁ ସଂଗ୍ରହ କରି ପରିଷଦର ସଫେଇ ଗାଡିରେ ଦିଅନ୍ତୁ । ଭଙ୍ଗା ଟିଭି, କମ୍ପ୍ୟୁଟର, ଫ୍ରିଜ ଆଦି e-Waste ଗୁଡିକୁ ପରିଷଦର ବୁଲୁଥିବା D/D BOV ଗାଡିରେ ଦିଅନ୍ତୁ ।
୨. ରାସ୍ତାକଡ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ ରୁହନ୍ତୁ ଓ ପରିଷଦର ବିନା ଅନୁମତି ରେ ନୂତନ ଗୃହ କରନ୍ତୁ ନାହିଁ ।
୩. ଗଞ୍ଜାମ ଏନଏସି ର ପ୍ରତ୍ୟେକ ବ୍ୟବସାୟୀ ପରିଷଦ ଠାରୁ ନିଜର ଟ୍ରେଡ ଲାଇସେନ୍ସ (Trade License) କରାଇ ନିଅନ୍ତୁ।
୪. ପୌର ପରିଷଦ ର e-Website ଏବଂ Social media Pages କୁ ଅନୁସରଣ କରନ୍ତୁ ।
୫. ମୋ ଖତ (ଜୈବିକ ଖତ ) ମାତ୍ର ୧୦/- ଟଙ୍କାରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଉପଲବ୍ଧ । ଇଚ୍ଛୁକ ବ୍ୟକ୍ତିମାନେ ଯୋଗାଯୋଗ କରିପାରିବେ ।

" ଆମ ପରିଷଦ ବିକଶିତ ପଥରେ..."



ଶ୍ରୀମତୀ ଅପର୍ଣ୍ଣା ଡାଙ୍ଗୁଆ, କାର୍ଯ୍ୟ ନିର୍ବାହୀ ଅଧିକାରୀ



ଶ୍ରୀମତୀ ପ୍ରତିଭା ପାଢୀ, ଅଧକ୍ଷା

## ବାଣପୁର, ବିଜ୍ଞାପିତ ଅଞ୍ଚଳ ପରିଷଦ

"ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୬ " ଅବସରରେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ର ସମସ୍ତ ଜନସାଧାରଣ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଏହି ପରିଷଦକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଅଛୁ ।

-ନିବେଦନ-

୧. ବାଣପୁର ସହରକୁ ସ୍ୱଚ୍ଛ, ସରସ ଓ ସୁନ୍ଦର କରିବା ପାଇଁ ଆମେ ସମସ୍ତେ ସଂକଳ୍ପ ନେବା
୨. ଅଳିଆ ଓ ଆବର୍ଜନାକୁ ପୃଥକୀକରଣ କରି ମଇଳା ସଂଗୃହିତ ଗାଡ଼ିରେ ଦିଅନ୍ତୁ ।
୩. ବ୍ୟବସାୟୀ ମାନେ Single use Plastic ର ବ୍ୟବହାର ବର୍ଜନ କରନ୍ତୁ ।
୪. ସର୍ବସାଧାରଣ ରାସ୍ତାରେ ଗାଈ ଗୋରୁ ଓ ମଇଳା ପାଣି ଛାଡ଼ନ୍ତୁ ନାହିଁ ।
୫. ସହରର ପରିଷ୍କାର ଓ ପରିଚ୍ଛନତା କୁ ଦୃଷ୍ଟିରେ ରଖି ନିୟମିତ User Fee ପୈଠ କରନ୍ତୁ ।
୬. ପରିଷଦର ଟିକସ ଠିକ ସମୟରେ ନିୟମିତ ପୈଠ କରନ୍ତୁ।
୭. ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ବ୍ୟବସାୟୀ ମାନେ ନିଜ ନିଜର ବ୍ୟବସାୟୀକ ପ୍ରମାଣ ପତ୍ର (Trade License) କରି ବ୍ୟବସାୟ କରନ୍ତୁ ।
୮. ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସଦା ସର୍ବଦା ଆପଣଙ୍କ ସେବାରେ।



ଅଧକ୍ଷ, ଶ୍ରୀଯୁକ୍ତ ମିଟୁ ନାୟକ, ବିଜ୍ଞାପିତ ଅଞ୍ଚଳ ପରିଷଦ,ବାଣପୁର



ଉପାଧକ୍ଷା, ଶ୍ରୀମତୀ ପ୍ରାଚୀପ୍ରଭା ସ୍ୱାଇଁ, ବିଜ୍ଞାପିତ ଅଞ୍ଚଳ ପରିଷଦ,ବାଣପୁର



କାର୍ଯ୍ୟନିର୍ବାହୀ ଅଧିକାରୀ, ଶ୍ରୀ ସୁରିଞ୍ଜନ ସାହୁ, ବିଜ୍ଞାପିତ ଅଞ୍ଚଳ ପରିଷଦ,ବାଣପୁର

## ପୌର ପରିଷଦ ହିଞ୍ଜିଳିକାଟୁ
HINJILIKATU MUNICIPAL COUNCIL

ପ୍ରଗତି ପଥେ ହିଞ୍ଜିଳିକାଟୁ ପୌରପରିଷଦ

ନିଖିଳ ଭାରତ ସାୟତ ଶାସନ ଦିବସ ଅବସରରେ ପୌରପରିଷଦ ଅଂଚଳର ସମସ୍ତ ଜନସାଧାରଣଙ୍କୁ ପୌରପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଅଛୁ । ହିଞ୍ଜିଳିକାଟୁ ପୌରପରିଷଦକୁ ସ୍ୱଚ୍ଛ ଓ ସୁନ୍ଦର ସହରରେ ପରିଣତ କରିବା ନିମନ୍ତେ ସମସ୍ତ ଜନସାଧାରଣଙ୍କ ସକ୍ରିୟ ସହଯୋଗ ନିମନ୍ତେ ନିବେଦନ କରାଯାଉଅଛି ।

- ସମସ୍ତ ବ୍ୟବସାୟୀ ବନ୍ଧୁମାନେ ସେମାନଙ୍କର ସମ୍ମୁଖସ୍ଥ ନାଳକୁ ଓ ପାର୍କିଙ୍ଗ୍ ସ୍ଥାନକୁ ଅବରୋଧ କରି ବ୍ୟବସାୟ କରନ୍ତୁ ନାହିଁ ।
- ଗୃହ ଟିକସ ନିୟମିତ ଭାବେ ପୌରପରିଷଦରେ ଜମା କରନ୍ତୁ ।
- ବ୍ୟବସାୟୀ ମାନେ ନିଜ ପ୍ରତିଷ୍ଠାନର ଟ୍ରେଡ୍ ଲାଇସେନ୍ସ କରନ୍ତୁ ।
- ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ,ଗୃହ ମାଲିକ ମାନେ ଅଳିଆ ଆବର୍ଜନା ଏଣେ ତେଣେ ନପକାଇ ଓଦା ଅଳିଆ ପାଇଁ ସବୁଜ ଓ ଶୁଖିଲା ଅଳିଆ ପାଇଁ ନୀଳ ରଙ୍ଗର ଡ଼ଷ୍ଟବିନ୍ ଘରେ ବ୍ୟବହାର କରନ୍ତୁ ଏବଂ ପୌରପରିଷଦର ଅଳିଆ ସଂଗ୍ରହ ଗାଡ଼ିରେ ପକାନ୍ତୁ ।
- ବ୍ୟବସାୟିକ ପ୍ରତିଷ୍ଠାନ,ଗୃହ ମାଲିକ ମାନେ ଏକକ ବ୍ୟବହାର (Single Use) ପ୍ଲାଷ୍ଟିକ୍, ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ ।
- ଗୃହ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପୌରପରିଷଦ ନିକଟରେ ଗୃହ ନକ୍ସା ମଂଜୁର କରାନ୍ତୁ ।
- ଘରର ଭଗ୍ନାବଶେଷ ବର୍ଜ୍ୟବସ୍ତୁ ଓ ବାଲି, ଇଟା, ଗୋଡ଼ି ଇତ୍ୟାଦି ରାସ୍ତାରେ ଜମା ନକରି ପୌରପରିଷଦ ସ୍ଥିତ C&D Waste Processing unit ରେ ଜମା ଦିଅନ୍ତୁ କିମ୍ବା ଆବଶ୍ୟକୀୟ User Fees ଜମା କରି ଉକ୍ତ C&D Waste କୁ ସ୍ଥାନାନ୍ତରଣ କରିବା ନିମନ୍ତେ ପୌରପରିଷଦକୁ ଅବଗତ କରାନ୍ତୁ ।
- ଗୃହ ପାଳିତ ପଶୁକୁ ରାସ୍ତାରେ ଛାଡ଼ନ୍ତୁ ନାହିଁ ।
- ପ୍ରତି ତିନି ବର୍ଷରେ ଥରେ ସେପ୍ଟିକ୍ ଟ୍ୟାଙ୍କକୁ ସଫା କରିବା ବାଧ୍ୟତାମୂଳକ । Manual Scavenger ଦ୍ୱାରା ପାଇଖାନା ଟାଙ୍କି ସଫା କରିବା ଏକ ଦଣ୍ଡନୀୟ ଅପରାଧ ତେଣୁ ଏଥିରୁ ନିବୃତ ରୁହନ୍ତୁ । ଏଥି ନିମନ୍ତେ ଦେୟମୁକ୍ତ ୧୪୪୨୦ ରେ ଫୋନ୍ କରନ୍ତୁ ଓ ପୌରପରିଷଦର ସେସ୍ ପୁଲ୍ ଗାଡ଼ି ବ୍ୟବହାର କରନ୍ତୁ ।
- ଘରୋଇ ପାଇଖାନା ମଇଳା ଜଳ ନର୍ଦ୍ଦମାକୁ ସିଧାସଳଖ ସଂଯୋଗ କରନ୍ତୁ ନାହିଁ କିମ୍ବା ସର୍ବସାଧାରଣ ଖୋଲା ଜାଗାରେ ନିଷ୍କାସନ କରନ୍ତୁ ନାହିଁ ।
- ଖୋଲାରେ ପରିଶ୍ରା କରିବା ଏକ ଦଣ୍ଡନୀୟ ଅପରାଧ, ଏଥି ନିମନ୍ତେ ପୌରପରିଷଦର ଦେୟମୁକ୍ତ ପରିଶ୍ରାଗାର ବ୍ୟବହାର କରନ୍ତୁ ।
- ପୁରୁଣା ପୋଷାକ ଦେବାକୁ ଚାହୁଁଥିଲେ ପୋଷାକ କେନ୍ଦ୍ରରେ ପ୍ରଦାନ କରନ୍ତୁ ଏବଂ ନେବାକୁ ଚାହୁଁଥିଲେ ବିନା ମୂଲ୍ୟରେ ପୋଷାକ କେନ୍ଦ୍ରରୁ ଗ୍ରହଣ କରନ୍ତୁ ।
- ଛାତ୍ର ଛାତ୍ରୀ ମାନେ ସୁସ୍ଥ ପରିବେଶରେ ପାଠ ପଢିବା ପାଇଁ ପୌରପରିଷଦର ଦେୟମୁକ୍ତ ପାଠାଗାର ବ୍ୟବହାର କରନ୍ତୁ ।
- ପୌରପରିଷଦର ସମସ୍ତ ସେବା ଓ ଅଭିଯୋଗ ନିମନ୍ତେ ସହାୟତା ନଂ - ୮୨୮୦୩୩୫୮୩୦ ବ୍ୟବହାର କରନ୍ତୁ ।

ଶ୍ରୀ ସୁକାନ୍ତ ଚନ୍ଦ୍ର ବେଉରା, ଓପ୍ରସେ, କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରପରିଷଦ, ହିଞ୍ଜିଳିକାଟୁ
ଶ୍ରୀମତୀ ସୁଚିତ୍ରା ପଣ୍ଡା, ଉପାଧକ୍ଷା, ପୌରପରିଷଦ, ହିଞ୍ଜିଳିକାଟୁ
ଶ୍ରୀ ସୁବାଷ ଚନ୍ଦ୍ର ପଲେଇ, ଅଧକ୍ଷ, ପୌରପରିଷଦ, ହିଞ୍ଜିଳିକାଟୁ
ଏବଂ
ପୌରପରିଷଦର ସଭ୍ୟା, ସଭ୍ୟ ବୃନ୍ଦ

## ପୌର ପରିଷଦ, କୋରାପୁଟ
ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ-୨୦୨୬ ପାଳନ ଅବସରରେ କୋରାପୁଟ ପୌର ପରିଷଦ ତରଫରୁ ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ

ସ୍ୱଚ୍ଛ କୋରାପୁଟ ସୁନ୍ଦର କୋରାପୁଟ

- ✲ ନିଜ ଦୋକାନ/ ବାଣିଜ୍ୟିକ ପ୍ରତିଷ୍ଠାନର ନାମ ଫଳକରେ ଓଡିଆ ଭାଷା ଲିପି ବ୍ୟବହାର କରନ୍ତୁ ।
- ✲ ରାସ୍ତା କଡ ଖାଲି ଜାଗା, ନାଳ ଆଦିକୁ ଅବରୋଧ କରନ୍ତୁ ନାହିଁ ।
- ✲ ଗୃହ ନିର୍ମାଣ ପୂର୍ବରୁ ଗୃହ ନକ୍ସାକୁ ପରିଷଦ ଠାରୁ ଅନୁମୋଦନ କରାଇ ନିଅନ୍ତୁ ।
- ✲ ପରିଷଦର ଗୃହ ଟିକସ, ଦୋକାନ ଭଡା, ବ୍ୟବସାୟୀକ ବିଜ୍ଞାପନ ଫଳକ ଓ ଅନ୍ୟାନ୍ୟ ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
- ✲ ନିଜ ନିଜ ବ୍ୟବସାୟର ଟ୍ରେଡ୍ ଲାଇସେନ୍ସ କରାଇ ନିଅନ୍ତୁ ।
- ✲ ଘରୁ ବାହାରୁଥିବା ଅଳିଆ ଓ ଆବର୍ଜନା ନାଳ/ରାସ୍ତା କଡରେ ପକାନ୍ତୁ ନାହିଁ । ସେଗୁଡିକୁ ପରିଷଦର ଆବର୍ଜନା ସଂଗ୍ରହ ଗାଡିରେ ଦିଅନ୍ତୁ ।
- ✲ ପରିଷଦର ନାଳ/ରାସ୍ତା/ସରକାରୀ ଜମିକୁ ଜବର ଦଖଲ କରନ୍ତୁ ନାହିଁ ।
- ✲ ରାସ୍ତା କଡରେ ଗୃହ ନିର୍ମାଣ ସାମଗ୍ରୀ ଯଥା– ବାଲି, ଇଟା, ପଥର, ଗୋଡି ଏବଂ ଗୃହ ନିର୍ମାଣ ଭଗ୍ନାବଶେଷ ଗୁଡିକ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ✲ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବନ୍ଦ କରନ୍ତୁ ।
- ✲ ଯଥା ସମୟରେ ବିବାହ ପଞ୍ଜୀକରଣ କରନ୍ତୁ ।
- ✲ ନିଜନିଜ ଘର ବାଡିରେ, ଖାଲି ଜାଗାରେ ଗଛ ଲଗାଇ ପରିବେଶର ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ସହରକୁ ସବୁଜ ସୁନ୍ଦର ଗଢ଼ିତୋଳନ୍ତୁ ।
- ✲ ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ମଧ ଆପଣଙ୍କର ।
- ✲ ଗୃହ ପାଳିତ ପଶୁଙ୍କୁ ରାସ୍ତାରେ ଛାଡନ୍ତୁ ନାହିଁ ।

ଆସନ୍ତୁ ଆମେ ସମସ୍ତେ ଏକତ୍ର ହୋଇ କୋରାପୁଟ ସହରକୁ ପ୍ରଗତି ପଥେ ଆଗେଇ ନେବା

ଶ୍ରୀ ଜ୍ଞାନଜିତ୍ ତ୍ରିପାଠୀ, ନୀର୍ବାହୀ ଅଧିକାରୀ, ପୌର ପରିଷଦ, କୋରାପୁଟ
ଶ୍ରୀମତୀ ସବିତା ପଣ୍ଡା, ଉପାଧକ୍ଷା ଏବଂ ସମସ୍ତ ପାରିଷଦ ବୃନ୍ଦ, ପୌର ପରିଷଦ, କୋରାପୁଟ
ଶ୍ରୀ ଲଲାଟ ରଞ୍ଜନ ସେଠୀ, ଅଧକ୍ଷ, ପୌର ପରିଷଦ, କୋରାପୁଟ

## ପୌରପରିଷଦ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ

ପଟ୍ଟାମୁଣ୍ଡାଇ ପୌର ପରିଷଦ ତାହାର ଅଗଣିତ ଟିକସ ଦାତା, ପୌରବାସୀ, ବ୍ୟବସାୟୀ ଅନୁଷ୍ଠାନ ଓ ବୁଦ୍ଧିଜୀବୀ ମାନଙ୍କୁ ସ୍ୱାୟତ୍ତ ଶାସନ ଦିବସର ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଙ୍ଗେ ସଙ୍ଗେ ସହଯୋଗ କାମନା କରୁଅଛି ।

ନିବେଦନ

01. ପୌର ପରିଷଦ ଅଞ୍ଚଳର ଜନ ସାଧାରଣ ନିଜ ନିଜର ଟିକସ ଠିକ୍ ସମୟରେ ପୈଠ କରନ୍ତୁ ।
02. ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ପରିଷଦରୁ ମଞ୍ଜୁର କରାଇ ନିଅନ୍ତୁ ଓ ମଂଜୁର ନକ୍ସା ଅନୁସାରେ ଗୃହ ସମାପ୍ତ ପରେ ତାହାକୁ ପଞ୍ଜିକରଣ କରାଇ ନିଅନ୍ତୁ ।
03. ସହର ଓ ଆଭ୍ୟନ୍ତରୀଣ ରାସ୍ତା ଗୁଡିକ ଉପରକୁ ଗୃହ ପାଳିତ ପଶୁମାନଙ୍କୁ ଛାଡନ୍ତୁ ନାହିଁ ।
04. ପରିଷଦ ଅଞ୍ଚଳରେ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପରିଷଦରେ ବ୍ୟବସାୟ ଲାଇସେନ୍ସ କରାଇ ନିଅନ୍ତୁ ।
05. ସର୍ବସାଧାରଣ ଜାଗାରେ ଆବର୍ଜନା ପକାନ୍ତୁ ନାହିଁ । ସର୍ବଦା ଆବର୍ଜନାକୁ ଓଦା ଓ ଶୁଖିଲା ଡଷ୍ଟବିନରେ ପୃଥକ ଭାବରେ ରଖି ସ୍ୱଚ୍ଛ ସବାରୀ ଗାଡିକୁ ପ୍ରଦାନ କରନ୍ତୁ ।
06. ସରକାରୀ ସମ୍ପତ୍ତି ଓ ସର୍ବସାଧାରଣ ସ୍ଥାନକୁ ଜବରଦଖଲ କରନ୍ତୁ ନାହିଁ ।
07. ପରିଷଦର ସମ୍ପତ୍ତି ସୁରକ୍ଷା କରିବା ଆପଣଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।
08. ସର୍ବସାଧାରଣ ରାସ୍ତା ଉପରେ ମଇଳା, ଆବର୍ଜନା ଓ ଗୃହ ତିଆରି ସାମଗ୍ରୀ ତଥା ଇଟା,ବାଲି, ଗୋଡି ଇତ୍ୟାଦିକୁ ଜମା ରଖି ରାସ୍ତା ଅବରୋଧ କରି ଜନସାଧାରଣଙ୍କ ଯାତାୟତରେ ବାଧା ସୃଷ୍ଟି କରନ୍ତୁ ନାହିଁ ।
09. ଡଷ୍ଟ ବିନକୁ ସୁଚାରୁ ରୂପେ ଘରେ ଏବଂ ମାର୍କେଟରେ ବ୍ୟବହାର କରନ୍ତୁ ।
10. ବର୍ଷାଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ ସହିତ ଭୂତଳ ଜଳ ସଂରକ୍ଷଣ ପାଇଁ ନିଜ ଗୃହରେ ବର୍ଷାଜଳ ପ୍ରକଳ୍ପ ତିଆରି କରନ୍ତୁ ।

ଆମର ଲକ୍ଷ୍ୟ:-
- ପୌରପରିଷଦର ଅନେକ ଗୁଡିଏ ସ୍ଥାନରେ ଜନସାଧାରଣଙ୍କ ଆର୍ଥିକ ବୃଦ୍ଧି ନିମନ୍ତେ ଦୋକାନ ଗୃହ ନିର୍ମାଣ କରି ବଣ୍ଟନ କରାଯିବ ।
- ପୌରପରିଷଦର କୌଣସି ପରିବା ହାଟ ନଥିବାରୁ ଏକ ପରିବା ହାଟ ନୂତନ ବସ୍ ଷ୍ଟାଣ୍ଡ ନିକଟରେ ନିର୍ମାଣ, ଅଳଭା ପୋଖରୀ ଓ ମଠୁଥ ନାଥ ଉଚ୍ଚ ବିଦ୍ୟାଳୟ ପୋଖରୀର ଉନ୍ନତିକରଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ନିମନ୍ତେ ପଦକ୍ଷେପ ନିଆ ଯାଇଅଛି ।
- ପଟ୍ଟାମୁଣ୍ଡାଇ ପୌରାଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ନିମନ୍ତେ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଇଅଛି । ତାହା ଅତିଶୀଘ୍ର କାର୍ଯ୍ୟକାରୀ କରାଯିବ ।
- ମଳ ଉପଚାର କେନ୍ଦ୍ରର ପ୍ରଶାସନିକ ଗୃହର ଶୁଭ ଉଦଘାଟନ ।



ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ, ନିର୍ବାହୀ ଅଧିକାରୀ



ଶ୍ରୀଯୁକ୍ତ ହେମନ୍ତ କୁମାର ସାହୁ, ଅଧକ୍ଷ, ଉପାଧକ୍ଷା ଓ ସମସ୍ତ ପାରିଷଦ ବୃନ୍ଦ




## ବାହୁବଳି ଜୁଏଲ ଓରାମ

ରାଜ୍ୟ ବିଜେପିର ଜୁଏଲ ହେଉଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ। ପ୍ରଥମରୁ ଗୋଟିଏ ଦଳରେ। ଏବେ କିନ୍ତୁ ତାଙ୍କ ନାଁ ପୂର୍ବରୁ ବାହୁବଳି ଲାଗିଛି। ଲଗାଇଛନ୍ତି ଖୋଦ ତାଙ୍କରି ଦଳର କର୍ମୀମାନେ। ଯେତେବେଳେ ଜୁଏଲ କହିଲେ ଯେ ତାଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରୁଥିବା ଲୋକଙ୍କ ହାତ କାଟିଦେବେ ଓ ପୋଡିଦେବେ ସେତେବେଳ ଠାରୁ ସିଏ ଦଳ ଭିତରେ ବାହୁବଳି ନେତା ବୋଲି ଆଲୋଚନା ଚାଲିଛି। ସର୍ବଦା ଶାନ୍ତ ଓ ଧିର ସ୍ଥିର ଥିବା ଜୁଏଲ ଏମିତି କାହିଁକି ହେଲେ ବୋଲି ଆମେ ରାମମନ୍ଦିର ନିକଟରେ ଜଣେ ଭକ୍ତଙ୍କୁ ପଚାରିବାରୁ ସିଏ କହିଲେ, କିଛି ଦିନ ହେଲା ଜୁଏଲ କେନ୍ଦ୍ର ମନ୍ତ୍ରୀ ପଦରୁ ଅବ୍ୟାହତି ନେଇ ରାଜ୍ୟପାଳ ହେବେ ବୋଲି ଚର୍ଚ୍ଚା ଜୋର ଧରିଥିଲା। ଜୁଏଲ ବି କହିଦେଇଥିଲେ ସିଏ ଆଉ ନିର୍ବାଚନ ଲଢିବେ ନାହିଁ। ରାଜନୀତିରୁ ଏକ ପ୍ରକାର ସନ୍ୟାସ ଅବସ୍ଥା। ହେଲେ ହଠାତ୍ ରାଉରକେଲାର ବନ୍ଧୁକ ବେପାର ସହିତ ତାଙ୍କ ନାଁକୁ ଯୋଡି ଅପପ୍ରଚାର ଚାଲିଛି। ଏହା ସାଙ୍ଗକୁ ତାଙ୍କ ସହିତ ଜଣେ ମହିଳାଙ୍କ ଫଟୋ ବି ସୋସିଆଲ ମିଡିଆରେ ଘୁରି ବୁଲୁଛି। ଏହି ଦୁଇ ଘଟଣାରେ ଜୁଏଲଙ୍କୁ ବିରୋଧୀମାନେ ଛାଡି ବଦନାମ ପାଇଁ ଲାଗି ପଡିଛନ୍ତି। ତେଣୁ ଜୁଏଲ ଏବେ ଫାୟାର। ପୁଣିଥରେ ନିର୍ବାଚନ ଲଢିବେ ବୋଲି କହିଲେଣି। ଖାଲି ସେତିକି ନୁହେଁ, ସିଏ ବିଜେପି ପାଇଁ ଉକ୍ତ ମାଂସ ଦେଉଛନ୍ତି। ଅନ୍ୟ ଦଳକୁ ଆସି ଯିଏ ତାଙ୍କ ବିରୁଦ୍ଧରେ ଲାଗିବ ତା ହାତ କାଟିଦେବେ ବୋଲି ଧମକ ବି ଦେଲେଣି। ସୁନ୍ଦରଗଡ ହେଉଛି ଜୁଏଲଙ୍କ ଗଡ। ସେଠାରେ ତାଙ୍କୁ ବିରୋଧ କରିବା ଅର୍ଥ ଯୁଦ୍ଧ ଲଢିବା ସହିତ ସମାନ। ହେଲେ ଜୁଏଲ ଯାହାଙ୍କୁ ଇଙ୍ଗିତ କରି ଏମିତି କୋପାନଳ ହେଉଛନ୍ତି ତାହା ସମସ୍ତେ ଜାଣିଥିଲେ ମଧ୍ୟ ସମସ୍ତେ ଚୁପ୍। କାରଣ ଜୁଏଲ ଯେଉଁ ବାବୁଙ୍କ ଆଡକୁ ଅନାଇ ହାତ କାଟିଦେବେ ବୋଲି କହୁଛନ୍ତି ସେ ବାବୁଙ୍କ ହାତ ବି ବହୁତ ଲମ୍ବା। ଉକ୍ତ ଜଣଙ୍କ ଏଭଳି ନିଷ୍ପାପରେ ଏହା କହିବେ ନିକଟରେ ଥିବା ଗେରୁଆ ମଠ ଭିତରକୁ ଚାଲିଗଲେ।



## ମହାରାଜଙ୍କର ଗଞ୍ଜେଇ ଚିନ୍ତା

ରାଜ୍ୟର କୃଷି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ତଥା ପାଟଣା ମହାରାଜା କନକ ବର୍ଦ୍ଧନ ସିଂହଦେଓଙ୍କର ଏବେ ଗଞ୍ଜେଇ ଚାଷ ଚିନ୍ତା। ଆଉ ଏହି ଚିନ୍ତାର କାରଣ ହେଉଛି ଧାନ ଚାଷପାଇଁ ଆସୁଥିବା ସାର ଗୁଡାକ କୁଆଡେ ଗଞ୍ଜେଇ କିଆରୀକୁ ପଳେଇ ଯାଉଛି। ତେଣୁ ମହାରାଜ ଯୁଆଡେ ଯାଉଛନ୍ତି ସିଆଡେ ସାର ସଙ୍କଟ ପାଇଁ ଗଞ୍ଜେଇ ଚାଷ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛନ୍ତି। କହୁଛନ୍ତି ସାର ସଙ୍କଟ ପାଇଁ ଗଞ୍ଜେଇ ଚାଷ ଦାୟୀ ହୋଇଥିବାବେଳେ ଯଦି କୌଣସି ଠାରେ ଗଞ୍ଜେଇ ଚାଷପାଇଁ ସାର ଯାଇଥିବା ନଜରକୁ ଆସିବ ସେଠାରେ କଡାକାର୍ଯ୍ୟାନୁଷ୍ଠାନ ହେବ। ତେବେ ଚାଷୀମାନେ କହୁଛନ୍ତି ଯେ ବର୍ଷ ବର୍ଷ ଧରି ଗଞ୍ଜେଇ ଚାଷ ଚାଲିଛି ଓ ଧାନ ଚାଷ ବି ଚାଲିଛି। ତେବେ ଚଳିତବର୍ଷ ସରକାର କାହିଁକି ସାର ଅଭାବର ଦୋଷ ଗଞ୍ଜେଇ ମୁଣ୍ଡରେ ଲଦୁଛନ୍ତି। ଗଞ୍ଜେଇ ଯେଉଁସବୁ ଜିଲ୍ଲାରେ ଚାଷ ହୁଏ ସେଠାରେ ଧାନ ଚାଷ ପରିମାଣ ଢେର କମ୍। ଯେତିକି ଧାନ ଚାଷ ହୁଏ ସେଥିରେ ବେଶି ସାର ପଡେନି। ସେହଭଳି ଆଦିବାସୀମାନେ ଗଞ୍ଜେଇ ଚାଷରେ ବି ସେଭଳି ସାର ପ୍ରୟୋଗ କରନ୍ତି ନାହିଁ। ବଣ ଜଙ୍ଗଲରେ ଲୁଚା ଛପାରେ ଚାଲିଥିବା ଏହି ବେଆଇନ ଚାଷ କିଆରୀରେ ସାର ଢାଳି ରାଜ୍ୟରେ ସାର ସଙ୍କଟ ସୃଷ୍ଟି କରିବା ସେମାନଙ୍କ କରାମତି ବାହାରେ। ହେଲେ ଯେହେତୁ ମହାରାଜ ବାରମ୍ବାର ଗଞ୍ଜେଇ ଚାଷକୁ ଦୋଷ ଦେଉଛନ୍ତି ତେଣୁ ଅବକାରୀ ବିଭାଗ ଏହାର ଉପରେ ଶ୍ୱେତପତ୍ରଟିଏ ଜାରି କରି ଗଞ୍ଜେଇ ଚାଷ ଓ ଏଥିରେ ବ୍ୟବହୃତ ହେଉଥିବା ସାରର ପରିମାଣ ଦର୍ଶାଇଲେ ବାସ୍ତବ କଥାଟି ପଦାକୁ ଆସନ୍ତା। ଏହା ନକରି ସାର ଅଭାବ ଅବଦାରେ ଖରିବାପାଇଁ କୃଷି ବିଭାଗର ମନ୍ତ୍ରୀ ଯେଉଁଭଳି ଗଞ୍ଜେଇ ଚାଷକୁ ଦୋଷ ଦେଉଛନ୍ତି ତାହା ଅବକାରୀ ମନ୍ତ୍ରୀଙ୍କ ଅଡୁଆରେ ପକାଇବା ଆରମ୍ଭ କରିଛି।



## କୃଷି ବିଭାଗକୁ ମିଶ୍ର ଯୋଡ଼ି ଅଡୁଆ




କୃଷି ବିଭାଗ କାର୍ଯ୍ୟାଳୟରେ ଏବେ ମିଶ୍ର ଯୋଡିଙ୍କୁ ନେଇ ଜୋରଦାର ଚର୍ଚ୍ଚା। ମିଶ୍ର ସାଙ୍ଗିଆଧାରୀ ଏହି ଯୋଡି ଏବେ ବିଭାଗରେ କରିତ୍କର୍ମୀ ସାଜିଛନ୍ତି। ଏମିତି କଳ ମୋଡୁଛନ୍ତି ଯେ ନିର୍ଦ୍ଦେଶକ ଓ ଦ୍ରୁତଗଧା ଖୋଦ ସଚିବ ବି ଧନ୍ଦାରେ ପଡି ଯାଉଛନ୍ତି। ଏ ସଂକ୍ରାନ୍ତରେ କୃଷି ବିଭାଗ କାଫେଟେରିଆରେ ହେଉଥିବା ଆଲୋଚନା ଅନୁଯାୟୀ ଏହି ମିଶ୍ର ଯୋଡିଙ୍କର ଜନ୍ମ ଗୋଟିଏ ଜିଲ୍ଲାରେ। ପଦବୀ ପ୍ରାୟ ସମାନ। ତେଣୁ ଦୁହେଁ ଏବେ ଯୋଡି ହୋଇ ଯାଉଛନ୍ତି। ସବୁ କାମ ନିଜେ କରୁଥିବାବେଳେ ସୁରକ୍ଷା ପାଇଁ ଆଦିବାସୀ ଅଞ୍ଚଳର ଜଣେ ବଡବାବୁଙ୍କ କାନ୍ଧରେ ବନ୍ଧୁକ ରଖି ଦେଉଛନ୍ତି। ଏହି ଯୋଡିଙ୍କ ପାଇଁ କୁଆଡେ ବିଭାଗରେ ଭିଜିଲାନ୍ସ ପଶିବାର ସମ୍ଭାବନା ଥିବା ଚର୍ଚ୍ଚା ଚାଲିଥିବାବେଳେ ନିର୍ଦ୍ଦେଶକ ଓ ସଚିବ ଏମାନଙ୍କ ସଂକ୍ରାନ୍ତରେ ସୁରାକ ପାଇଲେଣି। ବିଭିନ୍ନ ଯୋଜନାରୁ ଲାଭାନ୍ୱିତ ହେବା ସହିତ ଜିଲ୍ଲା ସ୍ତରର ଅଧିକାରୀମାନଙ୍କ ଠାରୁ କିଭଳି ହାତ ଚିକ୍କଣ ହେବ ତାହା ଏବେ ଯୋଡିଙ୍କୁ ବେଶ୍ ଭଲଭାବେ ଜଣା। ତେଣୁ ଜିଲ୍ଲା ସ୍ତରର ଫାଇଲ ଆସିଲେ ତାହାକୁ ଏପଟ ସେପଟ କରି ବଡବାବୁଙ୍କ ଠାରୁ ଅନୁମତି କରାଇ ନେଉଛନ୍ତି। ତେବେ ଏହି ମିଶ୍ର ଯୋଡି ବିଭାଗର ଗୋଟିଏ ଚଉକିରେ ସାତ ଆଠବର୍ଷ ଧରି ବସି ଏଭଳି ଖେଳ କରୁଥିବାବେଳେ କାହିଁକି ଏମାନଙ୍କର ବଦଳି ହେଉନାହିଁ ତାହାକୁ ନେଇ ଆଲୋଚନା ଚାଲିଥିବାବେଳେ ଏମାନଙ୍କ ଭିତରୁ ଜଣେ ମିଶ୍ର ବାବୁ ଆସିଯିବାରୁ ଆଲୋଚନାର ଦିଗ ବଦଳି ଯାଇଥିଲା।

## ଓପିଜିସିରେ ନିଇତି ଭୋଜି



ସଚିବାଳୟର ଶକ୍ତି ବିଭାଗ ନିକଟରେ ଗଲାବେଳେ ସେଠାରେ ଚାଲିଥିବା ଗରମା ଗରମ ଆଲୋଚନା କାନରେ ପଡିଲା। ଶକ୍ତି ବିଭାଗର ତିନି ଚାରିଜଣ ଶକ୍ତିମାନ ବାବୁ ଆଲୋଚନା କରୁଥାନ୍ତି। ଆମର ଜଣେ ବାବୁ ଚିହ୍ନା ଥିବାରୁ ସେଠାରେ ଟିକେ ଅଟକି ଗଲୁ। ଆଲୋଚନାର ବିଷୟବସ୍ତୁ ଭୋଜିଭାତକୁ ନେଇ ଚାଲିଥିବାରୁ ଆମେ ଟିକେ ଉତ୍ସୁକତା ଦେଖାଇ ଶୁଣିଲୁ। ବାବୁ ଜଣଙ୍କ କହୁଥାନ୍ତି ଆମେ ବିଭାଗରେ ଦିନ ରାତି ଖଟୁଥିବାବେଳେ ଆମରି ବିଭାଗ ଅଧିନରେ ଥିବା ଓପିଜିସିରେ କିନ୍ତୁ ନିଇତି ଭୋଜିଭାତ ଚାଲିଛି। ସେଠାକାର ମୁଖିଆ ଓ ତାଙ୍କର କିଛି ଚେଲା ସଞ୍ଜ ହେଲେ ଭୋଜି ଆରମ୍ଭ କରିଦେଇଛନ୍ତି। ଏରେ ମୁଖ୍ୟ ଯୋଗାଡିଆ ଭାବେ ମୁଖିଆଙ୍କର ଜଣେ ଅତ୍ୟନ୍ତ ଅନୁଗତି ବାବୁ ଅଛନ୍ତି। ଭୋଜିଭାତ ପାଇଁ ତାଙ୍କୁ ସଂସ୍ଥାରୁ ଗୋଟିଏ ସ୍କୋର୍ପିଓ ମିଳିଛି। ସଞ୍ଜହେଲେ ଭୋଜି ସାମଗ୍ରୀ ଧରି ମୁଖିଆଙ୍କ ନିକଟରେ ହାଜର ହୋଇଥାନ୍ତି। ସାଙ୍ଗରେ ବି ଜଣେ ଦୁଇଜଣ ସେବାକାରୀଙ୍କୁ ଆଣିଥାନ୍ତି। ଖିଆ ପିଆ ଜୋରଦାର ଭାବେ ଚାଲେ। ଯାହା ବଳେ ବାବୁ ଜଣଙ୍କ ସାଙ୍ଗରେ ଧରି ପଳାନ୍ତି। ବାଟରେ ପୁଣିଥରେ ଗାଡି ଭିତରେ ବିଳମ୍ବିତ ରାତିରେ ଆସର ଜମେ। ଏଥିପାଇଁ ସ୍କୋର୍ପିଓ ଚଢା ବାବୁ ଜଣଙ୍କ ସବୁକିଛି ଯୋଗାଡ କରନ୍ତି। ରବିବାରିଆ ଭୋଜି କିନ୍ତୁ ରାଜଧାନୀ ବାହାରେ ହୋଇଥାଏ। ନିକଟରେ ଏହି ରବିବାରିଆ ଭୋଜିଟି ମହାନଦୀ କୂଳିଆ ଅଞ୍ଚଳରେ ହୋଇଥିଲା। ଶକ୍ତିମାନ ବାବୁ ଜଣଙ୍କ ଓପିଜିସି ବାବୁଙ୍କ ଭୋଜି ବିଷୟରେ ବିବରଣୀ ଦେଉଥିବାବେଳେ ଆଉ ଜଣେ ଶକ୍ତିମାନ ବାବୁ କଥାରେ ନଥା ଯୋଡି କହିଲେ ଯେ ଏହି ଭୋଜିର ମୂଳ କାରଣ ହେଉଛି ବିଜେଡି ସରକାର। ଆମେ ଟିକେଁ ଆଁ କରି ଚାହିଁବାରୁ ବାବୁ ଜଣଙ୍କ କହିଲେ ଭୋଜିରେ ମାତିଥିବା ସବୁତକ ହେଉଛନ୍ତି ବିଜେଡିର ଅବଦାନ। ଏ ସରକାର ଯଦି ଏଥିପ୍ରତି ନଜର ନଦେବେ ତେବେ ଓପିଜିସି ଭଳି ସଂସ୍ଥାରେ ନାଲିବତୀ ଜଳିବା ଟା ଥୟ। ଭୋଜି ଭିତରକୁ ରାଜନୀତି ପଶି ଆସିବାରୁ ଆମେ ସେ ସ୍ଥାନ ଛାଡି ଆସିବାକୁ ଉଚିତ୍ ମନେ କଲୁ।

## ବାଣୀ ବିହାରରେ ଭାଇ ଭାଇ ପିଟାପିଟି



ନିକଟରେ ବାଣି ବିହାରରେ ଛାତ୍ର ମାନଙ୍କର ପିଟାପିଟି ହେବାର ମାମଲା ଥାନାରେ ପହଞ୍ଚିଥିଲା। ଥାନା ବାବୁ ବି ଖବର ପାଇଁ କିଛି ବଡ ଅଘଟଣ ଆଶଙ୍କାରେ ବିଶ୍ୱବିଦ୍ୟାୟରେ ପହଞ୍ଚିଥିଲେ। ହେଲେ ସେଠାରେ ପହଞ୍ଚିବାପରେ ଯାହା ଦେଖିଲେ ତାହା ଅକଳ ଗୁଡୁମ କରିଦେଲା ଭଳି। ପିଟାପିଟି ହେଉଥିବା ପିଲାମାନେ ଗୋଟିଏ ଦଳର। ମାନେ ଭାଇ ଭାଇ। ଖାଲି ନାଁ ଯିକେ ଯାହା ଅଲଗା। ଏ ସଂକ୍ରାନ୍ତରେ ଜଣେ ଖାକି ବାବୁଙ୍କ କହିବାକଥା ଯେ ଗୋଟିଏ ଗୋଷ୍ଠି ବାଣିବିହାରରେ ଛାତ୍ର ସଂସଦ ନିର୍ବାଚନ କରିବାକୁ ଦାବିପତ୍ରଟିଏ ଦେଇଥିଲେ। ଏଥିଯେ ଶିକ୍ଷାନୁଷ୍ଠାନରେ କେତେକ ସୁଧାର ସଂକ୍ରାନ୍ତରେ ମତ ଦେବା ସହିତ ହଷ୍ଟେଲରେ କିଭଳି ଅଣଛାତ୍ର ରାଜ୍ ଚାଲିଛି ତାହା ବି ଲେଖିଥିଲେ। ଏହି ଲେଖାଟି ସବୁ ସାରିଦେଲା। ଲେଖା ସଂକ୍ରାନ୍ତରେ ସୂଚନା ପାଇଲା ପରେ ହଷ୍ଟେଲର ଆସ୍ଥାନ ଜମାଇଥିବା ବାବୁମାନେ ରାଗି ପାଚି ଲାଲ ହେଲେ। ଯଦିଓ ଜାଣିଲେ ସେମାନଙ୍କ ଭାଇମାନେ ଏଭଳି ଅଭିଯୋଗ କରିଛନ୍ତି, ହେଲେ ନିଜ ସ୍ୱାର୍ଥରେ ଆଞ୍ଚ ଆସୁଥିବାରୁ ଆକ୍ରମଣ କରିଦେଲେ। ପିଟାପିଟି ହୋଇ ଥାନାକୁ ଗଲେ। ଥାନାବାବୁମାନେ ଏବେ କ'ଣ କରିବେ ଜାଣିପାରୁ ନାହାନ୍ତି। ଏହା ପୂର୍ବରୁ ମଧ୍ୟ ବର୍ଷକ ତଳେ ସମାନ ଅବସ୍ଥା ବାଣିବିବାହାରରେ ସୃଷ୍ଟି ହୋଇଥିଲା। ଦୁଇ ଗୋଷ୍ଠି ପିଟାପିଟି ହୋଇ ଥାନାରେ ପହଞ୍ଚିବାପରେ ଜଣାପଡିଥିଲା ଯେ ଉଭୟ ଗୋଟିଏ ଭାଡିର ପାରା। କୌଣସି ପ୍ରକାରେ ସେମାନଙ୍କୁ ବୁଝାଇ ସୁଝାଇ ପୁଲିସ୍ ପଠାଇ ଦେଇଥିଲା। ଏବେ ପୁଣିଥରେ ସମାନା କାଣ୍ଡ ପୁଲିସ୍‌ର ଚିନ୍ତା ବଢାଇବାରେ ଲାଗିଛି।

### ୧୩୭ତମ ପ୍ରଧାନମନ୍ତ୍ରୀଙ୍କ ରେଡିଓ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# 'ମନ୍ କୀ ବାତ୍' ଯୁବଶକ୍ତି ପାଇଁ ପ୍ରେରଣାର ଉତ୍ସ



ଭୁବନେଶ୍ୱର,୩୦।୮ (ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୩୭ତମ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱରର ନୟାପଲ୍ଲୀସ୍ଥିତ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ପୀଠ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନକୁ ଦେଶବାସୀଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ଭାବେ କହିଛନ୍ତି।

'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଦେଖିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କାର୍ଯ୍ୟକ୍ରମରେ ଓଡ଼ିଶାକୁ ଯଥେଷ୍ଟ ଗୁରୁତ୍ୱ ମିଳିଛି। ଓଡ଼ିଶାର ଇତିହାସ, ପ୍ରାକୃତିକ ପରିବେଶ, କଳା ଓ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ଓଡ଼ିଆ ଲୋକଙ୍କ ଉଦ୍ୟମକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖକୁ ଆଣିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ସ୍ୱଟ୍‌ଲାଇଟ ସେମାନଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ପ୍ରୋତ୍ସାହିତ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ଆଜିର କାର୍ଯ୍ୟକ୍ରମରେ ଓଡ଼ିଶାର ଐତିହ୍ୟ ଓ ଜନଶକ୍ତିର ଉଲ୍ଲେଖ ଦେଖିବାକୁ ମିଳିଛି। ମୁମ୍ବାଇର କୃଷ୍ଣା ଶେଷାଦ୍ରି ପ୍ରଧାନମନ୍ତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେଇ ଓଡ଼ିଶାର ପ୍ରସିଦ୍ଧ ଭୌମକର ବଂଶର ରାଣୀ ତ୍ରିଭୁବନ ମହାଦେବୀଙ୍କ ପରି ଐତିହାସିକ ଚରିତ୍ର ସହ କଥା ହେବାର ଇଚ୍ଛା ପ୍ରକାଶ କରିଛନ୍ତି। ଏହାଦ୍ୱାରା ଓଡ଼ିଶାର ଗୌରବମୟ ଇତିହାସ ଜାତୀୟ ସ୍ତରରେ ପୁନର୍ଜୀବିତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିସହ ଦେବ୍ରୀଗଡ଼ ଅଭୟାରଣ୍ୟ ନିକଟସ୍ଥ ଧୋଡ୍ରୋକୁସୁମ ଗ୍ରାମର ମୈଥିଳୀ ଭୂଏଁଙ୍କ ଭଳି ଗ୍ରାମୀଣ ମହିଳାମାନଙ୍କ ପରିବେଶ ସୁରକ୍ଷା ଓ ଆତ୍ମନିର୍ଭରଶୀଳତାର କାହାଣୀ ସମସ୍ତଙ୍କ ପାଇଁ ଉଦାହରଣ ସାଜିଛି। ପୂର୍ବରୁ ଜଙ୍ଗଲ ଉପରେ ନିର୍ଭରଶୀଳ ଥିବା ମୈଥିଳୀ ଆଜି ଇକୋ-ଟୁରିଜମ୍ ସହ ଯୋଡ଼ିହୋଇ ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ଅଛନ୍ତି ଓ ତାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଜି ପ୍ରାୟ ୭୦ ଜଣ ମହିଳା ଏହି ସ୍ୱାବଲମ୍ବନ ଅଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବିଭିନ୍ନ କ୍ଷେତ୍ରରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇ ସଫଳତା ହାସଲ କରୁଥିବା ଆମର ଯୁବବର୍ଗ ଅନେକ ସମୟରେ ଜାତୀୟ ସ୍ତରରେ ଲୋକଲୋଚନକୁ ଆସିପାରି ନ ଥାନ୍ତି। ପ୍ରଧାନମନ୍ତ୍ରୀ ସେମାନଙ୍କର ଏହି ନିଷ୍ଠାପର ଉଦ୍ୟମ, ତ୍ୟାଗ ଓ ସଫଳତାକୁ ସାଉଁଟି ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି, ଯାହା ସମଗ୍ର ସମାଜ ପାଇଁ ଏକ ନୂତନ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରୁଛି।

## ଭିଜିଲାନ୍ସ ଜାଲରେ ଏଏସ୍‌ଆଇ

### ୨୦ ହଜାର ଲାଞ୍ଚ ନେଉଥିଲେ



ବଣାଇ,୩୦।୮ (ସଂଚାର ବ୍ୟୁରୋ): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଥାନା ଏଏସଆଇ। ଲାଞ୍ଚ ନେଲା ବେଳେ ତାଙ୍କୁ ଭିଜିଲାନ୍ସ କର୍ମଚାରୀମାନେ ମାଡ଼ିବସିଛନ୍ତି। ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡ଼ା ଥାନା ଏଏସ୍‌ଆଇ ମଦନ ମୋହନ ପ୍ରଧାନ ଜଣେ ଖାଦ୍ୟ ଦୋକାନୀଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଛନ୍ତି। ଏଏସଆଇ ଶ୍ରୀ ପ୍ରଧାନଙ୍କ ସହ ତାଙ୍କ ସହଯୋଗୀ ମନଦୀପ କୁମାର ଦାସମୋହ଼କ ମଧ୍ୟ ଧରାପଡ଼ିଛନ୍ତି। ସମ୍ପୃକ୍ତ ଖାଦ୍ୟ ଦୋକାନୀ ଓ ତାଙ୍କ ସାନଭାଇଙ୍କ ବିରୋଧରେ ଏକ ଅବକାରୀ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ଗିରଫ ନ କରିବା ଓ ତାଙ୍କୁ ସହାୟତା କରିବା ପାଇଁ ଏଏସଆଇ ଶ୍ରୀ ପ୍ରଧାନ ୨୦ ହଜାର ଟଙ୍କା ଦାବି କରିଥିଲେ। ଦାବି ମୁତାବକ ଟଙ୍କା ନ ଦେଲେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବାକୁ ଶ୍ରୀ ପ୍ରଧାନ ଧମକ ଦେଇଥିଲେ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏଏସଆଇ ଶ୍ରୀ ପ୍ରଧାନ ଓ ତାଙ୍କ ସହଯୋଗୀ ମନଦୀପ ଅଭିଯୋଗକାରୀଙ୍କଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ପୂର୍ବରୁ ସେଠାରେ ମହଜୁଦ ଥିବା ଭିଜିଲାନ୍ସ ଟିମ୍ ଉଭୟଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ପ୍ରମାଣ ସ୍ୱରୂପ ୨୦ ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି। ଏଥିସହ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଶ୍ରୀ ପ୍ରଧାନଙ୍କ ସହ ଜଡ଼ିତ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି।

## ଆକାଶରୁ ଖସିଲା ଚାଇନିଜ୍ ଲେଖା ସମ୍ବଳିତ ପାରାସୁଟ୍



ସୁନ୍ଦରଗଡ଼,୩୦।୮ (ସଂଚାର ବ୍ୟୁରୋ): କିଞ୍ଜିରକେଲା ଥାନାଞ୍ଚଳରେ ଆଜି ଏକ ପାରାସୁଟ ମିଳିବାକୁ ନେଇ ଚର୍ଚ୍ଚା। ଆକାଶରୁ ଏକ ପାରାସୁଟ ଖସିପଡ଼ିଥିବା ବେଳେ ଏଥିରେ ଚାଇନିଜ୍ ଭାଷାରେ କିଛି ଲେଖା ଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି ଉତ୍କଣ୍ଠା। ଘଟଣାଟି ସୁନ୍ଦରଗଡ଼ ପୁଲିସ ଜିଲ୍ଲା ଅନ୍ତର୍ଗତ କିଞ୍ଜିରକେଲା ଥାନାଞ୍ଚଳରେ ଘଟିଛି। ଆଜି ହଠାତ୍ ଆକାଶରୁ ଏକ ପାରାସୁଟ ଖସିଥିଲା। ଉକ୍ତ ପାରାସୁଟରେ ଚାଇନିଜ୍ ଭାଷାରେ କିଛି ଲେଖା ଥିବାରୁ ଏହାକୁ ନେଇ ସନ୍ଦେହ ବଢ଼ିଛି। ଏନେଇ ଖବର ପାଇ କିଞ୍ଜିରକେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରାସୁଟଟିକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଏହା କେଉଁଠାରୁ ଆସିଲା, କିପରି ଏଠାରେ ଖସିଲା ଓ ଏହାର ପ୍ରକୃତ ବ୍ୟବହାର କ'ଣ, ସେନେଇ ପୁଲିସ୍ ଏବେ ଛାନଭିନ୍ ଜାରି ରଖିଛି। ଏଥିସହ ପାରାସୁଟରେ ଥିବା ଚାଇନିଜ୍ ଲେଖାର ଅର୍ଥ କ'ଣ ଓ ଏହା କେଉଁ ଉଦ୍ଦେଶ୍ୟରେ ବ୍ୟବହୃତ ହୁଏ, ତଦନ୍ତ ପରେ ହିଁ ସବୁକିଛି ସ୍ପଷ୍ଟ ହେବ। ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଆଲୋଚନା ଓ ଆଶଙ୍କା ଦେଖାଦେଇଥିବା ବେଳେ ପୁଲିସର ତଦନ୍ତ ଉପରେ ସମସ୍ତଙ୍କ ନଜର ରହିଛି।

## ବ୍ୟାପୁଛି ସ୍କ୍ରବ୍ ଟାଇଫସ, ୭ ଜଣ ଆକ୍ରାନ୍ତ ଚିହ୍ନଟ



ତାଳଚେର,୩୦।୮ (ସଂଚାର ବ୍ୟୁରୋ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ସାନବାଗଦରୀ ଗାଁରେ ଖେଳିଯାଇଛି ସ୍କ୍ରବ ଟାଇଫସ୍ ଆତଙ୍କ। ଅଦ୍ୟାବଧି ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାରୁ ଭୟଭୀତ ହୋଇପଡ଼ିଛନ୍ତି ଗ୍ରାମବାସୀ। ପାଲଲହଡ଼ା ବ୍ଲକ୍‌ର ପବିତ୍ରପୁର ପଞ୍ଚାୟତ ସାନବାଗଦରୀ ଗାଁରେ ସ୍କ୍ରବ୍ ଟାଇଫସ ଯୋଗୁଁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେପଟେ ଧୀରେ ଧୀରେ ସ୍କ୍ରବ୍ ଟାଇଫସ ବ୍ୟାପିବାରେ ଲାଗିଛି। ଆକ୍ରାନ୍ତମାନେ ହାତଗୋଡ଼ ଘୋଳାବିନ୍ଧା ସହ ମୁଣ୍ଡବ୍ୟଥା ଓ ଜ୍ୱର ଅନୁଭବ କରୁଛନ୍ତି। ଖବର ପ୍ରସାରଣ ପରେ ପ୍ରଶାସନ ପକ୍ଷରୁ ମଧ୍ୟ ତତ୍ପରତା ପ୍ରକାଶ ପାଇଛି।

ଅନ୍ୟପଟେ ଡାକ୍ତରୀ ଟିମ ଗାଁକୁ ଯାଇ ଘରକୁ ଘର ବୁଲି ରକ୍ତ ନମୁନା ସଂଗ୍ରହ କରୁଛନ୍ତି। ସିଡିଏମ୍‌ଓ ଏ ସଂକ୍ରାନ୍ତରେ କହିଛନ୍ତି ଯେ ଏକପ୍ରକାର କ୍ଷୁଦ୍ର କୀଟ ବା ଟିଙ୍କ କାମୁଡ଼ିବା ଦ୍ୱାରା ଏହି ରୋଗ ବ୍ୟାପୁଛି। ଏଥିରେ ଆକ୍ରାନ୍ତ ହେଲେ ପ୍ରବଳ ଜ୍ୱର, ମୁଣ୍ଡବିନ୍ଧା ଓ ଶରୀର ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଦେଉଛି। ତେବେ ଠିକ୍ ସମୟରେ ଡକ୍ସିସାଇକ୍ଲିନ୍ ବା ଆଜିଥ୍ରୋମାଇସିନ୍ ବ୍ୟବହାର କଲେ ଏହା ସହଜରେ ଭଲ ହୋଇପାରିବ ବୋଲି ସିଡିଏମ୍‌ଓ କହିଛନ୍ତି।

## ରାଜ୍ୟରେ ବନ୍ଦ ହେବ ଗୁଟ୍‌ଖା ବ୍ୟବସାୟ

କଟକ,୩୦।୮ (ସଂଚାର ବ୍ୟୁରୋ): ରାଜ୍ୟରେ ଗୁଟ୍‌ଖା ବ୍ୟବସାୟ ଉପରେ ଲାଗିବ ପ୍ରତିବନ୍ଧକ। ଗୁଟ୍‌ଖା ବ୍ୟବସାୟ ନିଷେଧ ନେଇ ରାଜ୍ୟ ସରକାର ଗତ ଜାନୁଆରୀ ୨୧ ତାରିଖରେ ଜାରି କରିଥିବା ବିଜ୍ଞପ୍ତିକୁ ଆଜି ହାଇକୋର୍ଟ କାଏମ ରଖିଛନ୍ତି। ସରକାରୀ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି ଦାୟର ହୋଇଥିବା ମାମଲାଗୁଡ଼ିକୁ ମଧ୍ୟ କୋର୍ଟ ଖାରଜ କରିଦେଇଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଆଇନସମ୍ମତ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି। ବ୍ୟାବସାୟିକ ସ୍ୱାର୍ଥ ଅପେକ୍ଷା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ଜୀବନର ଅଧିକାର ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହି ରାୟ ପରେ ରାଜ୍ୟରେ ଗୁଟ୍ ବ୍ୟବସାୟ ଉପରେ ସରକାରଙ୍କ ପ୍ରତିବନ୍ଧକ ଆହୁରି ଦୃଢ଼ ହୋଇଛି।

## ବାପାଙ୍କୁ ଠେଙ୍ଗାରେ ପିଟି ମାରିଲା ପୁଅ

ବାଙ୍ଗିରିପୋଷି,୩୦।୮ (ସଂଚାର ବ୍ୟୁରୋ): ଟଙ୍କା ନଦେବାରୁ ନିଜ ଜନ୍ମକଲା ବାପକୁ ଠେଙ୍ଗାରେ ପିଟି ହତ୍ୟା କରିଛି ପୁଅ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ପଥୁରୀ ଗାଁରେ ମୃତକ ବାପା ସାର କିଣିବା ପାଇଁ ଟଙ୍କା ରଖିଥିଲେ। ପୁଅ ସୁମନ୍ତ ଦେହୁରୀ ବାପାଙ୍କୁ ଟଙ୍କା ମାଗିଥିଲେ। ବାପା ଟଙ୍କା ଦେବାକୁ ମନା କରିବାରୁ ଉତ୍‌କ୍ଷିପ୍ତ ହୋଇ ପୁଅ ଏକ ଠେଙ୍ଗାରେ ବାପାଙ୍କୁ ଆକ୍ରମଣ କରିଥିବା ମା' ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ବାପାଙ୍କ ମୃତ୍ୟୁ ହୋଇଛି। ବାଙ୍ଗିରିପୋଷି ପୁଲିସ ଅଭିଯୁକ୍ତ ପୁଅ ସୁମନ୍ତଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି।

## ଟ୍ରେଡିଂ ଆଳରେ ଅଢ଼େଇ କୋଟି ଲୁଟ୍, ଜଣେ ଗିରଫ



ଭୁବନେଶ୍ୱର,୩୦।୮ (ସଂଚାର ବ୍ୟୁରୋ): ଟ୍ରେଡିଂ ଆଳରେ ଅଢ଼େଇ କୋଟି ଚଳୁ। ଦେଢ଼ ବର୍ଷ ପରେ ଜଣେ ଅଭିଯୁକ୍ତ ଗିରଫ ହୋଇଛି। ସେହିପରି ମୁଖ୍ୟ ଅଭିଯୁକ୍ତ ସମେତ ୪ ଜଣ ଫେରାର ରହିଛନ୍ତି। ଟ୍ରେଡିଂରେ ଟଙ୍କା ନିବେଶ କରାଇବା ନାଁରେ ଅଢ଼େଇ କୋଟି ଟଙ୍କା ଚଳୁ ହୋଇଥିବା ଅଭିଯୋଗ ହୋଇଛି। ଟ୍ରେଡିଂ ଦେବା ଆଳରେ ୩୦ରୁ ଅଧିକ ଲୋକଙ୍କଠାରୁ ଏହି ଟଙ୍କା ଠକେଇ ହୋଇଥିବା କୁହାଯାଇଛି। ଏଥିସହ ଏହି ମାମଲାରେ ଦେଢ଼ ବର୍ଷ ପରେ ଜଣେ ଦଲାଲଙ୍କୁ ଖାରବେଳ ନଗର ଥାନା ପୁଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ କେନ୍ଦ୍ରାପଡ଼ା ପାଟକୁରାର ସ୍ମୃତିରଞ୍ଜନ ବେହେରା।

ଭୁବନେଶ୍ୱର ବିଜେବି ନଗରରେ ରହୁଥିବା ସ୍ମୃତିରଞ୍ଜନ 'ଇଷ୍ଟ୍ ଏଜ୍' ନାମକ ସଂସ୍ଥା ଜରିଆରେ ଠକେଇ କରିଛନ୍ତି। ଟ୍ରେଡିଂରେ ଟଙ୍କା ଲଗାଇଲେ ଅଧିକ ରିଟର୍ଣ୍ଣ ମିଳିବାର ପ୍ରଲୋଭନ ଦେଖାଇ ସେ ଲୋକଙ୍କଠାରୁ ଟଙ୍କା ନେଇଥିଲେ। ତେବେ ଟଙ୍କା ନେବା ପରେ ପ୍ରତିଶ୍ରୁତି ମୁତାବକ ଟଙ୍କା ନ ଫେରାଇବାରୁ ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗକାରୀମାନେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ସ୍ମୃତିରଞ୍ଜନଙ୍କ ଭାଇ ତଥା ମୁଖ୍ୟ ଅଭିଯୁକ୍ତ ସୌମ୍ୟରଞ୍ଜନ, କମ୍ପାନୀ ମ୍ୟାନେଜର ସୁଚିତ୍ରା ସାମଲଙ୍କ ସହ ଆଉ ୨ ଜଣ ଏବେ ବି ଫେରାର ରହିଛନ୍ତି। ସେମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସର ଚଢ଼ାଉ ଜାରି ରହିଛି।

## ଘରେ କଳା କନା ବୁଲାଇଲା ସହାୟିକା

### ଗିରଫ ପରେ ସୁନା, ରୁପା ଓ ଶାଢ଼ୀ ଜବତ



ଭୁବନେଶ୍ୱର,୩୦।୮ (ସଂଚାର ବ୍ୟୁରୋ): ଘରେ କଳାକନା ବୁଲାଇଦେଲା ସହାୟିକା। ଘରୋଇ ସହାୟିକା ଜଣଙ୍କ ତା'ର ଚାଲାକୀ ଦିମାଗ୍ ସହ ମାଲିକାଣୀଙ୍କ ସରଳତାର ସୁଯୋଗ ନେଇ ସବୁକିଛି ଲୁଟପାଟ କରିଥିଲା। ଘରୋଇ ସହାୟିକା ହୋଇ ଆସିଥିଲେ ମଧ୍ୟ ମାଲିକାଣୀଙ୍କ ବିଶ୍ୱାସରେ ବିଷ ଦେଇ ସେ ଘର ଖାଲି କରିଦେଇଥିଲା। ଚନ୍ଦ୍ରଶେଖରପୁର ଥାନାଞ୍ଚଳରେ ଦୁଇଟି ଘରୁ ସୁନା, ରୁପା, ଦାମୀ ଶାଢ଼ି ସହ ବିଭିନ୍ନ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଛି।

କାନନ ବିହାର ଓ ହାଉସିଂ ବୋର୍ଡରୁ ଆସିଛି ଚୋରି ଅଭିଯୋଗ। ପ୍ରିୟଙ୍କା ରାଉଳ ନାମ୍ନୀ ଉକ୍ତ ସହାୟିକାକୁ ରଶ୍ମୀପ୍ରଭା ବେହୁରାଙ୍କ ଅଭିଯୋଗ ପରେ ତଦନ୍ତ କରି ଗିରଫ କରି ଚନ୍ଦ୍ରଶେଖରପୁର ପୁଲିସ୍ କୋର୍ଟଚାଲାଣ କରିଛି। ଏଥିସହ ପ୍ରିୟଙ୍କାଠାରୁ ପ୍ରାୟ ୨୦୦ ଗ୍ରାମ ସୁନା, ରୁପା, ଦାମୀ ଶାଢ଼ି, ବାସନ, ଦାମୀ ଘଣ୍ଟା ଆଦି ଚୋରି ସାମଗ୍ରୀ ଜବତ ହୋଇଛି। ଦୁଇଟି ଘରୁ ଚୋରି ଅଭିଯୋଗ ପରେ ପୁଲିସର ଛାନଭିନ୍ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ଘରୋଇ ସହାୟିକା ପ୍ରିୟଙ୍କା ଉପରେ ସନ୍ଦେହ ହୋଇଥିଲା। ଯାଞ୍ଚ ପରେ ତା' ନିକଟରୁ ଚୋରି ସାମଗ୍ରୀ ମିଳିବା ପରେ ମାମଲାର ଖିଅ ମିଳିଥିଲା। ତେବେ ଏହି ଦୁଇଟି ଘର ପ୍ରିୟଙ୍କା ଟାର୍ଗେଟ୍‌ରେ ଥିଲା ନା ସେ ଆଉ କାହା ଘରେ ମଧ୍ୟ ସମାନ ଢଙ୍ଗରେ ଚୋରି କରିଛି, ତା' ଜାଣିବା ସକାଶେ ମଧ୍ୟ ପୁଲିସ୍ ତା'ର ତଦନ୍ତ ଜାରି ରଖିଛି।







ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ହେଟିକ୍‌ର ନୂତନ ଏକ୍ସକ୍ଲୁସିଭ୍ ଷ୍ଟୋର୍ ଉଦ୍‌ଘାଟିତ

ଭୁବନେଶ୍ୱର,୩୦।୮ (ସଂଚାର ବ୍ୟୁରୋ): ଭାରତରେ ନିଜର ଅନୁଭୂତିମୂଳକ ଖୁଚୁରା ବ୍ୟବସାୟର ପ୍ରସାରକୁ ମଜବୁତ୍ କରିବା ଦିଗରେ ଅଗ୍ରଣୀ ଫର୍ଣ୍ଣିଚର୍ ଫିଟିଙ୍ଗସ୍ ବ୍ରାଣ୍ଡ୍ ହେଟିକ୍ ଏକ ନୂତନ ତଥା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଆର୍-ଆଙ୍ଗେଲ୍ ଇନୋଭେସନ୍ସ ପ୍ରାଇଭେଟ୍ ଲିମିଟେଡ୍ ସହ ଏକ ସ୍ୱତନ୍ତ୍ର ଅଂଶୀଦାରୀରେ କମ୍ପାନୀ ପକ୍ଷରୁ ରାଜଧାନୀ ଭୁବନେଶ୍ୱର ଉପକଣ୍ଠସ୍ଥିତ ପାହାଳର ଲକ୍ଷ୍ମୀପ୍ରିୟା ଟ୍ୱିନ୍ ସିଟି ଟାୱାର୍ସଠାରେ ନିଜର ନୂତନ ହେଟିକ୍ ଏକ୍ସକ୍ଲୁସିଭ୍ ଷ୍ଟୋର୍ ଉଦ୍‌ଘାଟିତ ହୋଇଯାଇଛି।

ବିଶ୍ୱସ୍ତରୀୟ ସାମଗ୍ରୀ ଖୋଜୁଥିବା ଗ୍ରାହକମାନଙ୍କୁ ଏହି ନୂତନ ଏକ୍ସକ୍ଲୁସିଭ୍ ଷ୍ଟୋର୍ ଏକ ସମ୍ପୂର୍ଣ୍ଣ ଓ ନିଆରା ଶପିଙ୍ଗ୍ ଅନୁଭୂତି ପ୍ରଦାନ କରିବ। ଏଠାରେ ଆଧୁନିକ ଫର୍ଣ୍ଣିଚର୍ ସମାଧାନର ଏକ ଚମତ୍କାର ପ୍ରଦର୍ଶନୀ ରହିଛି, ଯେଉଁଥିରେ ହେଟିକ୍‌ର ଲିନିୟର୍ ଡ୍ରୟର୍ ସିଷ୍ଟମ୍, ସ୍ଲାଇଡିଂ ସଲ୍ୟୁସନ୍ସ, ଡୋର୍ ହାର୍ଡୱେର୍, ଫର୍ଣ୍ଣିଚର୍ ଲାଇଟିଂ ଓ ବ୍ଲୁଉପଙ୍କଟ୍ ବିଲ୍ଟ-ଇନ୍ ଆପ୍ଲାଏନ୍ସେସ୍ ଆଦି ଉପଲବ୍ଧ କରାଯାଇଛି। ଏଥିସହ ଗ୍ରାହକମାନେ ଏଠାରେ ହେଟିକ୍‌ର ମାଗଣା ଡିଜାଇନ୍ ସେବାର ଲାଭ ମଧ୍ୟ ଉଠାଇପାରିବେ। ଷ୍ଟୋର୍‌ରେ ଥିବା ବିଶେଷଜ୍ଞମାନେ ଗ୍ରାହକମାନଙ୍କୁ ସେମାନଙ୍କ ପସନ୍ଦ ଓ ଆବଶ୍ୟକତା ଅନୁଯାୟୀ ସ୍ୱତନ୍ତ୍ର ଫର୍ଣ୍ଣିଚର୍ ଯୋଜନା ପ୍ରସ୍ତୁତ କରିବାରେ ପ୍ରାରମ୍ଭିକ ଚିନ୍ତାଧାରାରୁ ଆରମ୍ଭ କରି ଚୂଡ଼ାନ୍ତ ରୂପାୟନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ମାର୍ଗଦର୍ଶନ କରିବେ।

ଉତ୍ସବରେ ଆର୍-ଆଙ୍ଗେଲ୍ ଇନୋଭେସନ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶିକା ରୋଲି ଗର୍ଗ, ହେଟିକ୍‌ର ଜୋନାଲ୍ ହେଡ୍ ପାର୍ଥ ଘୋଷ, ଆର୍-ଆଙ୍ଗେଲ୍ ଇନୋଭେସନ୍ସର ପରିଚାଳନା ନିର୍ଦ୍ଦେଶକ ରତନ ଅଗ୍ରୱାଲ୍ ଓ ତାଙ୍କ ପିତା ବିମଳ ଅଗ୍ରୱାଲ୍ ଓ ମାତା କିରଣ ଦେବୀ ଅଗ୍ରୱାଲ୍ ଉପସ୍ଥିତ ରହି ଷ୍ଟୋର୍‌ର ଶୁଭାରମ୍ଭ କରିଥିଲେ।



# ସୁପ୍ରିମକୋର୍ଟରେ ଇଥାନଲ୍ ମିଶ୍ରଣ ପ୍ରସଙ୍ଗର ଶୁଣାଣି ଆଜି

ନୂଆଦିଲ୍ଲୀ,୩୦।୮: ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ସମ୍ପର୍କିତ ଜନସ୍ୱାର୍ଥ ମାମଲାର ଶୁଣାଣି ସୁପ୍ରିମକୋର୍ଟ ଆସନ୍ତା ୩୧ ତାରିଖ (ସୋମବାର) କରିବେ। ଦେଶରେ ପେଟ୍ରୋଲ ପମ୍ପଗୁଡ଼ିକର ନୋଜଲ୍ ଏବଂ ପେଟ୍ରୋଲ ବିଲ୍‌ରେ ଇଥାନଲ୍‌ର ସଠିକ୍ ମାତ୍ରା ଉଲ୍ଲେଖ ନେଇ ଜନସ୍ୱାର୍ଥ ମାମଲାରେ ଆବେଦନ କରାଯାଇଛି। ଏହି ମାମଲାର ଶୁଣାଣି ସୁପ୍ରିମକୋର୍ଟର ବିଚାରପତି ଏମ୍ଏମ୍ ସୁନ୍ଦରେଶ ଓ ବିଚାରପତି ପ୍ରସନ୍ନା ବି ବରାଲେ କରିବେ। ପେଟ୍ରୋଲ ପମ୍ପରେ ଗାଡ଼ିରେ ତେଲ ପକାଇବା ପାଇଁ ଉପଯୋଗ କରାଯାଉଥିବା ପ୍ରତ୍ୟେକ ନୋଜଲ୍‌ରେ ଇଥାନଲ୍‌ର ପ୍ରତିଶତ ସ୍ପଷ୍ଟ ଭାବେ ଉଲ୍ଲେଖ କରିବା ପାଇଁ ପ୍ରାର୍ଥନା କରାଯାଇଛି। ଏଥିସହିତ ପେଟ୍ରୋଲ କ୍ରୟ ସମୟରେ ଗ୍ରାହକଙ୍କୁ ମିଳୁଥିବା ରସିଦରେ ଏହା ନିଶ୍ଚିତ ଭାବେ ଉଲ୍ଲେଖ ରହିବା ଆବଶ୍ୟକ ଯେ ସେଥିରେ କେତେ ପ୍ରତିଶତ ଇଥାନଲ୍ ମିଶିଛି। ଗାଡ଼ିଗୁଡ଼ିକ ଇ୨୦ କିମ୍ବା ଅନ୍ୟ ଇଥାନଲ୍ ମିଶ୍ରିତ ପେଟ୍ରୋଲ ବ୍ୟବହାର ପାଇଁ ଅନୁକୂଳ କି ନୁହେଁ ତାହା ଜାଣିବା ନିମନ୍ତେ ସରକାର ଏକ ଅନଲାଇନ୍ ଡାଟାବେସ୍ ପ୍ରସ୍ତୁତ କରନ୍ତୁ ଯେଉଁଥିରେ ଗାଡ଼ି ନିର୍ମାତା, ମଡେଲ, ଇଞ୍ଜିନର ପ୍ରକାର ଏବଂ ନିର୍ମାଣ ବର୍ଷ ଅନୁସାରେ ଗାଡ଼ି ଖୋଜିବା ସହଜ ହେବ। ଇ୨୦ ପେଟ୍ରୋଲର ପ୍ରଭାବ ଅନୁଧ୍ୟାନ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବାକୁ ଆବେଦନ କରାଯାଇଛି। ଏହି କମିଟିରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟର ପ୍ରତିନିଧି, ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟର ପ୍ରତିନିଧି, ଭାରତୀୟ ମାନକ ବ୍ୟୁରୋର ପ୍ରତିନିଧି ଏବଂ ସ୍ୱତନ୍ତ୍ର ଅଟୋମୋବାଇଲ ଇଞ୍ଜିନିୟର୍ସ ରହିବା ଆବଶ୍ୟକ। ଏମାନେ ବିଭିନ୍ନ ଦିଗର ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ।




# ଏଚଡିଏଫସି ବ୍ୟାଙ୍କ ସିଇଓ ଶଶିଧର ଜଗଦୀଶନଙ୍କ ଇସ୍ତଫା

ନୂଆଦିଲ୍ଲୀ,୩୦।୮:ଏଚଡିଏଫସି ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଶଶିଧର ଜଗଦୀଶନ ଅକ୍ଟୋବର ମାସରେ ତାଙ୍କ ପଦବୀରୁ ଅବ୍ୟାହତୀ ନେବେ। ଏହାର କାରଣ ହେଉଛି ତାଙ୍କର ବର୍ତ୍ତମାନ କାର୍ଯ୍ୟକାଳ ସମାପ୍ତ ହେବା ପରେ ପୁନର୍ନିଯୁକ୍ତି ଲାଗି ବିଚାର କରିବାକୁ ବ୍ୟାଙ୍କ ମନା କରିଦେଇଛି। ରେଗୁଲେଟରୀ ଫାଇଲିଂରେ ବ୍ୟାଙ୍କ ଏହି ସୂଚନା ଦେଇଛି। ଜଗଦୀଶନ ଅକ୍ଟୋବର ୨୬ ତାରିଖରେ ଚାକିରିରୁ ଅବସର ଗ୍ରହଣ କରିବେ। ଅନ୍ୟପଟେ ଏଚଡିଏଫସି ବ୍ୟାଙ୍କ ବୋର୍ଡ ଜଗଦୀଶନଙ୍କ ଉତ୍ତରାଧିକାରୀ ଚୟନ ଓ ନିଯୁକ୍ତି ପ୍ରକ୍ରିୟାକୁ ଠିକ୍ ସମୟରେ ଚୂଡ଼ାନ୍ତ କରିବାକୁ ନିଷ୍ପତ୍ତି ନେଇଛି। ଫାଇଲିଂରେ କୁହାଯାଇଛି ଯେ ବୋର୍ଡ ତାଙ୍କ ସମର୍ପଣ, ନେତୃତ୍ୱ, ବ୍ୟାଙ୍କର ବୃଦ୍ଧି ଓ ସ୍ଥିରତାରେ ଯୋଗଦାନକୁ ଉଚ୍ଚ ପ୍ରଶଂସା କରୁଛି। ନିକଟରେ ଜଗଦୀଶନଙ୍କ ଉପରେ ମହାରାଷ୍ଟ୍ର ସଡ଼କ ବିକାଶ ନିଗମ (ଏମଏସଆରଡିସି) ମାମଲାରେ ୧ ଲକ୍ଷ ଟଙ୍କାର ଜରିମନା ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଛଡା ବ୍ୟାଙ୍କର ସେୟାର ଗତକିଛି ମାସ ହେଲା ଖରାପ ପ୍ରଦର୍ଶନ କରୁଛି। ଗତ ମାର୍ଚ୍ଚ ମାସରେ ବ୍ୟାଙ୍କର ଅଣକାର୍ଯ୍ୟକାରୀ ଚେୟାରମ୍ୟାନ ଅତନୁ ଚକ୍ରବର୍ତ୍ତୀ ନୈତିକ ଓ ପ୍ରଶାସନିକ ଚିନ୍ତା ଯୋଗୁ ଇସ୍ତଫା ଦେଇଥିଲେ।




# ସୁଭାଷ ବନାମ ମୁକେଶ, ରିଲିଆନ୍ସ ଗ୍ରୁପକୁ ଟାର୍ଗେଟ୍ କଲେ ଏସେଲ୍ ଗ୍ରୁପ୍ ଅଧ୍ୟକ୍ଷ

ନୂଆଦିଲ୍ଲୀ, ୩୦।୮:ଗୁରୁତର ଅଭିଯୋଗ ଆଣିଲେ ଶିଳ୍ପପତି ସୁଭାଷ ଚନ୍ଦ୍ରା। ରିଲିଆନ୍ସ ଗ୍ରୁପ୍ ଅଧକ୍ଷ ମୁକେଶ ଅମ୍ବାନୀଙ୍କ ବିରୋଧରେ ସୁଭାଷ ବଡ଼ ଅଭିଯୋହ ଆଣିଛନ୍ତି। ତାଙ୍କ ବିରୋଧରେ ରିଲିଆନ୍ସ ମାଲିକାନାରେ ଥିବା ଅନେକ ମିଡିଆ ହାଉସ୍ ବା ଗଣମାଧମ ସଂସ୍ଥା ମିଛ ପ୍ରଚାର କରୁଥିବା ସେ କହିଛନ୍ତି। ଜୀ ନ୍ୟୁଜ୍ ର ରିପୋର୍ଟ ଅନୁସାରେ, ସୁଭାଷ ଆହୁରି ମଧ କହିଛନ୍ତି ଯେ, ଜାନୁଆରୀ ୨୦୧୯ରେ ସେ ମୁକେଶଙ୍କୁ ଭେଟିଥିଲେ। ନିଜ ସମସ୍ୟା ବାବଦରେ କହି ସାହାଯ୍ୟ ମାଗିଥିଲେ। ସେହିଦିନ ମୁକେଶଙ୍କର ଲୋକମାନେ ଜୀ ର ସେୟାର ପ୍ରାଇସକୁ ୪୦ ପ୍ରତିଶତ କମାଇ ଦେଇଥିଲେ। ସେମାନେ ତାଙ୍କୁ ଧରିପାରିନଥିଲେ। କାରଣ ମୁକେଶଙ୍କ ହଜାର ହଜାର ବେନାମି କମ୍ପାନୀ ଷ୍ଟକ୍ ଅପରେସନରେ ସାମିଲ ଅଛନ୍ତି। ସେ ଏକଦା ଜୀକୁ ବେଆଇନ ଭାବେ ଅଧିଗ୍ରହଣ କରିବାକୁ ଇଚ୍ଛା ରଖିଥିଲେ। ଏହାକୁ ସେ ନିଜେ ଜୋରଦାର ବିରୋଧ କରିଥିଲେ। ଏହାପରେ ଜୀ ଟିଭି ସୋନୀ ସହ ସାମିଲ ହେବାକୁ ନିଷ୍ପତ୍ତି ନେଇଥିଲା। ସୁଭାଷ ଓ ତାଙ୍କ କମ୍ପାନୀ ଏବଂ ପରିବାର ଲୋକଙ୍କ ଉପରେ ୪୫ ହଜାର କୋଟିର ଋଣ ଥିଲା। ଯାହା ମଧ୍ୟରୁ ୪୩ ହଜାର କୋଟି ସୁଝା ସରିଛି। ଏହାସହ ମୁକେଶଙ୍କୁ ଏପରି ଭୁଲ ଖବର ପ୍ରସାରଣ ପାଇଁ ସୁଭାଷ ମନା କରିଛନ୍ତି। କଣ ପାଇଁ ଅଯଥା ସମସ୍ୟା ସୃଷ୍ଟି କରୁଛନ୍ତି ବୋଲି ସେ ମୁକେଶ ଅମ୍ବାନୀଙ୍କୁ ପଚାରିଛନ୍ତି। ଏପରିକି ତାଙ୍କ ପାଖରେ ହରାଇବାକୁ କିଛି ନାହିଁ ହେଲେ ମୁକେଶଙ୍କ ପାଖରେ ରହିଛି ବୋଲି ସୁଭାଷ ଭିଡିଓରେ କହିଛନ୍ତି।

ଏକ ଭିଡିଓ ବାର୍ତ୍ତାରେ ସୁଭାସ କହିଛନ୍ତି ଯେ, ମୁକେଶଙ୍କ ମାଲିକାନାରେ ଥିବା ଏକ ଟିଭି ସଂସ୍ଥା ମିଛ ପ୍ରଚାର କରୁଛି। ଟିଭିରେ ମିଛ ସୂଚନା ଦେଖାଉଛି। ଏନସିଏଲଟି ତାଙ୍କର ୨୨ ହଜାର କୋଟିର ଋଣକୁ ୬.୫ କୋଟିରେ ହିସାବକିତାବ କରିଦେଇଥିବା ଅମ୍ବାନୀଙ୍କ ମାଲିକାନାରେ ଥିବା ଟିଭି ଦେଖାଉଛି। ଅନ୍ୟ ଦିଗରେ ରିଲିଆନ୍ସ ଏସମସ୍ତ ଅଭିଯୋଗକୁ ଖଣ୍ଡନ କରିଛି। ରିଲିଆନ୍ସ ମୁଖପାତ୍ର କହିଛନ୍ତି ଯେ, ଏଜେଲ ଗ୍ରୁପର ଅଧକ୍ଷ ସୁଭାଷ ଚନ୍ଦ୍ରା ମୂଲ୍ୟହୀନ ଅଭିଯୋଗ କରିଛନ୍ତି। ରିଲିଆନ୍ସ ମାଲିକାନାରେ ଥିବା ମିଡିଆ ହାଉସ ବିରୋଧରେ ସେ ଯେଉଁ ଅଭିଯୋଗ କରିଛନ୍ତି ସେସବୁ ମିଛ ଏବଂ ଭୁଲ। ସମସ୍ତ ଅଭିଯୋଗକୁ ଖଣ୍ଡନ କରୁଛି। ରିଲିଆନ୍ସ ପରିଚାଳିତ ମିଡିଆ ସଂସ୍ଥା କାହାକୁ ହଇରାଣ କରେନାହିଁ। ଏହାସହ ସୁଭାଷ ଚନ୍ଦ୍ରାଙ୍କ ପ୍ରତି ସମ୍ମାନ ରହିଛି। ରିଲିଆନ୍ସ ଗ୍ରୁପର ତାଙ୍କୁ ଶୁଭେଚ୍ଛା ଜଣାଉଥିବା ମୁଖପାତ୍ର ପ୍ରକାଶ କରିଛନ୍ତି।





# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୬,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୮୭୦ ଟଙ୍କା ଓ ୨୨ କ୍ୟାରଟେ ୧,୪୬,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୮୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୫.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୪୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୦୯ ପଇସା ଓ ଡିଜେଲ ଦର ୧୦୨ ଟଙ୍କା ୧୫ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୭ଟଙ୍କା ୬୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୧୦୫.୩୦ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୮୪ ଟଙ୍କା ଥିବାବେଳେ ଡିଜେଲ ଦର ୧୦୦ ଟଙ୍କା ୯୪ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୧୭ ଟଙ୍କା ୬୧ ପଇସା ଥିବା ବେଳେ ଡିଜେଲ ଦାମ ୧୦୫ ଟଙ୍କା୩୦ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## କୂଅରୁ ହେଟାବାଘ ଉଦ୍ଧାର



ରାଇଘର,୩୦।୮ (ସଂଚାର ବ୍ୟୁରୋ)ଃ ରାଇଘର ବ୍ଲକ ବୋବେଇ ପଞ୍ଚାୟତ ଅନ୍ତର୍ଗତ ବୋବେଇ ଗ୍ରାମରେ ଏକ ଜମି ଭିତରେ ଥିବା କୂଅରେ ଦୁଇଟି ହେଟାବାଘ ପଡ଼ିଥିବାର ଦେଖିଥିଲେ ଗ୍ରାମବାସୀ। ହେଟାବାଘ ଦୁଇଟିକୁ ଗ୍ରାମବାସୀ କୂଅ ଭିତରେ ଦେଖିବା ପରେ ବନ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ରାଇଘର ବନ ବିଭାଗ ତରଫରୁ ରାଇଘର ଟାଉନ ଫରେଷ୍ଟର ଅନିରୁଦ୍ଧ ବିଶ୍ୱାଳ, ଫରେଷ୍ଟଗାର୍ଡ ପ୍ରକାଶ ସରକାର, ଫରେଷ୍ଟଗାର୍ଡ ବୁଦ୍ଧେଶ୍ୱମୁଣ୍ଡାଙ୍କ ସହ ତ୍ୱରିତ ଉଦ୍ଧାର ଦଳ, ବନ୍ୟପ୍ରାଣୀ ସୁରକ୍ଷା ବାହିନୀ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଭାବେ ଉଦ୍ଧାର କରି ରାଇଘର ବନ ବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ଏପଟେ ଦୁଇ ହେଟାବାଘଙ୍କୁ ଦେଖିବା ପାଇଁ ଘଟଣାସ୍ଥଳରେ ସହ ସହ ଲୋକଙ୍କ ଭିଡ଼ ଜମିଥିବାର ଦେଖିବାକୁ ମିଳିଥିଲା। ବନ ବିଭାଗ ପକ୍ଷରୁ ହେଟାବାଘ ଦୁଇଟିକୁ ସୁରକ୍ଷିତ ଭାବେ କୂଅରୁ ବାହାର କରି ବନବିଭାଗ କାର୍ଯ୍ୟାଳୟକୁ ଅଣାଯାଇ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରେଇ ପାପଡାହାଣ୍ଡି ମୃଗ ବିହାରରେ ଛାଡିଆସିବେ ବୋଲି ରାଇଘର ରେଞ୍ଜର ଏମ. ଡି ସମିଦ କହିଛନ୍ତି ।

## ଏମିତି ପୁଲିସ କେବେ ଦେଖିଛନ୍ତି ?

# ଚୋର ନୁହେଁ, ଏବେ ଷଣ୍ଢ ହେଲା ଟାର୍ଗେଟ୍

### ବିଫଳତା ଚିଠା ବ୍ଲକରୁ ଜିଲ୍ଲା ପରେ ରାଜ୍ୟ ହୁଲସ୍ଥୁଲ

କାକଟପୁର/ଅସ୍ତରଙ୍ଗ,୩୦।୮ (ସଂଚାର ବ୍ୟୁରୋ)ଃ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ପୋଲିସ ପାଇଁ ଚୋର ବଡ଼ ନୁହେଁ, ଏବେ ଷଣ୍ଢ ହେଲା ଟାର୍ଗେଟ! ଏମିତି ପୋଲିସି କେବେ ଦେଖିଛନ୍ତି ? ପୋଲିସର ନୂଆ ଷ୍ଟାଇଲ ଦେଖି ସାରା ପୁରୀ ଜିଲ୍ଲାରେ ହସ ମଜ୍ଜା ସାଙ୍ଗକୁ ଆକ୍ରୋଶ।

ଗତ କିଛି ମାସ ହେଲା ଅସ୍ତରଙ୍ଗ ଅଞ୍ଚଳରେ ଚୋରୀ, ବାଇକ ଲୁଟ୍, ନିଶା କାରବାର ବଢ଼ି ଚାଲିଛି। ଲୋକେ ଥାନାରୁ ଏସପି ଅଫିସ ଯାଏଁ ବିଫଳତା ଚିଠା ପଠାଇଲେଣି। କିନ୍ତୁ ପୋଲିସର ଗୋଟିଏ ଚୋର ଧରିବାକୁ ହିମ୍ମତ ନାହିଁ। ମାଫିଆ ପାଖରେ ବିଲେଇ ସାଜୁଛି ପୋଲିସ, ହେଲେ ଚାଷୀ ପାଖରେ ବାଘ!

ଶନିବାର ରାତିର ଦୃଶ୍ୟ ସ୍ଥାନୀୟ ଅଂଚଳରେ ଆଶ୍ଚର୍ଯ୍ୟ କରିଛି।ଅସ୍ତରଙ୍ଗ ଥାନା ଅଧୀନ ବଳଭଦ୍ରପୁର ଗାଁରେ ଚାଷ ଜମି ମଝିରେ ୪ଟି ବୁଲା ଷଣ୍ଢ ବନ୍ଧା ହୋଇଛନ୍ତି। ଗାଁ ଲୋକେ ନଡା ପାଣି ଦେଇ ଜଗିଛନ୍ତି। କାରଣ ଏ ଷଣ୍ଢ ଆତଙ୍କରେ ଚାଷୀ ମରୁଛି। ବିଲରେ ସଦ୍ୟ ରୁଆ ହୋଇଥିବା ଧାନ ଖାଇ ସାରିଲେଣି, ରାସ୍ତାରେ ପିଲା ବୁଢ଼ାଙ୍କୁ ଗୋଡାଉଛନ୍ତି। ବ୍ଲକ ଓ ପ୍ରଶାସନକୁ କହି କହି ନୟାନ୍ତ ହୋଇ ଶେଷରେ ଅତିଷ୍ଠ ହୋଇ ଗ୍ରାମବାସୀ ନିଜେ ୪ଟି ଷଣ୍ଢକୁ ଧରି ରଖିଥିଲେ।



ଏ ନେଇ ସ୍ଥାନୀୟ ବାସିନ୍ଦା ମନ୍ଦାକିନୀ ପରିଡା କ୍ଷୋଭର ସହ କହିଛନ୍ତି, "ଚାଷୀଙ୍କର କ୍ଷତି ହେଉଛି, ବାରମ୍ବାର କହୁଛୁ କେହି ଶୁଣୁନାହାନ୍ତି। ଆମେ ଷଣ୍ଢକୁ ବାନ୍ଧି ଖାଇବାକୁ ଦେଉଛୁ, କିନ୍ତୁ ପୋଲିସ କିଏ ଖବର ଦେଲା ପହଞ୍ଚି ଧମକ ଦେଉଛନ୍ତି ଷଣ୍ଢ ଛାଡ଼, ନଚେତ ତୁମ ନାଁରେ ମାମଲା ରୁଜୁ ହେବ। ପୋଲିସ ଷଣ୍ଢକୁ ନେଇ ଥାନାରେ ବାନ୍ଧନ୍ତୁ।"

ଆଉ ଏହା ପରେ ଆସିଲା ପୋଲିସର ହିରୋଗିରି! ବିଶେଷ ସୂତ୍ରରୁ ଖବର ପାଇ ଅସ୍ତରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଲୋକେ ଭାବିଥିଲେ ପୋଲିସ ଷଣ୍ଢ ଗୁଡିକୁ ଗୋଶାଳା ନେବ। ହେଲେ ହେଲା ଓଲଟା। ସାଧାରଣ ଲୋକଙ୍କ ସମସ୍ୟା ବୁଝି ଷଣ୍ଢକୁ ଗୋଶାଳାକୁ ପଠାଇବା ପରିବର୍ତ୍ତେ ମାମଲା ଧମକ! ଆରେ ଆଶ୍ଚର୍ଯ୍ୟ ! ଗୋଶାଳା ନେବା ପରିବର୍ତ୍ତେ ମାମଲା ଧମକ? ଏହା ପୋଲିସ ନା ଗୋ-ମାଫିଆର ଦଲାଲ? ବୋଲି ଅଞ୍ଚଳବାସୀ ତୀବ୍ର ନିନ୍ଦା କରିଛନ୍ତି। ପୋଲିସର ଏଭଳି ଦାଦାଗିରିରେ ବିଳମ୍ବିତ ରାତିରେ ଶତାଧିକ ଲୋକ ଆକ୍ରୋଶ ପଡିଲେ। ଥାନା ଗାଡିକୁ ଗାଁ ମଝିରେ ଅଟକ ରଖି ସିଧା କହିଲେ - ଆଗ ଷଣ୍ଢ ସମସ୍ୟାର ସ୍ଥାୟୀ ସମାଧାନ କର, ତାପରେ ଗାଡି ଯିବ। ଚାଷୀକୁ ଧମକ ନୁହେଁ, ସୁରକ୍ଷା ଦିଅ। ପରେ ବୁଝାମଣା ପରେ ଅସ୍ତରଙ୍ଗ ପୋଲିସ ଗାଡ଼ି ବିଳମ୍ବିତ ରାତିରେ ଫେରିଥିଲା। ଶେଷରେ ଅଞ୍ଚଳବାସୀ ଦାବି ରଖିଛନ୍ତି - ତୁରନ୍ତ ଏ ଅଞ୍ଚଳରେ ସ୍ଥାୟୀ ଗୋଶାଳା ନିର୍ମାଣ ହେଉ, ବୁଲା ଷଣ୍ଢ ସମସ୍ୟାର ସ୍ଥାୟୀ ସମାଧାନ ହେଉ। ଏସପି ସାହେବ ଶୁଣୁଛନ୍ତି କି ? ଅସ୍ତରଙ୍ଗ ପୋଲିସର ଏ ଦାଦାଗିରି ବନ୍ଦ ନହେଲେ ଲୋକେ ଥାନା ଘେରାଓ କରିବାକୁ ଚେତାବନୀ ଦେଇଛନ୍ତି।

# ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ

### ଦୁର୍ଗମ ଅଞ୍ଚଳରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଲେ, ଭଙ୍ଗା ପୋଲ ମରାମତି ପାଇଁ ପ୍ରତିଶ୍ରୁତି

ଫୁଲବାଣୀ,୩୦।୮ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଅନ୍ତର୍ଗତ କଟ୍ରିଙ୍ଗିଆ ପଞ୍ଚାୟତର ରାଣିଶିବାଲି ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ ଫୁଲବାଣୀ ମଣ୍ଡଳ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଟ୍ରିଙ୍ଗିଆ ପଞ୍ଚାୟତର ଶକ୍ତି କେନ୍ଦ୍ର ପ୍ରମୁଖ ତଥା ପଞ୍ଚାୟତ ସଭାପତି ଅନନ୍ତ କହଁରଙ୍କ ତତ୍ତ୍ୱାବଧାନରେ ଏବଂ ଫୁଲବାଣୀ ଗ୍ରାମୀଣ ମଣ୍ଡଳ ସଭାପତି ଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଫୁଲବାଣୀ ବିଧାୟକ ଉମାଚରଣ ମଲିକ ଯୋଗଦେଇଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ, ଦଳୀୟ କର୍ମକର୍ତ୍ତା ଓ ସମର୍ଥକ ଉପସ୍ଥିତ ଥିଲେ। ବିଧାୟକଙ୍କ ଆଗମନକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତାମାନେ ନିଜ ନିଜ ଅଭିଭାଷଣ ରଖିଥିଲେ। ବିଧାୟକ ଶ୍ରୀ ମଲିକ ତାଙ୍କ ଅଭିଭାଷଣରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଦେଶର ବିଭିନ୍ନ ପ୍ରାନ୍ତର ସଫଳତା, ଅଭିନବ ପଦକ୍ଷେପ ଓ ଜନସାଧାରଣଙ୍କ ପ୍ରେରଣାଦାୟୀ କାର୍ଯ୍ୟକୁ ଜାଣିବାର ଏକ ମାଧ୍ୟମ ବୋଲି କହିଥିଲେ। ପ୍ରତ୍ୟେକ ମାସର ଶେଷ ଚତୁର୍ଥ ରବିବାର ଦିନ ଗ୍ରାମବାସୀ ଏକାଠି ହୋଇ 'ମନ୍ କି ବାତ୍' ଶୁଣିବାକୁ ସେ ଆହ୍ୱାନ ଦେଇଥିଲେ। ପ୍ରାୟ ଏକ ଘଣ୍ଟା ଧରି ସମସ୍ତେ କାର୍ଯ୍ୟକ୍ରମ ଶୁଣିଥିଲେ।

'ମନ୍ କି ବାତ୍' କାର୍ଯ୍ୟକ୍ରମ ପରେ ବିଧାୟକ ଉମାଚରଣ ମଲିକ ଦୁର୍ଗମ ଅଞ୍ଚଳର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ଅନୁଧ୍ୟାନ କରିଥିଲେ। କଟ୍ରଙ୍ଗିଆ ପଞ୍ଚାୟତ ର ଦୋକାନପଦର, ପାଲ୍ଲି, ଗାଡ଼ିପଦର ଏବଂ ଝାମଝିର ପଞ୍ଚାୟତର କିଲୁପଙ୍ଗା, କୁଦାଲି, ମୁଣ୍ଡାସାହି ସମେତ ବିଭିନ୍ନ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ବୈଠକ କରିଥିଲେ। ଝିପିଝିପି ବର୍ଷା ଓ କାଦୁଆ ରାସ୍ତାକୁ ଖାତିର ନକରି ବିଧାୟକ ଚାଲିଚାଲି ଦୁର୍ଗମ ଗ୍ରାମଗୁଡ଼ିକରେ ପହଞ୍ଚିବା ସହ ଲୋକଙ୍କ ନିକଟରୁ ସମସ୍ୟା ଶୁଣିଥିଲେ। ରାସ୍ତାଘାଟ, ମନ୍ଦିର, କମ୍ୟୁନିଟି ଗୃହ ସମେତ ଅନ୍ୟାନ୍ୟ ମୌଳିକ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କ ସହ ସେ ଆଲୋଚନା କରିଥିଲେ। କିଲୁପଙ୍ଗା ଗ୍ରାମକୁ ଯିବା ରାସ୍ତାରେ ଦୀର୍ଘ ପ୍ରାୟ ୩ ବର୍ଷ ଧରି ଏକ ପୋଲ ଭଙ୍ଗା ଅବସ୍ଥାରେ ପଡ଼ିଥିବା ବିଧାୟକଙ୍କ ଦୃଷ୍ଟିକୁ ଆସିଥିଲା। ପୋଲଟିର ଅଧା ଅଂଶ ଭାଙ୍ଗିଯାଇଥିବା ଦେଖି ବିଧାୟକ ଦୁଃଖ ପ୍ରକାଶ କରିଥିଲେ। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସମ୍ପୃକ୍ତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସେ ଗ୍ରାମବାସୀଙ୍କୁ ଆଶ୍ୱାସନ ଦେଇଥିଲେ।

ଦୁର୍ଗମ ଅଞ୍ଚଳର ଲୋକଙ୍କ ସମସ୍ୟାକୁ ନିଜେ ନିକଟରୁ ବୁଝିବା ଏବଂ ତାହାର ସମାଧାନ ପାଇଁ ପ୍ରଶାସନିକସ୍ତରରେ ଆଲୋଚନା କରିବା ବିଧାୟକଙ୍କ ଏହି ପଦକ୍ଷେପକୁ ଗ୍ରାମବାସୀମାନେ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ ଅଞ୍ଚଳର ମୌଳିକ ସମସ୍ୟାଗୁଡ଼ିକର ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ବୋଲି ବିଧାୟକ ଶ୍ରୀ ମଲିକ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ଜାତୀୟ କ୍ରୀଡ଼ା ଦିବସ-୨୦୦୬ ପାଳନ ଅବସରରେ ପଦଯାତ୍ରା

ଢେଙ୍କାନାଳ,୩୦।୮ (ସଂଚାର ବ୍ୟୁରୋ)ଃ କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶକ୍ରମେ ହକିର ଯାଦୁକର ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଜାତୀୟ କ୍ରୀଡ଼ା ଦିବସ- ୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ଆଜି ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ ଢେଙ୍କାନାଳ ଷ୍ଟାଡ଼ିୟମ ଠାରେ ଏକ ପଦଯାତ୍ରା ଆୟୋଜନ କରାଯାଇଥିଲା। ଦୀପ୍ତି ରଞ୍ଜନ ସେଠୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଏହି ପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଦୟାନିଧି ପାତ୍ର, ଜିଲ୍ଲା ଅଗ୍ନିଶମ ଅଧିକାରୀ ଶ୍ରୀ ଦୀନବନ୍ଧୁ ମଲ୍ଲିକଙ୍କ ସମେତ ବହୁ କ୍ରୀଡ଼ାବିତ୍ ଓ ଯୁବକ-ଯୁବତୀ ପଦଯାତ୍ରାରେ ଯୋଗ ଦେଇଥିଲେ । ଏହି ଅବସରରେ ଢେଙ୍କାନାଳ ଜିଲ୍ଲାର ଗର୍ବ, ଭାରୋତ୍ତୋଳନ ପ୍ରଶିକ୍ଷକ ଗୋପାଳ କୃଷ୍ଣ ଦାସ "ବିଜୁ ପଟ୍ଟନାୟକ ପୁରସ୍କାର - ଶ୍ରେଷ୍ଠ ପ୍ରଶିକ୍ଷକ ପୁରସ୍କାର- ୨୦୨୬"ରେ ସମ୍ମାନିତ ହୋଇଥିବାରୁ ତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ଶ୍ରୀ ଗୋପାଳ କୃଷ୍ଣ ଦାସଙ୍କ ଏହି ସଫଳତା ସମଗ୍ର ଢେଙ୍କାନାଳ ଜିଲ୍ଲା ପାଇଁ ଗୌରବର ବିଷୟ ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ସେଠୀ ପ୍ରକାଶ କରିଥିଲେ।



## ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଆଇନ ସଚେତନତା କର୍ମଶାଳା




ନବରଙ୍ଗପୁର, ଉମରକୋଟ,୩୦।୮ (ସଂଚାର ବ୍ୟୁରୋ)ଃ ସ୍ଥାନୀୟ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଉମରକୋଟ ପ୍ରାଙ୍ଗଣରେ ଆୟୋଜିତ ଏହି ଆଇନ ସଚେତନତା କର୍ମଶାଳା କାର୍ଯ୍ୟକ୍ରମ ରେ ଶିଶୁ, ମହିଳା ତଥା କର୍ମଜୀବୀ ମହିଳାଙ୍କ ପ୍ରତି ଯୌନ ନିର୍ଯ୍ୟାତନା ଭଳି ଗୁରୁତ୍ୱପୂର୍ଣ୍ଣ ଆଇନ ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମଟି ମହାବିଦ୍ୟାଳୟର ପ୍ରିନ୍ସିପାଲ ଅଧ୍ୟକ୍ଷ ଡ଼ଃ ଅନିଲ ମିଶ୍ରଙ୍କ ନିର୍ଦ୍ଦେଶରେ ଦାୟିତ୍ୟରେ ଥିବା ସଂଯୋଜିକା ତଥା ଅଧ୍ୟାପିକା ସୁରଭି ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଆୟୋଜିତ ଏହି ଆଇନ ଶିବିରରେ ବରିଷ୍ଟ ଓକିଲ ଶ୍ରୀନିବାସ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ, "କାର୍ଯ୍ୟସ୍ଥଳୀରେ ମହିଳା କର୍ମୀଙ୍କ ଯୌନ ନିର୍ଯ୍ୟାତନା (ପ୍ରତିରୋଧ/ ନିବାରଣ, ନିଷେଦ୍ଧ ତଥା ପ୍ରତିକାର) ଆଇନ ୨୦୧୩", "ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଅଧିନିୟମ, ୨୦୧୨" ଏବଂ "ଆଣ୍ଟି ରାଗିଙ୍ଗ ଅଧିନିୟମ" ଭଳି ଗୁରୁତ୍ୱ ପୂର୍ଣ୍ଣ ଆଇନ ସମ୍ପର୍କରେ ଉଦବୋଧନ ଦେଇ ଉପସ୍ଥିତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀବୃନ୍ଦଙ୍କୁ ସଚେତନ କରିଥିଲେ। ମଂଚାସୀନ ଭାଇସ ପ୍ରିନ୍ସିପାଲ ରାମଶଙ୍କର ପଟ୍ଟନାୟକ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିବା ବେଳେ, ଅଧ୍ୟାପକ ଡ଼ଃ ପ୍ରଦୋଷ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ, ଡ଼ଃ ଜି.ଧର୍ମେନ୍ଦ୍ର, ସମୀର ମହାନ୍ତି, ଆଦୁ କ୍ରିଷାନୀ, ଅଶୋକ କୁଜୁର, କୁମାରୀ ରଂଜିତା ରଥ, ଦୀପ୍ତି ଦାଶ, ଭାଗ୍ୟଶ୍ରୀ ସାମଲ, ବୈଶାଳୀ ବିଶୋଇ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## କନ୍ଧମାଳ ପୁଲିସର ନିଶାମୁକ୍ତ ଅଭିଯାନ ଆରମ୍ଭ




ଫୁଲବାଣୀ,୩୦।୮ (ସଂଚାର ବ୍ୟୁରୋ)ଃ ନିଶାମୁକ୍ତ ଭାରତ ଓ ନିଶାମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ କନ୍ଧମାଳ ପୋଲିସ ପକ୍ଷରୁ 'ନିଶାମୁକ୍ତ ଅଭିଯାନକୁ ଜୋରଦାର କରାଯାଇଛି। ଓଡ଼ିଶାକୁ ଆଗାମୀ ତିନି ବର୍ଷ ମଧ୍ୟରେ ନିଶାମୁକ୍ତ କରିବା ଲକ୍ଷ୍ୟରେ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଏହି ବ୍ୟାପକ ସଚେତନତା ଅଭିଯାନ ଆରମ୍ଭ ହୋଇଛି।କନ୍ଧମାଳ ଜିଲ୍ଲା ପୋଲିସ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ ସହଯୋଗ ଏବଂ ଏସ୍‌ପି ରାମେନ୍ଦ୍ର ପ୍ରସାଦ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ସ୍କୁଲ ଓ କଲେଜରେ ନିଶାବିରୋଧୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବିଶେଷକରି ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କୁ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନ କରିବା ସହ ନିଶାଠାରୁ ଦୂରେଇ ରହିବା ପାଇଁ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି।

ଏହି କ୍ରମରେ ଶୁକ୍ରବାର ଜିଲ୍ଲାର ୩୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ 'ନିଶାମୁକ୍ତ କନ୍ଧମାଳ' ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଜିଲ୍ଲାର ୧୮ଟି ଥାନାକୁ ମଧ୍ୟ ଏହି ଅଭିଯାନ ସହ ସଂଯୋଜିତ କରାଯାଇଛି। ଫୁଲବାଣୀ ସହରର ପିଏମ୍‌ଶ୍ରୀ ଏ.ଜେ.ଓ. ଉଚ୍ଚ ବିଦ୍ୟାଳୟ, ସୁଡୁକୁମ୍ପା ବିଦ୍ୟାଳୟ ଏବଂ ଫୁଲବାଣୀ ଅଟୋନୋମସ୍ କଲେଜରେ ମଧ୍ୟ ନିଶାବିରୋଧୀ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।

ଏହି ଅବସରରେ କନ୍ଧମାଳ ଏସ୍‌ପି ରାମେନ୍ଦ୍ର ପ୍ରସାଦ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଶା ସେବନର ଭୟାବହ କୁପ୍ରଭାବ ସମ୍ପର୍କରେ ସଚେତନ କରିଥିଲେ। ନିଶା ସେବନ କିପରି ଯୁବପିଢ଼ିଙ୍କୁ ପଥଭ୍ରଷ୍ଟ କରୁଛି ଏବଂ ଏହା ସେମାନଙ୍କ ପାଠପଢ଼ା, ମାନସିକ ସ୍ଥିତି, ପରିବାର ଓ ଭବିଷ୍ୟତ ଉପରେ କିପରି ନକାରାତ୍ମକ ପ୍ରଭାବ ପକାଉଛି, ସେନେଇ ସେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଜୀବନର ମୂଲ୍ୟବାନ ସମୟକୁ ନିଶା ପଛରେ ନଷ୍ଟ ନକରି ଶିକ୍ଷା, କ୍ରୀଡ଼ା ଓ ସୃଜନଶୀଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ସେ ଆହ୍ୱାନ ଦେଇଥିଲେ। କେବଳ ସଚେତନତା ସୃଷ୍ଟିରେ ସୀମିତ ନରହି ଛାତ୍ରଛାତ୍ରୀଙ୍କୁ ଖେଳକୁଦ ପ୍ରତି ଆକୃଷ୍ଟ କରିବା ଏବଂ ନିଶାଠାରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଭଲିବଲ୍ ମ୍ୟାଚ୍ ମଧ୍ୟ ଆୟୋଜନ କରାଯାଇଥିଲା।

## ଉଚ୍ଚ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ମାନବୃଦ୍ଧି ନିମନ୍ତେ ସମୀକ୍ଷା ବୈଠକ

ଖୋର୍ଦ୍ଧା,୩୦।୮ (ସଂଚାର ବ୍ୟୁରୋ)ଃ ଖୋର୍ଦ୍ଧା ଜିଲ୍ଲା ଚିଲିକା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଇନ,ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ତଥା ବିଧାୟକ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ଉଚ୍ଚ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ପ୍ରସାର,ଶିକ୍ଷାର ମାନବୃଦ୍ଧି ଏବଂ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ପାସ ହାରକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।



ଉକ୍ତ ବୈଠକରେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା, ଛାତ୍ରଛାତ୍ରୀଙ୍କ ଉପସ୍ଥାନ, ଶିକ୍ଷଣ ଦକ୍ଷତା, ପାଠପଢ଼ାର ଗୁଣବତ୍ତା, ପରୀକ୍ଷା ପ୍ରସ୍ତୁତି ଏବଂ ପୂର୍ବ ପରୀକ୍ଷା ଫଳାଫଳ ସମ୍ପର୍କରେ ଆଲୋଚନା କରାଯାଇଥିଲା।ବିଶେଷ କରି ଯେଉଁ ବିଦ୍ୟାଳୟ ଗୁଡ଼ିକରେ ପରୀକ୍ଷା ଫଳାଫଳ ଆଶାନୁରୂପ ହୋଇନାହିଁ,ସେଠାରେ ଏହାର କାରଣ ଚିହ୍ନଟ କରି ଆବଶ୍ୟକ ସୁଧାରମୂଳକ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଛାତ୍ରଛାତ୍ରୀଙ୍କ ଶିକ୍ଷଣ ଦକ୍ଷତା ବୃଦ୍ଧି ସହ ଦୁର୍ବଳ ବିଷୟଗୁଡ଼ିକ ପ୍ରତି ଅଧିକ ଧ୍ୟାନ ଦେବା,ଆବଶ୍ୟକ ସ୍ଥଳରେ ଅତିରିକ୍ତ ଶିକ୍ଷାଦାନ ଓ ଅଭ୍ୟାସ କାର୍ଯ୍ୟକ୍ରମ କରିବା, ନିୟମିତ ଭାବେ ପରୀକ୍ଷା ଓ ମୂଲ୍ୟାୟନ କରିବା ଏବଂ ଶିକ୍ଷକ-ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମନ୍ୱୟ ରଖିବା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜର ପ୍ରତିଭା,ସାମର୍ଥ୍ୟ ଓ ଦକ୍ଷତା ଅନୁଯାୟୀ ଆଗକୁ ବଢ଼ିପାରିବେ, କୌଣସି ଛାତ୍ରଛାତ୍ରୀ ଯେପରି ଶିକ୍ଷାରୁ ବଞ୍ଚିତ ନହୁଅନ୍ତି ଏବଂ ଚିଲିକା ନିର୍ବାଚନ ମଣ୍ଡଳୀର ବିଦ୍ୟାଳୟଗୁଡ଼ିକର ପରୀକ୍ଷା ଫଳାଫଳକୁ ଆଗାମୀ ଦିନରେ ଆହୁରି ଉତ୍କୃଷ୍ଟ କରାଯାଇପାରିବ,ସେ ଦିଗରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଅଧିକାରୀ, ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀ ମାନଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ,ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନା ବେହେରା,ଉପାଧ୍ୟକ୍ଷ ଅରୁଣ ପଟ୍ଟନାୟକ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମଧୁସ୍ମିତାତ୍ରିପାଠୀଙ୍କସମେତବ୍ଲକଶିକ୍ଷାଅଧିକାରୀ, ସମସ୍ତ ପ୍ରଧାନଶିକ୍ଷକ,ପ୍ରଧାନଶିକ୍ଷୟିତ୍ରୀ, ସମସ୍ତ ସିଆରସିସି ପ୍ରମୁଖ ଉପସ୍ଥିତ ଥିଲେ।

### ଅବକାରୀ ବିଭାଗର ଚଢ଼ାଉ

## ୨୭ ଲିଟର ମଦ ସହ ବାଇକ ଜବତ, ଜଣେ ଗିରଫ

ନୀଳଗିରି,୩୦।୮ (ସଂଚାର ବ୍ୟୁରୋ)ଃ ଆଜି ନୀଳଗିରି ଅବକାରୀ ବିଭାଗ ଦ୍ୱାରା ଚଢ଼ାଉ କରାଯାଇ ଜଣେ ବେପାରୀ କୁ ଗିରଫ କରାଯାଇଥିବା ବେଳେ ୨୭ଲିଟର ବିଦେଶୀ ମଦ ଓ ବ୍ୟବହୃତ ବାଇକ ଜବତ କରାଯାଇଛି ।ସୂଚନା ଯୋଗ୍ୟ ନୀଳଗିରି ଅବକାରୀ ବିଭାଗ ଅନ୍ତର୍ଗତ ବଉଳଗଡିଆ ବଜାର ଅଞ୍ଚଳରେ ଏକ ଅବକାରୀ ବିଭାଗ ତରଫରୁ ଚଢାଉ କରାଯାଇଥିଲା। ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ୨୭ ଲିଟର ବିଦେଶୀ ମଦ ଓ ଗୋଟିଏ ମୋଟରସାଇକେଲ ଜବତ କରାଯାଇଛି। ସେ ହେଲେ ସୋରୋ ଥାନା ଦିଗ ପହଣ୍ଡି ଗ୍ରାମର ସ୍ୱର୍ଗତ ରାମଚନ୍ଦ୍ର ରାଉତ ଙ୍କ ପୁଅ ଉମେଶ କୁମାର ରାଉତ ବୋଲି ଜଣା ପଡ଼ିଛି। ଏନେଇ ତାଙ୍କ ବିରୁଦ୍ଧରେ ପି. ଆର.କେଶ ନମ୍ବର ୧୫୯/୨୬-୨୭ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।




### ପ୍ରେମ ବିବାହ ପରେ ପାରିବାରିକ ବିବାଦ

## ଜମି ବିକ୍ରିକୁ ନେଇ ରକ୍ତାକ୍ତ ସଂଘର୍ଷ

ବାଲିକୁଦା,୩୦।୮ (ସଂଚାର ବ୍ୟୁରୋ)ଃ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଧିନସ୍ଥ ତଣ୍ଡିକୁଳ ଗ୍ରାମରେ ଗତକାଲି ରାତିରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସୂଚନାରୁ ପ୍ରକାଶ ଯେ, ତଣ୍ଡିକୁଳ ଗ୍ରାମର ଜ୍ୟୋତି ପ୍ରକାଶ ସ୍ୱାଇଁ ଏବଂ ତାଙ୍କ ଶଳା ବିକ୍ରମ ସ୍ୱାଇଁଙ୍କୁ, ପ୍ରକାଶର ସାନ ଭାଇ ବିଶ୍ୱ ପ୍ରକାଶ ସ୍ୱାଇଁ କଟୁରୀରେ ମରଣାତ୍ମକ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣରେ ପ୍ରକାଶ ଏବଂ ତାଙ୍କ ଶଳା ବାଲିକୁଦା ମେଡିକାଲରେ ଚିକିତ୍ସିତ ହେଉଛନ୍ତି।




ପ୍ରକାଶଙ୍କ ଧର୍ମପତ୍ନୀ ରାଜଶ୍ରୀ ସ୍ୱାଇଁଙ୍କ କହିବା ଅନୁଯାଇ ସେ ପ୍ରକାଶଙ୍କୁ ପ୍ରେମ ବିବାହ କରିଥିଲେ। ଏହି ବିବାହରେ ତାଙ୍କ ଶଶୁରଘର ଲୋକେ ନାରାଜ ଥିଲେ। ଏହି ରାଗ ରଖି ଶଶୁର ଜମି ବିକ୍ରି କରିଦେବା ସହ ତାଙ୍କୁ ଯୌତୁକ ନିର୍ଯ୍ୟାତନା ଦେଇଆସୁଥିଲେ। ଯାହାଫଳରେ ପ୍ରକାଶ ନିଜ ପରିବାର ସହ ଭୁବନେଶ୍ୱରରେ ଘରଭଡା ନେଇ ରହିଆସୁଥିଲେ। ପ୍ରକାଶର ବାପା ରଞ୍ଜନ ସ୍ୱାଇଁ ପ୍ରକାଶର ଅଜାଣତରେ ଜମି ବିକ୍ରି କରିଥିବା ଖବର ପାଇ ଗତକାଲି ସନ୍ଧ୍ୟାରେ ପ୍ରକାଶ, ତାର ପତ୍ନୀ ଏବଂ ଛୋଟ ପୁଅକୁ ଧରି ତଣ୍ଡିକୁଳ ଘରେ ପଂହଁଚି ଜମି ବିକ୍ରି ବାବଦରେ ବାପା ଏବଂ ସାନ ଭାଇକୁ ପଚାରିଥିଲେ। ଉକ୍ତ ଘଟଣାକୁ ନେଇ ଉଭୟଙ୍କ ମଧ୍ୟରେ କଳିଗୋଳ ହୋଇଥିଲା। ପରେ ଏହି ଘଟଣା ଏତେ ଉଗ୍ର ରୂପ ନେଇଥିଲା ଯେ, ପ୍ରକାଶର ସାନ ଭାଇ ବିଶ୍ୱ ପ୍ରକାଶ ସ୍ୱାଇଁ ଏବଂ ତାଙ୍କ ବାପା ରଞ୍ଜନ ସ୍ୱାଇଁ ରାତିରେ ଏକ କଟୁରୀରେ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ, ଯେଉଁଥିରେ ପ୍ରକାଶର ବେକ ଏବଂ ବିକ୍ରମର ହାତ ସହିତ ଶରୀରର ଅନେକ ଅଂଶ କ୍ଷତ ବିକ୍ଷତ ହେବା ସହ ପ୍ରବଳ ରକ୍ତ ସ୍ରାବ ହୋଇଥିଲା। ଏହା ଦେଖି ପ୍ରକାଶର ପତ୍ନୀ ୧୧୨କୁ ଫୋନ କରିଥିଲେ। ୧୧୨ ପହଂଚି ପ୍ରକାଶର ବାପା ରଞ୍ଜନ ସ୍ୱାଇଁଙ୍କୁ ନିଜ ହେପାଜତକୁ ଆଣି ବାଲିକୁଦା ପୁଲିସକୁ ହସ୍ତାନ୍ତର କରିଥିଲେ। ପୁଲିସ ରଞ୍ଜନ ସ୍ୱାଇଁଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ପାଇଁ ପଚରା ଉଚରା ଚଳାଇଛି। ଅନ୍ୟ ପଟେ ମୁଖ୍ୟ ଅଭିଯୁକ୍ତ ସାନ ଭାଇ ବିଶ୍ୱ ପ୍ରକାଶ ଫେରାର ଥିବା ଜଣା ପଡିଛି।

### ଅସହାୟଙ୍କ ପାଇଁ ସାହାରା ପାଲଟିଛି ବିନ୍ଦୁମିନା ସେବା ଫାଉଣ୍ଡେସନ

# ମୃତଦେହ ଘରକୁ ଆଣିବାକୁ ବଢ଼ାଇଲେ ସହାୟତାର ହାତ



ଭବାନୀପାଟଣା/ଗୋଲାମୁଣ୍ଡା, ୩୦।୮ (ସଂଚାର ବ୍ୟୁରୋ)ଃ ଅସହାୟ ଓ ଗରିବ ଲୋକଙ୍କ ଦୁଃଖ ସମୟରେ ସହାୟତାର ହାତ ବଢ଼ାଇ ମାନବିକତାର ଏକ ଉଦାହରଣ ସୃଷ୍ଟି କରିଛି ବିନ୍ଦୁମିନା ସେବା ଫାଉଣ୍ଡେସନ। ଜଣେ ଅସହାୟ ପରିବାରର ମୃତଦେହ ହସ୍ପିଟାଲରୁ ଗାଁକୁ ଆଣିବା ପାଇଁ ଗାଡ଼ିର ବ୍ୟବସ୍ଥା ହୋଇପାରୁନଥିବା ବେଳେ ଫାଉଣ୍ଡେସନ ପକ୍ଷରୁ ତୁରନ୍ତ ଗାଡ଼ି ଯୋଗାଇ ଦିଆଯିବା ଫଳରେ ପରିବାର ଲୋକେ ମୃତଦେହକୁ ନିଜ ଗାଁକୁ ନେଇ ଶେଷକୃତ୍ୟ ସମ୍ପନ୍ନ କରିପାରିଛନ୍ତି।

ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ କୁଟରାବାହାଲି ଗାଁର ଦେବକୀ ତାଣ୍ଡି ଏକ ବାଇକ୍ ଦୁର୍ଘଟଣାରେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ପାଇଁ ଭବାନୀପାଟଣା ହସ୍ପିଟାଲକୁ ନିଆଯାଇଥିଲା। ତେବେ ଡାକ୍ତର ପରୀକ୍ଷା କରିବା ପରେ ଦେବକୀଙ୍କୁ ମୃତ ଘୋଷଣା କରିଥିଲେ।

ଏହାପରେ ମୃତଦେହଟି ରାତିସାରା ହସ୍ପିଟାଲରେ ରହିଥିଲା। ପରଦିନ ସକାଳେ ଆବଶ୍ୟକ ଶବ ପଞ୍ଚନାମା ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ଏହାପରେ ପରିବାର ଲୋକଙ୍କ ସମ୍ମୁଖରେ ଆଉ ଏକ ବଡ଼ ସମସ୍ୟା ଦେଖାଦେଇଥିଲା। ମୃତଦେହକୁ ଭବାନୀପାଟଣା ହସ୍ପିଟାଲରୁ ନିଜ ଗାଁ କୁଟରାବାହାଲିକୁ ନେବା ପାଇଁ ଗାଡ଼ିର ବ୍ୟବସ୍ଥା ହୋଇପାରୁନଥିଲା।

ଗୋଟିଏ ପଟେ ପରିବାରର ଜଣେ ସଦସ୍ୟଙ୍କୁ ହରାଇବାର ଦୁଃଖ, ଅନ୍ୟପଟେ ମୃତଦେହକୁ ଘରକୁ ନେବା ପାଇଁ ଗାଡ଼ି ମିଳୁନଥିବାରୁ ପରିବାର ଲୋକେ ଅସହାୟ ହୋଇପଡ଼ିଥିଲେ। ଏପରି ଦୁଃଖଦ ପରିସ୍ଥିତିରେ ଭକ୍ତି ବାଗ, ଅନନ୍ତ ତାଣ୍ଡି, ବିଶ୍ୱଜିତ ସେନାପତି ଓ ଶଙ୍କର ତାଣ୍ଡି ପ୍ରମୁଖ ବିନ୍ଦୁମିନା ସେବା ଫାଉଣ୍ଡେସନର ଅଧ୍ୟକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦଙ୍କ ସହ ଯୋଗାଯୋଗ କରିଥିଲେ।

ଖବର ପାଇବା ମାତ୍ରେ ଫାଉଣ୍ଡେସନ ଅଧ୍ୟକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦ ଘଟଣାର ଗମ୍ଭୀରତାକୁ ବୁଝି ତୁରନ୍ତ ମୃତଦେହକୁ ଗାଁକୁ ନେବା ପାଇଁ ଏକ ଗାଡ଼ିର ବ୍ୟବସ୍ଥା କରିଥିଲେ। ଫଳରେ ମୃତଦେହକୁ ହସ୍ପିଟାଲରୁ କୁଟରାବାହାଲି ଗାଁକୁ ନିଆଯାଇଥିଲା। ପରେ ପରିବାର ଓ ସମ୍ପର୍କୀୟଙ୍କ ଉପସ୍ଥିତିରେ ମୃତକଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ଦୁଃଖର ସମୟରେ ଏହି ସହାୟତା ପରିବାର ପାଇଁ ଏକ ବଡ଼ ଆଶ୍ୱାସନ ପାଲଟିଥିବା କୁହାଯାଉଛି। ଆର୍ଥିକ ଅସୁବିଧା କିମ୍ବା ଅନ୍ୟାନ୍ୟ ସମସ୍ୟା କାରଣରୁ ଯେତେବେଳେ ଅସହାୟ ପରିବାର ନିଜ ପରିଜନଙ୍କ ମୃତଦେହକୁ ଘରକୁ ନେବାରେ ଅସମର୍ଥ ହୋଇପଡ଼ନ୍ତି, ସେତେବେଳେ ଏଭଳି ସହଯୋଗ କେବଳ ଏକ ସେବା ନୁହେଁ, ବରଂ ମାନବିକତାର ପରିଚୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ବିଶ୍ୱକର୍ମା ସମାଜ ରାଜଶ୍ରୀ ଟ୍ରଷ୍ଟର ବାର୍ଷିକ ଉତ୍ସବ

ହିଞ୍ଜିଳିକାଟୁ, ୩୦।୮ (ସଂଚାର ବ୍ୟୁରୋ)ଃହିଞ୍ଜିଳିକାଟୁ ନିକଟବର୍ତ୍ତୀ ବୁରୁପଡା ମା ' ଶ୍ୟାମାଳାଈଙ୍କ ପୀଠ ପରିସରରେ ଗଞ୍ଜାମ ଜିଲ୍ଲା ବିଶ୍ୱକର୍ମା ସମାଜର ଦ୍ୱିତୀୟ ମହାସଭା ପରିଚାଳନା କମିଟି ଅଧ୍ୟକ୍ଷ ଅଜୟ କୁମାର ମହାରଣାଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ କାମ କରୁଥିବା ଭାଇମାନଙ୍କ କାର୍ଯ୍ୟାଧାରାର ବିକାଶ କରିବା ଓ ସହଯୋଗର ହାତ ବଢ଼ାଇ ଜାତି ଭାଇର ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ ହେବା ଏବଂ ପ୍ରତ୍ୟେକ ତାଲୁକାର ଥିବା ସମସ୍ୟାର ସମାଧାନ ଓ ଏକତ୍ରୀକରଣ କରି ଶୃଙ୍ଖଳା ରଖିବା ଏହାର ମୂଳ ଉଦ୍ଦେଶ୍ୟ ଥିଲା । ୩୪ ତମ ତାଲୁକା ବିଶ୍ୱକର୍ମା ସମାଜ ରାଜଶ୍ରୀ ଟ୍ରଷ୍ଟ ଅଧ୍ୟକ୍ଷ ରାଜଶ୍ରୀ ପ୍ରଫୁଲ୍ଲ ମହାରଣା,ସଭାପତି ରାଜଶ୍ରୀ କୃଷ୍ଣ ମହାରଣା,ବିଶ୍ୱକର୍ମା ଗଞ୍ଜାମ ଜିଲ୍ଲା କୁଠାରୀ ବଂଶ ସଭାପତି ସୀମାଞ୍ଚଳ ମହାରଣାଙ୍କ ଉପସ୍ଥିତିରେ 'ସ୍ମରଣିକା' ପତ୍ରିକା ଉନ୍ମୋଚିତ ହୋଇଥିଲା। ବିଜେଡ଼ି ଗଞ୍ଜାମ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଭଗବାନ ଗନ୍ତାୟତ ଓ ହିଞ୍ଜିଳି ବିଧାୟକଙ୍କ ଡିଆରଡ଼ିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର ଯୋଗ ଦେଇ ବିଶ୍ୱକର୍ମା ସମାଜର ଉନ୍ନତି କାମନା କରିଥିଲେ ।






# ଏନର୍ଜୀ ଡ୍ରିଙ୍କ୍ ଲିଭରକୁ କରୁଛି ଖରାପ




ଆଜିକା ସମୟରେ ଏନର୍ଜୀ ଡ୍ରିଙ୍କର ଟ୍ରେଣ୍ଡ ଖୁବ୍ ଜୋରରେ ବଢୁଛି। କ୍ଲାନ୍ତ ଦୂର କରିବା , ତୁରନ୍ତ ଏନର୍ଜୀ ପାଇବା ଏବଂ କାମ କିମ୍ବା ପାଠପଢାରେ ଫୋକସ ବୃଦ୍ଧି କରିବା ପାଇଁ ଅନେକ ଲୋକ ଏହାର ସେବନ କରିଥାନ୍ତି। ବିଶେଷକରି ଯୁବବର୍ଗ ଏହାକୁ ନିଜର ଦୈନିକ ଜୀବନଶୈଳୀର ଅଂଶ କରୁଛନ୍ତି। ବିଳମ୍ବିତ ରାତ୍ରି ଯାଏ ଚେଇଁ ରହିବା , ଦୀର୍ଘ ସମୟ ଯାଏ ସ୍କ୍ରିନରେ କାମ କରିବା ଏବଂ ଫାଷ୍ଟ ଲାଇଫ୍ ଷ୍ଟାଇଲ୍ ଏହି ଡ୍ରିଙ୍କସର ଚାହିଦାକୁ ଆହୁରି ବଢାଇ ଦେଇଛି। କିନ୍ତୁ ବିଶ୍ୱ ଲିଭର ଦିବସ ଅବସରରେ ବିଶେଷଜ୍ଞମାନେ ଏକ ଗୁରୁତର ଚେତାବନୀ ଦେଇଛନ୍ତି ଯେ,ଏନର୍ଜୀ ଡ୍ରିଙ୍କସର ସେବନ ବୃଦ୍ଧି ଯୁବବର୍ଗଙ୍କ ଲିଭର ଉପରେ ପ୍ରଭାବ ପକାଉଛି।

ପୂର୍ବରୁ ଯେଉଁ ଲିଭର ଜନିତ ରୋଗ ଗୁଡ଼ିକ ଅଧିକ ବୟସର ଲୋକଙ୍କ ଠାରେ ଦେଖିବାକୁ ମିଳୁ ଥିଲା , ଏବେ ସେହି ସମସ୍ୟା ଗୁଡ଼ିକ ୨୦ରୁ ୩୦ବର୍ଷ ବୟସର ଯୁବକ ଯୁବତୀଙ୍କ ମଧ୍ୟରେ ଖୁବ୍ ଜୋରରେ ନଜର ଆସୁଛି। ନିକଟରେ ମେଡିକାଲ ରିପୋର୍ଟ ଓ ବିଏମଜେ କେସ୍ ରିପୋର୍ଟରେ ପ୍ରକାଶିତ ଷ୍ଟଡି ଅନୁସାରେ , ଏହି ସବୁ ଡ୍ରିଙ୍କସରେ ଥିବା ଅଧିକ କେଫିନ, ସୁଗାର ଓ କେମିକାଲ୍ସ ଲିଭରକୁ ଧିରେ ଧିରେ କ୍ଷତି କରିଥାଏ। ଡାକ୍ତରଙ୍କ କହିବାନୁସାରେ , ଏହି ଅଭ୍ୟାସ ଏବେ ଏକ ଗୁପ୍ତ ବିପଦ ହେବାକୁ ଯାଉଛି, ଯାହା ଦୀର୍ଘ ସମୟରୁ ଗୁରୁତର ରୋଗର କାରଣ ହୋଇପାରେ।ବିନା ସୂଚନାରେ ବାରମ୍ବାର ସେବନ କରିବା ବିପଦକୁ ଆହୁରି ବଢାଇ ଦେଇଥାଏ। ଆସନ୍ତୁ ଏହି ରିସର୍ଚ୍ଚ ବିଷୟରେ ଡିଟେଲରେ ଜାଣିବା-ମେଡିକାଲ ଜର୍ନାଲ ବିଏମଜେ କେସ୍ ରିପୋର୍ଟରେ ପ୍ରକାଶିତ ଏକ କେସ୍ ଷ୍ଟଡିରେ ସାମ୍ନାକୁ ଆସିଛି ଯେ, ଏନର୍ଜି ଡ୍ରିଙ୍କ୍ସର ଅଧିକ ସେବନ ଲିଭର ପାଇଁ ଗୁରୁତର କ୍ଷତିକର ହୋଇପାରେ। ଏହି ଷ୍ଟଡି ଅନୁସାରେ , ଏଥିରେ ଥିବା ନିୟାସିନ ଅର୍ଥାତ୍ ଭିଟାମିନ ବି-୩ର ଅଧିକ ମାତ୍ରା ଲିଭରରେ ବିଷାକ୍ତ ପ୍ରଭାବ ପକାଇ ପାରେ, ଯେଉଁଥିରେ ହେପାଟାଇଟିସ୍ ଭଳି ସ୍ଥିତି ଉପୁଜିପାରେ। ଏହା ବ୍ୟତୀତ , ଏହି ଡ୍ରିଙ୍କସରେ ହାଇ ସୁଗାର ସ କେଫିନ ଓ ଟାରିନ ଭଳି ତତ୍ତ୍ୱ ଥାଏ, ଯାହା ଲିଭର ଉପରେ ଅତିରିକ୍ତ ପ୍ରଭାବ ପକାଇ ଥାଏ। ଅନେକ ଥର ଏଥିରେ କେଫିନର ମାତ୍ରା ସୁରକ୍ଷିକ ସୀମା ଠାରୁ ଅଧିକ ରହିଥାଏ, ଯାହା ଶରୀରର ମେଟାବଲିଜିମକୁ ପ୍ରଭାବିତ କର। ଲଗାତାର ସେବନ କରିବା ଦ୍ୱାରା ଲିଭରରେ ଫ୍ୟାଟ୍ ଜମା ହେବାକୁ ଲାଗେ, ଯାହା ଯୋଗୁଁ ପ୍ରଦାହ ଏବଂ ଅକ୍ସିଡେଟିଭ ଚାପ ବୃଦ୍ଧି ପାଏ। ସମୟ ସହ ଏହି ସ୍ଥିତି ଲିଭରର କ୍ଷମତାକୁ ପ୍ରଭାବିତ କରିପାରେ ଏବଂ ଗୁରୁତର ରୋଗର ବିପଦ ବୃଦ୍ଧି କରିପାରେ। ଯଦି ସମୟ ପୂର୍ବରୁ ଏହି ଅଭ୍ୟାସକୁ ରୋକା ନଯାଏ , ତ ଲିଭର ଡ୍ୟାମେଜ୍ର ବିପଦ ବଢି ପାରେ।

ବିଶେଷଜ୍ଞଙ୍କ ଅନୁସାରେ , ଭାରତରେ ଯୁବବର୍ଗଙ୍କ ମଧ୍ୟରେ ଲିଭର ସହ ଜଡ଼ିତ ସମସ୍ୟା ଗୁଡ଼ିକ ଖୁବ୍ ଜୋରରେ ବଢୁଛି। ବିଶେଷକରି ୨୦ରୁ ୩୦ ବର୍ଷ ବୟସରେ ଫ୍ୟାଟି ଲିଭର ଓ ଅନ୍ୟ ଲିଭର ରୋଗର ମାମଲା ଅଧିକ ଦେଖିବାକୁ ମିଳୁଛି। ଏହାର ଏକ ବଡ଼ କାରଣ ଏନର୍ଜୀ ଡ୍ରିଙ୍କ୍ସ , ମିଠା ପାନୀୟ ପଦାର୍ଥ ଓ ଅସ୍ୱାସ୍ଥ୍ୟକର ଲାଇଫ୍ ଷ୍ଟାଇଲ୍ । ଡାକ୍ତରମାନେ ଚେତାବନୀ ଦେଇଛନ୍ତି ଯେ, ଏନର୍ଜୀ ଡ୍ରିଙ୍କ୍ସକୁ ମଦ ସହ ମିଶାଇ ପିଇବା ଦ୍ୱାରା ଖୁବ୍ ବିପଜ୍ଜନକ ହୋଇପାରେ। କେଫିନର ପ୍ରଭାବ ମଦର ନିଶାକୁ ଲୁଚାଇ ଦିଏ, ଯେଉଁଥିରେ ବ୍ୟକ୍ତି ନିଜ ସୀମା ଠାରୁ ଆହୁରି ଅଧିକ ମଦ ସେବନ କରିଥାନ୍ତି। ଏଥିରେ ଲିଭର ଉପରେ ଡବଲ ପ୍ରଭାବ ପଡ଼େ ଏବଂ କ୍ଷତି ଜୋରରେ ବଢିଥାଏ। ଲଗାତାର ଓ ଅଧିକ ମାତ୍ରାରେ ସେବନ କରିବା ଦ୍ୱାରା ଲିଭରେ ପ୍ରଦାହ , ଫାଇବ୍ରୋସିସ୍ ଓ ସିରୋସିସ୍ ଭଳି ଗୁରୁତର ସ୍ଥିତି ବିକଶିତ ହୋଇପାରେ।



# ଫ୍ୟାଟି ଲିଭର୍ ଥିଲେ ସୀମିତ ମାତ୍ରାରେ ଆଳୁ ଖାଇବେ



ଏବେ ପ୍ରାୟ ଲୋକଙ୍କଠାରେ ଫ୍ୟାଟି ଲିଭର୍ ସମସ୍ୟା ଦେଖିବାକୁ ମିଳୁଛି। ଏହି ସମସ୍ୟା ଥିଲେ ଆଳୁ ଖାଇବା କେତେଦୂର ଠିକ୍? ଏହି ପ୍ରଶ୍ନ କିଛି ଲୋକଙ୍କ ମନରେ ଉଙ୍କି ମାରୁଥିବ ନିଶ୍ଚୟ? କେବଳ ଆଳୁ ନୁହେଁ, ଅନ୍ୟ କେତେକ ପରିବାକୁ ନେଇ ମଧ୍ୟ ଲୋକଙ୍କ ଭିତରେ ଦ୍ୱନ୍ଦ୍ୱ ରହିଥିବ। ଚାଲନ୍ତୁ ଜାଣିବା ଜୟପୁର ଆଙ୍ଗେଲ୍ କେୟାର- ଏ ନ୍ୟୁଟ୍ରିସିଆନ୍ ଆଣ୍ଡ୍ ୱ୍ୱାଲନେସ୍ ସେଣ୍ଟରର ନିର୍ଦ୍ଦେଶକ ତଥା ଡାଏଟିସିଆନ୍ ଅର୍ଚ୍ଚନା ଜୈନ୍ଙ୍କଠାରୁ... ଅର୍ଚ୍ଚନାଙ୍କ ଅନୁସାରେ ଫ୍ୟାଟି ଲିଭର୍ ରୋଗୀ ସୀମିତ ମାତ୍ରାରେ ଆଳୁ ଖାଇପାରିବେ। ଆଳୁକୁ ସମ୍ପୂର୍ଣ୍ଣ ଭାବେ ଡାଏଟ୍ରୁ ହଟାଇବା ଜରୁରି ନୁହେଁ। କାରଣ ଆଳୁରୁ ମଧ୍ୟ କେତେକ ପୋଷକ ତତ୍ତ୍ୱ ମଳିଥାଏ ଯେପରିକି ପୋଟାସିୟମ୍, ଭିଟାମିନ୍- ସି ଏବଂ ଫାଇବର ଆଦି। କିନ୍ତୁ ଏହାକୁ ଉଚିତ୍ ମାତ୍ରାରେ ଓ ଆବଶ୍ୟକ ଶୈଳୀରେ ନେବା ଦରକାର। ଅଧିକ ଆଳୁ ଖାଇବା ଦ୍ୱାରା ଶରୀରରେ କ୍ୟାଲୋରୀ ଓ କାର୍ବୋ ହାଇଡ୍ରେଟ୍ ବଢିପାରେ, ଯାହା ଫ୍ୟାଟି ଲିଭର୍ ପାଇ ଆଦୌ ଠିକ୍ ନୁହେଁ। ଫ୍ୟାଟି ଲିଭର୍ ସମସ୍ୟା ରହିଥିଲେ, ରୋଗୀ ଆଳୁକୁ ସିଝାଇ କିମ୍ବା ଗ୍ରୀଲ୍ କରି ଖାଇପାରିବେ। ଏହା ଅଧିକ କ୍ଷତିକାରକ ହୋଇନଥାଏ।

ଗ୍ରେଡ୍ ଅନୁସାରେ ଆଳୁ ଖାଇପାରିବେ, ଗ୍ରେଡ୍ ୧- ଏହି ସ୍ଥିତିରେ ଶରୀରରେ ହାଲ୍‌କା ଫ୍ୟାଟ୍ ଜମା ହୋଇଥାଏ, ତେଣୁ ଉପଯୁକ୍ତ ଡାଏଟ୍ ସାଙ୍ଗକୁ ଜୀବନଶୈଳୀରେ ନିୟନ୍ତ୍ରଣ କରିପାରିବେ। ଏହି ସମୟରେ ଆଳୁକୁ ପୁରା ଛାଡ଼ିବା ଜରୁରି ନୁହେଁ। ସପ୍ତାହକୁ ୨/୩ ଦିନ ସୀମିତ ମାତ୍ରାର ଆଳୁ ଖାଇପାରିବେ। ଗ୍ରେଡ୍ ୨- ଏହି ସ୍ଥିତିରେ ଆଳୁ ଖୁବ୍ କମ୍ ଓ କେବେ କେବେ ଖାଇପାରିବେ। ସିଝା ଆଳୁ ଖାଇବା ନିରାପଦ। ଅଧିକ କାର୍ବୋହାଇଡ୍ରେଟ୍ ନେବା ଅନୁଚିତ୍। ଆଳୁ ସାଙ୍ଗରେ ପ୍ରୋଟିନ୍ ଓ ଫାଇବର ନେବା ଜରୁରି। ଗ୍ରେଡ୍ ୩- ଏହି ସମୟରେ ଆଳୁ ଖାଇବାକୁ ସୀମିତ କରି ଦିଅନ୍ତୁ। ତଥାପି ଡାଏଟିସିଆନ୍ଙ୍କ ପରାମର୍ଶ ନିଅନ୍ତୁ। ଛଣାଛଣି, ମସଲାଯୁକ୍ତ ଖାଦ୍ୟ ଓ ଅଧିକ କର୍ବୋ ହାଇଡ୍ରେଟ୍ ଖାଦ୍ୟଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। ଏହି ସମୟରେ ଲୋ କାର୍ବୋ ଓ ହାଇ ଫାଇବର ଉପରେ ଫୋକସ୍ କରିବା ଜରୁରି। ଫ୍ୟାଟି ଲିଭର୍ ସମସ୍ୟା ଥିବା ରୋଗୀଙ୍କ କ୍ଷେତ୍ରରେ ଆଳୁ ଖାଇବାର ଶୈଳୀ ଗୁରୁତ୍ୱପୂର୍ଣ୍ଣ। ଅଧିକ ଆଳୁ ଛଣାଛଣି, ଚିପ୍ସ, ଆଳୁ ପରଟା ଓ ଫ୍ରେଞ୍ଚ ଫ୍ରାଇଜ୍ ଆଦିଠାରୁ ଦୂରେଇ ରହିବା ଆବଶ୍ୟକ। ଯଦି ଆଳୁକୁ ଚୋପା ସହ ଖାଆନ୍ତି, ତେବେ ସେଥିରେ ଥିବା ଫାଇବର ଶରୀର ପାଇଁ ହିତକର ସାବ୍ୟସ୍ତ ହୋଇଥାଏ। ରୋଗୀ ଲୋ-କର୍ବୋ ଓ ହାଇ ଫାଇବର ଉପରେ ଧ୍ୟାନ ଦେବା ଦ୍ୱାରା ଲିଭର୍ ଉପରେ ଅଧିକ ଚାପ ପଡି ନଥାଏ। କ୍ଲିନିକାଲ ଷ୍ଟଡିଜ୍ ଅନୁସାରେ ପ୍ରତିରୋଧୀ ଷ୍ଟାର୍ଚ୍ଚ ଖାଇବା ଦ୍ୱାରା ନନ୍-ଆଲକହଲ ଫ୍ୟାଟିଲିଭର ସମସ୍ୟାର ଉପଚାର କରିବା ଖୁବ୍ ପ୍ରଭାବଶାଳୀ ହୋଇଥାଏ। ଗବେଷଣା ଅନୁସାରେ ପ୍ରତିଦିନ ୪୦ ଗ୍ରାମ ପ୍ରତିରୋଧୀ ଷ୍ଟାର୍ଚ୍ଚ(ଯାହା ସିଝା ଆଳୁ ଓ କଦଳୀରେ ରହିଥାଏ) ନେବା ଦ୍ୱାରା ରୋଗୀର ଲିଭର୍‌ରେ ଜମା ହୋଇଥିବା ଫ୍ୟାଟ୍‌ର ପ୍ରାୟ ୪୦ ପ୍ରତିଶତ କମୁଥିବା ଦେଖିବାକୁ ମିଳିଥାଏ। ଏହାର ମୁଖ୍ୟ କାରଣ ଗଟ୍ ମାଇକ୍ରୋବାୟୋଟା(ଅନ୍ତନଳୀରେ ଥିବା ବ୍ୟାକ୍ଟେରିଆ) ଠାରେ ସକାରାତ୍ମକ ପରିବର୍ତ୍ତନ ଆସିବା, ଯାହା ବିଶେଷକରି ବ୍ୟାକ୍ଟେରିଆକୁ ବଢ଼ାଇବା ସହ ଲିଭର୍‌ର ପ୍ରଦାହ ଓ ଲିପିଡରେ ସୁଧାର ଆଣିଥାଏ।

# ପ୍ରବଳ ଗରମରେ ପେଟକୁ ଥଣ୍ଡା କରେ ପୁଦିନା ସରବତ

ପ୍ରବଳ ଗରମକୁ ଗୁଳୁଗୁଳି। ଖରାରେ ଡହଳ ବିକଳ ଜନଜୀବନ। ଏପରି ସ୍ଥିତିରେ ଥଣ୍ଡା ପାଣି ଆଶ୍ୱସ୍ତି ଦେଉଛି। ଅର୍ଥାତ୍ ତୃଷ୍ଣା ମେଣ୍ଟାଉଛି ବୋଲି କହିପାରିବା। କିନ୍ତୁ ଥଣ୍ଡା ପାଣି ବା ଫ୍ରିଜ୍ ପାଣି କ୍ଷଣିକ ଶାନ୍ତି ଦିଏ କିନ୍ତୁ ସଂପୂର୍ଣ୍ଣ ଶରୀରକୁ ଥଣ୍ଡା କରିପାରେନି। ଏମିତି କି ଶରୀରକୁ ଥଣ୍ଡା କରିବାରେ କୋଲଡ୍ରିଙ୍କ୍ସ କି ଅନ୍ୟାନ୍ୟ ଥଣ୍ଡା ପାନୀୟ ଫେଲ୍ ମାରେ। ଯଦି ଆପଣ ଏହି ପ୍ରବଳ ଗରମରୁ ତୁରନ୍ତ ସତେଜତା ଏବଂ ପେଟକୁ ଥଣ୍ଡା କରିବା ପାଇଁ ଏକ ଉପାୟ ଖୋଜୁଛନ୍ତି, ତେବେ ପୁଦିନା ଶରବତ ଅପେକ୍ଷା ଭଲ ବିକଳ୍ପ ଆଉ କିଛି ନାହିଁ। ପୁଦିନା କେବଳ ସୁଗନ୍ଧିତ ନୁହେଁ, ବରଂ ଆୟୁର୍ବେଦରେ, ଏହାକୁ ଶରୀରକୁ ଶୀତଳ ବା ଥଣ୍ଡା ରଖିବାରେ ସାହାଯ୍ୟ କରିଥାଏ। ଏଥିରେ ଔଷଧୀୟ ଗୁଣ ଭରି ରହିଛି। ପୁଦିନା ପତ୍ରରେ ମେଣ୍ଟୋଲ ଥାଏ, ଯାହା ପେଟର ଜ୍ୱଳନକୁ ଶାନ୍ତ କରେ ଏବଂ ପାଚନ ପ୍ରଣାଳୀକୁ ସୁସ୍ଥ ରଖେ। ଯେତେବେଳେ ଏହାକୁ ଲେମ୍ବୁ ଏବଂ କଳା ଲୁଣ ସହିତ ମିଶା ଯାଏ, ତାହେଲେ ଏହା ଏକ ଉତ୍କୃଷ୍ଟ ଡିଟକ୍ସ ପାନୀୟରେ ପରିଣତ ହୁଏ। ଏହା ଆପଣଙ୍କୁ ବିଭିନ୍ନ ରୋଗରୁ ବଞ୍ଚାଇଥାଏ। ଶରୀରରେ ଇଲେକ୍ଟ୍ରୋଲାଇଟ୍ସକୁ ପୂରଣ କରେ।

ପୁଦିନା ଶରବତ ତିଆରି ପାଇଁ ସାମଗ୍ରୀ: ଏକ କପ ତାଜା ପୁଦିନା ପତ୍ର, ୨ ଚାମଚ ଲେମ୍ବୁ ରସ, ସ୍ୱାଦ ଅନୁସାରେ ଚିନି କିମ୍ବା ଗୁଡ଼ (ଆପଣ ପସନ୍ଦ କଲେ ମହୁ ମଧ୍ୟ ବ୍ୟବହାର କରିପାରିବେ), ଅଧା ଚାମଚ କଳା ଲୁଣ, ଅଧା ଚାମଚ ଭଜା ଜିରା ପାଉଡର, ଥଣ୍ଡା ପାଣି ଏବଂ ବରଫ ଖଣ୍ଡ।

ପୁଦିନା ଶାରବତ ପ୍ରସ୍ତୁତ କରିବାର ପଦ୍ଧତି: ପ୍ରଥମେ, ଏକ ବ୍ଲେଣ୍ଡର ଜାରରେ ପୁଦିନା ପତ୍ର, ଚିନି, କଳା ଲୁଣ ଏବଂ ଭଜା ଜିରା ପାଉଡର ମିଶାନ୍ତୁ। ଅଳ୍ପ ପାଣି ମିଶାନ୍ତୁ ଏବଂ ମିଶ୍ରଣକୁ ଏକ ସୂକ୍ଷ୍ମ ପେଷ୍ଟରେ ମିଶ୍ରଣ କରନ୍ତୁ। ଏବେ ଏହି ମିଶ୍ରଣକୁ ଏକ ବଡ଼ ପାତ୍ର କିମ୍ବା ଜଗରେ ନେଇ ଲେମ୍ବୁ ରସ ମିଶାନ୍ତୁ। ସର୍ଭିଂ ଗ୍ଲାସରେ ବରଫ ଖଣ୍ଡ ରଖନ୍ତୁ, ପ୍ରସ୍ତୁତ ଶାରବତ ଢାଳନ୍ତୁ, ଏକ ତାଜା ପୁଦିନା ପତ୍ର ସହିତ ସଜାନ୍ତୁ, ଏବଂ ଆପଣଙ୍କ ଅତିଥିମାନଙ୍କୁ ପରିବେଷଣ କରନ୍ତୁ- କିମ୍ବା ନିଜେ ଏହାକୁ ଉପଭୋଗ କରନ୍ତୁ! ଯଦି ଆପଣ ଏହାକୁ ଆହୁରି ସ୍ୱାସ୍ଥ୍ୟକର କରିବାକୁ ଚାହାଁନ୍ତି, ତେବେ ଆପଣ ସାଧାରଣ ଚିନି ବଦଳରେ ମିଶିରି ଓ ମହୁ ବ୍ୟବହାର କରିପାରିବେ।

# ଖରାଦିନେ ଆଇସକ୍ରିମ୍ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ



ଖରାଦିନ ଆସିବା ମାତ୍ରେ ସମସ୍ତେ ଆଇସକ୍ରିମ ଖାଇବା ଆରମ୍ଭ କରିଦେଇଥାଆନ୍ତି। ପିଲାଙ୍କଠାରୁ ଆରମ୍ଭ କରି ବଡ଼ ମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଆଇସକ୍ରିମ ଖାଇବାକୁ ବେଶ୍ ଭଲ ପାଇଥାଆନ୍ତି। ଚକଲେଟ୍ ପରି ଆଇସ୍କ୍ରିମ୍ ମଧ୍ୟ ସମସ୍ତଙ୍କ ଖୁବ୍ ପ୍ରିୟ ହୋଇଥାଏ। ଖାସ୍ କରି ଖରାଦିନେ ଅଧିକାଂଶ ଲୋକଙ୍କ ଘରେ ଫ୍ରିଜରେ ଆଇସକ୍ରିମ ଷ୍ଟୋର୍ କରି ରଖିଥାଆନ୍ତି। ବାହାଘର କିମ୍ବା ଯେକୌଣସି ଫଙ୍କସନରେ ମଧ୍ୟ ଆଇସକ୍ରିମ ଅର୍ଡର କରାଯାଇଥାଏ। ଏହା ପାଟିକୁ ସ୍ୱାଦ ଦେଇଥାଏ ସତ କିନ୍ତୁ ଏହା ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇଥାଏ। ସୁସ୍ଥ ଶରୀର ପାଇଁ ଚାହୁଁଥିଲେ ପ୍ରଥମେ ନିଜ ଖାଦ୍ୟ ଉପରେ ଧ୍ୟାନ ଦେବା ଜରୁରୀ। ଯାହା ଆମକୁ ଅନେକ ରୋଗରୁ ମୁକ୍ତି ଦେଉଥିବାବେଳେ ଖରାପ ଖାଦ୍ୟପେୟ କ୍ଷତି ପହଞ୍ଚାଇଥାଏ। ତେଣୁ ସୁସ୍ଥ ଶରୀର ଗଠନ ପାଇଁ କିଛି ଖାଦ୍ୟଠାରୁ ଦୂରେଇ ରହିବା ଉଚିତ୍। ନଚେତ୍ ଆମକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ସେହି ସବୁ ମଧ୍ୟରୁ ଆଇସ୍କରିମ୍ ହେଉଛି ଅନ୍ୟତମ। ଯାହା ଆମ ଶରୀର ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ। ତେବେ ଆସନ୍ତୁ ଆମେ ଆଜି ଆପଣଙ୍କୁ ଆଇସ୍କ୍ରିମ୍ ଖାଇବାର କ୍ଷତି ସମ୍ପର୍କରେ ଜଣାଇବୁ।

**ଓଜନ ବୃଦ୍ଧି କରେ:** ଆଇସକ୍ରିମରେ ଚିନି ଏବଂ କ୍ୟାଲୋରି ଅଧିକ ଥାଏ । ଯାହା ଅନେକ ଦିନରୁ ପ୍ରମାଣିତ ହୋଇ ଆସୁଅଛି। ଏଥିରେ ଅଧିକ ମାତ୍ରାରେ ଚିନି ଏବଂ କ୍ୟାଲୋରୀ ଥିବାରୁ ଏହା ଦ୍ରୁତ ଗତିରେ ଶରୀରର ଚର୍ବି ବୃଦ୍ଧି କରେ। ଯାହା ମେଦବହୁଳତା ଏବଂ ଅନ୍ୟାନ୍ୟ ଅନେକ ରୋଗର ଆଶଙ୍କା ସୃଷ୍ଟି କରେ। ପ୍ରତିଦିନ ୩ ରୁ ୪ଟି ଆଇସ୍କ୍ରିମ୍ ଖାଇବା ଦ୍ୱାରା ଶରୀରରେ ୧୦୦୦ରୁ ଅଧିକ କ୍ୟାଲୋରୀ ବୃଦ୍ଧି ପାଇଥାଏ। ଯାହା ପରବର୍ତ୍ତୀ ସମୟରେ ବଡ଼ ବିପଦ ସୃଷ୍ଟି କରିପାରେ।

**ହାର୍ଟ ରୋଗର ଆଶଙ୍କା ବଢାଏ:** ଆଇସକ୍ରିମରେ ସାଚୁରେଟେଡ୍ ଫ୍ୟାଟ୍ ଥାଏ। ଯାହା ଶରୀରର ଟ୍ରାଇଗ୍ଲିସେରାଇଡ୍ ଏବଂ କୋଲେଷ୍ଟ୍ରଲ୍ ସ୍ତରକୁ ବୃଦ୍ଧି କରିଥାଏ। ଏହା ବ୍ୟତୀତ ବୃଦ୍ଧି ପାଇଥିବା କୋଲେଷ୍ଟ୍ରଲ୍ ହାର୍ଟ ରୋଗର ଆଶଙ୍କାକୁ ବଢାଇ ଦେଇଥାଏ। ଏଥିସହ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଆଇସ୍କ୍ରିମ୍ ବହୁତ ଅହିତକର ହୋଇଥାଏ। ଯାହା ସେମାନଙ୍କ ସମସ୍ୟାକୁ ଆହୁରି ବଢ଼ି ଦେଇପାରେ। ତେଣୁ ବିଶେଷ କରି ଏହି ରୋଗୀମାନେ ଆଇସ୍କ୍ରିମ୍ ଖାଇବାଠାରୁ ଦୂରେଇ ରୁହନ୍ତୁ।

**ମସ୍ତିଷ୍କ ଉପରେ ପ୍ରଭାବ ପକାଏ:** ଆଇସକ୍ରିମରେ ସାଚୁରେଟେଡ୍ ଫ୍ୟାଟ୍ ଏବଂ ଚିନି ଅଧିକ ଥାଏ। ଫଳରେ ମସ୍ତିଷ୍କର କାର୍ଯ୍ୟକୁ ପ୍ରଭାବିତ କରେ ଏବଂ ସ୍ମୃତି ଶକ୍ତିକୁ ଦୁର୍ବଳ କରିଦେଇଥାଏ। ତେଣୁ ସୀମିତ ପରିମାଣରେ ଆଇସକ୍ରିମ ଖାଆନ୍ତୁ।

**ମଧୁମେହ ରୋଗୀଙ୍କ ପାଇଁ କ୍ଷତିକାରକ:** ମଧୁମେହ ରୋଗୀଙ୍କ ପାଇଁ କ୍ଷତିକାରକ ହୋଇଥାଏ ଆଇସକ୍ରିମ୍। ଯାହା ଆପଣଙ୍କୁ ଅନେକ ସମସ୍ୟାରେ ପକାଇବ। ଜେନେଟିକ୍ ରୋଗୀଙ୍କ ପାଇଁ ମଧ୍ୟ ଏହା କ୍ଷତିକାରକ ହୋଇଥାଏ। ଏହି ସବୁ ରୋଗୀମାନେ ଆଇସକ୍ରିମ୍ ଖାଇବା ଆଦୌ ଉଚିତ୍ ନୁହେଁ। ସଚେତନ ରହିବା ଦ୍ୱାରା ଅନେକ ସମସ୍ୟାକୁ ରୋକାଯାଇପାରିବ।

### ବନ୍ୟାରେ ସ୍କୁଲର ଦଶ ଲକ୍ଷ ଟଙ୍କାର ସରଞ୍ଜାମ ନଷ୍ଟ ଘଟଣା

# ଘଣ୍ଟ ଘୋଡାଉଛି କି ଶିକ୍ଷା ବିଭାଗ ?

## କେବେ ହେବ କାର୍ଯ୍ୟାନୁଷ୍ଠାନ




ଆଳି,୩୦।୮ (ସଂଚାର ବ୍ୟୁରୋ)ଃ ପ୍ରଧାନ ଶିକ୍ଷକଙ୍କ ଅବହେଳା ଯୋଗୁଁ ବନ୍ୟାରେ ୧୦ ଲକ୍ଷ ଟଙ୍କାର ସ୍କୁଲ ସରଞ୍ଜାମ ବନ୍ୟାରେ ବୁଡ଼ି ନଷ୍ଟ ଘଟଣା ନା ତଦନ୍ତ ହେଲା ନା କାର୍ଯ୍ୟାନୁଷ୍ଠାନ ନିଆଗଲା। ଆଖିରେ ଅନ୍ଧ ପୁଟୁଳି ବାନ୍ଧି ଶିକ୍ଷା ବିଭାଗ ଚୁପ ବସିଥିବା ଅଭିଯୋଗ ହେଉଛି। ଦ୍ୱିତୀୟ ବନ୍ୟାରେ ଆଳି ବ୍ଲକ ଧୋୟା ମାନପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବନ୍ୟାରେ ସ୍କୁଲରେ ଥିବା ସରଞ୍ଜାମ ତିନୋଟି ସ୍ମାର୍ଟ ଟିଭି , କମ୍ପ୍ୟୁଟର , ଇନଭର୍ଟର ପାଣିପମ୍ପ ସହ ଅଫିସର ରେକର୍ଡ ସହିତ କାଗଜ ପତ୍ର ନଷ୍ଟ ହୋଇଥିବା ସଙ୍ଗୀନ ଅଭିଯୋଗ ଆଣିଥିଲେ ଗ୍ରାମବାସୀ।ପ୍ରଧାନ ଶିକ୍ଷକ ଙ୍କ ଅବହେଳା ଜଳ ଜଳ କରି ଦିଶୁଥିବା ବେଳେ କାହିଁକି କାର୍ଯ୍ୟାନୁଷ୍ଠାନ ହୋଇନି ବୋଲି ଅଭିଭାବକ ମାନେ ପ୍ରଶ୍ନ କରିଛନ୍ତି।

୧୦ ଲକ୍ଷ ଟଙ୍କାର ସରଞ୍ଜାମ ନଷ୍ଟ ଭରଣା କରିବ କିଏ ଓ ଦାୟୀ କିଏ ବୋଲି ପ୍ରଶ୍ନ କରିଛନ୍ତି।ଅନ୍ୟ ପଟେ କାହିଁକି ଶିକ୍ଷା ବିଭାଗ ପ୍ରଧାନ ଶିକ୍ଷକଙ୍କୁ ବାରମ୍ବାର ଘଣ୍ଟ ଘୋଡାଉଛନ୍ତି ତାହା ବଡ଼ ପ୍ରଶ୍ନ ହୋଇ ଉଭା ହୋଇଛି।ସେପଟେ ଅଭିଭାବକ ଛାତ୍ର ଛାତ୍ରୀ ମୁଣ୍ଡରେ ଚଡ଼କ କିପରି ସ୍ମାର୍ଟ କ୍ଲାସ କରିବେ । ଏ ପଟେ ଅଭିଭାବକ ମାନେ ସିଧା ସିଧା ଚେତାବନୀ ଦେଇଛନ୍ତି ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରାଯାଏ ସ୍ମାର୍ଟ କ୍ଲାସ ରୁ ଛାତ୍ର ଛାତ୍ରୀ ବଞ୍ଚିତ ରୁହନ୍ତି ତାହାଲେ ସ୍କୁଲରେ ତାଲା ପକାଇ ସ୍କୁଲ ଆଗରେ ଧାରଣାରେ ବସିବେ।

# ପୌରାଧ୍ୟକ୍ଷାଙ୍କୁ କଡ଼ା ଜବାବ ଦେଲେ ଉପନଗରପାଳ ଓ ପୂର୍ବତନ ବିଧାୟକ

## ସାମ୍ବାଦିକ ସମ୍ମିଳନୀରେ ବିଜେଡିର ପାଲଟା ଅଭିଯୋଗ

## ସରକାରୀ ଜମି ବିକ୍ରି ଅଭିଯୋଗକୁ ନେଇ ତେଜିଲା ରାଜନୈତିକ ବିବାଦ




ଢେଙ୍କାନାଳ,୩୦।୮ (ସଂଚାର ବ୍ୟୁରୋ)ଃ ଢେଙ୍କାନାଳ ସହରର ୯ ନମ୍ବର ୱାର୍ଡ ଅନ୍ତର୍ଗତ କୁଟୁଣିଆ ସାହିରେ ହୋଇଥିବା ଜବରଦଖଲ ଉଚ୍ଛେଦକୁ ନେଇ ଆରମ୍ଭ ହୋଇଥିବା ରାଜନୈତିକ ବିବାଦ ଏବେ ଆହୁରି ତୀବ୍ର ହେବାରେ ଲାଗିଛି। ଉଚ୍ଛେଦ ପ୍ରକ୍ରିୟାକୁ ନେଇ ପୌରାଧ୍ୟକ୍ଷା ଓ ବିଜେଡି ମଧ୍ୟରେ ଆରୋପ-ପ୍ରତ୍ୟାରୋପ ଚାଲିଥିବା ବେଳେ ଉଭୟ ଦଳ ପରସ୍ପର ବିରୋଧରେ ଅଭିଯୋଗର ପାହାଡ଼ ଛିଡ଼ା କରିଛନ୍ତି।

କିଛି ଦିନ ତଳେ କୁଟୁଣିଆ ସାହିରେ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ସମୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ଅସନ୍ତୋଷ ସହ ରାଜନୈତିକ ମହଲରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାପରେ ଏହି ଘଟଣାକୁ ନେଇ ବିଜେପି ଓ ବିଜେଡି ମଧ୍ୟରେ ରାଜନୈତିକ ଲଢ଼େଇ ଆରମ୍ଭ ହୋଇଛି। ଦୁଇଦିନ ତଳେ ବିଜେପି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ଉପନଗରପାଳଙ୍କ ବିରୋଧରେ ଗୁରୁତର ଅଭିଯୋଗ ଅଣାଯାଇଥିଲା। ସରକାରୀ ଜମିକୁ ବିକ୍ରି କରାଯାଇଥିବା ନେଇ ଉପନଗରପାଳଙ୍କ ଉପରେ ବିଜେପି ପକ୍ଷରୁ ଅଭିଯୋଗ କରାଯାଇଥିବା ବେଳେ ତାଙ୍କ ନାମରେ ଦୁଇ ଗୁଣ୍ଠରୁ ଅଧିକ ଜମି ଥିବା ନେଇ ମଧ୍ୟ ପ୍ରଶ୍ନ ଉଠାଯାଇଥିଲା।

ଏହି ଅଭିଯୋଗର ପାଲଟା ଜବାବ ଦେବାକୁ ଆଜି ଢେଙ୍କାନାଳ ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତ୍ୱରେ ବିଜେଡି କାର୍ଯ୍ୟାଳୟଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପନଗରପାଳ ପ୍ରକାଶ କୁଅଁରଙ୍କ ସମେତ ବିଜେଡିର ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀରେ ଉପନଗରପାଳ ପ୍ରକାଶ କୁଅଁର ବିଜେପି ପକ୍ଷରୁ ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗକୁ ଖଣ୍ଡନ କରିଥିଲେ। ତାଙ୍କ ବିରୋଧରେ ମିଥ୍ୟା ଓ ଭିତ୍ତିହୀନ ଅଭିଯୋଗ କରାଯାଇ ରାଜନୈତିକ ଭାବେ ତାଙ୍କୁ ବଦନାମ କରିବାର ପ୍ରୟାସ ହେଉଥିବା ସେ କହିଥିଲେ। ସରକାରୀ ଜମି ବିକ୍ରି ସମ୍ପର୍କିତ ଅଭିଯୋଗରେ ତଥ୍ୟ ଓ ପ୍ରମାଣ ରହିଛି କି ନାହିଁ, ତାହା ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଥିଲେ।

ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ମଧ୍ୟ ବିଜେପି ନେତୃତ୍ୱକୁ କଡ଼ା ସମାଲୋଚନା କରିଥିଲେ। କୁଟୁଣିଆ ସାହି ଉଚ୍ଛେଦ ଘଟଣାକୁ ନେଇ ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ପରିବର୍ତ୍ତେ ରାଜନୈତିକ ଦୋଷାରୋପ କରାଯାଉଥିବା ସେ ଅଭିଯୋଗ କରିଥିଲେ। ଏହା ସହିତ ଉପନଗରପାଳ ଓ ବିଜେଡି କାଉନସିଲରମାନେ ମଧ୍ୟ ବିଜେପି ପକ୍ଷରୁ ଉଠାଯାଇଥିବା ବିଭିନ୍ନ ପ୍ରଶ୍ନର ଜବାବ ରଖିଥିଲେ। ଉଚ୍ଛେଦ ପ୍ରକ୍ରିୟା, ସରକାରୀ ଜମି ଏବଂ ଜମି କାରବାରକୁ ନେଇ ଉଠିଥିବା ଅଭିଯୋଗର ନିରପେକ୍ଷ ତଦନ୍ତ ହେଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। କୁଟୁଣିଆ ସାହି ଉଚ୍ଛେଦକୁ ନେଇ ଆରମ୍ଭ ହୋଇଥିବା ଏହି ରାଜନୈତିକ ବିବାଦ ଏବେ ସରକାରୀ ଜମିର ମାଲିକାନା, ଜବରଦଖଲ ଓ ଜମି କାରବାର ଭଳି ଗୁରୁତର ପ୍ରସଙ୍ଗକୁ ନେଇ ନୂଆ ମୋଡ଼ ନେଇଛି।

# ଡାକ କର୍ମଚାରୀ ନିଖୋଜ, କଣିପଡ଼ା ଡାକଘରୁ ଜମା ଟଙ୍କା ଗାଏବ

ଡେରାବିଶ, ୩୦।୮ (ସଂଚାର ବ୍ୟୁରୋ)ଃ ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ କଣିପଡ଼ା ଡାକଘରରୁ ଜମାକାରୀଙ୍କ ଲକ୍ଷ ଲକ୍ଷ ଟଙ୍କା ଉଭାନ ହୋଇଯାଇଥିବା ଅଭିଯୋଗକୁ ନେଇ ଚିନ୍ତା ବଢ଼ିଛି । ବହୁ ଜମାକାରୀଙ୍କ ଖାତାରୁ ବିପୁଳ ପରିମାଣର ଟଙ୍କା ଉଠାଯାଇଥିବା ବେଳେ ଦାୟିତ୍ୱରେ ଥିବା ଡାକ ବିଭାଗ କର୍ମଚାରୀଙ୍କ ପତ୍ତା ମିଳୁନଥିବାରୁ ଘଟଣା ରହସ୍ୟାବୃତ ହୋଇଛି।

ସୂଚନାନୁସାରେ, କଣିପଡ଼ା ଡାକଘରକୁ ଜଣେ ଜମାକାରୀ ଟଙ୍କା ଉଠାଇବାକୁ ଆସିଥିବା ବେଳେ ତାଙ୍କ ଜମା ଖାତାରେ ଟଙ୍କା ନଥିବା ଜାଣିବାକୁ ପାଇଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଅନ୍ୟ ଜମାକାରୀମାନେ ମଧ୍ୟ ଡାକଘରରେ ପହଞ୍ଚି ନିଜ ଜମା ଅର୍ଥ ସମ୍ପର୍କରେ ତଥ୍ୟ ଜାଣିବାକୁ ଚାହିଁଥିଲେ । ମାତ୍ର ଦୁଇଦିନ ହେବ ଦାୟିତ୍ୱରେ ଥିବା ସମ୍ପୃକ୍ତ କର୍ମଚାରୀଙ୍କ ପତ୍ତା ମିଳୁନଥିବାରୁ ଜମାକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଶନିବାର ପୂର୍ବାହ୍ନରେ ବହୁ ଜମାକାରୀ ଡାକଘରରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ସମ୍ପୃକ୍ତ କର୍ମଚାରୀଙ୍କ ଅନୁପସ୍ଥିତିରେ ବିଭାଗୀୟ ଉଚ୍ଚ ଅଧିକାରୀ ଅନ୍ୟ ଦୁଇଜଣ କର୍ମଚାରୀଙ୍କୁ ପଠାଇ ଡାକଘର ଖୋଲିଥିଲେ । ତେବେ ନିଜ ଜମା ଅର୍ଥ ଫେରି ପାଇବା ଆଶାରେ

ଜମାକାରୀମାନେ ଡାକଘରରେ ଭିଡ଼ ଜମାଇଥିଲେ। ଏହି ଡାକଘରରେ ଏକ ହଜାରରୁ ଉର୍ଦ୍ଧ୍ୱ ଜମାକାରୀ ରହିଥିବା ଜଣାପଡ଼ିଛି । ସ୍ଥାନୀୟ ଗ୍ରାମର ସିମରନ ବିବି, ଗୋଫରାନ ଅଲ୍ଲୀ, ସେକ ସେଫିଆନ, ୟୁନୁସ ଅଲ୍ଲୀ, ରିହାନା ତସରିମ ଓ କରିମୁଲ୍ଲା ପ୍ରମୁଖଙ୍କ ଜମା ଖାତାରୁ ଲକ୍ଷ ଲକ୍ଷ ଟଙ୍କା ଉଭାନ ହୋଇଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଡାକ ବିଭାଗ ଜନସାଧାରଣଙ୍କ ଏକ



ବିଶ୍ୱସ୍ତ ସଂସ୍ଥା ହୋଇଥିବା ବେଳେ ଏହି ଡାକଘରରେ ଦୁଇଥର ଏଭଳି ଘଟଣା ଘଟିବା ଯୋଗୁଁ ବିଭାଗ ଜନସାଧାରଣଙ୍କ ଆସ୍ଥା ହରାଇଥିବା ସାଧାରଣରେ ମତପ୍ରକାଶ ପାଇଛି। କଣିପଡ଼ା ଡାକଘର ଚାନ୍ଦୋଳ ଉପଡାକଘର ଅଧୀନରେ କାର୍ଯ୍ୟ କରୁଛି। ଏ ସମ୍ପର୍କରେ ଚାନ୍ଦୋଳ ଉପଡାକଘର ପୋଷ୍ଟ ମାଷ୍ଟର ସମୀର ନାୟକଙ୍କୁ ପଚାରିବାରୁ ସେ ଘଟଣା ସମ୍ପର୍କରେ ଅବଗତ ଥିବା କହିଛନ୍ତି।

ଜନସାଧାରଣଙ୍କଠାରୁ ଅଭିଯୋଗ ପାଇବା ପରେ ସେ ଉପରିସ୍ଥ ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇଛନ୍ତି। ଘଟଣାର ଅନୁସନ୍ଧାନ ଜାରି ରହିଥିବା ବେଳେ ପରବର୍ତ୍ତୀ ସମୟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ନାୟକ କହିଛନ୍ତି।

# ଶ୍ରମିକଙ୍କ ହକ୍ ପାଇଁ ଲଢ଼ିବେ ସୁନୀଲ ସାମଲ

### ଭାରତୀୟ ଜନତା ମଜଦୁର ଟ୍ରେଡ୍ ୟୁନିୟନ କାଉନସିଲର କେନ୍ଦୁଝର ଜିଲ୍ଲା ସଭାପତି ମନୋନୀତ



ଯୋଡ଼ା, ୩୦।୮ (ସଂଚାର ବ୍ୟୁରୋ)ଃ ଭାରତୀୟ ଜନତା ମଜଦୁର ଟ୍ରେଡ୍ ୟୁନିୟନ କାଉନସିଲର କେନ୍ଦୁଝର ଜିଲ୍ଲା ସଭାପତି ଭାବେ ସୁନୀଲ କୁମାର ସାମଲ ମନୋନୀତ ହୋଇଛନ୍ତି। ରାଜ୍ୟ କମିଟିର ନିଷ୍ପତ୍ତିକ୍ରମେ ତାଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ଦୀର୍ଘଦିନ ଧରି ଶ୍ରମିକଙ୍କ ଅଧିକାର ଓ ସ୍ୱାର୍ଥ ପାଇଁ ସ୍ୱର ଉଠାଇ ଆସୁଥିବା ସୁନୀଲ ସାମଲଙ୍କ ମନୋନୟନକୁ ନେଇ ଶ୍ରମିକ ମହଲରେ ଉତ୍ସାହ ପ୍ରକାଶ ପାଇଛି। ବିଶେଷକରି କେନ୍ଦୁଝର, ବଡ଼ବିଲ ଓ ଯୋଡ଼ା ଖଣି ଅଞ୍ଚଳର ଖଣି ଶ୍ରମିକ, ଅପରେଟର ଏବଂ ଅସଂଗଠିତ ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ସେ ନିରନ୍ତର ସ୍ୱର ଉତ୍ତୋଳନ କରିଆସିଛନ୍ତି।

ତାଙ୍କ ମନୋନୟନ ଖବର ପ୍ରଚାରିତ ହେବା ପରେ ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଗଠନ ଓ ସହଯୋଗୀମାନଙ୍କ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଯାଇଛି।

ନବମନୋନୀତ ଜିଲ୍ଲା ସଭାପତି ସୁନୀଲ କୁମାର ସାମଲ କହିଛନ୍ତି, "ସଂଗଠନ ମୋ ଉପରେ ବିଶ୍ୱାସ ରଖି ଯେଉଁ ଦାୟିତ୍ୱ ଦେଇଛି, ତାହାକୁ ନିଷ୍ଠା ଓ ସଚ୍ଚୋଟତାର ସହ ତୁଲାଇବି। କେନ୍ଦୁଝର ହେଉଛି ଏକ ଶ୍ରମିକ ବହୁଳ ଜିଲ୍ଲା। ଏଠାରେ ଶ୍ରମିକମାନେ ବିଭିନ୍ନ ସମସ୍ୟା ଓ ଶୋଷଣର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ହକ୍ ଓ ନ୍ୟାୟ ପାଇଁ ମୁଁ ଲଢ଼େଇ କରିବି।"

ଖଣି ଅଞ୍ଚଳରେ ଶ୍ରମିକ ଶୋଷଣ ବନ୍ଦ କରିବା, ଶ୍ରମିକଙ୍କ ଅଧିକାର ସୁରକ୍ଷା କରିବା ଏବଂ ସେମାନଙ୍କୁ ନ୍ୟାୟ ଦେବା ନିଜର ପ୍ରଥମ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଏଥିସହ ଆଗାମୀ ଦିନରେ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଆୟୋଜନ କରାଯାଇ ନୂଆ କମିଟି ଗଠନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ସୁନୀଲ ସାମଲଙ୍କ ନୂଆ ଦାୟିତ୍ୱ ଜିଲ୍ଲାର ଶ୍ରମିକ ସମସ୍ୟାକୁ ଆହୁରି ଜୋରଦାର ଭାବେ ଉଠାଇବ ବୋଲି ଶ୍ରମିକ ମହଲରେ ଆଶା ପ୍ରକାଶ ପାଇଛି।

## ରକ୍ତଦାନ ଶିବିରରେ ବୃକ୍ଷ ଉପହାର



ବାଲିଆପାଳ, ୩୦।୮ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକ ନାରାୟଣପୁର ମା ତାରିଣୀ ୟୁଥ କ୍ଲବ୍ ପକ୍ଷରୁ ରବିବାର ନାରାୟଣପୁର ସ୍ଥିତ ବଙ୍ଗାମୁହଁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରୁ ମୋଟ ୭୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବାଲିଆପାଳ ଥାନାର ଏସଆଇ ଶୁଭସ୍ମିତା ପାଲ ଯୋଗଦେଇ ଶିବିରକୁ ଉଦଘାଟନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତ ଦାନ କରି ଅନ୍ୟ ର ଜୀବନ ବଞ୍ଚାଇବା ଲକ୍ଷ୍ୟରେ ତିନି ବର୍ଷ ଧରି ଶିବିର ଆୟୋଜନ କରାଯାଉଛି ବୋଲି କ୍ଲବ୍ ର ସଭାପତି ଉଦୟ କୁମାର ଦାସ କହିଛନ୍ତି। କ୍ଲବ୍ ପକ୍ଷରୁ ପ୍ରତ୍ୟେକ ରକ୍ତ ଦାତାଙ୍କୁ ସାର୍ଟିଫିକେଟ ସହିତ ଗୋଟିଏ ଗୋଟିଏ ବୃକ୍ଷ ଉପହାର ଦିଆଯାଇଛି। କାର୍ଯ୍ୟକ୍ରମକୁ ଉପସଭାପତି ଭୀମ ଚରଣ ଦାସ, ସମ୍ପାଦକ ଶଶିକାନ୍ତ ଦାସଙ୍କ ସମେତ ସଦସ୍ୟମାନେ ପରିଚାଳନା କରିଥିଲେ।

# ଅସହାୟ ଉର୍ମିଳାଙ୍କୁ ସହାୟତା ପ୍ରଦାନ

ମାର୍ଶାଘାଇ, ୩୦।୮ (ସଂଚାର ବ୍ୟୁରୋ)ଃ ମାର୍ଶାଘାଇ ବ୍ଲକ୍ ବଛରାଇ ପଞ୍ଚାୟତ ଅନ୍ତର୍ଗତ ବାଲିକୁଦା ଗ୍ରାମର ଉର୍ମିଳା ବାରିକଙ୍କ ସ୍ୱାମୀ ଆଜିକୁ ୯ ଦିନ ହେବ ଦେହାନ୍ତ




ହୋଇଯାଇଛି।ସ୍ୱାମୀଙ୍କ ମୃତ୍ୟୁ ପରେ ୮ ବର୍ଷର ନାବାଳିକା ଝିଅକୁ ନେଇ ଉର୍ମିଳା ଏକାକୀ ଜୀବନଯାପନ କରୁଛନ୍ତି। ଏପରିକି ସ୍ୱାମୀଙ୍କ ଶୁଦ୍ଧିକ୍ରିୟା ପାଇଁ ମଧ୍ୟ ତାଙ୍କ ନିକଟରେ ଅର୍ଥର ଅଭାବ ଦେଖାଦେଇଛି। ଗଣମାଧ୍ୟମରୁ ଏହି ଅସହାୟ ପରିବାର ସମ୍ପର୍କରେ ଖବର ପାଇ କ୍ରିଷ୍ଣା ଇଣ୍ଟରପ୍ରାଇଜେସ୍ ପକ୍ଷରୁ ରମାକାନ୍ତ ନାୟକ ଏବଂ ଯୁବ ସମାଜସେବୀ ସୁନୀଲ ଗନ୍ତାୟତ ଉର୍ମିଳାଙ୍କ ପରିବାରକୁ ଭେଟି ପରିବାରକୁ ରାସନ୍ ସାମଗ୍ରୀ ଓ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଦୀର୍ଘ ୨୦ ବର୍ଷ ଧରି ଉର୍ମିଳା ସେଠାରେ ଏକ କୁଡ଼ିଆ କରି ରହି ଆସୁଛନ୍ତି ହେଲେ ତାଙ୍କୁ ପ୍ରଶାସନ ତରଫରୁ ଭୂମିହୀନ ପଟ୍ଟା ପ୍ରଦାନ କରାଯାଉନାହିଁ। ଉର୍ମିଳାଙ୍କୁ ତୁରନ୍ତ ପଟ୍ଟା ଯୋଗାଇ ଦେବା ସହ ଆବାସ ଯୋଜନାରେ ଘର ଖଣ୍ଡିଏ ଯୋଗାଇଦେବା ସହିତ ଅନ୍ୟାନ୍ୟ ସରକାରୀ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

## ମକଦ୍ଦମା ଚାଲିଥିବା ବେଳେ ପୋଖରୀ ପୋତିବା ଉଚ୍ଚନ୍ୟାଳୟକୁ ଅବମାନନା



ବାଲିଆପାଳ, ୩୦।୮ (ସଂଚାର ବ୍ୟୁରୋ)ଃ ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଂଚାୟତ ରେ ସିମୁଳିଆ ମୌଯା ର ଖାତା ନଂ ୩୬୩ଖସଡ଼ା ୯୨୯ଜଳାଶୟ ୭୪ଡ଼ିସିମିଲ ଯାହାକି ମଧୁପୁରା ଗ୍ରାମ ପଂଚାୟତ ଅଫିସ ସମ୍ମୁଖରେ ଅବସ୍ଥିତ ସରକାରୀ ନିୟମ ରେ ଶାବକ ଓ ହାଲରେ ପୋଖରୀ ଅଛି ମାତ୍ର ସ୍ଥାନୀୟ ସରପଞ୍ଚ ଓସମିତି ସଦସ୍ୟ ଙ୍କ ନିଦେଶ ଓ ଜ୍ଞାତସାରରେ ପୋଖରୀ କୁ ପୋତି ଦେଇଥିଲେ ଉଚ୍ଚନ୍ୟାଳୟ ଙ୍କ ନିଦେଶ ପରେ ଜିଲ୍ଲା ଗ୍ରାମ ପଞ୍ଚଯାତ ଅଧିକାରୀ ତଦନ୍ତ କରି ଫେରିଯିବା ପରେ ପୁଣି ଦୋକାନ ପକାଇବା ବାଲି ଭର୍ତ୍ତି କରି ସମତୁଲ କରିଚାଲିଛନ୍ତି। ଏ ନେଇ ସରପଞ୍ଚ ସଦସ୍ୟ କହୁଛନ୍ତି ତଦନ୍ତ କଲେ କିଛି ଲାଭ ହେବ ନାହିଁ। ଉଚ୍ଚନ୍ୟାଳୟରେ ମୋକଦମା ଚାଲିଥିଲା ବେଳେ ବିବାଦୀୟ ସ୍ଥାନ ଉପରେ ବାଲି ମାଟି ଦୋକାନ ପକାଇବା କେତେଦୂର ଯଥାର୍ଥ ତାହା ବିଚାର ଯୋଗ୍ୟ ଅଟେ। ଏନେଇ ଅନ୍ୟାୟ ଓ ବେଆଇନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ମଳୟ କୁମାର ମହାନ୍ତି, ଜୟନାରାୟଣ ପିଳା, ପୁଷ୍ପକ କମିଳା, ରଞ୍ଜନ ସିଂ, ଜ୍ଞାନରଞ୍ଜ ପାତ୍ର,ଅଞ୍ଜନ ସିଂ ପ୍ରମୁଖ ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଛନ୍ତି।

# ଧାମନଗର ଖାନଙ୍କା ହବିବିୟା ଟ୍ରଷ୍ଟ କମିଟି ପକ୍ଷରୁ ଏସଡିପିଓ, ଆଇଆଇସିଙ୍କୁ ସମ୍ବର୍ଦ୍ଧନା

ଧାମନଗର, ୩୦।୮ (ସଂଚାର ବ୍ୟୁରୋ)ଃ ଧାମନଗରରେ ପ୍ରଫେଟ ମହାପୁରୁଷ ହଜରତ ମହମ୍ମଦଙ୍କ ଜନ୍ମଦିନ ତଥା ଜସ୍ନେ-ଏ-ଇଦ୍ ମିଲାଦୁନ ନବୀ ଉପଲକ୍ଷେ ବିଭିନ୍ନ ସାହିବସ୍ତି ଏବଂ ଯୁବ ସଂଗଠନ ତରଫରୁ ୩୪ଗୋଟି ରଙ୍ଗବେରଙ୍ଗ ଆଲୋକରେ ସୁସଜ୍ଜିତ ଆକର୍ଷଣୀୟ ଜୁଲୁସ୍ ଓ କାଫଲା ଶୋଭାଯାତ୍ରା ସହର ପରିକ୍ରମା କରି ସୁଚାରୁରୂପେ ଗତି୨୫ରେ ସମାପ୍ତ ହୋଇଛି। ଏହି ଅବସରରେ ୨୬ରେ ଧାମନଗର ଏନ ଏ ସି ଅନ୍ତର୍ଗତ ୮ନମ୍ବର ୱାର୍ଡ ଅଧିନ ଜଗତି କଦମରସୁଲ ଠାରେ ନବୀସାହେବ ପୀରବାବାଙ୍କ ଉତ୍ସବ ଏବଂ ୧୫୦୧ତମ ଜସ୍ନେ ଇଦ୍ ମିଲାଦୁନ ନବୀ (ସ.ଅ.ସ)ଙ୍କ ୨୦୨୬ ପାଳନ ଓ ତବୃକାତ୍ ଦର୍ଶନ କାର୍ଯ୍ୟକ୍ରମ ସୁରଖୁରରେ ସମ୍ପର୍ଣ୍ଣ ହୋଇଛି। ପୋଲିସ ପ୍ରଶାସନର ସହଯୋଗରେ ଉକ୍ତ ଦୁଇ ଦିନର ପର୍ବ ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଥିବାରୁ ଧାମନଗର ଖାନକା ହବିବିୟା ଟ୍ରଷ୍ଟ କମିଟିର କର୍ମକର୍ତ୍ତା ପୋଲିସ ପ୍ରଶାସନକୁ




ଧନ୍ୟବାଦ ଜଣାଇଛନ୍ତି।

କମିଟି ସଭାପତି ମୌଲାନା ସୟଦ ଗୋଲାମ ଅହେମ୍ମଦ ହବିବି(ମସ୍ତାନ-ଏ-ମିଲ୍ଲତ)ଙ୍କ ନେତୃତ୍ୱରେ ଉପସଭାପତି ଏମଡି ଅବଦୁଲ ମନ୍ନାନ ହବିବି,ସମ୍ପାଦକ ମୌଲାନା ମୁକ୍ତାର ଅହେମ୍ମଦ ହବିବି, ଉପଦେଷ୍ଟା ଏମଡି ଫଜଲେ ବାରି ହବିବି, ସେକ ଅବଦୁଲ ହାକିମ,ସେକ ଜାଫର ଅଲ୍ଲୀ, ସେକ ଅସଲାମ,ଏମଡି ଜୟନୁଲ ଆବେଦିନ, ଏମଡି ଇସଲାମୁଦ୍ଦିନ,ସେକ ସିରାଜ, ସେକ କାଦିର ସେକ ଖଲିଲ୍ ପ୍ରମୁଖ ଉଭୟଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ଏସଡିପିଓ ବିଷ୍ଣୁ ଚରଣ ବାରିକ, ଆଇଆଇସି ଶୁଭ୍ରଜିତ ଦାଶଙ୍କୁ କମିଟି ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇବା ସହ ଧନ୍ୟବାଦ ଜଣାଇଛନ୍ତି।

ଏଥିସହିତ ଚଳିତ ବର୍ଷ ପୀରବାବାଙ୍କ ୪୭ତମ ଉର୍ସ ଉତ୍ସବକୁ ନୂତନ ଟ୍ରଷ୍ଟ କମିଟି ତରଫରୁ ସମସ୍ତ କାର୍ଯ୍ୟ ହାତକୁ ନେଇଛନ୍ତି। ଟ୍ରାଫିକ,ଗାଡ଼ି ପାର୍କିଂ ସହିତ ଶାନ୍ତି ଶୃଙ୍ଖଳାରେ କିପରି ପାଳନ ହେବ ସେଥିପାଇଁ ସଭାପତି (ମସ୍ତାନ-ଏ-ମିଲ୍ଲତ) ଦୁଇ ଅଧିକାରୀଙ୍କ ସହ ଆଲୋଚନା କରି ୧୭/୧୮ ଦୁଇ ଦିନ ଉର୍ସରେ ସହଯୋଗ ପାଇଁ ଅନୁରୋଧ କରିଥିବା ବେଳେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଦୁଇ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି।

# ବନ୍ୟା ଓ ରିଲିଫ ପରିଚାଳନାରେ ସରକାର ସମ୍ପୂର୍ଣ୍ଣ ବିଫଳଃ ସିପିଆଇ

କେନ୍ଦ୍ରାପଡ଼ା,୩୦।୮ (ସଂଚାର ବ୍ୟୁରୋ)ଃଚଳିତ ବର୍ଷ ବ୍ରାହ୍ମଣୀ ସିଷ୍ଟମରେ ଲଗାତର ବନ୍ୟା କାରଣରୁ ଜିଲ୍ଲାର ଆଳି, ପଟ୍ଟାମୁଣ୍ଡାଇ, ରାଜନଗର ପ୍ରଭୃତି ଚାରିଟି ବ୍ଲକ ଅଞ୍ଚଳର ୫୧ଟି ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ୧୧ ଗୋଟି ୱାର୍ଡର ଲକ୍ଷାଧିକ ଲୋକ ପାଣି ଘେରରେ ରହିଛନ୍ତି । ମାସାଧିକ କାଳ ଧରି ଲୋକେ ସର୍ପ, କୁମ୍ଭୀର ଓ ବାରାହା ଆତଙ୍କରେ ଜଳବନ୍ଦୀ ଅବସ୍ଥାରେ ଥିବା ବେଳେ ସରକାରୀ ଅବହେଳା ଓ ପ୍ରଶାସନିକ ସ୍ଥାଣୁତା ଲୋକଙ୍କ ଏହି ଦୁଃଖକୁ ବହୁ ଗୁଣିତ କରିଛି ବୋଲି ସିପିଆଇ ଅଭିଯୋଗ କରିଛି ।

ବନ୍ୟା ହେବାର ସପ୍ତାହକ ପରେ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ହୋଇ ନପାରିବା ସରକାରଙ୍କ ଅପାରଗତା, ହୃଦୟ ହୀନତା ତଥା ପ୍ରଶାସନିକ ସ୍ଥାଣୁତାକୁ ପ୍ରଦର୍ଶିତ କରୁଛି ବୋଲି ପାର୍ଟି ପକ୍ଷରୁ କୁହାଯାଇଛି । ଏଥିସହିତ ସରକାରୀ ଅଧିକାରୀମାନଙ୍କୁ ତୁରନ୍ତ ପ୍ରଭାବିତ ଅଞ୍ଚଳ ଗୁଡ଼ିକୁ ପଠାଇ ଆବଶ୍ୟକୀୟ ସହାୟତା ତୁରନ୍ତ ଯୋଗାଇ ଦେବା ସହିତ ବନ୍ୟାଞ୍ଚଳର ଚାଷୀମାନଙ୍କ ସମସ୍ତ କୃଷି ଋଣ ଛାଡ କରିବା ସଙ୍ଗେ ସଙ୍ଗେ ଆଗାମୀ ଖରିଫ୍ ଚାଷ ପାଇଁ ବିନା ମୂଲ୍ୟରେ ବିହନ, ସାର, କୀଟନାଶକ ଓ ବିନା ସୁଧରେ ଋଣ ଯୋଗାଇ ଦେବାକୁ ଦାବି କରାଯାଇଛି ।

## ରୀନା ବେଉରାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା



ପାରାଦ୍ୱୀପ, ୩୦।୮ (ସଂଚାର ବ୍ୟୁରୋ)ଃ କୁସୁନପୁରସ୍ଥିତ ବେଉରା ପରିବାରର ପୈତୃକ ବାସଭବନରେ ସ୍ୱର୍ଗତା ଶ୍ରୀମତୀ ରୀନା ବେଉରାଙ୍କ ସ୍ମୃତିରେ ଏକ ଭାବଗମ୍ଭୀର ଶ୍ରଦ୍ଧାଞ୍ଜଳି ସଭା ଓ ଶୋକାନୁଷ୍ଠାନ ଅନୁଷ୍ଠିତ ହୋଇଯାଇଛି। ସେ ଇଫ୍‌କୋ ପାରାଦୀପର ଜନସମ୍ପର୍କ ଅଧିକାରୀ ତଥା ମହାପୁରୁଷ ଅଚ୍ୟୁତାନନ୍ଦ ମନ୍ଦିରର ଟ୍ରଷ୍ଟି ଡା. ପ୍ରସନ୍ନ କୁମାର ବେଉରାଙ୍କ ଧର୍ମପତ୍ନୀ ଥିଲେ।

ସରଳତା, ନମ୍ରତା, ଦୟା, ସହୃଦୟତା ଓ ଭଗବାନ ଶ୍ରୀଜଗନ୍ନାଥ ଏବଂ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପ୍ରତି ଗଭୀର ଭକ୍ତି ପାଇଁ ସ୍ୱର୍ଗତା ରୀନା ବେଉରା ସମସ୍ତଙ୍କ ନିକଟରେ ପରିଚିତ ଥିଲେ। ଜଣେ ସ୍ନେହମୟୀ ପତ୍ନୀ, ମା' ଓ ମାନବିକତାରେ ପରିପୂର୍ଣ୍ଣ ବ୍ୟକ୍ତି ଭାବେ ସେ ଅସହାୟ ଓ ଅଭାବୀଙ୍କ ସହାୟତା ପାଇଁ ସର୍ବଦା ଆଗେଇ ଆସୁଥିଲେ।

ଏହି ଶୋକସଭାରେ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ବ୍ରହ୍ମଚାରୀ ମାନସ ଚୈତନ୍ୟ, ଆନନ୍ଦ ଚୈତନ୍ୟ ଓ ବ୍ରହ୍ମଜ୍ଞାନ ସ୍ୱାମୀଜୀଙ୍କ ସମେତ ବହୁ ସାଧୁସନ୍ଥ ଯୋଗଦେଇଥିଲେ। ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ବିଜୟ ମହାପାତ୍ର, ଅମର ପ୍ରସାଦ ଶତପଥୀ, ପୂର୍ବତନ ସାଂସଦ ଡା. କୁଳମଣି ସାମଲ, ଡା. ରାଜଶ୍ରୀ ମଲ୍ଲିକ, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମେତ ବହୁ ଜନପ୍ରତିନିଧି ଶୋକ ପ୍ରକାଶ କରିଥିଲେ।

ଶ୍ରୀମନ୍ଦିର ଓ ବିଭିନ୍ନ ପୀଠର ସେବାୟତ, ଇଫ୍‌କୋ ପାରାଦୀପ ୟୁନିଟ୍‌ର ୟୁନିଟ୍ ହେଡ୍ ଅନିରୁଦ୍ଧ ବିକ୍ରମ ସିଂହ ଓ ଶ୍ରୀମତୀ ଏକତା ସିଂହଙ୍କ ସମେତ ବରିଷ୍ଠ ଅଧିକାରୀ, ପ୍ରଶାସନିକ ଅଧିକାରୀ, ପୌର ପ୍ରତିନିଧି, ଆଇନଜୀବୀ, ସମାଜସେବୀ, ସାମ୍ବାଦିକ, ଏନ୍‌ଜିଓ ଓ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ଇଫ୍‌କୋର ପରିଚାଳନା ନିର୍ଦ୍ଦେଶକ କେ.ଜେ. ପଟେଲ ଓ ଶ୍ରୀମତୀ ମମତା ପଟେଲ ବିଦେଶରେ ଥିବାରୁ ଉପସ୍ଥିତ ହୋଇପାରିନଥିଲେ ମଧ୍ୟ ଗଭୀର ଶୋକ ପ୍ରକାଶ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

ସମସ୍ତେ ସ୍ୱର୍ଗତା ରୀନା ବେଉରାଙ୍କ ସରଳ ସ୍ୱଭାବ, ଆଧ୍ୟାତ୍ମିକ ଚେତନା, ଦୟା ଓ ସ୍ନେହପୂର୍ଣ୍ଣ ବ୍ୟବହାରକୁ ସ୍ମରଣ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି କାମନା କରାଯିବା ସହ ଡା. ପ୍ରସନ୍ନ କୁମାର ବେଉରା ଓ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଅପୂରଣୀୟ କ୍ଷତି ସହିବା ପାଇଁ ଭଗବାନ ଶକ୍ତି ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରାଯାଇଥିଲା।

### ମାନ୍ୟତା ଅଛି, ମାନ ନାହିଁ

# କାଗଜପତ୍ରରେ ଘୂରୁଛି କାକଟପୁର ଏନଏସି ଫାଇଲ

## ପୂର୍ବ ସରକାର ଦେଇଥିଲେ ମାନ୍ୟତା, ନୂଆ ସରକାର ଭୁଲିଗଲେ

## ଆଜି ଯାଏଁ ନାହିଁ ବୋର୍ଡ, ନାହାନ୍ତି ଅଫିସର

## ଅନ୍ୟ ଏନଏସିରେ କୋଟି କୋଟିର ପ୍ରକଳ୍ପ, କାକଟପୁର ଖାଲି ହାତ - ବଢ଼ୁଛି ଅସନ୍ତୋଷ




କାକଟପୁର/ଅସ୍ତରଙ୍ଗ, ୩୦।୮ (ସଂଚାର ବ୍ୟୁରୋ)ଃ ଦାବୀ ହେଲା, ରାସ୍ତାକୁ ଓହ୍ଲାଇଲେ ଲୋକେ, ଶେଷରେ ଘୋଷଣା ବି ହେଲା, ହେଲେ ବିକାଶ ହେଲାନି! ଏହା ହେଉଛି ପୁରୀ ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ମା' ମଙ୍ଗଳାଙ୍କ ପୀଠ କାକଟପୁରର ବାସ୍ତବ ଚିତ୍ର। ଏନଏସି ମାନ୍ୟତା ମିଳି ଦେଢ ବର୍ଷରୁ ଉର୍ଦ୍ଧ୍ୱ ବିତିଲାଣି, ହେଲେ ସ୍ଥିତି ଯେଉଁଠି ସେଇଠି।

କାକଟପୁର ଅଞ୍ଚଳରୁ ଦୀର୍ଘ ବର୍ଷ ଧରି ଦାବୀ ହୋଇ ଆସୁଥିଲା କାକଟପୁରକୁ ଏନଏସି କରାଯାଉ। ସ୍ଥାନୀୟ ବ୍ୟବସାୟୀ, ବୁଦ୍ଧିଜୀବୀ, ଯୁବକ ସଂଘ ଅନେକ ଥର ଆନ୍ଦୋଳନ କରିଥିଲେ। ଶେଷରେ ଲୋକଙ୍କ ଦାବୀକୁ ନଜରରେ ରଖି ପୂର୍ବ ସରକାର ୨୦୨୪ ମାର୍ଚ୍ଚ ୧୩ ରେ କାକଟପୁରକୁ ନୂତନ ଏନଏସି ଭାବେ ଘୋଷଣା କରିଥିଲେ। ଘୋଷଣା ପରେ ଅଞ୍ଚଳବାସୀଙ୍କ ମନରେ ଆଶା ସଞ୍ଚାର ହୋଇଥିଲା ଏବେ ରାସ୍ତା, ଡ୍ରେନ, ପାନୀୟ ଜଳ, ଆଲୋକୀକରଣ, ଆବର୍ଜନା ପରିଚାଳନାରେ ଉନ୍ନତି ହେବ। ମନ୍ଦିର ଚାରିପଟେ ପର୍ଯ୍ୟଟନ ବିକାଶ ହେବ।

ଘୋଷଣା ପରେ ସରକାର ବଦଳିଗଲା, ଆଉ ଫାଇଲ ବି ବଦଳିଗଲା। ବର୍ତ୍ତମାନ ସୁଦ୍ଧା କାକଟପୁର ଏନଏସି କେବଳ କାଗଜପତ୍ରରେ ସୀମିତ। ନୂଆ ସରକାରୀ ସ୍ତରରେ ଏହା ଆଗକୁ ଯାଉନାହିଁ। ଏଯାଏଁ ନିଜସ୍ୱ ଅଫିସ ଗଠନ ହୋଇନାହିଁ, କର୍ମଚାରୀ ନିଯୁକ୍ତି ହୋଇନାହିଁ, ସୀମା ନିର୍ଦ୍ଧାରଣ ବି ସମ୍ପୂର୍ଣ୍ଣ ହୋଇନାହିଁ। ୱାର୍ଡ ବିଭାଜନ ହୋଇନାହିଁ। ସବୁ କାମ ଏଯାଏଁ ପଞ୍ଚାୟତ ବ୍ୟବସ୍ଥାରେ ହିଁ ଚାଲିଛି। ମା' ମଙ୍ଗଳା ମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ଆସୁଛନ୍ତି, ହେଲେ ଅନେକ ମୁଖ୍ୟ ରାସ୍ତାରେ ଅଳିଆ ପାଣି ଜମି ରହୁଛି, ଆଲୋକ ରାତିରେ ଅନେକ ସ୍ଥାନରେ ନାହିଁ, ଶୌଚାଳୟ ନାହିଁ। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ, ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ପାଳନ ବେଳେ ରାଜ୍ୟର ଅନ୍ୟ ଏନଏସି ଗୁଡିକରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୋଟି କୋଟି ଟଙ୍କାର ପ୍ରକଳ୍ପ ଲୋକାର୍ପଣ ହେଉଥିବା ବେଳେ କାକଟପୁର ସେଥିରୁ ବଞ୍ଚିତ ହୋଇଛି। ପ୍ରଶାସନର ଅବହେଳା ଯୋଗୁଁ ବିକାଶ ଥମି ଯାଇଛି।ଏ ନେଇ ବିଡିଓ ଓ ତହସିଲଦାରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ। ତେଣୁ ଶୀଘ୍ର କାକଟପୁର ଏନଏସି କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ନିର୍ବାଚନ କରିବାକୁ ଜନସାଧାରଣରେ ଦାବୀ ହେଉଛି।